# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୯/୨୦୨୦ (୨୦ ପୃଷ୍ଠା) | Bhubaneswar, Wednesday, January 29/2020 | ★★★★★★

୪୬ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




### ଫେଡରର ସେମିଫାଇନାଲରେ

ସୁଇଜରଲାଣ୍ଡର ରୋଜର ଫେଡରର ଅଷ୍ଟ୍ରେଲିଆନ ଓପନ୍ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୯ ୦୯

### ୩୪ରେ ପାଦ ଥାପିଲେ ଶ୍ରୁତି ହାସନ

କମଲ ହାସନଙ୍କ ଝିଅ ଅଭିନେତ୍ରୀ ଶ୍ରୁତି ହାସନ ମଙ୍ଗଳବାର ୩୪ ବର୍ଷରେ ପଦାର୍ପଣ କରିଛନ୍ତି। 'ଚାଚି ୪୨୦'ରେ ସେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ।



# ଉଦାହରଣ ଆଇସ୍‌ଲାଣ୍ଡ

ତଥାଗତ ସତପଥୀ

ଉତ୍ତର ଆଟ୍‌ଲାଣ୍ଟିକ୍‌ର ଏକ କ୍ଷୁଦ୍ର ଦ୍ୱୀପ ଦେଶ ଆଇସ୍‌ଲାଣ୍ଡର ପାର୍ଲାମେଣ୍ଟ 'ଅଲ୍‌ପିଙ୍ଗି' ନିକଟରେ ଏକ ଅଭିନବ ସଙ୍କଳ୍ପନାମା ଆଣି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଉପସ୍ଥିତ ୬୩ ସାଂସଦଙ୍କ ମଧ୍ୟରୁ ୬୦ ଜଣ ଏହାକୁ ସମର୍ଥନ କରିଥିବା ବେଳେ ୩ ଜଣ ବିରୋଧ କରିଥିଲେ। ସେହି ୩ ଜଣଙ୍କ ମଧ୍ୟରୁ ଜଣେ ବିବୃତି ରଖି କହିଛନ୍ତି ଯେ, ଏହି ପଦକ୍ଷେପ ଆହୁରି ଅଧିକ କଠୋର ହେବା ଉଚିତ ଥିଲା। ତେବେ ଏହି ପଦକ୍ଷେପ କ'ଣ ତାହା ଜାଣିବା ଆମ ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଇସ୍‌ଲାଣ୍ଡ ଦ୍ୱାରା ଗୃହୀତ ହୋଇଥିବା ଏହି ସଙ୍କଳ୍ପନାମାରେ କୁହାଯାଇଛି- ସବୁ ଧର୍ମବିଶ୍ୱାସୀ ମନସ୍ତାତ୍ତ୍ୱିକ ରୋଗାକ୍ରାନ୍ତ। ସେହିପରି ୨୦୧୭ ମସିହାରେ ସେଠାକାର ପାର୍ଲାମେଣ୍ଟ ଦେଶରେ ଥିବା ସବୁ ବାଇବେଲ୍ ଉପରେ ମାନସିକ ରୋଗର ଚେତାବନୀ ଛପାଇବା ସହିତ ଆମେରିକୀୟ ଟେଲିଭିଜନ ଜରିଆରେ ଧର୍ମ ପ୍ରଚାର କରୁଥିବା ଚ୍ୟାନେଲକୁ ଆଇସ୍‌ଲାଣ୍ଡରେ ନିଷେଧ କରିଥିଲା। ଏହି ଧର୍ମନିରପେକ୍ଷ ନିଷ୍ପତ୍ତିକୁ ହଜମ କରିବା ପାଇଁ ମଣିଷଜାତିର ମାନସିକତା ଏବେ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ। ଏଭଳି ଅତ୍ୟାଧୁନିକ ଚିନ୍ତାଧାରାକୁ ପୂର୍ବରୁ ଅନେକ ବୈଜ୍ଞାନିକ ଆପଣାଇ ସାରିଛନ୍ତି। ବିଜ୍ଞାନର ଚେର ବାସ୍ତବତାରେ ବଢୁଥିବା ବେଳେ ଧର୍ମର ଜନ୍ମ ମଣିଷର ଦୁର୍ବଳତା ଓ ଅନ୍ଧବିଶ୍ୱାସରୁ ସୃଷ୍ଟ ବୋଲି କୁହାଯାଇଥାଏ। ମଣିଷ ଯେତେବେଳେ ନିଜର ପାରିପାର୍ଶ୍ୱିକ ପରିସ୍ଥିତିକୁ ବୁଝିବାରେ କିମ୍ବା ସାମ୍ନା କରିବାରେ ବିଫଳ ହୋଇଥାଏ, ସେତେବେଳେ ପ୍ରଭୁଙ୍କ ଆଶ୍ରୟ ଲୋଡ଼ିବା ପାଇଁ ଚେଷ୍ଟା କରେ। ସୁରୁଖୁରୁରେ ଧନୀ ଜୀବନଯାପନ କରୁଥିବା ମଣିଷର ଠାକୁରଙ୍କ ପ୍ରତି ସମ୍ମାନ ରହିଥାଇପାରେ, କିନ୍ତୁ ବ୍ୟାକୁଳତାର ପରିଚୟ ନ ଥାଏ।

ଧର୍ମକୁ ଖୁଣିବା ଅତ୍ୟନ୍ତ କଷ୍ଟକର। ନାସ୍ତିକ ଓ ଆସ୍ତିକ ଉଭୟ ମିଶି ମଣିଷଜାତିକୁ ଦୀର୍ଘଦିନରୁ ଗଢ଼ି ଆସିଛନ୍ତି। ଉଭୟଙ୍କ ପାଖରେ କେତେକ ସତ୍ୟତା ରହିଛି। ସେଥିପାଇଁ କିଏ ଭୁଲ୍, କିଏ ଠିକ୍ କହିବା ଅସମ୍ଭବ। ଉଭୟ ଗୋଷ୍ଠୀ ପରସ୍ପରକୁ ନ୍ୟୂନ କରି ଦେଖାଇବାର ଚରିତ୍ର ମଧ୍ୟ ଅନେକ ଯୁଗରୁ ଗଢ଼ିଆସିଛି। ବିଜ୍ଞାନର ବିକାଶ ପରେ ଧର୍ମାବଲମ୍ବୀଙ୍କ ସଂଖ୍ୟା ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇ ଚାଲିଛି। ଏକ ଅତିଭୌତିକ ଚିନ୍ତାରେ କୁହାଯାଇଛି ଯେ, ଜଙ୍ଗଲରେ ସିଂହର ଗୋଷ୍ଠୀ ସୀମିତ ସଂଖ୍ୟା ଭିତରେ ରହିଥାଏ। ତା'ଠାରୁ ଅଧିକ ବୃଦ୍ଧି ହେଲେ ସେହି ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଭାଗ ଭାଗ ହୋଇଯାଏ। ମଣିଷର ସୃଷ୍ଟି ପରେ ଧର୍ମର ସୃଷ୍ଟି ଘଟିବା ପଛରେ ଏକ ମୂଳ କାରଣ ଭାବେ ବୃହତ୍ ଗୋଷ୍ଠୀ ଏକଜୁଟ ରଖିବା ହୋଇଥିଲା ଲକ୍ଷ୍ୟ । ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଧର୍ମକୁ ବ୍ୟବହାର କରାଗଲା। ଶାସନ କରିବାକୁ ଆଗେଇ ଆସୁଥିବା ବ୍ୟକ୍ତିବିଶେଷ ଧର୍ମର ଦ୍ୱାହି ଦେଇ ନିଜର ଗ୍ରାମ, ଅଞ୍ଚଳ କିମ୍ବା ବୃହତ୍ ଭୂଖଣ୍ଡ ଉପରେ ଆଧିପତ୍ୟ ରଖିବା ପାଇଁ ଚେଷ୍ଟା କରିଚାଲିଲେ । ଅନେକ ସମୟରେ ପୁରାତନ ରାଜାମାନେ ନିଜକୁ ପ୍ରଭୁଙ୍କ ପ୍ରେରିତ ପ୍ରତିନିଧି ଭାବେ ଦର୍ଶାଇବାକୁ ଲାଗିଲେ। ଏହା ପୂର୍ବରୁ ଆଦି ମଣିଷ ପ୍ରକୃତିର ଉପାସକ ଭାବେ ବଞ୍ଚି ଆସିଥିଲା। ପଥର, ମାଟି, ଗଛ, ପାହାଡ଼ ଭଳି ପ୍ରାକୃତିକ ପଦାର୍ଥ ତା' ପାଇଁ ପୂଜାଯୋଗ୍ୟ ଥିଲା। ଯେତେବେଳେ ବୁଦ୍ଧି ବୃଦ୍ଧି ହେଲା ଏବଂ ସେମାନେ ବୁଝିଲେ ଯେ, ସୂର୍ଯ୍ୟଙ୍କ ତାପରୁ ଜୀବନ ବଞ୍ଚୁଛି ; ସେତେବେଳେ ଅନେକ ସ୍ଥାନରେ ସୂର୍ଯ୍ୟ ହୋଇଗଲେ ଶକ୍ତିର ସ୍ୱରୂପ। ସେଥିରୁ ଜନ୍ମ ନେଲେ ସୂର୍ଯ୍ୟଦେବତା ଓ ତାଙ୍କଠାରୁ ବୋହିଆସିଲେ ସୂର୍ଯ୍ୟବଂଶୀ ରାଜାରାଜୁଡ଼ା। ସେଥିପାଇଁ ପ୍ରାୟ ସବୁଧର୍ମରେ ଶାସକ ବା ରାଜା ହୋଇଯାଇଛନ୍ତି ଭଗବାନ୍।

କିଏ କାହାକୁ ବିଶ୍ୱାସ କିମ୍ବା ଅବିଶ୍ୱାସ କଲା ସେଥିରେ ଅନ୍ୟ କାହାର ଦଖଲ ରହିବା ଠିକ୍ ନୁହେଁ। ଯେମିତି କିଏ ଆମିଷ ଖାଇଲା ଓ କିଏ ନିରାମିଷ ରହିଲା, କିଏ ସୂତାର ଧୋତି ପିନ୍ଧିଲା କିମ୍ବା ସେହି ସୂତାର ଜିନ୍ସ ପିନ୍ଧିଲା ଭଳି କିଏ କେଉଁ ଧର୍ମାବଲମ୍ବୀ ହେଲା ସେଥିରେ ସମାଜ ଏବଂ ବ୍ୟବସ୍ଥାର କୌଣସି ଭୂମିକା ରହିବା ଉଚିତ ନୁହେଁ। ଅନ୍ୟ ଏକ ଦିଗକୁ ମଧ୍ୟ ଉଲ୍ଲେଖ କରିହେବ। ଇତିହାସକୁ ଦେଖିଲେ ଧର୍ମପୀଠଗୁଡ଼ିକର ଦାନବାକ୍ସରେ ଅଧିକ ଅର୍ଥ ପଡ଼ିଥିବା ବେଳେ ରାଜାଙ୍କୁ ଟିକସ ଦେବା ପାଇଁ ସମସ୍ତେ କୁଣ୍ଠାବୋଧ କରନ୍ତି। ସେଥିପାଇଁ ଗିର୍ଜା, ମନ୍ଦିର, ମସ୍‌ଜିଦ, ଗୁରୁଦ୍ୱାରା ଭଳି ଧର୍ମପୀଠରେ ଆକ୍ରମଣକାରୀମାନେ ପ୍ରଥମେ ପ୍ରବେଶ କରି ଲୁଟିବାକୁ ଚେଷ୍ଟା କରନ୍ତି। ଦୀର୍ଘଦିନର ଖଟଣିରୁ ଅର୍ଜନ କରିଥିବା ଅର୍ଥକୁ ଖଟିଖିଆ ଚାଷୀ ନିଜର ମାନସିକ ପୂରଣ ସକାଶେ ଠାକୁରଙ୍କ ପାଖରେ ଅଜାଡ଼ି ଦେଇଥାଆନ୍ତି। ସେହି ଅର୍ଥ ଉପରେ ସମସ୍ତଙ୍କ ନଜର ରହୁଥିଲା। ସେଥିପାଇଁ ଅନେକ ଦିଗ ସହିତ ଧର୍ମରୁ ସୃଷ୍ଟି ହେଉଥିବା ବ୍ୟବସାୟର ମଣିଷ ଜାତିର ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ପୃଥିବୀରେ ଯେତେବେଳେ ଗୋଳାବାରୁଦ ଓ ବନ୍ଧୁକର ବଜାର ବଢ଼ିଲା ବ୍ୟବସାୟୀ ବୁଝିଲେ ଯେ, ଏହି ବୃହତ୍ ବେପାରକୁ ଧର୍ମ ସହିତ ଯୋଡ଼ିପାରିଲେ ଲାଭ ଅଧିକ ହୋଇପାରିବ।

ଆଇସ୍‌ଲାଣ୍ଡ ଅଲ୍‌ପିଙ୍ଗିର ନିଷ୍ପତ୍ତିକୁ ଆଜିର ଭାରତରେ କୌତୂହଳପୂର୍ଣ୍ଣ ଦୃଷ୍ଟିରେ ଅଧିକାଂଶ ଦେଖିବେ। କିନ୍ତୁ ସେହି ଦେଶର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମେ ଆଉ ଗୋଟିଏ ସୌଦି ଆରବ କିମ୍ବା ଆମେରିକା ହେବା ଚାହୁଁନାହୁଁ। ସେଭଳି ଉଦାର ମାନସିକତା ଅନ୍ୟ ଦେଶଗୁଡ଼ିକୁ କେବେ ପ୍ରଭାବିତ କରିପାରିବ କି ନାହିଁ, ତାହା କହିବା କଷ୍ଟକର। ମାତ୍ର ସରକାରୀ ସ୍ତରରେ ଏବଂ ବ୍ୟବସ୍ଥାଠାରୁ ଧର୍ମ ଦୂରେଇଗଲେ ସମାଜର ମଙ୍ଗଳ ସୁନିଶ୍ଚିତ ଘଟିବ। ଏହାର ଅର୍ଥ ନୁହେଁ ଠାକୁର ବିଶ୍ୱାସୀଙ୍କୁ ମନ୍ଦିର, ମସ୍‌ଜିଦ୍ ଯିବା ପାଇଁ ବାରଣ କରାଯିବ।

# ଜାତିଭିତ୍ତିକ ଜନଗଣନା ଦାବିକୁ ଜୋର କରିବ ବିଜେଡି

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଆସନ୍ତା ୩୧ ତାରିଖରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ସଂସଦର ଉଭୟ ସଦନ(ଲୋକ ସଭା ଏବଂ ରାଜ୍ୟ ସଭା)ରେ ଦଳର କି ପ୍ରକାର ରଣନୀତି ରହିବ, ସେ ନେଇ ମଙ୍ଗଳବାର ବିଜେଡି ସଂସଦୀୟ ଦଳର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହା ମଧ୍ୟରେ ରହିଛି-ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର୍), ଜାତିଭିତ୍ତିକ ଜନଗଣନା, କୋଇଲା ରୟାଲଟି, ଜିଏସ୍‌ଟି କ୍ଷତିପୂରଣ, ରେଲୱେର ବକେୟା ଅନୁଦାନ, ଆନ୍ତଃ ରାଜ୍ୟ ନଦୀ ଏବଂ ପ୍ରକଳ୍ପ ବିବାଦ।

ମୁଖ୍ୟତଃ ଏନ୍‌ପିଆର୍ ୧୩(୨) ଅଧ୍ୟନ୍(ସୂଚନା ପ୍ରଦାନ ପାଇଁ ଉଦ୍ଦିଷ୍ଟ ସାରଣୀ)କୁ ବାଦ୍ ଦେବା ସହ ଜାତିଭିତ୍ତିକ ଜନଗଣନା ଦାବିକୁ ବିଜେଡି ଦୃଢଭାବେ ପାର୍ଲାମେଣ୍ଟରେ ଉପସ୍ଥାପନ କରିବ ବୋଲି କୁହାଯାଇଛି। ବୈଠକ ପରେ ବିଜେଡି ସଂସଦୀୟ ଦଳ ନେତା(ଲୋକ ସଭା) ପିନାକୀ ମିଶ୍ର କହିଥିଲେ ଯେ, ଏନ୍‌ପିଆର୍ ଫର୍ମରେ ୧୩(୨)ରେ ବ୍ୟକ୍ତି ନିଜର ମା', ବାପା କେଉଁଠି ଜନ୍ମ ନେଇଥିଲେ ☞ପୃଷ୍ଠା-୪



ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ସଂସଦୀୟ ଦଳର ବୈଠକ।

### ପାର୍ଲାମେଣ୍ଟ ବଜେଟ ଅଧିବେଶନ ପାଇଁ ଦଳୀୟ ରଣନୀତି

- ଏନ୍‌ପିଆର୍‌ରୁ ୧୩(୨)କୁ ବାଦ୍ ଦେବା ପ୍ରସ୍ତାବ
- କୋଇଲା ରୟାଲଟି ସଂଶୋଧନ, କ୍ଲିନ୍ ଏନର୍ଜି ସେସ୍ ଦାବି
- ରେଲୱେ ପ୍ରକଳ୍ପ ଅଗ୍ରଗତି ସହ ଅଧିକ ଅନୁଦାନ
- ଜିଏସ୍‌ଟି କ୍ଷତିପୂରଣ ଦାବି କରିବ ରାଜ୍ୟ

# କୁକୁଡ଼ାମରା ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

- ୭ ରାପିଡ୍ ରେସପନ୍ସ ଟିମ୍ ନିୟୋଜିତ
- ପ୍ରଥମ ଦିନରେ ୯୧୫ କୁକୁଡ଼ା, ୭ ବତକ ପୋତାଗଲା
- ଦିଆଗଲା ୧୭,୮୮୭ ଟଙ୍କା କ୍ଷତିପୂରଣ

ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁକୁଡ଼ା ଫାର୍ମରେ ବାର୍ଡ ଫ୍ଲୁ ଭୂତାଣୁ ଚିହ୍ନଟ ହେବା ପରେ ମଙ୍ଗଳବାରଠାରୁ କୁକୁଡ଼ାମରା ଅଭିଯାନ ଆରମ୍ଭ ହୋଇଛି। ଫାର୍ମର ୧ କିଲୋମିଟର ପରିଧି ଭିତରେ କୁକୁଡ଼ା, ବତକ ଓ ଅନ୍ୟ ପକ୍ଷୀ ମରାଯାଉଛି। ଏହି କାର୍ଯ୍ୟରେ ପ୍ରଥମ ପର୍ଯ୍ୟାୟରେ ୭ ରେସ୍‌ପନ୍ସ ଟିମ୍ ନିୟୋଜିତ ଅଛନ୍ତି। ସକାଳେ ଓୟୁଏଟି ପରିସର କୁକ୍କୁଟ ଗବେଷଣା କେନ୍ଦ୍ରରେ ସ୍ୱତନ୍ତ୍ର ଟିମ୍ ପହଞ୍ଚିବା ପରେ ପ୍ରଥମେ ଟିମରେ ଆସିଥିବା ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାପରେ ସେମାନେ କୁକ୍କୁଟ ଗବେଷଣା କେନ୍ଦ୍ର ମଧ୍ୟରେ ଥିବା ସମସ୍ତ କୁକୁଡ଼ାକୁ ମାରିବା ପ୍ରକ୍ରିୟା ଆରମ୍ଭ କରିଥିଲେ। ପ୍ରଥମ ଦିନରେ ୯୧୫ କୁକୁଡ଼ା ଓ ୭ ବତକଙ୍କୁ ମାରି ପୋତିବା ସହ ୪୬୩୧ ଅଣ୍ଡା, ୨୩୫୭ କିଲୋଗ୍ରାମ କୁକୁଡ଼ା ଖାଦ୍ୟ ଓ ଫାର୍ମର କୁକୁଡ଼ା ଖତ ଗଭୀର ଗାତରେ ପୋତିଛନ୍ତି।

୨ଟି ରାପିଡ୍ ରେସପନ୍ସ ଟିମ୍ ସଂକ୍ରମିତ ଓୟୁଏଟି ଫାର୍ମରୁ ୭୯୮ କୁକୁଡ଼ାଙ୍କୁ ମାରିବା ସହ ୧୨୧୫ ଅଣ୍ଡା, ୨୩୫୦ କିଗ୍ରା କୁକୁଡ଼ା ଖାଦ୍ୟ ଓ କୁକୁଡ଼ା ଖତ ଗଭୀର ଗାତରେ ପୋତିଦେଇଥିଲେ। ଅନ୍ୟ ୫ଟିମ୍ ସଂକ୍ରମିତ ସ୍ଥାନର ଏକ କିମି ବ୍ୟାସାର୍ଦ୍ଧ ☞ପୃଷ୍ଠା-୪



ଓୟୁଏଟି ଫାର୍ମରେ କୁକୁଡ଼ା ମାରି ପୋତାଯାଉଛି।

# ବିକେଏମ୍ ପକ୍ଷରୁ ଆଜି ଭାରତ ବନ୍ଦ ଡାକରା

ଭୁବନେଶ୍ୱର,୨୮।୧(ବ୍ୟୁରୋ)

- ସିଏଏ, ଏନ୍‌ଆର୍‌ସି, ଇଭିଏମ୍‌କୁ ବିରୋଧ

ସିଏଏ, ଡିଏନ୍‌ଏ ଭିତ୍ତିକ ଏନ୍‌ଆର୍‌ସି, ଇଭିଏମ୍ ଓ ଏନ୍‌ଆର୍‌ପିକୁ ବିରୋଧ କରିଛି ବହୁଜନ କ୍ରାନ୍ତି ମୋର୍ଚ୍ଚା (ବିକେଏମ୍)। କେନ୍ଦ୍ର ସରକାରଙ୍କ ଏହିସବୁକୁ ହଟାଇବାକୁ ଦାବି କରି ମୋର୍ଚ୍ଚା ପକ୍ଷରୁ ବୁଧବାର ସକାଳ ୬ରୁ ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ କମିଶନରେଟ ପୋଲିସ ମଧ୍ୟ ଆବଶ୍ୟକ ବ୍ୟବସ୍ଥା କରିଛି। ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯିବା ସହ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସହରର ପ୍ରମୁଖ ତଥା ସମ୍ବେଦନଶୀଳ ସ୍ଥାନ ସହ ଛକ ଓ କେତେକ କଲୋନୀ ଅଞ୍ଚଳରେ ମଧ୍ୟ ପୋଲିସ ବ୍ୟବସ୍ଥା ହୋଇଛି। ଏଥିସହ ପାଟ୍ରୋଲିଂ ଜୋରଦାର କରାଯିବ। ସରକାରୀ ଅଫିସ ଆଗରେ ମଧ୍ୟ ପୋଲିସ ନିୟୋଜିତ ରହିବେ ବୋଲି ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି। ଅଗ୍ନିଶମ ବାହିନୀ ନିଆଁଲିଭା ଗାଡ଼ି ସହ ସଜାଗ ରହିବେ। ଯଦି ସଂଗଠନ ପକ୍ଷରୁ ଆଇନ୍‌କୁ ହାତକୁ ନିଆଯାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି କହିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ସଂଗଠନ ରହିଛି। ତେଣୁ ସେସବୁ ଅଞ୍ଚଳରେ ଏହାର ପ୍ରଭାବ ପଡିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ କୌଣସି ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ନାହିଁ ବୋଲି ରାଜ୍ୟ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।

ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ ପୃଷ୍ଠା - ୧୦ ଓ ୧୧






# ଦୁର୍ଘଟଣା ନେଲା ୨୧ ଜୀବନ

## ଅଟୋକୁ ଧକ୍କାଦେଇ ମୃତ୍ୟୁର କୂଅକୁ ଟାଣିନେଲା ବସ୍

ମୁମ୍ବାଇ,୨୮।୧

ମହାରାଷ୍ଟ୍ରର ନାସିକରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାଜ୍ୟ ପରିବହନ (ଏସ୍‌ଟି)ର ବସ୍ ସହ ଏକ ଅଟୋ ଧକ୍କା ହେବା ଫଳରେ ଉଭୟ ଗାଡ଼ି ରାସ୍ତାକଡ଼ରେ ଥିବା କୂଅରେ ପଡ଼ିଯାଇଥିଲା। ଏଥିରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୮ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ଅପରାହ୍ନ ୪ଟାରେ ନାସିକ ଜିଲାସ୍ଥିତ ମାଲେଗାଓଁ-ଦେଓଲା ରୋଡ୍‌ର ମେଶି ଫଟାରେ ଘଟିଥିଲା, ଯାହାକି ମୁମ୍ବାଇରୁ ୨୦୦ କି.ମି. ଦୂର। ଧାରଣ କ୍ଷମତାଠାରୁ ଅତ୍ୟଧିକ ଯାତ୍ରୀଙ୍କୁ ନେଇ ଦ୍ରୁତଗତିରେ ଆସୁଥିବା ଏସ୍‌ଟି ବସ୍ ଅଟୋରିକ୍ସା ସହ ଧକ୍କା ହୋଇଥିଲା। ଧକ୍କା ଏତେ ଜୋର୍ ହୋଇଥିଲା ଯେ ବସ୍‌ଟି ଅଟୋକୁ ଟାଣି ନେଇଥିଲା। ☞ପୃଷ୍ଠା-୪



### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥନୀତିକୁ ବୁଝନ୍ତି ନାହିଁ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

### କିଛି ତଥ୍ୟ

ରିଟର୍ନରେ ଅସଙ୍ଗତି ଯୋଗୁ ସରକାର ୪୦ ହଜାର କୋଟି ଟଙ୍କାର ଜିଏସ୍‌ଟି ଟାକ୍ସ କ୍ରେଡିଟ୍ ଦାବିକୁ ଅଗ୍ରାହ୍ୟ କରି ଦେଇଛନ୍ତି। - ସିବିଆଇସି








Vencobb FRESH CHICKEN — Taste the difference!

28.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 74 | 124 | 134 |
| BHM | 70 | 119 | 129 |

*Conditions Apply

Issued in the Interest of Consumers



ଅଯୋଧାରେ ରାମ ମନ୍ଦିର ନିର୍ମାଣ ପାଇଁ ସପ୍ତାହେ ମଧରେ ଟ୍ରଷ୍ଟ ଗଠନ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଘୋଷଣା କରିପାରେ। ଏହି ପ୍ରସ୍ତାବକୁ ଖୁବଶୀଘ୍ର କେନ୍ଦ୍ର କ୍ୟାବିନେଟର ଅନୁମୋଦନ ମିଳିବ ବୋଲି ଜଣାପଡିଛି ।

# ‘ଅନ୍ୟାୟ ସୁଧାରିବ ସିଏଏ’

**ନୂଆଦିଲ୍ଲୀ,୨୮।୧(ପି.ଟି.)**



ଐତିହାସିକ ଅନ୍ୟାୟକୁ ସୁଧାରିବା ପାଇଁ ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଅଣାଯାଇଛି। ଏହି ପଦକ୍ଷେପ ଯୋଗୁ ପଡ଼ୋଶୀ ଦେଶଗୁଡ଼ିକର ସଂଖ୍ୟାଲଘୁଙ୍କୁ ଭାଜପା ଦେଇଥିବା ପୁରୁଣା ପ୍ରତିଶ୍ରୁତି ପୂରଣ ହେବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି।

ଏନ୍‌ସିସି ରାଲି ୨୦୨୦କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ସ୍ୱାଧୀନତା ପରଠୁ ଜମ୍ମୁ-କଶ୍ମୀରରେ ଅସୁବିଧା ଲାଗିରହିଥିଲା। ରାଜନୈତିକ ଦଳଗୁଡ଼ିକ ଉପତ୍ୟକାରେ କେତେକ ପ୍ରସଙ୍ଗକୁ ବଞ୍ଚାଇ ରଖିଥିଲେ, ଯାହା ଫଳରେ ଆତଙ୍କବାଦ ସେଠାରେ ତିଷ୍ଠି ରହିଥିଲା। ବର୍ତ୍ତମାନର ସରକାର ଏହି ଦଶନ୍ଧି ପୁରୁଣା ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଚଳାଇଛନ୍ତି। ପଡ଼ୋଶୀ ପାକିସ୍ତାନ ଭାରତଠାରୁ ତିନୋଟି ଯୁଦ୍ଧରେ ହାରିସାରିବା ପରେ ବି ଛାୟାଯୁଦ୍ଧ ଚଳାଇଛି। ପୂର୍ବ ସରକାରଗୁଡ଼ିକ ଏହି ସମସ୍ୟାକୁ ଏକ ଆଇନଶୃଙ୍ଖଳା ପ୍ରସଙ୍ଗ ଭାବେ ବିବେଚନା କରୁଥିଲେ। ଏପରି କି ଆମର ଶତ୍ରୁ କାର୍ଯ୍ୟାନୁଷ୍ଠାନ ପାଇଁ ଉସୁକାଇଲେ ବି ସେମାନେ ଚୁପ୍ ରହୁଥିଲେ ବୋଲି ମୋଦି ପୂର୍ବ ସରକାରଗୁଡ଼ିକୁ କଡ଼ା ସମାଲୋଚନା କରିଛନ୍ତି। ସେ ଆହୁରି କହିଛନ୍ତି, ଏବେ କେବଳ ଜମ୍ମୁ-କଶ୍ମୀର ନୁହେଁ, ବରଂ ଦେଶର ଅନ୍ୟ ଭାଗରେ ମଧ୍ୟ ଶାନ୍ତିପୂର୍ଣ୍ଣ ବାତାବରଣ ରହିଛି। କେନ୍ଦ୍ର ସରକାର ବହୁ ବର୍ଷ ଧରି ଅଣଦେଖା ହୋଇଥିବା ଉତ୍ତର-ପୂର୍ବାଞ୍ଚଳର ଲୋକଙ୍କ ଆଶା ଆକାଂକ୍ଷାକୁ ମଧ୍ୟ ପୂରଣ କରିବାରେ ସଫଳ ହୋଇଛନ୍ତି। ଏହି ଅବସରରେ ମୋଦି ନିଜ ସରକାରର ସଫଳତା ବଖାଣିବାକୁ ଯାଇ ବୋଡୋ ଚୁକ୍ତିନାମା, ତିନି ତଲାକ, ୩୭୦ ଅନୁଚ୍ଛେଦ ଆଦି ବିଷୟର ଅବତାରଣା କରିଥିଲେ।

## ଜେଏନ୍‌ୟୁ ଛାତ୍ର ଶର୍ଜିଲ ଇମାମ୍ ଗିରଫ



**ଜେହାନାବାଦ୍, ୨୮।୧:** ଜବାହର୍‌ଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ଛାତ୍ର ଶର୍ଜିଲ ଇମାମ୍‌ଙ୍କୁ ମଙ୍ଗଳବାର ବିହାରର ଜେହାନାବାଦ୍‌ରୁ ଗିରଫ କରାଯାଇଛି। ସିଏଏ ବିରୋଧୀ ବିକ୍ଷୋଭ ବେଳେ ସେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଥିଲେ। ପରେ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯାଇଥିଲା। ଉତ୍ତରପ୍ରଦେଶ, ଆସାମ, ଅରୁଣାଞ୍ଚଳ ପ୍ରଦେଶ, ଦିଲ୍ଲୀ, ମଣିପୁରରେ ପୋଲିସର ସେ ୱାଣ୍ଟେଡ୍ ତାଲିକାରେ ଥିଲେ ବୋଲି ବିହାର ପୋଲିସ ମୁଖ୍ୟ ଗୁପ୍ତେଶ୍ୱର ପାଣ୍ଡେ ପ୍ରକାଶ କରିଛନ୍ତି। ଶର୍ଜିଲଙ୍କୁ ତାଙ୍କ ସମ୍ପର୍କୀୟ ରହୁଥିବା କାକୋ ଗ୍ରାମରୁ ଗିରଫ କରାଯାଇଥିବା ଡିଜିପି ପାଣ୍ଡେ କହିଛନ୍ତି। ତାଙ୍କୁ ବିହାରସ୍ଥିତ କୋର୍ଟରେ ହାଜର କରାଯିବା ପରେ ପୋଲିସ ଜେରା ପାଇଁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି। ଆଇଆଇଟି ମୁମ୍ବାଇର କମ୍ପ୍ୟୁଟର ସାଇନ୍ସ ଛାତ୍ର ଶର୍ଜିଲ ଜେଏନ୍‌ୟୁରେ ରିସର୍ଚ୍ଚ କରୁଛନ୍ତି।

## ସିଏଏ ପ୍ରତ୍ୟାହାର କଲେ ମୋଦିଙ୍କ ସହ ଆଲୋଚନା



**ସର୍ତ୍ତ ବାଢ଼ିଲେ ମମତା ବାନାର୍ଜୀ**

**କୋଲକାତା,୨୮।୧**

ସିଏଏକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ। କିନ୍ତୁ ତା’ ପୂର୍ବରୁ ଏହି ବିବାଦୀୟ ଆଇନକୁ ପ୍ରତ୍ୟାହାର କରିବାକୁ ପଡ଼ିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସର୍ତ୍ତ ବାଢ଼ିଛନ୍ତି। ଟିଏମ୍‌ସି ନେତ୍ରୀ ମମତା ମଙ୍ଗଳବାର କହିଛନ୍ତି, କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ ବିକ୍ଷୋଭ କରିବା ଫଳରେ ବିରୋଧୀ ଦଳଗୁଡ଼ିକ ଦେଶବିରୋଧୀ ହୋଇଯାଉନାହାନ୍ତି। ଏହା ଭଲ ଯେ ପ୍ରଧାନମନ୍ତ୍ରୀ ସିଏଏ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଛନ୍ତି। ତେବେ ଏହାକୁ କେନ୍ଦ୍ର ସରକାର ପ୍ରଥମେ ପ୍ରତ୍ୟାହାର କରନ୍ତୁ। ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍‌କୁ ପଶ୍ଚିମବଙ୍ଗରେ ଲାଗୁ କରାଇ ଦିଆଯିବ ନାହିଁ ବୋଲି ସେ ଦୋହରାଇଛନ୍ତି। ପ୍ରକାଶ ଯେ, ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ସିଏଏ ବିରୋଧୀ ସଂକଳ୍ପନାମା ଗୃହୀତ ହୋଇଛି। କେରଳ, ପଞ୍ଜାବ ଓ ରାଜସ୍ଥାନ ପରେ ପଶ୍ଚିମବଙ୍ଗ ହେଉଛି ଏପରି ପଦକ୍ଷେପ ନେବାରେ ଚତୁର୍ଥ ରାଜ୍ୟ।

## ଚାଇନାରୁ ଫେରିବେ ଭାରତୀୟ

**ବେଜିଂ/ନୂଆଦିଲ୍ଲୀ/ ଥିରୁଭାନନ୍ତପୁରମ୍, ୨୮।୧**

- ଏୟାର୍‌ଇଣ୍ଡିଆ ବିମାନ ପ୍ରସ୍ତୁତ
- ଉହାନ୍‌ରେ ଅଟକି ରହିଛନ୍ତି ୩୦୦
- କରୋନା ଭାଇରସରେ ଚାଇନାରେ ମଲେଣି ୧୦୬
- କେରଳରେ ୪୩୬ଙ୍କୁ ଅବ୍‌ଜରଭେଶନରେ ରଖାଗଲା

ଚାଇନାରେ କରୋନାଭାଇରସ୍ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଆଗୁଆ ପଦକ୍ଷେପ ଗ୍ରହଣ କରିଥିବାବେଳେ ଚାଇନାରେ ଫସିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶେଷକରି ଚାଇନାର ଉହାନ୍‌ରେ ଥିବା ଭାରତର ପ୍ରାୟ ୩୦୦ ନାଗରିକଙ୍କୁ ଆଣିବା ଲାଗି ଏୟାର୍‌ଇଣ୍ଡିଆର ଏକ ବିରାଟ ବିମାନ(୪୨୩ ସିଟର) ପ୍ରସ୍ତୁତ ଅଛି। ସ୍ୱାସ୍ଥ୍ୟ ଓ ବହିର୍ବ୍ୟାପାର ମନ୍ତ୍ରଣାଳୟର ସବୁଜସଂକେତ ପାଇବା ପରେ ଏହା ଯାତ୍ରା ଆରମ୍ଭ କରିବ। ବେଜିଂସ୍ଥିତ ଭାରତୀୟ ଦୂତାବାସ ଅଧିକାରୀମାନେ ଏନେଇ ଚାଇନା ଅଧିକାରୀଙ୍କ ସହ ଆଲୋଚନା କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ୍ କୁମାର ପ୍ରକାଶ କରିଛନ୍ତି। ଉହାନ୍‌ସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭାରତର ପ୍ରାୟ ୫୦୦ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି। ଏବେ ସେଠାରେ ପ୍ରାୟ ୩୦୦ ରହିଥିବାବେଳେ ସେମାନଙ୍କୁ ଭାରତ ଫେରାଇ ଅଣାଯିବ ବୋଲି ସରକାରୀ ଭାବେ କୁହାଯାଇଛି। ଫସିଥିବା ଛାତ୍ରୀଛାତ୍ରମାନେ ସେମାନଙ୍କ ପାସ୍‌ପୋର୍ଟ ସମ୍ପର୍କିତ ତଥ୍ୟ ଭାରତୀୟ ଦୂତାବାସକୁ ହସ୍ତାନ୍ତର କରିବା ଲାଗି କୁହାଯାଇଛି।

ଅଦ୍ୟାବଧି ଚାଇନାରେ କରୋନା ଭାଇରସ୍ ଯୋଗୁ ୧୦୬ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୫ ହଜାର ସଂକ୍ରମିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୭୬ ବ୍ୟକ୍ତିଙ୍କ ସ୍ଥିତି ସଂକଟାପନ୍ନ ଥିବା ଜଣାପଡ଼ିଛି। ଚାଇନାର ୧୩ ସହରକୁ ସିଲ୍ କରାଯିବା ସହ ବିଭିନ୍ନ ପ୍ରତିଷେଧକ ପଦକ୍ଷେପମାନ ଗ୍ରହଣ କରାଯାଉଛି। କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ଲାଗି ସୀମାରେ ସତର୍କତା ଅବଲମ୍ବନ କରାଯାଉଛି। ବିଶେଷକରି ଭାରତରେ ଏନେଇ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିଲେ ହେଁ କେରଳରେ ୪୩୦ ଜଣଙ୍କୁ ଅବ୍‌ଜରଭେଶନରେ ରଖାଯାଇଛି। ଚାଇନାରୁ କୋଚିନ୍ ଓ ଥିରୁଭାନନ୍ତପୁରମ୍‌କୁ ଫେରୁଥିବା ଯାତ୍ରୀମାନଙ୍କ ଉପରେ ତୀକ୍ଷ୍ଣଦୃଷ୍ଟି ରଖାଯାଉଛି।

## କରୋନା ଭାଇରସ୍ ଔଷଧ ଉଦ୍ଭାବନ ଦାବି କଲେ ଭାରତୀୟ ଡାକ୍ତର

**ଚେନ୍ନାଇ, ୨୮।୧**



ଥନିକାସାଲମ୍ ବେଣି

ତାମିଲନାଡୁର ସିଦ୍ଧ ଡାକ୍ତର ପ୍ରାଣଘାତୀ କରୋନା ଭାଇରସ୍ ହର୍ବାଲ ମେଡିସିନ ପ୍ରସ୍ତୁତ କରିବା ସହ ଏହାଦ୍ୱାରା ରୋଗ ଭଲ ହେଉଥିବା ଦାବି କରିଛନ୍ତି। ଚାଇନାର ଉହାନ୍‌ରେ କରୋନା ଭାଇରସ୍ ୧୦୬ ମୁଣ୍ଡ ନେଇ ସହସ୍ରାଧିକଙ୍କୁ ଆକ୍ରାନ୍ତ କରିଥିବାବେଳେ ଭାରତୀୟ ଡାକ୍ତର ଥନିକାସାଲମ୍ ବେଣିଙ୍କ ଏଭଳି ଦାବି ଉତ୍ସାହ ଆଣିଦେଇଛି। ଜଣେ ଅଭିଜ୍ଞ ଡାକ୍ତର ଭାବେ ସେ ୨୫ ବର୍ଷ ହେବ କାର୍ଯ୍ୟ କରିଆସିବା ସହ ଚେନ୍ନାଇର ରଥ୍‌ନା ସିଦ୍ଧ ହସ୍ପିଟାଲରେ ଆୟୁର୍ବେଦ ଉପରେ ଗବେଷଣା କରୁଛନ୍ତି। ମାତ୍ରେ ୨୪ରୁ ୪୦ ଘଣ୍ଟା ଚିକିତ୍ସା ପରେ ଜଣେ କରୋନା ଭାଇରସ୍ ଆକ୍ରାନ୍ତ ରୋଗୀ ଆରୋଗ୍ୟ ଲାଭ କରିପାରିବ ବୋଲି ଡାକ୍ତର ବେଣି କହିଛନ୍ତି। ରାଜ୍ୟ, କେନ୍ଦ୍ର କିମ୍ବା ଚାଇନା ସରକାର ଚାହିଁଲେ ଆମେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଛନ୍ତି।

## ପ୍ରଧାନମନ୍ତ୍ରୀ ଅର୍ଥନୀତି ବୁଝନ୍ତି ନାହିଁ: ରାହୁଲ

**ନୂଆଦିଲ୍ଲୀ,୨୮।୧(ପି.ଟି.)**





**ମୋଦି କେବଳ ସିଏଏ-ଏନ୍‌ଆର୍‌ସି-ଏନ୍‌ପିଆର୍ ଉପରେ ଦୀର୍ଘ ଭାଷଣ ଦେଉଛନ୍ତି**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅର୍ଥନୀତି ବୁଝନ୍ତି ନାହିଁ। ସେ ଭାରତର ବହୁଳବାଦୀ ଛବିକୁ ବିଶ୍ୱରେ କଳଙ୍କିତ କରିଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ରାଜସ୍ଥାନ ରାଜଧାନୀ ଜୟପୁରସ୍ଥିତ ଆଲବର୍ଟ ହଲ୍‌ରେ ଆୟୋଜିତ ‘ଯୁବ ଆକ୍ରୋଶ’ ରାଲିକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, କୋଟି କୋଟି ଯୁବତୀଯୁବକ ସେମାନଙ୍କ ଚାକିରି ହରାଇଛନ୍ତି। ଉପା ସରକାର ଅମଳରେ ଅଭିବୃଦ୍ଧି ହାର ୯% ଥିବାବେଳେ ଏହା ଏବେ ୫%କୁ ଖସିଯାଇଛି। ଗରିବ ଓ ଚାଷୀ ଟଙ୍କା ପାଇଲେ ଖର୍ଚ୍ଚ କରନ୍ତି। ଏଥିରୁ ଅର୍ଥନୀତିକୁ ବଳ ମିଳେ। ମୋଦି ଅର୍ଥନୀତିର ମୂଳ ତଥ୍ୟକୁ ବୁଝିନାହାନ୍ତି। ପ୍ରଧାନମନ୍ତ୍ରୀ ସିଏଏ, ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ଉପରେ ଦୀର୍ଘ ଭାଷଣ ଦେଉଥିବାବେଳେ ବେରୋଜଗାରୀ ପ୍ରସଙ୍ଗକୁ ନେଇ ଚୁପ୍ ରହୁଛନ୍ତି। ହିନ୍ଦୁସ୍ଥାନକୁ ବଦଳାଇବା ପାଇଁ ଯୁବ ସମାଜ ନିର୍ଭୀକ ହୋଇ ଆଗେଇ ଆସନ୍ତୁ ବୋଲି ରାହୁଲ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।



ଦିଲ୍ଲୀର କାରିଆପ୍ପା ପରେଡ୍ ଗ୍ରାଉଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ବାର୍ଷିକ ଏନ୍‌ସିସି ରାଲିରେ ନିଜ ଯୁଦ୍ଧ ଦକ୍ଷତା ପ୍ରଦର୍ଶନ କରୁଛନ୍ତି କ୍ୟାଡେଟ୍।

## ପରିବାରର ୬ ଜଣଙ୍କୁ ଗୁଳିକରି ହତ୍ୟା

**ପାକିସ୍ତାନରେ ଅନର କିଲିଂ**

**କରାଚୀ, ୨୮।୧:** ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ପ୍ରେମ ବ୍ୟାପାରକୁ ନେଇ ଗୋଟିଏ ପରିବାରର ୬ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବ୍ରୋହି ଆଦିବାସୀ ସମ୍ପ୍ରଦାୟର ଝିଅ ନସ୍‌ରିନ୍ ମୁର୍ତାଜା ରିଣ୍ଡ୍‌ଙ୍କୁ ପ୍ରେମ ବିବାହ କରି ତାଙ୍କ ଘରେ ରହିଆସୁଥିଲେ। ୨୦୧୮ ଜାନୁୟାରୀରୁ ସ୍ୱାମୀ-ସ୍ତ୍ରୀ ଏକାଠି ଖୁସିରେ ରହୁଥିଲେ। ଏହା ଜାଣିପାରି ନସ୍‌ରିନ୍‌ଙ୍କ ବାପା ରଫିକ୍ ଓ ତାଙ୍କ ସମ୍ପର୍କୀୟମାନେ ସୋମବାର ରାତିରେ ରିଣ୍ଡ୍‌ଙ୍କ ଘରେ ପଶି ଆଖିବୁଜା ଗୁଳିମାଡ଼ କରିଥିଲେ। ଘରେ ଶୋଇଥିବା ରିଣ୍ଡ୍ ଓ ତାଙ୍କ ଦୁଇଭାଇ, ଦୁଇ ଭଉଣୀ ଓ ଜଣେ ଶିଶୁ ଏହାଦ୍ୱାରା ପ୍ରାଣ ହରାଇଥିବାବେଳେ ଅନ୍ଧାରର ସୁଯୋଗ ନେଇ ନସ୍‌ରିନ୍ ଖସିପଳାଇ ପୋଲିସର ସୁରକ୍ଷା ଲୋଡ଼ିଥିଲେ। ପୋଲିସ ରଫିକ୍ ଓ ତାଙ୍କ ଭାଇମାନଙ୍କୁ ଏବେ ଖୋଜୁଥିବା ଜଣାପଡ଼ିଛି। ଏନେଇ ନସ୍‌ରିନ୍ ମିଡିଆରେ କହିଛନ୍ତି, ରିଣ୍ଡ୍ ଓ ବ୍ରୋହି ପରିବାର ମଧ୍ୟରେ ଆଦିବାସୀ କାଉନ୍‌ସିଲରେ ବୁଝାମଣା ହୋଇଥିଲା। ରିଣ୍ଡ୍ ଏଥିଲାଗି ୧.୨ ନିୟୁତ ଜରିମାନା ମଧ୍ୟ ଦେଇଥିଲେ। ପରେ ସେ ନିଜ ଘରକୁ ଆସିଥିଲେ ହେଁ ପରିବାର ଲୋକେ ମାଡ଼, ଗାଳି ଦେଇଥିଲେ। ପରିବାର ଲୋକେ ତାଙ୍କୁ ଜାଟୋଇ ଆଦିବାସୀଙ୍କୁ ବିକ୍ରିକରି ଦେବାରୁ ସେ କୌଶଳକ୍ରମେ ଖସିଆସି ରିଣ୍ଡ୍‌ଙ୍କ ସହ ଖୁସିରେ ରହିଆସୁଥିଲେ। ପାକ୍ ମାନବାଧିକାର କମିଶନ ମତ ଅନୁଯାୟୀ, ପ୍ରତିବର୍ଷ ପରିବାରର ବିନା ସହମତିରେ ଅନ୍ୟ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରଖୁଥିବା ପ୍ରାୟ ୧୦୦୦ ଯୁବତୀ ଓ ମହିଳାଙ୍କୁ ପାକିସ୍ତାନରେ ହତ୍ୟା କରାଯାଇଥାଏ। ଏହି ହତ୍ୟା ସେମାନଙ୍କ ଭାଇ, ବାପା ଓ ପରିବାର ସଦସ୍ୟମାନେ କରିଥାନ୍ତି। ଏମିତିକି, ଏଭଳି ଯୁବତୀଙ୍କୁ ପୋଡ଼ି ମାରି ଦିଆଯାଇଥାଏ ବୋଲି କୁହାଯାଇଛି।

## ପାକିସ୍ତାନରେ ହିନ୍ଦୁ ଯୁବତୀଙ୍କୁ ଅପହରଣ

**ନୂଆଦିଲ୍ଲୀ, ୨୮।୧**

- ଧର୍ମାନ୍ତରୀକରଣ ପରେ ବାହା କରିଦେଲେ
- ପାକ୍ ଅଧିକାରୀଙ୍କୁ ଭାରତର ସମନ

ବିବାହ ବେଳେ ଜଣେ ହିନ୍ଦୁ ଯୁବତୀଙ୍କୁ ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ଅପହରଣ କରାଯିବା ଓ ପରେ ଧର୍ମାନ୍ତରୀକରଣ କରାଯାଇ ବିବାହ କରାଯିବା ଘଟଣା ସାମ୍ନାକୁ ଆସିବା ପରେ ଭାରତ ଏହାର ତୀବ୍ର ପ୍ରତିବାଦ କରିଛି। ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ କରାଯାଇଥିବା ଏଭଳି ଅତ୍ୟାଚାର ବରଦାସ୍ତ କରାଯିବନି ବୋଲି ଭାରତ କହିବା ସହ ପାକ୍ ହାଇକମିଶନର ଅଧିକାରୀଙ୍କୁ ସମନ୍ ଜାରି କରିଛି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଲାଗି ଭାରତ ଦାବି କରିଛି। ସିନ୍ଧ୍ ପ୍ରଦେଶରେ ହାଲାରେ ରହୁଥିବା ଭାରତୀ ବାଇ(୨୪)ଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ, ଜଣେ ହିନ୍ଦୁ ଯୁବକଙ୍କ ସହ ବିବାହ ଲାଗି ପ୍ରସ୍ତୁତି ଚାଲିଥିବାବେଳେ ଶାହରୁଖ୍ ଗୁଲ୍ ନାମକ ଜଣେ ମୁସ୍‌ଲିମ ଯୁବକ ହିନ୍ଦୁ ଯୁବତୀଙ୍କୁ ଅପହରଣ କରିନେଇଛନ୍ତି। ପରେ ହିନ୍ଦୁ ଯୁବତୀଙ୍କ ଧର୍ମ ପରିବର୍ତ୍ତନ କରି ତାଙ୍କୁ ଗତ ଡିସେମ୍ବରରେ ବିବାହ କରିଥିବା ଜଣେ ମୁସ୍‌ଲମାନ ଯୁବକ କହିଛନ୍ତି। ଭାରତ ଏହାକୁ ନେଇ ପ୍ରତିବାଦ କରିବା ପରେ ଏହାର ତଦନ୍ତ କରାଯିବ ବୋଲି ପାକିସ୍ତାନ ପ୍ରତିଶ୍ରୁତି ଦେଇଛି।

### ଇତିହାସର ଆଇନାରେ | ଜାନୁୟାରୀ ୨୯ର ପ୍ରମୁଖ ଘଟଣା

୧୯୪୦ ଜାନୁୟାରୀ ୨୯ରେ ଜାପାନର ସୁରଜିମା ଲାଇନ୍‌ରେ ୩ ଟ୍ରେନ ମଧ୍ୟରେ ଦୁର୍ଘଟଣା ହେବା ଫଳରେ ପ୍ରାୟ ୧୮୧ ଯାତ୍ରୀ ପ୍ରାଣ ହରାଇଥିଲେ। ଟ୍ରେନ ଦୁର୍ଘଟଣା ପରେ ବିସ୍ଫୋରଣ ହୋଇଥିଲା। ଶତାଧିକ ଯାତ୍ରୀ ଆହତ ହୋଇଥିବାବେଳେ ଭୟର ବାତାବରଣ ସୃଷ୍ଟି ହୋଇଥିଲା।

୨୦୧୩ ଜାନୁୟାରୀ ୨୯ରେ ଆଲ୍‌ମାଟିର କାଜାଖ୍ ସହରରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୨୧ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ବିମାନଟି କୋକ୍ଷେତାଉରୁ ଆଲ୍‌ମାଟି ଅଭିମୁଖେ ଯାତ୍ରା କରୁଥିଲା। ଘନ କୁହୁଡ଼ି ଯୋଗୁ ଏଭଳି ଘଟିଥିଲା ବୋଲି ଜଣାପଡ଼ିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୪ | ୧୨.୮ |
| ଚାନ୍ଦବାଲି | ୨୯.୫ | ୧୩.୭ |
| କଟକ | ୩୦.୦ | ୧୪.୪ |
| ପାରାଦ୍ୱୀପ | ୨୮.୫ | ୧୬.୬ |
| ଭୁବନେଶ୍ୱର | ୩୦.୭ | ୧୫.୬ |
| ଗୋପାଳପୁର | ୨୯.୯ | ୧୭.୩ |
| ପୁରୀ | ୨୭.୦ | ୧୭.୦ |
| ଅନୁଗୋଳ | ୨୯.୧ | ୯.୬ |
| ବାରିପଦା | ୨୭.୬ | ୧୩.୫ |
| ଝାରସୁଗୁଡ଼ା | ୨୯.୨ | ୧୩.୫ |
| କେନ୍ଦୁଝର | ୨୭.୨ | ୧୨.୪ |
| ସମ୍ବଲପୁର | ୩୧.୦ | ୧୩.୩ |
| ସୁନ୍ଦରଗଡ଼ | ୨୭.୦ | ୧୧.୫ |
| ହୀରାକୁଦ | ୨୯.୫ | ୧୩.୭ |
| ତାଳଚେର | ୩୧.୧ | ୧୨.୩ |
| ଭବାନୀପାଟଣା | ୩୦.୬ | ୧୭.୦ |
| ବଲାଙ୍ଗୀର | ୩୦.୭ | ୧୪.୦ |
| କୋରାପୁଟ | ୨୯.୬ | ୧୪.୬ |
| ଫୁଲବାଣୀ | -- | ୧୧.୦ |
| ଟିଟିଲାଗଡ଼ | ୩୨.୨ | ୧୧.୬ |
| ମାଲକାନଗିରି | -- | ୧୦.୦ |
| ସୋନପୁର | ୩୦.୦ | ୧୦.୮ |
| ଦାରିଙ୍ଗିବାଡ଼ି | ୨୭.୭ | ୧୨.୫ |

ଡିଗ୍ରୀ ସେଲ୍‌ସିୟସ୍

## ଜେଲରେ ଯୌନ ସମ୍ପର୍କ ପାଇଁ ବାଧ କରାଯାଇଥିଲା

**ନୂଆଦିଲ୍ଲୀ,୨୮।୧(ପି.ଟି.)**

**ଅଭିଯୋଗ ଆଣିଲେ ମୁକେଶ**



ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଦୋଷୀ ମୁକେଶ ସିଂ(୩୨) ତିହାର ଜେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଜେଲରେ ଅନ୍ୟ ଦୋଷୀଙ୍କ ସହ ଜୋରଜବରଦସ୍ତ ଯୌନ ସମ୍ପର୍କ ରଖିବାକୁ ବାଧ କରାଯାଉଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି। ଫେବୃୟାରୀ ୧ ତାରିଖ ସକାଳ ୬ଟାରେ ନିର୍ଭୟା ମାମଲାର ୪ ଦୋଷୀଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ପଟିଆଲା ହାଉସ୍ କୋର୍ଟ ଡେଥ୍ ୱାରେଣ୍ଟ ଜାରି କରିସାରିଛନ୍ତି। ତେଣୁ ମୃତ୍ୟୁମୁଖରୁ ବର୍ତ୍ତିଯିବା ପାଇଁ ରାଷ୍ଟ୍ରପତିଙ୍କ ନିକଟରେ ରାଜକ୍ଷମା ଆବେଦନ କରି ବିଫଳ ହୋଇଥିବା ମୁକେଶ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଜକ୍ଷମା ଆବେଦନ ଖାରଜ ବିରୋଧରେ ରିଭ୍ୟୁ ପିଟିଶନ ଦାଏର କରିଥିବା ତାଙ୍କ ଓକିଲ ଅଞ୍ଜନା ପ୍ରକାଶ ଯୁକ୍ତି ବାଢ଼ିଛନ୍ତି ଯେ, ମୁକେଶଙ୍କୁ ତିହାର ଜେଲରେ ଅନ୍ୟ କଏଦୀମାନଙ୍କ ସମ୍ମୁଖରେ ଯୌନ ଶୋଷଣ କରାଯାଉଥିଲା। ଅନ୍ୟତମ ଦୋଷୀ ଅକ୍ଷୟ(୩୧)ଙ୍କ ସହ ଯୌନ ସମ୍ପର୍କ ରଖିବାକୁ ତାଙ୍କୁ ବାଧ କରାଯାଉଥିଲା। ଏହାସହ ତାଙ୍କୁ ଅନେକ ଥର ମାଡ଼ ମରାଯାଇଛି। ରାଷ୍ଟ୍ରପତିଙ୍କ ନିକଟରେ ରାଜକ୍ଷମା ପାଇଁ ଆବେଦନ ବେଳେ ଏହିସବୁ ବୟାନ ଦିଆଯାଇଛି। ହେଲେ ଏହାକୁ ଶୁଣାଯାଇନାହିଁ ବୋଲି ସେ କହିଛନ୍ତି। ଜଷ୍ଟିସ୍ ଆର୍. ବାନୁମତିଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମୁକେଶଙ୍କ ଆବେଦନର ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ଲଢ଼ୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ରାଜକ୍ଷମା ନିଷ୍ପତ୍ତି ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ତଥ୍ୟ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲା। ତେବେ ଜେଲରେ ଖରାପ ବ୍ୟବହାରର ଶିକାର ହେବା ରାଜକ୍ଷମା ପାଇଁ ଆଧାର ନୁହେଁ। ଏଭଳି ଜଘନ୍ୟ ଅପରାଧ ଘଟାଇଥିବା ଦୋଷୀଙ୍କ ଦଣ୍ଡ କୋହଳ କରା ନ ଯାଉ। ବୁଧବାର ସୁପ୍ରିମକୋର୍ଟ ମୁକେଶଙ୍କ ଆବେଦନର ରାୟ ପ୍ରକାଶ କରିବେ।

**ଜଘନ୍ୟ ଅପରାଧ ଘଟାଇଥିବା ଦୋଷୀ ଏହି ଆଧାରରେ କ୍ଷମା ପାଇଁ ଯୋଗ୍ୟ ନୁହନ୍ତି: କେନ୍ଦ୍ର**




## ୮ ଓଏଏସ୍ ଅଫିସରଙ୍କ ପଦୋନ୍ନତିକୁ ମୋହର

ଭୁବନେଶ୍ୱର, ୨୮।୧(ବ୍ୟୁରୋ): ଆଇଏଏସ୍ ଅଫିସର ପାହ୍ୟାକୁ ପଦୋନ୍ନତି ଦେବାକୁ ରାଜ୍ୟ ସରକାର ୮ ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି। ସେମାନେ ହେଲେ ମୁରଲୀଧର ବାରିକ, ସୁଶାନ୍ତ କୁମାର ବାରିକ, ଉମାକାନ୍ତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଶୁଭେନ୍ଦୁ କାନୁନଗୋ, ରାମକୃଷ୍ଣ ସାହୁ, ରବୀନ୍ଦ୍ର ନାଥ ସାହୁ ଏବଂ ଚିତ୍ତରଞ୍ଜନ ମହାନ୍ତି। ଏଥିସହିତ କେନ୍ଦ୍ର ଡେପୁଟେଶନରେ ଥିବା ୧୯୯୮ ବ୍ୟାଚ ଆଇଏଏସ୍ ଅଫିସର ସୁରେଶ କୁମାର ବଶିଷ୍ଠ ଓଡ଼ିଶା ଫେରୁଛନ୍ତି। ଅନ୍ୟପକ୍ଷରେ ୧୯୯୮ ବ୍ୟାଚ ଆଇଏଏସ୍ ଅଫିସର ବିଶାଲ ଗଗନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ସେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ଚିଲିକାରେ ବାର୍ଡ ଫ୍ଲୁ ଆଶଙ୍କା

ବାଲୁଗାଁ,୨୮।୧ (ଡି.ଏନ.ଏ.)

ଚିଲିକାରେ ବିଦେଶୀ ପକ୍ଷୀଙ୍କୁ ବାର୍ଡ ଫ୍ଲୁ ବ୍ୟାପିବା ଆଶଙ୍କା କରି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ତଟାଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ମଙ୍ଗଳବାର ସକାଳୁ ବାଲୁଗାଁ ପ୍ରାଣୀ ଚିକିତ୍ସା ଓ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ମିଳିତ ଭାବେ ଚିଲିକା ମଧ୍ୟସ୍ଥ ପକ୍ଷୀ ଅଭୟାରଣ୍ୟ ନଳବଣ ଅଞ୍ଚଳରୁ ଅସୁସ୍ଥ ଦୃଷ୍ଟିଗୋଚର ହେଉଥିବା ତିନିଗୋଟି ବିଦେଶାଗତ ପକ୍ଷୀଙ୍କ ସ୍ୱାବ୍ ତଥା ରକ୍ତ, ଲାଳ ଓ ମଳ ଆଦି ୬ଟି ନମୁନା ସଂଗ୍ରହ କରିଛନ୍ତି। ଏଥିସହ ପକ୍ଷୀଙ୍କ ବାସସ୍ଥାନ ଅଞ୍ଚଳରୁ ମଧ୍ୟ ପରିବେଶ ଭିତ୍ତିକ ଜଳ, ଦଳ ଓ ପଙ୍କ ଆଦି ୯ଟି ନମୁନା ସଂଗ୍ରହ କରାଯାଇଛି। ଏହାକୁ କଟକ ଫୁଲନଖରାସ୍ଥିତ ପ୍ରାଣୀରୋଗ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ସେଠାରୁ ଆବଶ୍ୟକ ପଡିଲେ ଭୋପାଳସ୍ଥିତ ଆନିମଲ୍ ଡିଜିଜ୍ ରିସର୍ଚ୍ଚ ସେଣ୍ଟରକୁ ପୁନଃ ପରୀକ୍ଷା ପାଇଁ ପଠାଯିବ ବୋଲି ପ୍ରାଣୀ ଚିକିତ୍ସା ଅଧିକାରୀ ଦେବେନ୍ଦ୍ର କୁମାର ସୋଲାଙ୍କି ପ୍ରକାଶ କରିଛନ୍ତି। ତେବେ ବାର୍ଡ ଫ୍ଲୁ ଆଶଙ୍କା ନେଇ ଚିଲିକା ତଟବର୍ତ୍ତୀ ଗ୍ରାମାଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି। ତଟାଞ୍ଚଳ କୁକୁଡା ଫାର୍ମଗୁଡିକ ଉପରେ ନଜର ରଖାଯିବା ସହ ଚିଲିକାରେ ମୃତ କିମ୍ବା ଅସୁସ୍ଥ ପକ୍ଷୀ ଦେଖାଦେଲେ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ନିମନ୍ତେ ଅନୁରୋଧ କରାଯାଇଛି।

'ଏଚ୍-୫ ଏନ୍-୧' ଭୂତାଣୁ ହେଉଛି ବାର୍ଡ ଫ୍ଲୁ। ବିଶେଷ କରି ଶୀତଦିନେ ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀ ଏହି ଭୂତାଣୁର ବାହକ। ପରବର୍ତ୍ତୀ ସମୟରେ ସଂକ୍ରମିତ ପକ୍ଷୀଙ୍କ ଶରୀରରୁ ଏହି ଭୂତାଣୁ କୁକୁଡା, କାଉ ଆଦି ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ବ୍ୟାପିଥାଏ। ବର୍ତ୍ତମାନ ସମଗ୍ର ଚିଲିକାରେ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ବାର୍ଡ ଫ୍ଲୁ ଆଶଙ୍କା ଦୃଢୀଭୂତ ହୋଇଛି। ମୁଖ୍ୟତଃ ବାର୍ଡ ଫ୍ଲୁରେ ଆକ୍ରାନ୍ତ ପକ୍ଷୀଙ୍କ ନାକ ଓ ଥଣ୍ଟରୁ ଲାଳ ସଦୃଶ୍ୟ ତରଳ ପଦାର୍ଥ ନିର୍ଗତ ହୋଇଥାଏ। ଏଥିସହ ପତଳା ମଳତ୍ୟାଗ କରି ପକ୍ଷୀ କ୍ରମଶଃ ଦୁର୍ବଳ ହୋଇପଡନ୍ତି ଏବଂ ଖଣ୍ଡିଉଡା ଦେଇ କିଛିଦିନ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି।

ଗତ ୩ମାସ ମଧ୍ୟରେ ଅର୍ଥାତ୍ ନଭେମ୍ବର, ଡିସେମ୍ବର ଓ ଜାନୁୟାରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ବାର୍ଡ ଫ୍ଲୁ ସନ୍ଦେହରେ ୩ଟି ପର୍ଯ୍ୟାୟରେ ମୋଟ ୩୫ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ଏଥିସହ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଏହି ୩ମାସ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଫାର୍ମରୁ କୁକୁଡା, ବତକ ଓ ଦେଶୀୟ ପକ୍ଷୀଙ୍କଠାରୁ ୧୨୨୫ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। କିନ୍ତୁ ଏ ସଂକ୍ରାନ୍ତୀୟ ପଜିଟିଭ୍ ରିପୋର୍ଟ ଆସି ନ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଆଲୋକ ରଞ୍ଜନ ହୋତାଙ୍କୁ ପଚାରିବାରୁ ଅଦ୍ୟାବଧି ଚିଲିକାରେ ପକ୍ଷୀଙ୍କ ଶରୀରରେ ବାର୍ଡ ଫ୍ଲୁର କୌଣସି ସଙ୍କେତ ମିଳିନାହିଁ। ତଥାପି ଏଥିପାଇଁ ସତର୍କ ଦୃଷ୍ଟି ରଖାଯାଇଛି। ପର୍ଯ୍ୟାୟକ୍ରମେ ପକ୍ଷୀଙ୍କ ସ୍ୱାବ୍ ନମୁନା ସଂଗ୍ରହ ଜାରି ରହିବ ବୋଲି ସେ କହିଛନ୍ତି।


ନଳବଣରେ ବିଦେଶୀ ପକ୍ଷୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଉଛି।







ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଜାନୁୟାରୀ, ୨୦୨୦



କୋଲକାତା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଭାଗନେବାକୁ ଯାଇଥିବା ପଶ୍ଚିମବଙ୍ଗ ରାଜ୍ୟପାଳ ତଥା କୁଳପତି ଜଗଦୀଶ ଧନ୍‌ଖାରଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। କେତେଜଣ ଛାତ୍ର ହାତରେ ପ୍ଲାକାର୍ଡ ଧରି ତାଙ୍କ ଗସ୍ତକୁ ବିରୋଧ କରି ବିକ୍ଷୋଭ କରିବାରୁ ଶେଷରେ ରାଜ୍ୟପାଳ ଉତ୍ସବରେ ଯୋଗ ନ ଦେଇ ଫେରିଆସିଥିଲେ। ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି ହୋଇଥିବାରୁ ଏହି ଛାତ୍ରମାନେ ସିଏଏ, ଏନ୍‌ଆର୍‌ସିକୁ ଆଳ କରି ରାଜ୍ୟପାଳଙ୍କ ଗସ୍ତକୁ ବିରୋଧ କରିଥିବା ଜଣାପଡ଼ିଛି।



# ପୁଣି ଲାଗୁ ହେଉ ସମ୍ପତ୍ତି ଟିକସ: ଅଭିଜିତ ବାନାର୍ଜୀ

**ନୂଆଦିଲ୍ଲୀ, ୨୮।୧**

ବର୍ତ୍ତମାନ ଲୋକଙ୍କ ମଧ୍ୟରେ ରହିଥିବା ଅସମାନତାକୁ ବିଚାରକରି ଭାରତ ଆଗାମୀ ସାଧାରଣ ବଜେଟରେ ସମ୍ପତ୍ତି ଟିକସ ଲାଗୁ କରିବାର ଆବଶ୍ୟକତା ରହିଥିବା ନୋବେଲ ବିଜେତା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ କହିଛନ୍ତି। ଏହା ସହ ସମ୍ପତ୍ତିର ପୁନଃ ବିତରଣକୁ ମଧ୍ୟ ସରକାର ଫୋକସ କରିବା ଉଚିତ ବୋଲି କଲିକତାଠାରେ ଏକ କାର୍ଯ୍ୟକ୍ରମରେ ବାନାର୍ଜୀ ମତ ରଖିଛନ୍ତି।

୧୯୫୭ରେ ସମ୍ପତ୍ତି ଟିକସ ଆଇନ ପାସ୍ ହୋଇଥିଲା। ବ୍ୟକ୍ତିବିଶେଷ, ହିନ୍ଦୁ ଅଣ ବିଭାଜିତ ପରିବାର ଏବଂ କର୍ପୋରେଟଗୁଡିକର ଭାଲ୍ୟୁଏଶନକୁ ବିଚାରକରି ଏହି ଟିକସ ଲାଗୁ କରାଯାଉଥିଲା। ୨୦୧୬ରେ ଏହି ଟିକସକୁ ଉଚ୍ଛେଦ କରାଯାଇଛି। ବର୍ତ୍ତମାନର ସରକାର ଏହି ଆଇନକୁ ପୁନର୍ବାର ଆଣିବେ କି ନାହିଁ ସେ ନେଇ ସନ୍ଦିହାନ ଥିବା ସେ ମତ ଦେଇଛନ୍ତି। ସେ କହିଛନ୍ତି, କର୍ପୋରେଟ ଟିକସ ହ୍ରାସ ହେବା ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଯେଉଁ ପରିମାଣର ଲାଭ ମିଳିବା କଥା ତାହା ମିଳୁନାହିଁ। ଦେଶର କର୍ପୋରେଟ ଅର୍ଥକୁ ନିଜ ପାଖରେ ଧରି ବସି ପଡିଛି। ଦେଶର ବ୍ୟାଙ୍କିଙ୍ଗ ଶିଳ୍ପକୁ ପୁନଃ ପୁଞ୍ଜିପ୍ରଦାନ, ଭିତ୍ତିଭୂମି କ୍ଷେତ୍ରକୁ ଉତ୍ସାହିତ କରିବା ଉଚିତ। ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ସହାୟତା ଯୋଗାଇ ଦେଲେ ଏହା ତ୍ୱରିତ ଭିତ୍ତିରେ ସଫଳତା ଦେବ ବୋଲି ଭାବି ବସିବା ଠିକ୍ ହେବ ନାହିଁ। ବରଂ ଏଥି ଲାଗି କିଛି ସମୟ ଲାଗିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ସରକାରୀ ଯୋଜନା ଉପରେ ମତ ରଖି ସେ କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଭଳି ଯୋଜନାରେ ଅନେକ ଖର୍ଚ୍ଚ ହେଉଛି। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ଅନେକ ଲୋକଙ୍କ ଲାଗି ଲାଭକାରୀ ହେବ। ଉଜ୍ଜ୍ୱଳା ଏବଂ ସ୍ୱଚ୍ଛ ଭାରତକୁ ସେ ବ୍ୟୟବହୁଳ ଯୋଜନା ବୋଲି ମତ ଦେଇଛନ୍ତି। ସିଏଏ ଏବଂ ଏନଆର୍‌ସି ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ପ୍ରବାସୀ ମାନେ ଅର୍ଥବ୍ୟବସ୍ଥା ଲାଗି ଖରାପ ନୁହନ୍ତି। ସ୍ଥାନୀୟ ଜନସଂଖ୍ୟା ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ସେମାନେ ଆପ୍ରାଣ ଉଦ୍ୟମ ଜାରି ରଖିଥାନ୍ତି।

# କୁନାଲଙ୍କୁ ଇଣ୍ଡିଗୋରେ ୬ ମାସ ଯାତ୍ରା ମନା

## ବିମାନରେ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ନୂଆଦିଲ୍ଲୀ, ୨୮।୧**

ରିପବ୍ଲିକ୍ ଟିଭିର ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀଙ୍କୁ ବିମାନରେ ଦୁର୍ବ୍ୟବହାର କରିବା ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମରାଙ୍କୁ ମହଙ୍ଗା ପଡ଼ିଛି। କୁନାଲଙ୍କ ଏ ସମ୍ପର୍କିତ ଭିଡିଓ ଭାଇରାଲ ହେବା ପରେ ତାଙ୍କ ବିମାନ ଯାତ୍ରା ଉପରେ ଇଣ୍ଡିଗୋ ୬ ମାସ ପାଇଁ ରୋକ ଲଗାଇଛି। ଇଣ୍ଡିଗୋ ପକ୍ଷରୁ କରାଯାଇଥିବା ଟୁଇଟ୍‌ରେ କୁନାଲଙ୍କ ବ୍ୟବହାରକୁ ଅଗ୍ରହଣୀୟ ବୋଲି ଦର୍ଶାଯିବା ସହ ବିମାନରେ ଯାତ୍ରାବେଳେ କାହାକୁ ବ୍ୟକ୍ତିଗତ ଆକ୍ଷେପ ନ କରିବା ପାଇଁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି।

କୁନାଲ କାମରା ମଙ୍ଗଳବାର ଟୁଇଟରରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଥିରେ ସେ ରିପବ୍ଲିକ୍ ଟିଭିର ଏଡିଟର ଇନ୍ ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କ ସହ ୬ଇ୫୩୧୭ ଫ୍ଲାଇଟ୍‌ରେ ଯାତ୍ରାବେଳେ କଥା ହେଉଥିବା ଦେଖିବାକୁ ମିଳିଥିଲା। ସେ ଅର୍ଣ୍ଣବଙ୍କୁ କେତେକ ପ୍ରଶ୍ନ କରିଥିଲେ। ପୋଷ୍ଟ କରିଥିବା ଭିଡିଓରେ କ୍ୟାପଶନ ଲେଖିଥିଲେ, ଅର୍ଣ୍ଣବଙ୍କ ସହ ଫ୍ଲାଇଟ୍‌ରେ ଦେଖାହେଲା। ତାଙ୍କୁ ତାଙ୍କର ସାମ୍ବାଦିକତା ବିଷୟରେ କହିଲି ଓ କେତେକ ପ୍ରଶ୍ନ କଲି। କିନ୍ତୁ ସେ ମୋତେ ମାନସିକ ଅସ୍ଥିର ବୋଲି କହିଲେ। ତେଣୁ କିଛି ସମୟ ପରେ ନିଜ ସିଟ୍‌ରେ ବସିବା ଛଡ଼ା ଅନ୍ୟ ବିକଳ୍ପ ନ ଥିଲା। 'ମୁଁ ଏହା ମୋର ହୀରୋ ରୋହିତ ପାଇଁ କରିଛି'। ୨୦୧୬ରେ ହାଇଦ୍ରାବାଦ ୟୁନିଭର୍ସିଟିରେ ଆତ୍ମହତ୍ୟା କରିଥିବା ରୋହିତ ଭେମୁଲାଙ୍କ ଉଦ୍ଦେଶ୍ୟରେ ସେ ଏପରି କରିଥିବା କହିଥିଲେ। ପରେ ଆଉ ଏକ ଟୁଇଟ୍‌ରେ କୁନାଲ ନିଜ କାର୍ଯ୍ୟକୁ ଯଥାର୍ଥ ଦର୍ଶାଇବାକୁ ଯାଇ ଲେଖିଥିଲେ, ଅର୍ଣ୍ଣବଙ୍କ ସାମ୍ବାଦିକତାକୁ ନେଇ ସେ ଯାହା ଅନୁଭବ କରନ୍ତି ତା'ର ଏକ ମନୋଲୋଗ୍ ଦେଇଛନ୍ତି। ନିଜ ବ୍ୟବହାର ପାଇଁ ସେ ଅନୁତପ୍ତ ନୁହନ୍ତି। ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରି କହିଛନ୍ତି, ବିମାନ ଭିତରେ ଅଶାନ୍ତି ସୃଷ୍ଟି ଓ ହଇରାଣ କରିବା ପାଇଁ ଆକ୍ରମଣାତ୍ମକ ବ୍ୟବହାର ଯାତ୍ରୀଙ୍କ ପାଇଁ ଗ୍ରହଣୀୟ ନୁହେଁ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଯାତ୍ରା କଟକଣା ଲଗାଇବା ପାଇଁ ଏୟାରଲାଇନ୍ସଗୁଡ଼ିକୁ ପରାମର୍ଶ ଦେବା ଛଡ଼ା ଆମ ପାଖରେ ଅନ୍ୟ ବିକଳ୍ପ ନାହିଁ।




କୁନାଲ କାମରା ଅର୍ଣ୍ଣବ ଗୋସ୍ୱାମୀ



# ଜିଲା ଟିଠି
## କେନ୍ଦୁଝର

### ଆବର୍ଜନା ପରିଚାଳନା

କେନ୍ଦୁଝର ଜିଲା ମୁଖ୍ୟାଳୟରେ ଆବର୍ଜନା ପରିଚାଳନା ପ୍ରକଳ୍ପ ନାହିଁ। ଏଥିପାଇଁ ୨୫ ଲକ୍ଷ ଟଙ୍କା ଅନୁଦାନ ପଡ଼ିରହିଛି। ହେଲେ ୫ ବର୍ଷ ହେବ ଜମି ମିଳୁ ନ ଥିବାରୁ ପ୍ରକଳ୍ପ ନିର୍ମାଣ ହୋଇ ପାରୁନାହିଁ। ଏହି ପ୍ରକଳ୍ପ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଆବଶ୍ୟକ ପଡ଼ିଲେ ଅନୁଦାନ ମିଳିବ ବୋଲି କୁହାଯାଇଛି। ଏହା ସତ୍ତ୍ୱେ ପ୍ରକଳ୍ପ ନିର୍ମାଣ ହୋଇପାରୁ ନ ଥିବାରୁ ଅସନ୍ତୋଷ ବଢ଼ିଛି। ଫଳରେ କେନ୍ଦୁଝର ସହରର ଆବର୍ଜନା ଜୁଡ଼ିଆଘାଟି, ଡାଙ୍ଗରପଡ଼ା, ଘୁଟୁରୁ ଆଦି ରାସ୍ତା ପାର୍ଶ୍ୱ ଓ ଏଣେ ତେଣେ ପକାଇ ଦିଆଯାଉଛି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେବା ସାର ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ପୌରପାଳିକା ପକ୍ଷରୁ ବୈଠକ ପରେ ବୈଠକ ଡକାଯାଉଛି। ଆଲୋଚନା ପର୍ଯ୍ୟାଲୋଚନା ପରେ ବି ପ୍ରକଳ୍ପ ନିର୍ମାଣ ହୋଇପାରୁନାହିଁ। ନିକଟରେ ପୌରପାଳିକା ପକ୍ଷରୁ ଆବର୍ଜନା ଏଣେ ତେଣେ ନ ଫୋପାଡ଼ିବା ପାଇଁ ଲୋକଙ୍କୁ ତାଗିଦ କରାଯାଇଛି। ଜରିମାନାର ବ୍ୟବସ୍ଥା କରାଯାଇଛି। କିନ୍ତୁ ପୌରପାଳିକା ପକ୍ଷରୁ ଏଣେ ତେଣେ ଆବର୍ଜନା ପକାଯାଉଥିବାରୁ ପୌର କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇନଜୀବୀମାନେ ଅଣ୍ଟା ଭିଡ଼ିଛନ୍ତି। ଆବର୍ଜନା ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଥମେ ବାଂଶପାଳ ବ୍ଲକ ତଳକଇଁସାରୀ ଗ୍ରାମ ନିକଟରେ ଜମି ଚିହ୍ନଟ ହୋଇ କାମ ଆରମ୍ଭ ହୋଇଥିଲା। ଏହାକୁ ବିରୋଧ ହେବାରୁ ସେହି ନିର୍ମାଣକୁ ବନ୍ଦ କରାଯାଇଥିଲା। ସେହିପରି ସିଦ୍ଧମଠ, ରାଙ୍କି, ଧୂପଦା ଆଦି ଅଞ୍ଚଳରେ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। କିନ୍ତୁ ସେଠାରେ ମଧ୍ୟ ଅନୁରୂପ ବିରୋଧ ହେବାରୁ ପ୍ରକଳ୍ପ ନିର୍ମାଣ ହୋଇପାରିନାହିଁ। ଏପରି କି ପ୍ରକଳ୍ପ ପାଇଁ ଧୂପଦାଠାରେ ପାଖାପାଖି ୨୦ ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରଶସ୍ତ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ସେଠାରେ ବି ଲୋକେ ବିରୋଧ କରିବାରୁ ଉକ୍ତ ରାସ୍ତା ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା ପାଣିରେ ପଡ଼ିଥିଲା। ଏବେ ସହରରେ ଆଉ ୪ଟି ସ୍ଥାନରେ ଛୋଟ ଛୋଟ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ବିରୋଧର ସ୍ୱର ବଢ଼ି ଚାଲିଛି। ଏପରି ପରିସ୍ଥିତିରେ ସହରକୁ ସରସ ସୁନ୍ଦର କରିବା ଏବଂ ସ୍ୱଚ୍ଛ ଭାରତ ଅଭିଯାନରେ ସଫଳତା ଆଣିବା ସମସ୍ତଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି।

**-ନରେଶ ଚନ୍ଦ୍ର ପଟ୍ଟନାୟକ**




# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ବାରିପଦା ଅଫିସ, ୨୮।୧**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ବେହେରାଙ୍କ ମୟୂରଭଞ୍ଜ ଜିଲା ବାରିପଦାର ସୁନଗଡିଆସ୍ଥିତ ବାସଭବନରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱର ଜିଲା ସୋରଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ବେହେରାଙ୍କ କାର୍ଯ୍ୟାଳୟରେ ଗତ ୧୦ ଡିସେମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେତେବେଳେ ବେହେରାଙ୍କ ଏହି ବାସଭବନରେ ତାଲା ପଡ଼ିଥିବାରୁ ଚଢ଼ାଉ ହୋଇ ପାରି ନ ଥିଲା। ଦୀର୍ଘଦିନ ପରେ ମଙ୍ଗଳବାର ସୁନଗଡିଆସ୍ଥିତ ୩ ମହଲା ବିଶିଷ୍ଟ କୋଠାଘରେ ବାରିପଦା ଓ ବାଲେଶ୍ୱର ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢାଉ କରାଯାଇଛି। ପୂର୍ବରୁ ଭିଜିଲାନ୍ସ ପକ୍ଷରୁ ସୋର କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ତେବେ ଯନ୍ତ୍ରୀଙ୍କ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

**ଓଡ଼ାପଡ଼ା, ୨୮।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଗୁଡ଼ିଆକାଟେଣୀ ଛକ ନିକଟ ନାଣ୍ଡିପୋଲିଆ ଅଞ୍ଚଳରେ ରହୁଥିବା ସବିତା ନାଏକ (୨୫)ଙ୍କୁ ଯୌତୁକ ପାଇଁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଭାଇ ସୁଶାନ୍ତ ନାଏକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଅଭିଯୁକ୍ତ ସ୍ୱାମୀ ସୁବାସ ନାଏକ ଏବଂ ଶାଶୁ ପ୍ରମିଳା ନାଏକଙ୍କୁ ଗିରଫ କରିଛି। ପୋଲିସ ମୃତଦେହ, ହତ୍ୟାରେ ବ୍ୟବହୃତ ରକ୍ତଭିଜା ପନିକି ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି।

# ବସ୍ ଧକ୍କାରେ ଦାଦା, ପୁତୁରା ମୃତ

## ସମ୍ପର୍କୀୟଙ୍କ ଏକାଦଶାହରୁ ଫେରୁଥିଲେ

**ଢେଙ୍କାନାଳ ଅଫିସ, ୨୮।୧:** ଢେଙ୍କାନାଳ-ଭାପୁର ରାସ୍ତାର ଲମ୍ବୋଦରପୁର ନିକଟରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଦୁଃଖଦ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଧକ୍କାରେ ଦୁଇଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରତାପ ଷଡ଼ଙ୍ଗୀ (୫୨) ଏବଂ ସଂଗ୍ରାମ ଷଡ଼ଙ୍ଗୀ (୩୨)। ଉଭୟେ ସମ୍ପର୍କରେ ଦାଦା, ପୁତୁରା ହୋଇଥିବାବେଳେ ସେମାନଙ୍କ ଘର କଟକ ଜିଲା ସାଲେପୁର ଥାନା ରାମକୃଷ୍ଣପୁର ଗ୍ରାମରେ ବୋଲି ଜଣାପଡ଼ିଛି। ପ୍ରତାପ ଏବଂ ସଂଗ୍ରାମ ଢେଙ୍କାନାଳ ମହାବୀର ବଜାର ନିକଟ ଜଣେ ସମ୍ପର୍କୀୟଙ୍କ ଏକାଦଶାହରେ ଯୋଗଦେବାକୁ ଆସିଥିଲେ। ଉଭୟେ ଭୋଜିଖାଇ ଢେଙ୍କାନାଳ-ଭାପୁର ରାସ୍ତାଦେଇ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଲମ୍ବୋଦରପୁର ନିକଟରେ ଉକ୍ତ ଯାତ୍ରୀବାହୀ ବସ୍ ସମ୍ମୁଖପଟୁ ଧକ୍କା ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ଛିଟିକି ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଡ୍ରାଇଭର ଫେରାର ଅଛନ୍ତି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ଭାପୁର ଫାଣ୍ଡିରେ ରଖାଯାଇଛି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।





## ସରକାରୀ ମୋଟର ଯାନ ଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର

**ବିଜ୍ଞାପନ**

**ପେସାଦାର ମୋଟର ଗାଡ଼ି ଚାଳକ / ଚାଳିକା ହେବାକୁ ଇଚ୍ଛୁକ ଥିବା ବେକାର ଯୁବକ / ମହିଳା ମାନଙ୍କଠାରୁ ହାଲୁକା ମୋଟର ଯାନ (ଏଲ.ଏମ.ଭି) ଚାଳନା ତାଲିମ (ଡ୍ରାଇଭିଂ ଟ୍ରେନିଂ) ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।**

ଓଡ଼ିଶା ସରକାରଙ୍କ ତରଫରୁ ପରିବହନ ବିଭାଗ ଦ୍ୱାରା ବେକାର ଯୁବକ / ମହିଳା ମାନଙ୍କ ନିମନ୍ତେ ହାଲୁକା ଯାନ (ଏଲ.ଏମ.ଭି) ଚାଳନା ତାଲିମ (ଡ୍ରାଇଭିଂ ଟ୍ରେନିଂ) ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତାଲିମ ପରେ ଯୋଗ୍ୟତା ପରୀକ୍ଷା କରାଯାଇ ମୋଟର ଚାଳନା ଅନୁମତି ପତ୍ର (ଡ୍ରାଇଭିଂ ଲାଇସେନ୍ସ) ଦିଆଯିବ । ପ୍ରାର୍ଥୀ /ପ୍ରାର୍ଥିନୀ ପେସାଦାର ମୋଟର ଗାଡ଼ି ଚାଳକ / ଚାଳିକା ହେବାକୁ ଇଚ୍ଛୁକ ଥିବା ଜରୁରୀ ଅଟେ । ହାଲୁକା ମୋଟର ଯାନ (ଏଲ.ଏମ.ଭି) ତାଲିମ ପାଇଁ ସବୁ ଜାତି ବର୍ଗର ପ୍ରାର୍ଥୀ / ପ୍ରାର୍ଥିନୀ ଦରଖାସ୍ତ କରିପାରିବେ । ଏହି ତାଲିମ ପାଇଁ ପ୍ରାର୍ଥୀ /ପ୍ରାର୍ଥିନୀଙ୍କର ବୟସ ବିଜ୍ଞାପନ ଦିନ ଠାରୁ ଅନୁନ୍ୟ ୧୮ ରୁ ୩୫ ବର୍ଷ ମଧ୍ୟରେ, ଉଚ୍ଚତା ଅନୁନ୍ୟ ୫ ଫୁଟ ବା ତଦୂର୍ଦ୍ଧ୍ୱ ହୋଇଥିବା ଦରକାର । ଏହି ତାଲିମ ଭୁବନେଶ୍ୱରରେ ସରକାରୀ ମୋଟରଯାନ ଚାଳନା ପ୍ରତିଷ୍ଠାନରେ ଦୁଇମାସ ପାଇଁ ଦିଆଯିବ ଏବଂ ଏଥିପାଇଁ କୌଣସି ହଷ୍ଟେଲ କିମ୍ବା ଷ୍ଟାଇପେଣ୍ଡର ବ୍ୟବସ୍ଥା ନାହିଁ । ଏହି ତାଲିମ ପାଇଁ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ କେବଳ ୧୦୦ ଟଙ୍କା ପ୍ରବେଶିକା ଫି ଏବଂ ଆବଶ୍ୟକ ଡ୍ରାଇଭିଂ ଲାଇସେନ୍ସ ଫି ଜମା କରିବାକୁ ପଡ଼ିବ ।

ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥିନୀ ମାନେ ନିମ୍ନଲିଖିତ ସୂଚନାମାନ ସାଦା ଫର୍ମରେ ପୂରଣ କରି ଗୋଟିଏ ଫଟୋ ଓ ପ୍ରମାଣପତ୍ର ଗୁଡ଼ିକର ସ୍ୱ ପ୍ରମାଣିତ ନକଲ (Self attested copy) ସହ ନିମ୍ନଲିଖିତ ଠିକଣାରେ ତା.୧୯/୦୨/୨୦୨୦ରିଖ ସୁଦ୍ଧା ପଠାଇ ପାରିବେ କିମ୍ବା ସରକାରୀ ମୋଟର ଯାନ ଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ଛୁଟିଦିନ ବ୍ୟତୀତ ଯେ କୌଣସି ଦିନ ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ ।

(୧) ନାମ, (୨) ପିତା/ସ୍ୱାମୀଙ୍କ ନାମ, (୩) ସ୍ଥାୟୀ ଠିକଣା, (୪) ବର୍ତ୍ତମାନ ଠିକଣା, (୫) ମୋବାଇଲ ନମ୍ବର, (୬) ଜନ୍ମ ତାରିଖ, (୭) ଉଚ୍ଚତା, (୮) ଜାତି

**ଫର୍ମ ପଠାଇବା / ଦେବାର ଠିକଣା :**

**ପ୍ରିନ୍ସିପାଲ (ଅଧ୍ୟକ୍ଷ), ସରକାରୀ ଡ୍ରାଇଭିଂ ଟ୍ରେନିଂ ସ୍କୁଲ, ଟାଇପ-୩, ବ୍ଲକ-୮, ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯; ଫୋନ୍ ନମ୍ବର : ୦୬୭୪-୨୫୯୭୦୮୪**

**ସାକ୍ଷାତକାର ସମୟ** : ଆବଶ୍ୟକ ସମସ୍ତ ମୂଳ ପ୍ରମାଣପତ୍ର ସହ ତା.୨୬/୦୨/୨୦୨୦ରିଖ ଦିନ ୧୦ ଟାରେ ସରକାରୀ ମୋଟର ଯାନ ଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ଉପସ୍ଥିତ ରହି ପଠାଇଥିବା ଦସ୍ତାବିଜର ଯାଞ୍ଚ କରାଇବେ ।

**ଯୁଗ୍ମ ପରିବହନ କମିଶନର (ଟେକ୍ନିକାଲ) ତଥା ଅଧ୍ୟକ୍ଷ,**
**ସରକାରୀ ମୋଟର ଯାନ ଚଳନା ପ୍ରତିଷ୍ଠାନ, ଭୁବନେଶ୍ୱର**

ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତ୍ତର ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା।

–ଶ୍ରୀମା

# ଭାରତରେ ଆଙ୍ଗ୍ଲୋଇଣ୍ଡିଆନ୍‌ଙ୍କ ସ୍ଥିତି

ଶରତ ଚନ୍ଦ୍ର ମିଶ୍ର

ଆମ ଦେଶ ସ୍ୱାଧୀନ ହେଲା ପରେ କେତେକ ବର୍ଗର ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ହେଲା। ଦେଶ ବିଭାଜନ ସମୟରେ ଉଭୟ ଭାରତରୁ ଅନେକ ମୁସଲମାନ ପାକିସ୍ତାନ ଚାଲିଗଲେ। ଏତଦ୍‌ବ୍ୟତୀତ ଆଙ୍ଗ୍ଲୋଇଣ୍ଡିଆନ, ପାର୍ଶୀ, ଇହୁଦୀ ଓ ଚାଇନା ବଂଶୋଦ୍ଭବ ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ଦେଶାନ୍ତରୀ ହେଲେ। ଅଣମୁସଲମାନ ଦେଶାନ୍ତରୀମାନଙ୍କ ମଧ୍ୟରେ ଆଙ୍ଗ୍ଲୋଇଣ୍ଡିଆନଙ୍କ ସଂଖ୍ୟା ଅଧିକ। ସେମାନଙ୍କ ନିମନ୍ତେ ସମ୍ବିଧାନରେ କେତେକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଚାକିରି ଓ ଶିକ୍ଷାନୁଷ୍ଠାନକୁ ଅନୁଦାନର ସୁବିଧା ୧୯୬୦ରେ ଶେଷ ହୋଇଥିଲା। ପାର୍ଲାମେଣ୍ଟ ଓ ବିଧାନସଭାକୁ ମନୋନୟନ ଜାନୁୟାରୀ ୨୦୨୦ରେ ଶେଷ ହୋଇଯିବ। ଏଇ ପରିପ୍ରେକ୍ଷୀରେ ଆମ ଦେଶରେ ଅଧୁନା ଆଙ୍ଗ୍ଲୋଇଣ୍ଡିଆନମାନଙ୍କର ସ୍ଥିତି ଓ ଅବସ୍ଥା ସମ୍ବନ୍ଧରେ ଆଲୋଚନା କରିବା। ସମ୍ବିଧାନର ୩୬୬ ଧାରା ଅନୁଯାୟୀ ଭାରତରେ ସ୍ଥାୟୀଭାବେ ବସବାସ କରୁଥିବା ଓ ଭାରତରେ ଜନ୍ମିତ କୌଣସି ବ୍ୟକ୍ତିଙ୍କର ପୂର୍ବପୁରୁଷ ଯଦି ୟୁରୋପୀୟ ହୋଇଥିବେ, ତେବେ ସେ ଆଙ୍ଗ୍ଲୋଇଣ୍ଡିଆନ ବୋଲି ବିବେଚିତ ହେବେ।

ସପ୍ତଦଶ ଶତାବ୍ଦୀରେ ଇଂରେଜ ଓ ଅନ୍ୟାନ୍ୟ ୟୁରୋପୀୟ ଭାରତକୁ ଆସି ଭାରତୀୟ ମହିଳାମାନଙ୍କୁ ବିବାହ କଲେ। ସେମାନଙ୍କର ସନ୍ତାନସନ୍ତତିଙ୍କୁ ୟୁରୋପୀୟ କୁହାଯାଉଥିଲା। ଅନେକ ୟୁରୋପୀୟ ସେନାପତି ଓ ଉଚ୍ଚବର୍ଗର କର୍ମଚାରୀ, ସମ୍ଭ୍ରାନ୍ତ ଭାରତୀୟ ପରିବାରରେ, ସାଧାରଣ କର୍ମଚାରୀ ଓ ସୈନିକମାନେ ସାଧାରଣ ପରିବାରରେ ବିବାହ କରୁଥିଲେ। ସିପାହି ବିଦ୍ରୋହ ଓ ଇଂଲଣ୍ଡରୁ ବାଷ୍ପୀୟ ପୋତରେ ଯିବାଆସିବା ସୁବିଧା ବୃଦ୍ଧି ହେଲା ପରେ ଏ ପ୍ରକ୍ରିୟା ଏକପ୍ରକାର ବନ୍ଦ ହୋଇଗଲା। ଆଙ୍ଗ୍ଲୋଇଣ୍ଡିଆନମାନେ ନିଜକୁ ସାହେବ ମନେକରି, ୟୁରୋପୀୟମାନଙ୍କ ସଙ୍ଗେ ମିଳିମିଶି ଚଳିବାକୁ ଚାହୁଁଥିଲେ ମଧ୍ୟ ନିଛକ ୟୁରୋପୀୟମାନେ ସେମାନଙ୍କୁ ସାମାଜିକ ସ୍ତରରେ ଦୂରେଇ ରଖୁଥିଲେ। ଧର୍ମାନ୍ତରିତ ନୀଚବର୍ଗର ମହିଳାମାନେ ଅଧିକାଂଶ ଆଙ୍ଗ୍ଲୋଇଣ୍ଡିଆନ ପରିବାରର ହୋଇଥିବାରୁ ଉଚ୍ଚବର୍ଗର ହିନ୍ଦୁମାନେ ମଧ୍ୟ ସେମାନଙ୍କଠାରୁ ସାମାଜିକ ଦୂରତ୍ୱ ରକ୍ଷା କରୁଥିଲେ। ଫଳତଃ ଆଙ୍ଗ୍ଲୋଇଣ୍ଡିଆନମାନେ, ଏକ କ୍ଷୁଦ୍ର ସ୍ୱତନ୍ତ୍ର ଗୋଷ୍ଠୀଭାବେ ଗଢିଉଠିଲେ ଓ ଇଂରେଜ ସରକାର ସେମାନଙ୍କ ନିମନ୍ତେ ରେଳବାଇ, କଷ୍ଟମ୍, ପୋଲିସ ଓ ଚା ବଗିଚାମାନଙ୍କରେ ଚାକିରିର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ। ଇଂରାଜମାନଙ୍କର ଜୀବନଶୈଳୀକୁ ଅନୁକରଣ କରି ଶିକ୍ଷା ଉପରେ ବିଶେଷ ଧ୍ୟାନ ନ ଦେଇ ଏକ ଆମୋଦପ୍ରିୟ ଗୋଷ୍ଠୀ ଭାବରେ ଏମାନେ ବିଭିନ୍ନ ରେଳବାଇ କଲୋନୀ ଓ ସହରମାନଙ୍କରେ ଗୋଷ୍ଠୀଗତ ଜୀବନଯାପନ କରୁଥିଲେ। ସତ୍ୟସାଇ ବାବାଙ୍କର ବେଙ୍ଗାଲୁରୁ ପାର୍ଶ୍ୱରେ ଥିବା White Field ଏକଦା ଗୋଟିଏ ଆଙ୍ଗ୍ଲୋଇଣ୍ଡିଆନ କଲୋନୀ ଥିଲା। ଡେଭିଡ୍ ହ୍ୱାଇଟ୍ ନାମକ ଜଣେ ଆଙ୍ଗ୍ଲୋଇଣ୍ଡିଆନଙ୍କ ନାମରେ ଏହା White Field ଭାବେ ନାମିତ ହୋଇଛି।

ସ୍ୱାଧୀନତା ପରେ ଭାରତରେ ସେମାନେ ଆଉ କୌଣସି ବିଶେଷ ସୁବିଧା ପାଇପାରିବେ ନାହିଁ ବୋଲି ଉପଲବ୍ଧି କରି ପଞ୍ଚମ, ଷଷ୍ଠ ଓ ସପ୍ତମ ଦଶକରେ ଅନେକେ ଭାରତ ଛାଡି ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ କାନାଡ଼ା ଚାଲିଗଲେ। ଓଡ଼ିଶା ପୋଲିସରେ କେତେକ ଆଙ୍ଗ୍ଲୋଇଣ୍ଡିଆନ ଅଫିସର ଥିଲେ। ସେମାନେ ସମସ୍ତେ ବର୍ତ୍ତମାନ କାନାଡ଼ାରେ ବସବାସ କରୁଛନ୍ତି। ସ୍ୱାଧୀନତା ପରେ ଆଙ୍ଗ୍ଲୋଇଣ୍ଡିଆନ ଝିଅମାନେ କନ୍‌ଭେଣ୍ଟ ସ୍କୁଲ ଶିକ୍ଷୟିତ୍ରୀ, ନର୍ସ, ଏୟାରହୋଷ୍ଟେସ ଓ କର୍ପୋରେଟ ଅଫିସରେ ଅଭ୍ୟର୍ଥନାକାରିଣୀ ଆଦି ଚାକିରି ପାଉଥିଲେ କିନ୍ତୁ ପୁଅମାନେ ପ୍ରତିଯୋଗିତାମୂଳକ ବ୍ୟବସ୍ଥାକୁ ମୁକାବିଲା କରିପାରିଲେ ନାହିଁ। ସେମାନଙ୍କ ମୁଖରେ ପିଲାଦିନୁ ପୂରାହୋଇଛି ଇଂଲଣ୍ଡ ତୁମର ପିତୃଭୂମି। ସେମାନେ ଚାହିଁଲେ ଘରବାହୁଡ଼ା। କେତେକ କର୍ମକ୍ଷେତ୍ରରେ ଏଇ ଶ୍ୱେତବର୍ଣ୍ଣା ଲଳନାମାନଙ୍କର ଖୋଲାମେଲା ସ୍ୱଭାବର ଫାଇଦା ଉଠାଇବାକୁ ସହକର୍ମୀ ଓ ଉପରିସ୍ଥ କର୍ମଚାରୀ ଚାହିଁଲେ। ଅନେକ ଭାରତୀୟ ପୁରୁଷଙ୍କର ଗୋରା ଚମଡ଼ା ପ୍ରତି ବଡ଼ ଦୁର୍ବଳତା। ଆଙ୍ଗ୍ଲୋଇଣ୍ଡିଆନ ଝିଅମାନେ ସୁରକ୍ଷିତ ରହିଲେ ନାହିଁ। ବହୁସଂଖ୍ୟାରେ ବିଦେଶ ଗମନ ହେତୁ ସେମାନଙ୍କ କଲୋନୀଗୁଡ଼ିକରେ ଜନସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇଲା। ବର୍ତ୍ତମାନ ସେ କଲୋନୀଗୁଡ଼ିକରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ଅଧିକ ଓ ଅନେକ ଅଣ–ଆଙ୍ଗ୍ଲୋଇଣ୍ଡିଆନ ବାସ କରୁଛନ୍ତି। ଆମ ଓଡ଼ିଶାରେ ଖୋର୍ଦ୍ଧାରୋଡ ଓ ଝାରସୁଗୁଡାରେ ଏଇପରି ଦୁଇଟି କଲୋନୀରେ ଆଙ୍ଗ୍ଲୋଇଣ୍ଡିଆନ ବାସ କରୁଥିଲେ। ଆଙ୍ଗ୍ଲୋଇଣ୍ଡିଆନମାନଙ୍କର ଏ ପରିବର୍ତ୍ତିତ ଜୀବନ କାହାଣୀ ସମ୍ବନ୍ଧରେ କଲିକତାର ଚଳଚ୍ଚିତ୍ର ପ୍ରଯୋଜକ ଅପର୍ଣ୍ଣା ସେନ 36 chowrangee Lane ନାମକ ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ।

କେତେଜଣ ଆଙ୍ଗ୍ଲୋଇଣ୍ଡିଆନ ଉଚ୍ଚପଦାସୀନ ହୋଇପାରିଛନ୍ତି। ଆକାଶବାହିନୀର ଦୁଇଜଣ ପୂର୍ବତନ ମୁଖ୍ୟ ଓ ନୌବାହିନୀର ଦୁଇଜଣ ପୂର୍ବତନ ମୁଖ୍ୟ ଏହି ଗୋଷ୍ଠୀର। ଜଣେ ଆଙ୍ଗ୍ଲୋଇଣ୍ଡିଆନ ଓଡ଼ିଶାର ପ୍ରମୁଖ ଶାସନ ସଚିବ (ଏ.କେ. ବାରେନ) ପଦ ଅଳଙ୍କୃତ କରିଥିଲେ ଓ ବର୍ତ୍ତମାନର ପାର୍ଲାମେଣ୍ଟର ନେତା ଡେରେକ ଓବ୍ରାଇନଙ୍କ ଜେଜେବାପା ଓ.ପି. ଓବ୍ରାଇନ ରେଭେନ୍ସା କଲେଜରେ ଇଂଲିଶ ବିଭାଗର ଅଧ୍ୟାପକ ଥିଲେ। ମାଡ୍ରାସ ପୋଲିସରେ ଦୁଇଜଣ ସ୍ୱାଧୀନତା ପରର ପୂର୍ବତନ ମୁଖ୍ୟ ଏଇ ଗୋଷ୍ଠୀର। ସେମାନଙ୍କ ମଧ୍ୟରୁ କେତେଜଣ ପରିଣତ ବୟସରେ ନିଜ ପିଲାମାନଙ୍କ ସାଙ୍ଗରେ ରହିବାକୁ ଅଷ୍ଟ୍ରେଲିଆ, କାନାଡା ଚାଲି ଯାଇଛନ୍ତି।

ସତୁରି ଦଶକ ପରେ ପରିସ୍ଥିତିରେ ପରିବର୍ତ୍ତନ ଘଟିଲା। ଦେଶାନ୍ତରୀ ହୋଇଥିବା ବ୍ୟକ୍ତିମାନେ ବିଦେଶରେ କର୍ମସଂସ୍ଥାନ ପ୍ରାପ୍ତ ହେଲେ ମଧ୍ୟ ସାମାଜିକ ସ୍ୱୀକୃତି ପାଇପାରିଲେ ନାହିଁ। ଗୋଷ୍ଠୀର ନେତା ଫ୍ରାଙ୍କ୍ ଆନ୍ଥୋନୀ ଆଙ୍ଗ୍ଲୋଇଣ୍ଡିଆନମାନଙ୍କୁ ଭାରତକୁ ନିଜର ମାତୃଭୂମି ଭାବେ ଗ୍ରହଣ କରି ଏଠିକାର ଜୀବନପ୍ରବାହ ସହିତ ନିଜକୁ ମିଶାଇବାକୁ ପ୍ରବର୍ତ୍ତାଇଲେ ଓ ଆମୋଦପ୍ରମୋଦର ଜୀବନ ଅପେକ୍ଷା, ଶିକ୍ଷା ଲାଭ କରି ପ୍ରତିଯୋଗିତାମୂଳକ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ପରାମର୍ଶ ଦେଲେ। ବର୍ତ୍ତମାନ ଏଇ ଗୋଷ୍ଠୀର ବ୍ୟକ୍ତିମାନେ ଶିକ୍ଷାଲାଭ କରିବାକୁ ଚେଷ୍ଟିତ। ଇଂଲିଶ ମାଧ୍ୟମ ସ୍କୁଲ ସବୁ ବୃଦ୍ଧି ହେବା ଫଳରେ ଇଂଲିଶ ଶିକ୍ଷକ/ଶିକ୍ଷୟିତ୍ରୀ ଭାବରେ ଏମାନଙ୍କର ଚାହିଦା ବୃଦ୍ଧି ପାଇଛି। ଭାରତୀୟ ଯୁବତୀଯୁବକମାନେ ପାଶ୍ଚାତ୍ୟ ବେଶପୋଷାକ, ଖାଦ୍ୟ, ନୃତ୍ୟ ଓ ସଙ୍ଗୀତ ପ୍ରତି ଆକୃଷ୍ଟ ହେବା ହେତୁ, ଆଙ୍ଗ୍ଲୋଇଣ୍ଡିଆନ ଓ ମୂଳ ଭାରତୀୟମାନଙ୍କ ମଧ୍ୟରେ ଦୂରତ୍ୱ ହ୍ରାସ ପାଇଛି। ଆଙ୍ଗ୍ଲୋଇଣ୍ଡିଆନ ଝିଅ ଭାରତୀୟ ଖ୍ରୀଷ୍ଟିଆନଙ୍କୁ ବିବାହ କଲେ ଆଗରୁ ସେମାନଙ୍କୁ ସାମାଜିକ ବାସନ୍ଦ କରାହେଉଥିଲା। ବର୍ତ୍ତମାନ ସେମାନଙ୍କୁ ସାମାଜିକ ସ୍ତରରେ ଗ୍ରହଣ କରାଯାଉଛି।

ସେମାନଙ୍କର ସଂଖ୍ୟା ଦେଶରେ ପ୍ରାୟ ଚାରିଲକ୍ଷ ହେବ ବୋଲି ସେମାନେ ଦାବି କରୁଥିବା ବେଳେ, ୨୦୧୧ ଜନଗଣନାରେ ସେମାନଙ୍କ ସଂଖ୍ୟା ମାତ୍ର ୨୯୬ ବୋଲି ଦର୍ଶାଯାଇଛି। ସ୍ୱତନ୍ତ୍ର ଗୋଷ୍ଠୀଗତ ଗଣନା ହେଲେ ପ୍ରକୃତ ସଂଖ୍ୟା ଜଣାଯିବ। ଆଙ୍ଗ୍ଲୋଇଣ୍ଡିଆନମାନେ ବର୍ତ୍ତମାନ ଭାରତକୁ ଆପଣେଇ ନେଲେଣି। ନିଜକୁ ଦେଶରେ ସୁରକ୍ଷିତ ମନେକରୁଛନ୍ତି ଓ ଆଉ ବିଦେଶକୁ ପିତୃଭୂମି ମନେକରି ଯିବାକୁ ଉଦ୍ୟମ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ୨୦୧୩ରେ ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଉଦ୍ୟମ କରିଥିଲା। ମନ୍ତ୍ରଣାଳୟ ମତରେ ଏହି ଗୋଷ୍ଠୀ ସହରାଞ୍ଚଳରେ ବାସ କରେ, ଶିକ୍ଷା ଦିଗରେ ଅନଗ୍ରସର ଓ ଆତ୍ମପରିଚୟ ବିଷୟରେ ସନ୍ଦିହାନ।

ଯେଉଁ ଆଙ୍ଗ୍ଲୋଇଣ୍ଡିଆନମାନେ ଭାରତରେ ଜନ୍ମ ହୋଇଥିଲେ, ଭାରତରେ କର୍ମଜୀବନ ବିତାଇଥିଲେ ଓ ପରେ ଦେଶାନ୍ତରୀ ହେଲେ, ସେମାନେ ଆଉ ଅଳ୍ପ କିଛି ବର୍ଷ ପରେ ଧରାପୃଷ୍ଠରେ ନ ଥିବେ। ଭାରତରୁ ଯେଉଁମାନେ ଚାଲିଯାଇ ପାରିବେ, ସେମାନେ ଚାଲିଯିବେ ଓ ଯିଏ ରହିଯିବେ, ସେମାନେ ଭାରତୀୟ ଖ୍ରୀଷ୍ଟିଆନମାନଙ୍କ ସଙ୍ଗେ କାଳକ୍ରମେ ମିଶିଯିବେ। ଇଂରେଜ ରକ୍ତର ଧାରା କ୍ଷୀଣରୁ କ୍ଷୀଣତର ହେବ ଓ ଭାରତୀୟ ରକ୍ତର ଧାରା ସେମାନଙ୍କ ଧମନୀରେ ପ୍ରବାହିତ ହେବ। ଆଙ୍ଗ୍ଲୋଇଣ୍ଡିଆନ ନାମ କିଛି ବର୍ଷ ପରେ ବିସ୍ମୃତି ଗର୍ଭରେ ଲୀନ ହେବ। ଇଷ୍ଟଇଣ୍ଡିଆ କମ୍ପାନୀ ସମୟର ବିଭିନ୍ନ ଇଂଲିଶ ଲୋକଙ୍କର କବର ଭଳି ଦେଶାନ୍ତରୀ ହୋଇଥିବା ବ୍ୟକ୍ତିମାନଙ୍କର ପିତୃପୁରୁଷଙ୍କ କବର ମଧ୍ୟ ଅବହେଳିତ ହୋଇ ସ୍ମୃତିପଟରୁ ବିଲୀନ ହେବ।

ମୋ– ୯୯୩୭୪୨୨୫୨୧

# ଆଦିବାସୀ ଅଞ୍ଚଳରେ ଶିକ୍ଷା

ସବ୍ୟସାଚୀ ଅମିତାଭ

ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ଗତି କୁଆଡେ। ସରକାର କହୁଛନ୍ତି, ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ହେଲେ ଆଦିବାସୀବହୁଳ ଜିଲାଗୁଡ଼ିକରେ ଶିକ୍ଷାର ବାସ୍ତବ ଚିତ୍ର କିନ୍ତୁ ପୂରାପୂରି ଓଲଟା। କିଛିଦିନ ତଳେ ରାୟଗଡ଼ାର ଏକ ଆଦିବାସୀ ଗାଁକୁ ଯିବାର ସୁଯୋଗ ମିଳିଥିଲା। ଜାଗାଟି ହେଉଛି ବଣପାହାଡ଼ଘେରା ଅଞ୍ଚଳ। ଏଠାରେ ରହିଥିବା ସ୍କୁଲଟି ହେଉଛି ଶେଖାଲ ପ୍ରାଥମିକ ସ୍କୁଲ। ଜିଲା ସଦରମହକୁମାଠାରୁ ସ୍ଥାନଟିର ଦୂରତା ପ୍ରାୟ ୧୫ କିମି। ୧୯୨୬ ମସିହାରେ ପ୍ରତିଷ୍ଠିତ ସ୍କୁଲଟିର ଏବେ ଜରାଜୀର୍ଣ୍ଣ ଅବସ୍ଥା। ୧୯୮୭ରେ ସ୍କୁଲଟି ୪୦ ଆସନ ବିଶିଷ୍ଟ ଆବାସିକ ସ୍କୁଲରେ ପରିଣତ ହୋଇଥିଲା। ଏବେ ପିଲାଙ୍କ ସଂଖ୍ୟା ୮୧। ଆଖପାଖ ୪–୫ଟି ପଞ୍ଚାୟତର ପିଲା ଏଇ ସ୍କୁଲ ହଷ୍ଟେଲରେ ରହି ପଢ଼ନ୍ତି। ଖାଇବା ପାଇଁ ଦିନକୁ ତିନି ବେଳା ମିଲ୍। ସ୍କୁଲର ଶିକ୍ଷକ ତିନି ଜଣ । ଡାଇନିଙ୍ଗ ହଲ୍ କଥା ଛାଡନ୍ତୁ, ପିଲାଙ୍କ ପାଇଁ ଶୌଚାଳୟଟିଏ ବି ସ୍ୱପ୍ନ। ରାଜ୍ୟର ଅନ୍ୟ ଆଦିବାସୀ ଅଞ୍ଚଳର ସ୍କୁଲଗୁଡ଼ିକର ଚିତ୍ର କିପରି ହୋଇଥିବ ତାହା ଏହି ସ୍କୁଲ୍‌କୁ ଦେଖି ଅନୁମାନ କରିହେଉଛି।

ଶେଖାଲ୍ ପ୍ରାଥମିକ ସ୍କୁଲଠାରୁ କେଇ କିମି ଦୂରରେ ରହିଛି ଗୋଟିଏ ଗାଁ ରାଣାଗୁଡ଼ା। ନାଗାବଳୀ ନଦୀ ଡେଇଁ ଗାଁକୁ ଯିବାକୁ ପଡ଼େ। ୩୫ଟି କନ୍ଧ ପରିବାରକୁ ନେଇ ଏଇ ଗାଁ। ଏଠାରେ ବି ଗୋଟିଏ ପ୍ରାଥମିକ ସ୍କୁଲ ଥିଲା। ପିଲାସଂଖ୍ୟା ମାତ୍ର ୨ ହୋଇଥିବାରୁ ନିକଟରେ ଏଇ ସ୍କୁଲକୁ ବନ୍ଦ କରିଦିଆଯାଇଛି। ୨୦୧୮ରେ ରାଜ୍ୟର ୮୨୮ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ବନ୍ଦ ହୋଇଯାଇଛି, କାରଣ ଏଇ ସବୁ ସ୍କୁଲରେ ପିଲାସଂଖ୍ୟା ୧୦ରୁ କମ୍। କମ୍ ପିଲା କାରଣରୁ ବନ୍ଦ ହୋଇଥିବା ରାଣାଗୁଡା ସ୍କୁଲ ହୁଏ ତ ଓଡିଶାରେ ପ୍ରଥମ ନୁହେଁ। କିନ୍ତୁ ଏହା ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଥିବା ଫାଙ୍କଟିକୁ ସାମ୍ନାକୁ ଆଣୁଛି।

ରାୟଗଡା ହେଉ କି କନ୍ଧମାଳ ପରି ଆଦିବାସୀ ତଥା ମାଓବାଦୀ ପ୍ରଭାବିତ ଅଞ୍ଚଳର ପିଲାମାନଙ୍କୁ ଆବାସିକ ସ୍କୁଲରେ ରଖି ପଢ଼ାଇବା ପାଇଁ ଜୋର ଦିଆଯାଉଛି। ଏହି ଦୁର୍ଗମ ଅଞ୍ଚଳଗୁଡ଼ିକରେ ଶିକ୍ଷା ସୁବିଧା ଉପଲବ୍ଧ କରାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ଏପରି କି ଯେଉଁ ପିଲାମାନେ ଅଧାରୁ ପାଠ ଛାଡିଛନ୍ତି ସେମାନଙ୍କୁ ପୁଣି ଥରେ ସ୍କୁଲ ସହ ଯୋଡ଼ିବା ପାଇଁ ଅନେକ ବ୍ୟବସ୍ଥା ବି ରହିଛି। ହେଲେ ଏହି ଯୋଜନା ସବୁ ସଫଳ ନ ହେବାର ଏକମାତ୍ର କାରଣ ହେଲା, ଆଦିବାସୀ ଇଲାକାରେ ଶିକ୍ଷା ବିକାଶ ପାଇଁ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କ ଆନ୍ତରିକତାର ଅଭାବ ଓ ଅଣଦେଖା ମନୋବୃତ୍ତି।

ଆଦିବାସୀବହୁଳ ଇଲାକାରେ ଥିବା ସରକାରୀ ପ୍ରାଥମିକ ସ୍କୁଲକୁ ପିଲା କ'ଣ ପାଇଁ ଆସୁନାହାନ୍ତି ତାହାର କାରଣ କେହି ଖୋଜୁ ନାହାନ୍ତି। ପିଲା କିପରି ସ୍କୁଲମୁହାଁ ହେବେ ସେ ନେଇ ବି ପଦକ୍ଷେପ ନିଆଯାଉନି। ଉପରଠାଉରିଆ ଭାବେ କାଗଜକଲମରେ କାମ ସାରିଦେଉଛନ୍ତି ସମସ୍ତେ। ଯଦି ଗତବର୍ଷର ତଥ୍ୟ ଅନୁଧ୍ୟାନ କରାଯାଏ, ଜଣାପଡ଼େ ଅର୍ଥନୈତିକ ସ୍ତରରେ ପଛୁଆ ତଥା ଖଣିଜ ସମ୍ପଦ ଭରପୂର ରାୟଗଡ଼ା ଜିଲାରେ ୧୨୪ଟି ସରକାରୀ ସ୍କୁଲ ବନ୍ଦ ହୋଇଯାଇଛି। ସେହିପରି ଆଉ ୨୬୮ଟି ସ୍କୁଲ ଚିହ୍ନଟ କରାଯାଇଛି, ଯାହାକୁ ଆଗାମୀ ଦିନରେ ବନ୍ଦ କରିଦିଆଯିବ। ଏପଟେ କନ୍ଧମାଳରେ ବି ୧୦୧ଟି ସରକାରୀ ସ୍କୁଲରେ ତାଲା ପଡ଼ିଗଲାଣି। ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ଏକ କିଲୋମିଟର ଦୂରରେ ଥିବା ପ୍ରାଥମିକ ସ୍କୁଲ ଅବା ତିନି କିଲୋମିଟର ଦୂରରେ ଥିବା ଉଚ୍ଚପ୍ରାଥମିକ ସ୍କୁଲରେ ମିଶ୍ରଣ ପାଇଁ ସରକାର କିଛି ବର୍ଷ ତଳେ ନୀତିଗତ ନିଷ୍ପତ୍ତି ନେଇଥିଲେ।

ଯେଉଁ ଆଦିବାସୀ ଅଞ୍ଚଳରେ ସାକ୍ଷରତା ହାର କମ୍ ରହିଛି ସେହି ଅଞ୍ଚଳରେ ଆଦିବାସୀ ଆବାସିକ ସ୍କୁଲ ପ୍ରତିଷ୍ଠା ସରକାରୀ ଯୋଜନାର ଅଂଶବିଶେଷ। ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ମୋଟ ସାକ୍ଷରତା ହାର ୭୨.୮୭ ପ୍ରତିଶତ ଥିବାବେଳେ ସେଇ ତୁଳନାରେ ତଫସିଲଭୁକ୍ତ ଜନଜାତିଙ୍କ ସାକ୍ଷରତା ହାର ରହିଛି ୫୨.୨୪ ପ୍ରତିଶତ।

ଯଦି ଆମେ ତୃଣମୂଳ ସ୍ତରରେ ଶିକ୍ଷାର ପ୍ରକାରଭେଦକୁ ପରଖିବା, ତାହାହେଲେ ଦେଖିବା ହାଇସ୍କୁଲରୁ ଆଶ୍ରମ ସ୍କୁଲ ଯାଏ ମୌଳିକ ଶିକ୍ଷା ସେବାଶ୍ରମଗୁଡିକ ପ୍ରାଥମିକ ଶିକ୍ଷାର ଅଂଶବିଶେଷ। ଏହାଛଡ଼ା କେନ୍ଦ୍ର ସରକାରଙ୍କ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କିଛି ସ୍ଥାନରେ ରହିଛି। ଗୋଟିଏ ପଟେ ସରକାରୀ ସେବାଶ୍ରମ ବା ଆଦିବାସୀ ସ୍କୁଲ ଅବସ୍ଥା ଦୁର୍ବଳ ହେଉଥିବା ବେଳେ ଘରୋଇ ଆବାସିକ ସ୍କୁଲଗୁଡ଼ିକ ମୋଟା ହେବାରେ ଲାଗିଛନ୍ତି। ବ୍ୟବସ୍ଥାରେ ଥିବା ଦୁର୍ବଳତାରୁ ଫାଇଦା ନେଇ ଏହି ଘରୋଇ ଆବାସିକ ଅନୁଷ୍ଠାନଗୁଡିକ ଦ୍ରୁତବେଗରେ ବଢ଼ିବାରେ ଲାଗିଛନ୍ତି। ଏମାନେ ଲୋଭିଲା ପ୍ରତିଶ୍ରୁତି ଦେଖାଇ ନିରୀହ ଆଦିବାସୀ ପିଲାମାନଙ୍କୁ ନିଜ ସଂସ୍ଥାଗୁଡ଼ିକରେ ଭର୍ତ୍ତି କରୁଛନ୍ତି। ସରକାର ସବୁ ଜାଣି ବି ଚୁପ୍ ବସୁଛନ୍ତି। ନିଜ ଅନୁଷ୍ଠାନକୁ ମାରି ଘରୋଇ ଅନୁଷ୍ଠାନକୁ ପ୍ରୋତ୍ସାହନ ଦେଉଛନ୍ତି।

ସରକାର ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ, ରାଜ୍ୟର ପ୍ରାଥମିକ ସ୍କୁଲଗୁଡ଼ିକ ଭିତରୁ ପ୍ରାୟ ୮୫ ପ୍ରତିଶତ ସ୍କୁଲରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନାହିଁ। ସେହିପରି ୯୫ ପ୍ରତିଶତ ସ୍କୁଲରେ ପ୍ରତି ଶ୍ରେଣୀ ଲାଗି ଜଣେ ଲେଖାଏ ଶିକ୍ଷକ ନାହାନ୍ତି। ତଥ୍ୟ ଅନୁସାରେ, ରାଜ୍ୟରେ ୩୩,୩୧୮ଟି ପ୍ରାଥମିକ ସ୍କୁଲ ଥିବାବେଳେ ସେଥିରୁ ମାତ୍ର ୧୪୪୮ଟିରେ ପ୍ରତି ଶ୍ରେଣୀ ଲାଗି ଜଣେ ଲେଖାଏ ଶିକ୍ଷକ ଓ ୪୦୩୨ ସ୍କୁଲରେ ପ୍ରତି ଶ୍ରେଣୀ ଲାଗି ବଖରାଏ କରି ଶ୍ରେଣୀ ଗୃହ ରହିଛି। ଏଇ ଅବସ୍ଥା ଉଚ୍ଚ ପ୍ରାଥମିକ ସ୍କୁଲଗୁଡିକରେ। ରାଜ୍ୟରେ ୧୭,୬୯୬ ଉଚ୍ଚପ୍ରାଥମିକ ସ୍କୁଲ ଥିବାବେଳେ ସେଥିମଧ୍ୟରୁ ୫,୩୭୪ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ ଲେଖାଏ ଶିକ୍ଷକ ଓ ୫,୮୮୬ଟିରେ ପ୍ରତି ଶ୍ରେଣୀ ପାଇଁ ବଖରାଏ ଲେଖାଏ ଘର ରହିଛି। ଏହି ତଥ୍ୟଟି ମୋଟାମୋଟି ଆମ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପ୍ରତି ଏକ ସତର୍କ ଘଣ୍ଟି କହିଲେ ଭୁଲ୍ ହେବନି। କାରଣ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂଆ ରାହା ଦେବା ପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିବା ଦର୍ଶାଉଛନ୍ତି। ହେଲେ ସ୍ଥଳ ବିଶେଷରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ବାଟହୁଡ଼ା ଓ ବିପର୍ଯ୍ୟୟ ଆଡକୁ ମୁହାଁଇ ସାରିଲାଣି। ରାୟଗଡ଼ା ହେଉ କି କନ୍ଧମାଳ ଏ କେବଳ ଗୋଟେ ଗୋଟେ ଉଦାହରଣ ହୋଇପାରନ୍ତି ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସ୍ଥିତି ପରଖିବା ପାଇଁ, ହେଲେ ସାମଗ୍ରିକ ଭାବେ ଓଡ଼ିଶାରେ ପ୍ରାଥମିକ ଶିକ୍ଷା ଏବେ ଓଲଟା ଦିଗରେ ଗତିକଲାଣି।

ଭୁବନେଶ୍ୱର, ମୋ– ୯୪୩୮୨୯୬୫୧୯

## ଏଇ ଭାରତରେ

ବୁଢ଼ା ବୟସରେ ସନ୍ତାନମାନେ ସାହାରା ହୋଇଥାନ୍ତି। କିନ୍ତୁ ଜଣେ ବୃଦ୍ଧ ଅନ୍ୟ ଅସହାୟ ବୃଦ୍ଧଙ୍କ ପାଇଁ ଆଶାବାଡି ପାଲଟିବା କିଛି କମ୍ କଥା ନୁହେଁ। ପଶ୍ଚିମବଙ୍ଗର ହାଓଡା ଜିଲାନିବାସୀ ତୁଳସୀରାମ ମନ୍ତ୍ରୀ ୫୦୦ ବୃଦ୍ଧଙ୍କୁ ପ୍ରତିମାସରେ ରାଶନ ସାମଗ୍ରୀ ଯୋଗାଉଛନ୍ତି। ତୁଳସୀରାମଙ୍କୁ ଏବେ ବୟସ ୬୮। ଏ ବୟସରେ ସେ ସାଥୀମାନଙ୍କ ସହଯୋଗରେ ଏଭଳି ମହତ୍ ସେବା ଜାରି ରଖିଛନ୍ତି। ପ୍ରତି ମାସରେ ଏମାନେ ବୃଦ୍ଧମାନଙ୍କ ଘରେ ରାଶନ ସାମଗ୍ରୀ ପହଞ୍ଚାଉଛନ୍ତି। ୨୦୦୧ରେ ଛଗନଲାଲ ଭଡ଼କ ନାମକ ଜଣେ ବୃଦ୍ଧ ପ୍ରଥମେ ଏହି ଅଭିଯାନ ଆରମ୍ଭ କରିଥିଲେ ଓ ତାଙ୍କର ଏହି ମହତ୍ କାର୍ଯ୍ୟକୁ ଆଗକୁ ବଢାଇଛନ୍ତି ବୋଲି କୁହନ୍ତି ତୁଳସୀରାମ। ଆରମ୍ଭରୁ ଗୋଟିଏ ମାସରେ ୧୫ ଜଣ ବୃଦ୍ଧଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଉଥିଲା। ଧୀରେଧୀରେ ଏହା ବୃଦ୍ଧିପାଇ ଏବେ ୫୦୦ରେ ପହଞ୍ଚିଛି ଓ ଏମାନଙ୍କୁ ସେ ଜୀବନ ସାରା ରାଶନ ସାମଗ୍ରୀ ଯୋଗାଇଦେବା ପାଇଁ ଲାୟନ୍ସ କ୍ଲବ୍ ଅଫ୍ ଗ୍ରେଟର ବି–୨ ପକ୍ଷରୁ 'ଫୁଡ୍ ଫର୍ ଲାଇଫ୍' ଯୋଜନା ମଧ୍ୟ ଆରମ୍ଭ କରିଛନ୍ତି।

## ଚିରନ୍ତନୀ

ଦେଖିଲି ଗୋଧୂଳି କେତେ ନବ ନବ
ଦେଖିଲି ଛବି,
ମରମପୁଟରେ ନିଭିଲାଣି କେତେ
ନିମେଷେ ଜପଲି।
ବାଟେ ଘାଟେ ଯେତେ ଦେଖିଲି ସୁଷମା
ବଖାଣି ନୋହେ
ଯେତେ ରୂପେ ପ୍ରାଣ ପୂରିଲା ରସର
ପରାସ ଲଭି।
(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଜାନୁୟାରୀ ୧୯୯୫

- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ୍ ତାଙ୍କର ଜଣେ ବରିଷ୍ଠ ସହଯୋଗୀ ତଥା ଉପପ୍ରଧାନମନ୍ତ୍ରୀ ନିକୋଲାସ ୟେଗୋଚୋଭଙ୍କୁ ବହିଷ୍କାର କରିଛନ୍ତି।
- ପୁଞ୍ଜିବଜାରର ଶୃଙ୍ଖଳିତ ବିକାଶ ପାଇଁ କେନ୍ଦ୍ର ସରକାର ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)କୁ ଅତିରିକ୍ତ କ୍ଷମତା ପ୍ରଦାନ କରିଛନ୍ତି।

# ବର୍ଣ୍ଣବୋଧ: ଓଡ଼ିଆ ଭାଷାର ସଞ୍ଜୀବନୀ

ମନ–ମାନଚିତ୍ର

ଡ. ନରହରି ବେହେରା

ଶତାଧିକ ବର୍ଷକାଳ ଓଡ଼ିଆ ଭାଷା, ସାହିତ୍ୟ, ପରମ୍ପରା ଓ ସଂସ୍କୃତିକୁ ଯେଉଁ ଦୁଇଟି କ୍ଷୁଦ୍ର ପୁସ୍ତକ ବହୁଳ ଭାବରେ ପ୍ରଭାବିତ କରିଆସିଛି, ତାହା ହେଉଛି ବଳରାମ ଦାସଙ୍କର ଲକ୍ଷ୍ମୀପୁରାଣ ଓ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ। ଲକ୍ଷ୍ମୀପୁରାଣ ଘରେ ଘରେ ଆମ ପରମ୍ପରା ଓ ସାଂସ୍କୃତିକ ଚେତନାର ପ୍ରତୀକ ପାଲଟିଥିବାବେଳେ ପ୍ରତ୍ୟେକ ଓଡ଼ିଆପ୍ରାଣରେ ଓଡ଼ିଆ ଭାଷାର ସଞ୍ଜୀବନୀ ପରୁଥିବା ବର୍ଣ୍ଣବୋଧ ଆଜିପର୍ଯ୍ୟନ୍ତ ଉପଯୁକ୍ତ ମର୍ଯ୍ୟାଦା ଲାଭକରି ପାରିନାହିଁ। ୧୯୦୩ରୁ ୧୯୩୬ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ସାଧନା ପରେ ଭାଷାକୁ ଭିତ୍ତିକରି ଆମକୁ ସ୍ୱତନ୍ତ୍ର ରାଜ୍ୟଟିଏ ମିଳିଥିଲା। ଏହି ଭାଷାର ମୌଳିକ ଚେତନାକୁ ଉଜ୍ଜୀବିତ କରି ରଖିବା ପାଇଁ ଏହାପୂର୍ବରୁ ଯେଉଁ ଗ୍ରନ୍ଥଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲେ ତନ୍ମଧ୍ୟରେ ବର୍ଣ୍ଣବୋଧର ଭୂମିକା ଅନସ୍ୱୀକାର୍ଯ୍ୟ। ବର୍ଣ୍ଣବୋଧର ପ୍ରଥମ ପ୍ରକାଶ କାଳ ହେଉଛି ୧୮୯୫ ମସିହା। ଉତ୍କଳ ସମ୍ମିଳନୀ ଗଠନ ହେବାର ଆଠବର୍ଷ ପୂର୍ବରୁ ବର୍ଣ୍ଣବୋଧ ଆତ୍ମପ୍ରକାଶ ଲାଭ କରିଥିଲା। ସେତେବେଳେ ଏହା ଏତେ ଲୋକପ୍ରିୟ ହୋଇଥିଲା ଯେ ଗୋଟିଏ ବର୍ଷ ଭିତରେ ଅର୍ଥାତ୍ ୧୮୯୬ ମସିହା ବେଳକୁ ଏହାର ଷଷ୍ଠ ସଂସ୍କରଣ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷାକୁ ଆୟୁଧ କରି ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ପ୍ରାପ୍ତି ପାଇଁ ଯେଉଁ ମହାଯଜ୍ଞ ଆରମ୍ଭ ହୋଇଥିଲା ବର୍ଣ୍ଣବୋଧ ଥିଲା ତା'ର ଆଦ୍ୟ ଓଁକାର।

ସମୟର ବହୁ ପରିବର୍ତ୍ତନ ଘଟିଛି। ଆମେ ସ୍ୱତନ୍ତ୍ର ଓଡ଼ିଆ ଜାତି ଭାବରେ ପରିଚୟ ପାଇଛୁ। ଆଜି ବୈଷୟିକ କ୍ଷେତ୍ରରେ ବହୁ ଉନ୍ନତି ଘଟିଛି। ପାଶ୍ଚାତ୍ୟ ଶିକ୍ଷା ପ୍ରତି ଆମର ଅନ୍ଧାନୁସରଣ ବଢ଼ିଚାଲିଛି। ଅଧିକାଂଶ ଝିଅପୁଅ ବିଦେଶୀ ଭାଷା ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି। ତଥାପି ଓଡ଼ିଆ ଭାଷା, ସାହିତ୍ୟରୁ ବର୍ଣ୍ଣବୋଧ ସମ୍ପୂର୍ଣ୍ଣ ଅପସରି ଯାଇନାହିଁ। ମଧୁସୂଦନ ରାଓ ପିଲାଙ୍କ ପାଇଁ ଶିଶୁବୋଧ, କୁସୁମାଞ୍ଜଳି ପରି ବହୁ ବହି ଲେଖିଥିଲେ ମଧ୍ୟ ବର୍ଣ୍ଣବୋଧ ସର୍ବାପେକ୍ଷା ଚର୍ଚ୍ଚିତ ଏବଂ ବହୁଳ ପାଠକୀୟ ସ୍ୱୀକୃତି ଲାଭ କରିଥିବା ବହି। ଶତାଧିକ ବର୍ଷ ଧରି ବର୍ଣ୍ଣବୋଧ ଓଡ଼ିଆ ଭାଷା ସାହିତ୍ୟରେ ନିଜ ଆସନକୁ ଦୃଢ଼ ରଖିବାର ମୂଳ ତତ୍ତ୍ୱଟି ହେଉଛି ଶିଶୁର ମାନସିକତାକୁ ସୁହାଇଲା ଭଳି ଏଥିରେ ସରଳ ତରଳ ଭାବ ଓ ଭାଷାର ଅପୂର୍ବ ସମନ୍ୱୟ ଘଟିଛି। ପିଲାଟିଏ ନିଜକୁ ଚିହ୍ନିବାବେଳକୁ ଆଖପାଖରେ ଯେଉଁସବୁ ବସ୍ତୁଗୁଡ଼ିକୁ ଦେଖେ, ଯାହା ପ୍ରତି ଆଗ୍ରହ ପ୍ରକାଶ କରେ ମଧୁସୂଦନ ସେହିଗୁଡ଼ିକୁ ସଂଗ୍ରହକରି ବହିରେ ସ୍ଥାନିତ କରିଛନ୍ତି। ତେଣୁ ପିଲାଟିଏ ସେଗୁଡ଼ିକୁ ପଢ଼ିବାକୁ ବା ମନେରଖିବାକୁ ଆଦୌ କଷ୍ଟ ଅନୁଭବ କରେ ନାହିଁ। ଚକ, ଆଈ, ମୂଷା, ବିଲେଇ, ଛେଳି, ଗାଈ ପ୍ରଭୃତି ପ୍ରଚଳିତ ଶବ୍ଦକୁ ବର୍ଣ୍ଣବୋଧରେ ଯଥାସ୍ଥାନରେ ସ୍ଥାନିତ କରାଯାଇଛି। କେବଳ ସେତିକି ନୁହେଁ, ପିଲାମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ପଶୁପକ୍ଷୀ ସହିତ ପ୍ରକୃତିକୁ ଅତି ନିଖୁଣ ଭାବରେ ଚିତ୍ରିତ କରିଛନ୍ତି ଲେଖକ। କୋମଳମତି ଶିକ୍ଷାର୍ଥୀମାନଙ୍କୁ ଓଡ଼ିଆ ବର୍ଣ୍ଣ ବିଷୟରେ ଶିକ୍ଷାଦେବା ବର୍ଣ୍ଣବୋଧର ମୌଳିକ ଉଦ୍ଦେଶ୍ୟ ହୋଇଥିଲେ ମଧ୍ୟ ଏଥିରେ ପ୍ରକୃତି ଚିତ୍ରଣ, ଦେଶଭକ୍ତି, ସାମାଜିକ ଶିକ୍ଷା, ଆଧ୍ୟାତ୍ମିକ ଶିକ୍ଷା, ସ୍ୱାସ୍ଥ୍ୟଶିକ୍ଷା ପ୍ରଭୃତି ବହିଟିକୁ ନିଆରା ପରିଚୟ ଦେଇଛି। ''ପଶ୍ଚିମ ଦିଗରେ ବୁଡ଼ଇ ରବି, ଆହା କି ସୁନ୍ଦର ଲୋହିତ ଛବି। ବଡ଼ ହେଲେ ଆମେ ସୈନିକ ହେବା, ଦେଶ ଜାତି ଲାଗି ଜୀବନ ଦେବା। ଗୁରୁ ବ୍ରାହ୍ମଣ ପିତାମାତା, ସଭିଏଁ ଆମର ଦେବତା।'' ଏହିପରି ବହୁ ବାକ୍ୟ ଆଜି ଆପ୍ତବାକ୍ୟ ଭାବରେ ଓଡ଼ିଶାର ପୁରପଲ୍ଲୀରେ ପ୍ରଚଳିତ ହେଉଛି।

### ବର୍ଣ୍ଣବୋଧ ଦିବସ ଉପଲକ୍ଷେ

ଜଣେ ଅଣଓଡ଼ିଆ ହୋଇ ମଧ୍ୟ ମଧୁସୂଦନ ରାଓ ଓଡ଼ିଆ ଭାଷାକୁ ସୁସଂଗଠିତ କରିବା ଉଦ୍ଦେଶ୍ୟରେ ବର୍ଣ୍ଣବୋଧ ରଚନା କରି ଭାଷାର ଯେଉଁ ମୂଳଭିତ୍ତି ସ୍ଥାପନ କରିଥିଲେ ସେଥିପାଇଁ ଏ ଜାତି ତାଙ୍କୁ ଯେତେ ସମ୍ମାନ ଦେଲେ ବି କମ୍ ହେବ। ଆଜି କିନ୍ତୁ ଚିତ୍ରପଟ ବଦଳିଯାଇଛି। ମଧୁସୂଦନ ରାଓ ଯେଉଁ ବର୍ଣ୍ଣବୋଧ ରଚନା କରିଥିଲେ, ଆମେ ତାକୁ ଆମ ପାଣ୍ଡିତ୍ୟରେ ଖଣ୍ଡବିଖଣ୍ଡ କରିଦେବା ପାଇଁ ଅହରହ ଉଦ୍ୟମ କରିଛୁ। ମୂଳ ବହିର ନାଁ ମଧ୍ୟ ବଦଳାଇ ଦେଇଛୁ। ବହି ଉପରେ ମଧୁସୂଦନ ରାଓଙ୍କର ନାମ ବି ନାହିଁ। ଏହା ଜଣେ ସ୍ରଷ୍ଟାଙ୍କ ପ୍ରତି କେବଳ ଅପମାନ ନୁହେଁ, କପିରାଇଟ୍ ଆକ୍ଟ ବିଚାରରେ ଏହା ଏକ ଅପରାଧ ମଧ୍ୟ। ବର୍ଣ୍ଣବୋଧ ସଂଶୋଧନ ମାମଲାର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏହାକୁ ସଂଶୋଧନ କରାଯାଇ ପାରିବ ନାହିଁ ବୋଲି ଦେଇଥିବା ରାୟ ସର୍ବଥା ସ୍ୱାଗତଯୋଗ୍ୟ, ମାତ୍ର ବ୍ୟବସାୟିକ ଲାଭ ଆଶାରେ ମୂଳ ବର୍ଣ୍ଣବୋଧର ନାମ ଓ ପାଠରେ ପରିବର୍ତ୍ତନ କରାଯିବା ସମ୍ପର୍କରେ କେହି କେବେ ଚିନ୍ତା କରିନାହାନ୍ତି। ଏ କଥା ମଧ୍ୟ ସ୍ୱୀକାର୍ଯ୍ୟ ଯେ ବର୍ଣ୍ଣବୋଧ ରଚନା ସମୟ ଏବଂ ବର୍ତ୍ତମାନ ସମୟ ମଧ୍ୟରେ ବହୁସାଂସ୍କୃତିକ ଏବଂ ସାମାଜିକ ଚଳଣିର ପରିବର୍ତ୍ତନ ଘଟିଲାଣି। ତେଣୁ ବର୍ଣ୍ଣବୋଧର ବର୍ଣ୍ଣ ସଂଯୋଜନା, ବିଷୟବସ୍ତୁ, ରଚନା ଭଙ୍ଗୀ ପ୍ରଭୃତିରେ ପରିବର୍ତ୍ତନର ଆବଶ୍ୟକତା ଅଛି। ମାତ୍ର ଯେତେ ଆବଶ୍ୟକତା ଥିଲେ ମଧ୍ୟ ଲେଖକଙ୍କର ଅନୁମତି ବିନା ଏହାକୁ ପରିବର୍ତ୍ତନ କରିବା ଆଇନବିରୁଦ୍ଧ। ସୁତରାଂ ମୂଳ ଲେଖାକୁ ଅକ୍ଷୁଣ୍ଣ ରଖି ପରିଶିଷ୍ଟରେ ସ୍ୱତନ୍ତ୍ର ଭାବରେ ଆଲୋଚନାପୂର୍ବକ ଆବଶ୍ୟକ ସଂଶୋଧନ ବା ପାଠ ଲେଖାଯିବାରେ କୌଣସି ଆପତ୍ତି ନାହିଁ। ମାତ୍ର ତାହା କରା ନ ଯାଇ ମୂଳ ବର୍ଣ୍ଣବୋଧକୁ ପରିବର୍ତ୍ତନ କରାଯିବା ସ୍ରଷ୍ଟାଙ୍କ ସୃଷ୍ଟିକୁ ହିଁ ଅପମାନ।

ଆନନ୍ଦର କଥା, କତିପୟ ସ୍ୱାଭିମାନୀ ଓଡ଼ିଆ ଓ ଭାଷା ପ୍ରତିଷ୍ଠାନ ବର୍ଣ୍ଣବୋଧକୁ ଅଧିକ ଲୋକାଭିମୁଖୀ ଓ ଏହାର ସ୍ରଷ୍ଟାଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ତାଙ୍କର ଜନ୍ମ ତାରିଖ ଜାନୁୟାରୀ ୨୯କୁ ବର୍ଣ୍ଣବୋଧ ଦିବସ ଭାବରେ ପାଳନ କରୁଛନ୍ତି। ଏହି ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହିତ ବର୍ଣ୍ଣବୋଧ ଓ ମଧୁସୂଦନ ରାଓଙ୍କ ଉପରେ ଆଲୋଚନା କରାଯାଇଥାଏ। ମାତ୍ର ଏ ପ୍ରୟାସକୁ ସରକାରୀ ସ୍ତରରେ ମଧ୍ୟ ଅଧିକ ପ୍ରସାର କରାଯିବା ଉଚିତ।

ଭଦ୍ରକ, ମୋ: ୭୯୭୮୯୦୩୫୦୯

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀହୀନ ନନ୍ଦନକାନନ

ମହାଶୟ,

ନନ୍ଦନକାନନ ପ୍ରାଣୀ ଉଦ୍ୟାନ କ୍ରମେ ଶ୍ରୀହୀନ ହେବାରେ ଲାଗିଛି। ହାତୀ, ଧଳାବାଘ, ଜେବ୍ରା, ମାଙ୍କଡ, ଜଳହସ୍ତୀ, ଶୁଆ ଓ କଳରାପତରିଆ ବାଘ ଇତ୍ୟାଦି ମୃତ୍ୟୁମୁଖରେ ପଡିଛନ୍ତି। ଏଥର ନୂଆବର୍ଷରେ ପଶୁପକ୍ଷୀମାନଙ୍କ ସଂଖ୍ୟା ଯଥେଷ୍ଟ ପରିମାଣରେ କମିଯିବା ହେତୁ ଦର୍ଶକମାନେ ପ୍ରାଣୀ ଉଦ୍ୟାନକୁ ନ ଆସି ଉଦ୍ଭିଦ ଉଦ୍ୟାନରେ ଭିଡ ଜମାଇଥିଲେ। ଏପରି ସମୟ ନ ଆସୁ– ଯାହା ଫଳରେ ନନ୍ଦନକାନନ ସବୁଦିନ ପାଇଁ ବନ୍ଦ ହୋଇଯିବ। ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶେଷଜ୍ଞଙ୍କ ସହାୟତାରେ ନନ୍ଦନକାନନର ଦୁର୍ଦ୍ଦଶାକୁ ଦୂର କରିବା ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟା କରିବା ଉଚିତ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ପିଆଜ ପରେ ଆଳୁ ଉପରେ ମାଡ଼

କେନ୍ଦ୍ରରେ ମୋଦି ସରକାର, ରାଜ୍ୟରେ ନବୀନ ସରକାର ଥିବାବେଳେ ବଜାରରେ ବଢୁଥିବା ଲଗାମଛଡା ଦରଦାମ ଉପରେ ସରକାରଙ୍କର ନିୟନ୍ତ୍ରଣ ନ ଥିଲା ଭଳି ମନେ ହେଉଛି। ଲୋକମାନେ ଦରଦାମ ବୃଦ୍ଧିରେ ଅତିଷ୍ଠ ହୋଇଗଲେଣି। ବର୍ତ୍ତମାନ ରାଜ୍ୟରେ ଆଳୁ ପିଆଜର ଦର ଯେପରି ହୁ ହୁ ହୋଇ ବଢିଚାଲିଛି ସେଥିରେ ସନ୍ତୁଳି ହେଉଛନ୍ତି ଗରିବ ଓ ବହୁକୁଟୁମ୍ବୀ ପରିବାର। ବର୍ତ୍ତମାନ ବଜାରରେ ଆଳୁ କିଲୋ ୩୫, ପିଆଜ ଦର ୬୦ ଉପରେ। ସରକାର ଦରଦାମ୍ ନିୟନ୍ତ୍ରଣ କରି ପାରୁନାହାନ୍ତି। ଫଳରେ ଦିନକୁ ଦିନ ଜନଅସନ୍ତୋଷ ବ୍ୟାପକ ହେଲାଣି। ସରକାର ଯଥାସମ୍ଭବ ଆଳୁ, ପିଆଜ ଦର କମାନ୍ତୁ। ନ ହେଲେ ପରିସ୍ଥିତି ଅସମ୍ଭାଳ ହୋଇ ଉଠିବ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 3 | | | | | | | | | 4 | | | | 6 |
| | | 4 | | A | E | | | | 3 | 5 | | 2 | | |
| | | B | | | 6 | 4 | | E | 9 | | | | | 7 |
| 5 | | | | | B | A | | | | | | | | |
| D | 6 | 2 | | | | | 8 | 9 | | | B | | | |
| 3 | | 0 | B | | 8 | | | 1 | 2 | | | | | E |
| | B | | | | | 3 | 4 | | E | | 5 | | | 9 |
| 2 | | | | | | | | | | | | | | |
| | | 9 | | | 7 | 8 | | | A | C | | 1 | | |
| | | | 0 | 2 | A | | | 7 | | 8 | | 6 | 3 | 5 |
| | | | | | D | 6 | 9 | | 4 | | A | 3 | 2 | |
| | 9 | | | | | B | | | D | 3 | | | 6 | |
| 1 | | 8 | | | | | 0 | 3 | | | 6 | 9 | 7 | 4 |
| A | 4 | 5 | | | | | | | B | | | | | |
| | | | 7 | | | 5 | 1 | D | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 4 | 5 | 9 | 6 | 7 | 8 | 3 | 0 | D | 1 | 2 | C | E | B |
| 1 | 8 | E | 4 | D | C | B | 7 | 9 | 0 | 6 | A | 5 | 3 | 2 |
| 9 | 3 | 7 | 5 | 8 | 0 | 2 | E | D | C | 4 | B | 1 | A | 6 |
| C | 0 | 6 | B | 3 | 2 | 1 | A | 5 | 7 | E | 8 | 9 | D | 4 |
| D | 2 | B | 1 | E | A | 4 | C | 6 | 5 | 9 | 3 | 0 | 8 | 7 |
| 6 | B | 1 | D | 9 | 8 | 3 | 4 | 2 | E | 0 | 7 | A | 5 | C |
| 4 | 9 | 2 | A | 1 | 3 | 5 | D | E | 8 | C | 6 | 7 | B | 0 |
| 0 | 5 | 8 | C | 7 | E | A | B | 1 | 9 | 3 | 4 | 6 | 2 | D |
| 3 | 7 | D | 0 | B | 4 | 6 | 9 | C | 2 | A | 5 | E | 1 | 8 |
| E | C | A | 2 | 5 | 6 | 7 | 0 | 8 | 1 | B | D | 3 | 4 | 9 |
| 8 | 1 | 4 | 7 | 2 | B | 0 | 6 | A | 3 | 5 | 9 | D | C | E |
| 7 | D | 0 | 3 | A | 5 | C | 8 | B | 6 | 2 | E | 4 | 9 | 1 |
| B | E | 3 | 8 | 0 | D | 9 | 1 | 4 | A | 7 | C | 2 | 6 | 5 |
| 2 | A | C | 6 | 4 | 9 | E | 5 | 7 | B | D | 1 | 8 | 0 | 3 |
| 5 | 6 | 9 | E | C | 1 | D | 2 | 3 | 4 | 8 | 0 | B | 7 | A |

ଗତକାଲିର ଉତ୍ତର



ଆଶା ଦୁଃଖକୁ ଡାକି ଆଣେ। ଆଶା ପରିତ୍ୟାଗ କଲେ, ସୁଖ ଶାନ୍ତି ମିଳେ।
- ବ୍ୟାସଦେବ



## ସଂକ୍ଷେପରେ

### କ୍ରୁଟ୍‌କୁ କର୍ପୋରେଟ ଆଇକନ୍ ପୁରସ୍କାର

**ଭୁବନେଶ୍ୱର, ୨୮।୧ (ବ୍ୟୁରୋ):** ମାଈ ସିଟି ଲିଙ୍କ୍ ତରଫରୁ କର୍ପୋରେଟ ଆଇକନ ପୁରସ୍କାର ୨୦୨୦ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)କୁ ଗ୍ରାହକ ସେବା ପାଇଁ ଶ୍ରେଷ୍ଠ ସଂସ୍ଥା ଭାବେ ପୁରସ୍କୃତ କରାଯାଇଛି। କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଆଇପିଏସ୍ ଅରୁଣ ବୋଥ୍ରା ଓ ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର ଏହି ଅବସରରେ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ସମ୍ବର୍ଦ୍ଧନା ପାଇଁ ଆଇପିଏସ୍ ବୋଥ୍ରା ମୋ ବସ୍ ଓ ମୋ ସାଇକେଲର ସମସ୍ତ ଯାତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କ୍ରୁଟ ଏକମାତ୍ର ସରକାରୀ ସଂସ୍ଥା ଯିଏ ଏହି ପୁରସ୍କାର ପାଇବାରେ ସଫଳ ହୋଇଛି।

### ବିମାନବନ୍ଦର ଛାତ ଭୁଶୁଡ଼ିବା ଘଟଣାର ସିବିଆଇ ତଦନ୍ତ ଦାବି




**ପୁରୁଣା ଭୁବନେଶ୍ୱର,୨୮।୧(ଡି.ଏନ୍.ଏ.)** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ଟର୍ମିନାଲ ଛାତ ଭୁଷୁଡିବା ଘଟଣାକୁ ସିବିଆଇ ତଦନ୍ତ ପରିସରଭୁକ୍ତ କରିବାକୁ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ଦାବି କରିଛି। ଏ ନେଇ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଭୁବନେଶ୍ୱର ସିବିଆଇ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ବିମାନ ବନ୍ଦରର ଟର୍ମିନାଲ-୧ ଓ ୨କୁ ସଂଯୋଗ ପାଇଁ ନିର୍ମାଣଧୀନ ଛାତ ଭୁଶୁଡି ପଡ଼ିବା ସହ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ନିମ୍ନମାନର କାର୍ଯ୍ୟ ସହ ସାଧାରଣ ନାଗରିକଙ୍କ ଟିକସ ଅର୍ଥ ହରିଲୁଟ୍ କରାଯାଉଥିବା ଏକାମ୍ର ଜନଜାଗରଣ ମଞ୍ଚ ଅଭିଯୋଗ କରିଛି। ଦାବିପତ୍ର ପ୍ରଦାନ ବେଳେ ମଞ୍ଚ ଅଧକ୍ଷ ଭୀଷ୍ମନାରାୟଣ ନାୟକଙ୍କ ସମେତ ଅନ୍ୟ ସମଦସ୍ୟମାନେ ଉପସ୍ଥିତ ଥିଲେ।

# ଖୋଜିଲେ ମିଳୁନି ଐତିହ୍ୟ ରାଜନଅର



**ପୁରୁଣା ଭୁବନେଶ୍ୱର,୨୮।୧(ଡି.ଏନ୍.ଏ.)**

## ରାଜ୍ୟ ପ୍ରତ୍ନତତ୍ତ୍ୱ ଓ ପର୍ଯ୍ୟଟନ ବିଭାଗର ଚରମ ଅବହେଳା

ଓଡ଼ିଶା ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ତଥା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସୂଚୀ ୧୫୨ରେ ସ୍ଥାନ ପାଇଥିବା ପୁରୁଣା ଭୁବନେଶ୍ୱରର ଐତିହ୍ୟ ରାଜନଅର ନିଜର ସ୍ଥିତି ହରାଇଛି। ଜବର ଦଖଲ ସହ କାଳକ୍ରମେ ଅବକ୍ଷୟ କାରଣରୁ ମାଟିରେ ମିଶି ଗଲାଣି। ରାଜନଅରକୁ ଏକ କ୍ରମିକ ସଂଖ୍ୟା ଦେଇ ପର୍ଯ୍ୟଟନ ବିଭାଗ ନିଜର ଦାୟିତ୍ୱ ସାରିଦେଇଛି। ବିଭିନ୍ନ ସ୍ଥାନରେ ଐତିହ୍ୟ ସୁରକ୍ଷା ଓ ପ୍ରଚାର ପ୍ରସାର ନେଇ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ମେଳା ମହୋତ୍ସବ ଆୟୋଜିତ ହେଉଛି। ହେଲେ ସରକାର ଏହି ଐତିହ୍ୟସ୍ଥଳ ପ୍ରତି ଅବହେଳା କରୁଥିବା ଅଭିଯୋଗ ହେଉଛି।

କେନ୍ଦ୍ର ସରକାରଙ୍କ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଆମ୍‌ସାର ଆକ୍ଟଠାରୁ ଆରମ୍ଭ କରି ଏହାଠାରୁ ଅଧିକ କଡ଼ା ଆଇନ ଓଡ଼ିଶା ଆନ୍‌ସିଏଣ୍ଟ ମନ୍ୟୁମେଣ୍ଟ ପ୍ରିଜର୍ଭେଶନ ଆକ୍ଟ ୧୯୫୬ ରହିଛି। ଏଥିରେ ଭୂମି ଅଧିଗ୍ରହଣ, ନିୟମ ପ୍ରଣୟନ, ଐତିହ୍ୟ ଅଞ୍ଚଳରେ ଖନନ ଓ ନିର୍ମାଣ ସମ୍ବନ୍ଧୀୟ ନୀୟମ, ସଂରକ୍ଷିତ ଅଞ୍ଚଳ ରୂପେ ଘୋଷଣା ନିୟମ ତଥା ଐତିହ୍ୟ ସୁରକ୍ଷା ଓ ରକ୍ଷଣା ବେକ୍ଷଣ ନେଇ ଜେଲ ଓ ଜରିମାନା ପରି ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି। ପୂର୍ବରୁ ଏହି ନିୟମରେ ୫ହଜାର ଟଙ୍କା ଜରିମାନା ଓ ୩ମାସ ଜେଲ ଦଣ୍ଡାଦେଶ ବ୍ୟବସ୍ଥା ଥିଲା। ଏବେ ପରିବର୍ତ୍ତନ କରାଯାଇ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୭ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ବ୍ୟବସ୍ଥା ରହିଛି। କିନ୍ତୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ୨ଶହ ଫୁଟ ବ୍ୟବଧାନରେ ଅବସ୍ଥିତ ଏହି ଐତିହ୍ୟ ସ୍ଥଳର ସୁରକ୍ଷା ଦିଗରେ ଉପରୋକ୍ତ ଆଇନ୍‌କୁ କାର୍ଯ୍ୟକାରୀ କରାଯାଉନି। ଶକ୍ତିବିଭାଗ ଓ ବିଏମ୍‌ସି ପକ୍ଷରୁ ବିଜୁଳି ଓ ସଡ଼କ ବ୍ୟବସ୍ଥା କରାଯାଇଥିଲେ ମଧ ସୁରକ୍ଷା ଦିଗରେ କୌଣସି ଗୁରୁତ୍ୱ ଦିଆଯାଉନି। ଫଳରେ ଜବରଦଖଲରେ ରହିଥିବା ଏହି ରାଜନଅରର ପୂରା ରୂପ ବଦଳିଗଲାଣି। ଖୋଜିଲେ ବି ମିଳୁନି ଏହି ଐତିହ୍ୟ।

### ହାତ ଟେକିଦେଲା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ

ଏ ନେଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ସୁପରିଟେଣ୍ଡେଣ୍ଟ ସଂଘମିତ୍ର ଶତପଥୀ କୁହନ୍ତି, ଆମ ବିଭାଗରେ ମାନବ ସମ୍ବଳର ଅଭାବ ରହିଛି। ୧୫୨ ନମ୍ବର ସୂଚୀର ଗୁରୁତ୍ୱ ଆମେ ଅନୁଭବ କରିପାରୁଛୁ। ମାତ୍ର ଚିଠି ଲେଖି ଅନ୍ୟ ବିଭାଗ ସହଯୋଗରେ ସୁରକ୍ଷା ନେଇ ଆମେ ଅବଗତ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ପ୍ରଶାସନିକ ସ୍ତରରେ ଜବରଦଖଲ ହଟାଇବା ଓ ଏହାର ସୁରକ୍ଷା ନେଇ ବ୍ୟବସ୍ଥା କରାଗଲେ ଏହାର ପୁନରୁଦ୍ଧାର ହୋଇପାରିବ। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ନିର୍ଦ୍ଦିଷ୍ଟ ଭାବେ କୌଣସି ଐତିହ୍ୟ କୀର୍ତ୍ତିରାଜୀ ସ୍ଥଳରେ ପ୍ରୋହିବିଟେଡ଼ ଏରିଆ ଓ ରେଗୁଲେଟେଡ଼ ଏରିଆ ସ୍ଥିରୀକୃତ ହୋଇ ନ ଥିଲେ ମଧ ବଡିଏ ଏବଂ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଏସବୁର ସୁରକ୍ଷା ନେଇ ସତର୍କତା ପୂର୍ବକ ପଦକ୍ଷେପ ନେବାକୁ ବିଭିନ୍ନ ସମୟରେ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଠ ନିରମଳ ପାଣି ଗଙ୍ଗାଜଳ**
**ମୁଗୁନି ପଥର ପଡ଼ିଛି**
**କେତେ ଘଷିମାଜି ହଉଲୋ ସୁନ୍ଦରୀ**
**ତୋ ପାଇଁ ପୁରୁଷ ଝୁରୁଛି।**

ଝିଅଟି ଯଦି ନିଜକୁ ସୁନ୍ଦରୀ ବୋଲି ଭାବି ବେଶି ଫୁଲେଇ ହୁଏ, ତା'ହେଲେ ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଛିଗୁଲିଆ କଥା କୁହାଯାଉଥିବା ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲୀ, ତେଲ ଗଲେ ମିଳି**
**ପିଡ଼ିଆକୁ ଦେଲେ ଅଲଗା କରି।**

ତେଲ ସାଙ୍ଗରେ ପିଡିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲୀ ସଫାକରି ବାହାରକରେ, ସେତେବେଳେ ପିଡିଆ ଅଲଗା ହୋଇଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# 'ମାପ, ଓଜନ ଠକେଇ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ'

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

### ବୈଧ ମାପ ଏବଂ ଓଜନ ନିର୍ଦ୍ଦେଶାଳୟର ସମୀକ୍ଷା ବୈଠକ

ଅସାଧୁ ବ୍ୟବସାୟକୁ ରୋକିବା ତଥା ଖାଉଟିଙ୍କ ସୁରକ୍ଷା ପାଇଁ ରାଜ୍ୟରେ ବ୍ୟବସାୟ ପ୍ରତିଷ୍ଠାନ ଓ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ମାପ ଓ ଓଜନ ଠକେଇ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଏଥି ସହିତ ପେଟ୍ରୋଲ୍ ପମ୍ପଗୁଡ଼ିକରେ ମଧ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ମଙ୍ଗଳବାର ଅପରାହ୍ନରେ ବୈଧ ମାପ ଓ ଓଜନ (ଲିଗାଲ୍ ମେଟେରୋଲୋଜି) ନିର୍ଦ୍ଦେଶାଳୟ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ କହିଲେ ନିର୍ଦ୍ଦେଶାଳୟକୁ ଅଧିକ ସକ୍ରିୟ ଏବଂ କ୍ରିୟାଶୀଳ କରିବା ପାଇଁ ସମ୍ପୂର୍ଣ୍ଣ ଡିଜିଟାଇଜେଶନ୍ କରାଯିବ। ବିଭିନ୍ନ ପରୀକ୍ଷାଗାରଗୁଡ଼ିକର ଆଧୁନିକୀକରଣ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ କଡ଼ାକଡ଼ି ଭାବେ ଅନୁପାଳନ କରାଯିବ, ଯେପରି ଖାଉଟିମାନେ ସିଧାସଳଖ ଏହାର ଲାଭ ପାଇପାରିବେ। ଚଳିତ ବର୍ଷ ନିର୍ଦ୍ଦେଶାଳୟକୁ ବିଭିନ୍ନ ଫି' ଏବଂ ଫାଇନ୍‌ସ ଆଦାୟ ଧାର୍ଯ୍ୟଲକ୍ଷ୍ୟକୁ ପୂରଣ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ କିଛି ଜିଲାରେ କମ୍ ସଂଖ୍ୟକ ଯାଞ୍ଚ ହୋଇଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ସବୁ ଜିଲାରେ ବିଭାଗୀୟ କାର୍ଯ୍ୟାଳୟ ଓ ପରୀକ୍ଷାଗାର ପ୍ରତିଷ୍ଠା ପାଇଁ ଜମି ସମସ୍ୟା ଅଛି ତାହାକୁ ଦୂର କରିବା ପାଇଁ ତୁରନ୍ତ ସ୍ଥାନୀୟ ତହସିଲ୍‌ଦାର, ଜିଲାପାଳ ଏବଂ ଲୋକପ୍ରତିନିଧିଙ୍କ ସହିତ ସମନ୍ୱୟ ରକ୍ଷା କରି ଜମି ହାସଲ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଆଞ୍ଚଳିକ ସ୍ତରରେ ଥିବା ପରୀକ୍ଷାଗାର ଏବଂ କାର୍ଯ୍ୟାଳୟର ବିଭିନ୍ନ ଖାଲିଥିବା ପଦବୀଗୁଡ଼ିକ ଶୀଘ୍ର ପୂରଣ କରାଯିବ। ମନ୍ତ୍ରୀ ନିର୍ଦ୍ଦେଶାଳୟ ପରିଦର୍ଶନ କରିବା ଅବସରରେ କାର୍ଯ୍ୟାଳୟରେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ମାପ ଓ ଓଜନ ଯନ୍ତ୍ରପାତିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିସବୁ ପୁରାତନ ଯନ୍ତ୍ରପାତିକୁ ନେଇ ସେଠାରେ ଥିବା ମ୍ୟୁଜିୟମ୍‌ରେ ରଖାଯିବ ବୋଲି ମନ୍ତ୍ରୀ କହିଥିଲେ। ଏଥି ସହିତ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ପରିଷ୍କାର ରଖିବା ପାଇଁ ମନ୍ତ୍ରୀ କହିଥିଲେ। ସମୀକ୍ଷା ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ବୀରବିକ୍ରମ ଯାଦବ, ବୈଧ ମାପ ଓ ଓଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏସ୍.ଏନ୍. ଦାସଙ୍କ ସମେତ ରାଜ୍ୟର ସମସ୍ତ ଡେପୁଟି କଣ୍ଟ୍ରୋଲର, ଆସିଷ୍ଟାଣ୍ଟ କଣ୍ଟ୍ରୋଲର, ସିନିୟର ଇନ୍ସପେକ୍ଟର ଏବଂ ଇନ୍ସପେକ୍ଟରମାନେ ଉପସ୍ଥିତ ଥିଲେ।

# ତରୁଣକାନ୍ତି ମିଶ୍ର ପାଇଲେ ପ୍ରାଣନାଥ ସମ୍ମାନ

**ଖୋର୍ଦ୍ଧା ଅଫିସ,୨୮।୧**



### ପି.ଏନ୍. କଲେଜର ସାମ୍ବତ୍ସରିକ ଉତ୍ସବ

ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୧ତମ ସାମ୍ବତ୍ସରିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ପ୍ରଶାସକ ତରୁଣକାନ୍ତି ମିଶ୍ରଙ୍କୁ ଚଳିତବର୍ଷର ପ୍ରାଣନାଥ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବିଶିଷ୍ଟ ନାଟ୍ୟକାର ବିଜୟ ମିଶ୍ରଙ୍କୁ ମଞ୍ଜରୀ ଦେବୀ ସାହିତ୍ୟ ସମ୍ମାନ ଅନୁରୂପ ଭାବେ ପ୍ରଦାନ କରାଯାଇଛି। ବିଜୟ ମିଶ୍ର ଭାରତ ସ୍ୱାଧୀନତା କ୍ଷେତ୍ରରେ ପ୍ରାଣନାଥ ପଟ୍ଟନାୟକଙ୍କ ସମେତ ଅନ୍ୟ ସଂଗ୍ରାମୀଙ୍କ ଜୀବନୀ, ସାହସିକତା ସମ୍ପର୍କରେ ଆଲୋଚନା କରିଥିଲେ। ତରୁଣକାନ୍ତି ମିଶ୍ର ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ଯୁବପିଢ଼ିଙ୍କ ଭୂମିକା ଉପରେ ଟିପ୍ପଣୀ ଦେଇଥିଲେ। ମୁଖ୍ୟଅତିଥି ଅରୁଣ ସାହୁ କହିଥିଲେ, ସମାଜରେ ନୈତିକ ମୂଲ୍ୟବୋଧ ହଜିଯାଉଛି। ମହାବିଦ୍ୟାଳୟରେ ନୈତିକ ଶିକ୍ଷା ସହ ଯୁଗୋପଯୋଗୀ ଶିକ୍ଷାର ଆବଶ୍ୟକତା ରହିଛି। ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ। ୨୦୧୯-୨୦ ଶିକ୍ଷାବର୍ଷରେ ମହାବିଦ୍ୟାଳୟର ଶ୍ରେଷ୍ଠ ଗ୍ରାଜୁଏଟ ଏବଂ ବିଜ୍ଞାନ ବିଭାଗରେ ଶ୍ରେଷ୍ଟ ଗ୍ରାଜୁଏଟ ହୋଇ ଦୀପାରାଣୀ ମହାପାତ୍ର ମୁଖ୍ୟଅତିଥିଙ୍କଠାରୁ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ। କଳା ବିଭାଗରେ ଶ୍ରେଷ୍ଟ ଗ୍ରାଜୁଏଟ ସୁବ୍ରତ କୁମାର ମାର୍ଥା ଓ ବାଣିଜ୍ୟ ବିଭାଗରେ ଶ୍ରେଷ୍ଟ ଗ୍ରାଜୁଏଟ ଅଂଶୁମାନ ପଟ୍ଟନାୟକ ଅନୁରୂପ ଭାବେ ସ୍ୱର୍ଣ୍ଣପଦକ ପାଇଥିଲେ। ସେହିପରି କଳା ଓ ବିଜ୍ଞାନର ବିଭିନ୍ନ ବିଭାଗରେ ସର୍ବାଧିକ ନଂ. ରଖିଥିବା ଟପର, ଏନସିସି, ସ୍କାଉଟ୍ ଗାଇଡ଼ ଛାତ୍ରୀଛାତ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ୨୫ ବର୍ଷ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଜିଓଲୋଜି ଲାବ୍ ଆଟେଣ୍ଡାଣ୍ଟ ଏସ. କେ. ସରିଫ୍, ଇଲେକଟ୍ରୋନିକ୍ ଲାବ୍ ଆଟେଣ୍ଡାଣ୍ଟ ଭାଗୀରଥି ନାୟକ, ଭୂଗୋଳ ଲାବ୍ ଆଟେଣ୍ଡାଣ୍ଟ ପ୍ରଶାନ୍ତ କୁମାର ନାୟକ ଏବଂ ୪ର୍ଥ ଶ୍ରେଣୀ କର୍ମଚାରୀ ରଞ୍ଜିତ ନାୟକଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସୌଦାମିନୀ ଦାସ ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। କଲେଜର ମୁଖପତ୍ର ପ୍ରତୀକ ଏବଂ ବିଜ୍ଞାନ ପତ୍ରିକା ମଞ୍ଜରୀ ଉନ୍ମୋଚିତ ହୋଇଥିଲା। ଅଧାପକ ଶୁଭେନ୍ଦୁ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଉପାଧକ୍ଷ ମନୋରଞ୍ଜନ ସେନାପତି ଧନ୍ୟବାଦ ଦେଇଥିଲେ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 20 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ କରନ୍ତୁ।
ଅଗ୍ରିମ - 70,00,000/-,
ଭଡ଼ା- 70,000/- ।
ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ।
ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା
ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

See Color Display Classified on every Tuesday & Friday

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

REAL ESTATE SALE

GHARABARI
PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.:
9178500350

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମାଙ୍କଡ଼ଙ୍କ ଦୌରାତ୍ମ୍ୟ ଯୋଗୁ ବିହାରର ଏକ ଗାଁରେ ବିବାହ ବୟସ ଗଡ଼ିଯାଉଥିଲେ ମଧ ଯୁବତୀମାନେ ବିବାହ କରିପାରୁ ନାହାନ୍ତି। ଗାଁକୁ ବରଯାତ୍ରୀ ନେଇ ଆସିବାକୁ ବରପକ୍ଷ ଭୟ କରୁଛନ୍ତି। ସ୍ଥାନୀୟ ଭୋଜପୁର ଜିଲା ରତନପୁର ଗାଁରେ ଏଭଳି ସମସ୍ୟା ଦେଖାଦେଇଛି। ମାଙ୍କଡ଼ ପଲ ବିଭିନ୍ନ ଉତ୍ସବ ସ୍ଥଳରେ ପହଞ୍ଚି ଡିଆଁଡ଼େଇଁ ଆରମ୍ଭ କରି ଭଙ୍ଗାରୁଜା କରୁଥିବାରୁ ଭୟରେ ଲୋକେ ଗାଁରେ କୌଣସି ଭଲମନ୍ଦ କାର୍ଯ୍ୟକ୍ରମ ଅବା ପର୍ବ ପର୍ବାଣୀ ପାଳନ କରିବାକୁ ଅମଙ୍ଗ ହେଉଛନ୍ତି। ଲୋକେ ଏନେଇ ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ ମଧ ମାଙ୍କଡ଼ ସଂଖ୍ୟା ରୋକିବାରେ ପ୍ରଶାସନ ବିଫଳ ରହିଛି।

# ଆଇଏସ୍ଏସ୍‌ରେ ପ୍ରସ୍ତୁତ ହେଲା କୁକିଜ୍

**ହ୍ୟୁଷ୍ଟନ:** ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ (ଆଇଏସ୍ଏସ୍)ରେ ପ୍ରଥମ ଥର ପାଇଁ କୁକିଜ୍, ଚକୋଲେଟ୍ ଏବଂ ଚିପ୍ସ ପ୍ରସ୍ତୁତ କରାଯାଇଛି। ପୃଥିବୀ ପୃଷ୍ଠରୁ ପଠାଯାଇଥିବା କଞ୍ଚାମାଲକୁ ଉପଯୋଗ କରି ପ୍ରଥମ ଥର ପାଇଁ ଏପରି ସଫଳତା ପାଇଛନ୍ତି ମହାକାଶଚାରୀ। ଏଥିଲାଗି କିଛିମାସ ହେଲା ଜୋରସୋର ପ୍ରୟାସ ଜାରିରହିଥିଲା। ଚକୋଲେଟ୍ ପ୍ରସ୍ତୁତ କରିବାକୁ ଡିସେମ୍ବରରେ ସ୍ପେଶ୍ ଷ୍ଟେଶନକୁ ପଠାଯାଇଥିଲା ସ୍ୱତନ୍ତ୍ର ଓଭେନକୁ। ସ୍ୱତନ୍ତ୍ର ଜ୍ଞାନକୌଶଳରେ ନିର୍ମିତ ଏହି ଓଭେନ ଜିରୋ ଗ୍ରାଭିଟିରେ କାମ କରିପାରିବ। ଚକୋଲେଟ ପ୍ରସ୍ତୁତ କରିବାକୁ ୨ଘଣ୍ଟାରୁ ଅଧିକ ସମୟ ଲାଗିଛି ଏବଂ ଏହାର ସମସ୍ତ ଶ୍ରେୟ ନେଇଛନ୍ତ ଇଟାଲୀର ମହାକାଶଯାତ୍ରୀ ଲୁସା ପରମିଟାନୋ।

ସ୍ପେସ୍ ସେଣ୍ଟରରେ ମୋଟ ୫ଟି ଚକୋଲେଟ୍ ପ୍ରସ୍ତୁତ କରାଯାଇଛି। ଏଥିଲାଗି ଆବଶ୍ୟକ କଞ୍ଚାମାଲ ହିଲ୍‌ଟନ ହୋଟେଲ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ମହାକାଶ କେନ୍ଦ୍ରରେ ପ୍ରସ୍ତୁତ କରାଯାଇଥିବା ଚକୋଲେଟ ଅବିକଳ ପୃଥିବୀରେ ମିଳୁଥିବା ଚକୋଲେଟ ପରି ହୋଇଛି। ହେଲେ ପରଖା ଯାଇ ନ ଥିବାରୁ ଏହାର ସ୍ୱାଦ ଜଣାପଡ଼ିନାହିଁ। ସେହିପରି କେଉଁ ପ୍ରଣାଳୀକୁ ଉପଯୋଗ କରି ଚକୋଲେଟ୍ ପ୍ରସ୍ତୁତ କରାଯାଇଛି ତାହା ମଧ ସ୍ପଷ୍ଟ ହୋଇନାହିଁ। ଚକୋଲେଟ୍ ସମେତ ଅନ୍ୟ ଖାଦ୍ୟ ସାମଗ୍ରୀ ପୃଥିବୀକୁ ଫେରିଆସିଛି। ଏସବୁ ଏବେ ହ୍ୟୁଷ୍ଟନର



ଏକ ଲାବୋରେଟୋରିରେ ସୁରକ୍ଷିତ ଭାବେ ଅଛି। ନାନୋର୍ୟାକ୍ସ କମ୍ପାନୀ ପକ୍ଷରୁ ଓଭେନକୁ ନିର୍ମାଣ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରଥମ ଥର ପାଇଁ ପରୀକ୍ଷାନିରୀକ୍ଷା କରାଯାଇଥିଲା, ଯାହା ସଫଳ ହୋଇଛି। ପ୍ରାରମ୍ଭରେ ସ୍ପେସ୍ ଷ୍ଟେଶନରେ ରାନ୍ଧିବା କଷ୍ଟକର ବୋଲି ବିଚାର କରାଯାଉଥିଲା। ହେଲେ ମାତ୍ର ୨ ଘଣ୍ଟାରେ ଚକୋଲେଟ ପ୍ରସ୍ତୁତ ହୋଇପାରିଛି ବୋଲି କମ୍ପାନୀର ମ୍ୟାନେଜର ମେରି ମର୍ଫି କହିଛନ୍ତି।

# 'ମ୍ୟାନ୍ ଭର୍ସେସ୍ ୱାଇଲ୍ଡ'ରେ ରଜନୀକାନ୍ତ

**ବେଙ୍ଗାଲୁରୁ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ସାଉଥ୍ ସୁପରଷ୍ଟାର ରଜନୀକାନ୍ତ ବିୟର ଗ୍ରୀଲ୍ସଙ୍କ 'ମ୍ୟାନ ଭର୍ସେସ ୱାଇଲ୍ଡ'ରେ ନଜର ଆସିବେ। ମଙ୍ଗଳବାର କର୍ନାଟକ ବାନ୍ଦିପୁରର ଟାଇଗର ରିଜର୍ଭ ଆଣ୍ଡ ନ୍ୟାଶନାଲ ପାର୍କରେ ବିୟରଙ୍କ ସହ ରଜନୀକାନ୍ତଙ୍କ ଶୁଟିଂ ଆରମ୍ଭ ହୋଇଛି। ଏନେଇ କର୍ନାଟକ ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁଟିଂ ହେଉଥିବା ସ୍ଥାନର ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ରଜନୀକାନ୍ତ ନିଜ ଟିମ୍ ସହ ଯାଉଥିବାର ଦେଖିବାକୁ ମିଳିଛି। ସୂଚନା ମୁତାବକ ଏହି ଶୁଟିଂ ଦୀର୍ଘ ୩ ଦିନ ଧରି ଚାଲିଥିଲା। ଶୁଟିଂବେଳେ ରଜନୀକାନ୍ତ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ରଜନୀକାନ୍ତ ଓ ବିୟର ବାନ୍ଦିପୁର ଜଙ୍ଗଲ ଓ ପ୍ରାକୃତିକ ପରିବେଶ ବିଷୟରେ ଆଲୋଚନା କରିଥିଲେ। ଏହି ଶୁଟିଂ ପାଇଁ ସୋମବାର ରାତିରେ ବିୟର ନିଜର ୧୮ଜଣ କ୍ରିଉ ମେମ୍ବରଙ୍କ ସହ ଗୁଣ୍ଡଲୁପେଟ ଟାଉନ୍‌ରେ ପହଞ୍ଚିଥିଲେ। ସେହିପରି ରଜନୀକାନ୍ତ ମଧ ବାନ୍ଦିପୁରର ଏକ ହୋଟେଲରେ ରହିଥିଲେ। ଜଙ୍ଗଲ ବିଭାଗ ପକ୍ଷରୁ ସମସ୍ତଙ୍କ ପାଇଁ ଗାଡ଼ିର ବ୍ୟବସ୍ଥା କରାଯାଇଥିଲା। ଏହା ପୂର୍ବରୁ ଏହି ଶୋ'ରେ ପ୍ରଧାନମନ୍ତ୍ରୀ ମୋଦି ନଜର ଆସିଥିଲେ। ୨୦୧୯ ଅଗଷ୍ଟ ୧୨ରେ ଡିସ୍କଭରି ଚ୍ୟାନେଲର ପପୁଲାର ଶୋ' 'ମ୍ୟାନ ଭର୍ସେସ ୱାଇଲ୍ଡ'ରେ ବିୟରଙ୍କ ସହ ମୋଦିଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କର ଏହି ଶୋ'କୁ ଉତ୍ତରାଖଣ୍ଡର ଜିମ୍ କାର୍ବେଟ ନ୍ୟାଶନାଲ ପାର୍କରେ ଶୁଟିଂ କରାଯାଇଥିବା ବେଳେ ଏଥିରେ ମୋଦି ନିଜର ଆଡ୍‌ଭେଞ୍ଚର ଓ କେତେକ ଅନୁଭୂତିକୁ ଶେୟାର କରିଥିଲେ। ତେବେ ରଜନୀକାନ୍ତ ହେଉଛନ୍ତି ଦ୍ୱିତୀୟ ଭାରତୀୟ ଯିଏ ଏହି ଶୋ'ରେ ନଜର ଆସିବେ। ଏଥିରେ ତାଙ୍କ ସହ ଜଡିତ ଥିବା କେତେକ କୌତୁହଳ ଅନୁଭୂତି ବିଷୟରେ ଜାଣିବାକୁ ମିଳିବ।

## ଶୁଟିଂବେଳେ ଆହତ






# ବଡ଼ ପରଦାରେ ପୁଣି ସୈଫ୍‌ଙ୍କ କମାଲ

**ମୁମ୍ବାଇ:** ବଲିଉଡ୍ ଆକ୍ଟର ସୈଫ୍ ଅଲି ଖାନ୍‌ଙ୍କ କ୍ୟାରିୟର୍ ଦୀର୍ଘଦିନ ପରେ ପୁଣି ଟ୍ରାକ୍‌କୁ ଫେରିଛି। ଜାନୁୟାରୀ ୧୦ରେ ରିଲିଜ୍ ହୋଇଥିବା ଫିଲ୍ମ 'ତାନାଜୀ: ଦ ଅନସଙ୍ଗ ୱାରିୟର୍' ବକ୍ସ ଅଫିସ୍‌ରେ ଖୁବ୍ ସଫଳତା ସାଉଁଟୁଛି। ଫିଲ୍ମରେ ଅଜୟ ଦେବଗନ୍ ଏବଂ ସୈଫ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ କାଜୋଲ ମଧ ଅନ୍ୟତମ ପ୍ରମୁଖ ଭୂମିକାରେ ନଜରକୁ ଆସିଛନ୍ତି। ବକ୍ସ ଅଫିସ୍‌ରେ ଫିଲ୍ମଟି ବର୍ତ୍ତମାନ ସୁଦ୍ଧା ୨୨୮ କୋଟି ଟଙ୍କାର ବ୍ୟବସାୟ କରିସାରିଥିବାବେଳେ ସମସ୍ତ କଳାକାରଙ୍କ ଅଭିନୟକୁ ମଧ ଖୁବ୍ ପ୍ରଶଂସା କରାଯାଉଛି।

ଅନେକ ଦିନ ପରେ ସୈଫ୍ ପୁଣି ବଡ଼ ପରଦାରେ ସକ୍ରିୟ ହୋଇଛନ୍ତି। ଫିଲ୍ମ 'ତାନାଜୀ: ଦ ଅନସଙ୍ଗ ୱାରିୟର୍'ରେ ବିଶେଷକରି ସୈଫ୍‌ଙ୍କ ଅଭିନୟକୁ ଦର୍ଶକେ ପସନ୍ଦ କରୁଛନ୍ତି। ଏହାସହ ସେ ନିଜ କୋ-ପ୍ରଡକ୍ସନ ଫିଲ୍ମ 'ଜୱାନୀ ଜାନେମନ୍'ର ପ୍ରମୋଶନରେ ମଧ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସୈଫ୍, ତବ୍ବୁ ଏବଂ ପୂଜା ବେଦୀଙ୍କ ଝିଅ ଆଲାୟା ଫର୍ନିଚରୱାଲା ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହା ଫେବୃୟାରୀ ୭ରେ ରିଲିଜ୍ ହେବ। ଏହାଛଡ଼ା ସୈଫ୍ ନିଜ ଅପ୍‌କମିଂ ଫିଲ୍ମ ମଧ ଘୋଷଣା କରିଛନ୍ତି।

ଫର୍‌ହାନ ଅଖ୍‌ତର ଏବଂ ରିତେଶ୍ ସିଧ୍‌ୱାନୀଙ୍କ ନିର୍ଦ୍ଦେଶିତ ଫିଲ୍ମରେ ସୈଫ୍ ନଜରକୁ ଆସିବେ ବୋଲି ଅନେକ ଦିନ ହେଲା ଚର୍ଚ୍ଚା ହେଉଥିଲା। ଫିଲ୍ମରେ ସୈଫ୍‌ଙ୍କ ସହ 'ଗଲି ବୟ' ଫେମ୍ ସିଦ୍ଧାନ୍ତ ଚତୁର୍ବେଦୀ, ଅନନ୍ୟା ପାଣ୍ଡେ ଏବଂ ନିଜେ ଫର୍‌ହାନ୍ ଅଖ୍‌ତର ମଧ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବେ। ତେବେ ଏ ସବୁ ଚର୍ଚ୍ଚା ଭିତରେ ଫିଲ୍ମର ଟାଇଟଲ ନେଇ କୌଣସି ଖବର ନ ଥିଲା। ହେଲେ ଏବେ ସୈଫ୍ ନିଜେ ଏ ବାବଦରେ ସୂଚନା ଦେଇ ଫିଲ୍ମର ଟାଇଟଲ୍ 'ଲଫ୍‌ଡେବାଜ୍' ବୋଲି ଖୁଲାସା କରିଛନ୍ତି। ଫିଲ୍ମର କାହାଣୀ ବାବଦରେ କିନ୍ତୁ କୌଣସି ସୂଚନା ଦେଇନାହାନ୍ତି। ଅନ୍ୟପଟେ ଫିଲ୍ମରେ ଅନନ୍ୟାଙ୍କ ବାପା ଭୂମିକାରେ ସୈଫ୍ ନଜରକୁ ଆସିବେ ବୋଲି ଜଣାପଡ଼ିଛି। ତେବେ ଏହାପରେ 'ବଣ୍ଟି ଔର୍ ବବ୍‌ଲି-୨'ରେ ମଧ ସୈଫ୍‌ଙ୍କୁ ଦେଖିବାକୁ ମିଳିବ।

# ଜଣାପଡ଼ିବ ମହାଭାରତ ଯୁଦ୍ଧର ସତ୍ୟାସତ୍ୟ

## ମିଳିଲା ୩୮୦୦ ବର୍ଷ ତଳର ଅନ୍ତିମ ସଂସ୍କାର ଗୁପ୍ତ ଗୃହ

**ନୂଆଦିଲ୍ଲୀ:** ଏବେ ମହାଭାରତ ଯୁଦ୍ଧର ସତ୍ୟାସତ୍ୟ ଏବେ ଜଣାପଡ଼ିବ ବୋଲି କୁହାଯାଉଛି। ଉତ୍ତରପ୍ରଦେଶ ବାଗପତ୍ ଅଞ୍ଚଳରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କରାଯାଉଥିବା ଖନନ ସମୟରେ ଏକ ଅନ୍ତିମ ସଂସ୍କାର ଗୁପ୍ତ ଗୃହର ସନ୍ଧାନ ମିଳିଛି। କାର୍ବନ ଡାଟିଂରୁ ଏହା ୩୮୦୦ ବର୍ଷ ତଳର ବୋଲି ଜଣାପଡ଼ିଛି। ଅନ୍ତିମ ସଂସ୍କାର ସମୟରେ ମୃତଦେହରେ ରାସାୟନିକ ପ୍ରଲେପ ଲଗାଯାଇ ଏହାକୁ ଏହି ଗୃହରେ ରଖାଯାଉଥିବା ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗୃହରେ ପ୍ରବେଶ କରିବା ପାଇଁ ଦକ୍ଷିଣ ଦିଗରେ ଦ୍ୱାର ରହିଛି। ଏହା ସହିତ ଧନୁଶର, ରଥ, ଖଣ୍ଡା, ଯୁଦ୍ଧରେ ବ୍ୟବହୃତ ଶିରଣାସ୍ତ୍ର ଆଦି ମଧ ମିଳିଛି। ଏହାକୁ ନିଶ୍ଚିତ ଭାବେ କୌଣସି ଯୋଦ୍ଧା ବ୍ୟବହାର କରୁଥିବା ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କହାଯାଇଛି। ଏସବୁ ସାମଗ୍ରୀର ପରୀକ୍ଷଣ ପାଇଁ ଲକ୍ଷ୍ନୌସ୍ଥିତ ଲ୍ୟାବ୍‌କୁ ପଠାଯାଇଥିଲା। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୁହାଯାଇଛି ଯେ, ୩୮୦୦ ବର୍ଷ ତଳେ ଉତ୍ତର ବୈଦିକ ଯୁଗ ଥିଲା। ଏହି ସମୟରେ ମହାଭାରତ ଯୁଦ୍ଧ ହୋଇଥିବାର ଅନୁମାନ କରାଯାଉଛି।





# 'ଧାର୍ମିକ ବିଶ୍ୱାସ ଭ୍ରମାତ୍ମକ ଓ କ୍ଷତିକାରକ'

## ଆଇସଲାଣ୍ଡ୍ ପାର୍ଲାମେଣ୍ଟର ନିଷ୍ପତ୍ତି

**ରେକ୍ୟାଭିକ୍:** ଧର୍ମ ପ୍ରତି ଲୋକମାନଙ୍କ ଅଗାଧ ବିଶ୍ୱାସ ରହିଆସିଛି। ହେଲେ ଏଭଳି ଧାର୍ମିକ ଚିନ୍ତାଧାରା ମଣିଷକୁ ଭ୍ରାନ୍ତି ଓ କ୍ଷତି ଆଣିଦେଇଥାଏ ବୋଲି ଦର୍ଶାଯାଇଛ, ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଉତ୍ତର ଆଣ୍ଟଲାଣ୍ଟିକର ଛୋଟ ଦ୍ୱୀପଦେଶ ଆଇସଲାଣ୍ଡ ବହୁ ବିବାଦ ମଧରେ ଛନ୍ଦି ହୋଇ ରହିଆସିଛି। ୨୦୧୭ରେ ଏହି ଦେଶର ପାର୍ଲାମେଣ୍ଟ ଅଲ୍‌ଫିଙ୍ଗିରେ ସବୁ ବାଇବେଲ ଉପରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଚେତାବନୀ ଛପାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିବର୍ଷ ଉକ୍ତ ଦେଶ ଆଉ ଏକ ପାଦ ଆଗକୁ ଯାଇ ଆମେରିକାର ଟେଲିଭାଞ୍ଜେଲିଷ୍ଟସ୍‌ଙ୍କ ଉପରେ ପ୍ରତିବନ୍ଧକ ଲଗାଇ ଧର୍ମନିରପେକ୍ଷ ପଦକ୍ଷେପ ଗ୍ରହଣ କରିଥିଲା। ଏବେ ଆଇସଲାଣ୍ଡ ସବୁ ଧର୍ମକୁ ମାନସିକ ରୋଗାକ୍ରାନ୍ତ ବୋଲି ଘୋଷଣା କରିଛି। ଅଲ୍‌ଫିଙ୍ଗିରେ ଏ ସଂକ୍ରାନ୍ତ ଆଇନକୁ ୬୦ ଜଣ ସାଂସଦ ସମର୍ଥନ କରିଥିବାବେଳେ ୩ଜଣ ବିରୋଧ କରିଥିଲେ। ତେବେ ଜଣେ ପ୍ରତିନିଧି କହିଛନ୍ତି ଯେ, ଆମେ ଆମେରିକା କିମ୍ବା ସୌଦି ଆରବ ଭଳି ଶେଷ ହେବାକୁ ଚାହୁଁନାହୁଁ।



# ୩୪ରେ ପାଦ ଥାପିଲେ ଶ୍ରୁତି

**ମୁମ୍ବାଇ:** ବଲିଉଡ୍ ତଥା ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିର ସଫଳ ଅଭିନେତ୍ରୀ କମଲ ହାସନଙ୍କ ଲଳନା ଶ୍ରୁତି ହାସନ ମଙ୍ଗଳବାର ୩୪ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୮୬ ଜାନୁୟାରୀ ୨୮ରେ ଚେନ୍ନାଇଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରକୃତ ନାମ ଶ୍ରୁତି ରାଜଲକ୍ଷ୍ମୀ ହାସନ। ଚାଚି ୪୨୦ରେ ସେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ଫିଲ୍ମ ଲକ୍‌ରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ସେ ଏଥିରେ ଇମ୍‌ରାନ୍ ଖାଁଙ୍କ ଅପୋଜିଟ୍‌ରେ ଅଭିନୟ କରି ଢ଼େର୍ ପ୍ରଶଂସା ସାଉଁଟିଥିଲେ। ଏହାପରେ ତାଙ୍କର ଫିଲ୍ମ ରାମାୟ ବସ୍ତାବୟା ମଧ ସଫଳ ରହିଥିଲା।

## ଧନୁଷ୍ ଏବଂ ମାଇକେଲ୍‌ଙ୍କ ସହ ଥିଲା ପ୍ରେମ ସମ୍ପର୍କ

ଶ୍ରୁତି ଏବଂ ରଜନୀକାନ୍ତଙ୍କ ଜ୍ୱାଇଁ ଧନୁଷଙ୍କ ମଧରେ ପ୍ରେମ ସମ୍ପର୍କ ନେଇ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରି ସହିତ ବଲିଉଡ୍‌ରେ ବେଶ୍ ଚର୍ଚ୍ଚା ରହିଥିଲା। ସେମାନେ ଡେଟିଂରେ ଯାଉଥିବା ନେଇ ନାନା ଖବର ମଧ ଶୁଣିବାକୁ ମିଳିଥିଲା। ମାଇକେଲ କୋର୍ସେଲ୍‌ଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଦୀର୍ଘ ଦିନ ପ୍ରେମ ସମ୍ପର୍କ ପରେ ସେମାନେ ପରସ୍ପରଠାରୁ ଦୂରେଇ ଯାଇଥିଲେ।





## ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ସମୟ: ୨ଘଣ୍ଟା ୩୦ ମିନିଟ୍ — ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

**୧। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ଗାନ୍ଧାରୀ ଧୃତରାଷ୍ଟ୍ରଙ୍କ ଏକମାତ୍ର କନ୍ୟା କିଏ ଥିଲେ?
(ଖ) କିଏ ପିତୃତୁଲ୍ୟ ବୋଲି ବିଭୀଷଣଙ୍କୁ କହିବାକୁ ରାବଣ ଶୁକସାରଣଙ୍କୁ କହିଛି?
(ଗ) ପଠିତ କବିତାରେ କବି କାହାକୁ "ମୃତ୍ୟୁଞ୍ଜୟ' କହିଛନ୍ତି?
(ଘ) 'ମଙ୍ଗଳେ ଅଇଲା ଉଷା' କବିତାରେ କବି ଗଂଗାଧର ମେହେର କାହାକୁ ମାନବ ଚରିତ୍ର ଭଳି ଉପସ୍ଥାପନ କରିଛନ୍ତି?
(ଙ) କିଏ ଡାକିଲେ ଜନ୍ମଭୂମିର କାଖ ଛାଡ଼ିବାକୁ ମନ ବଳେ ନାହିଁ ବୋଲି କବି କହିଛନ୍ତି?

**୨। ଶୂନ୍ୟସ୍ଥାନ ପୂରଣ କର।** [1×5=5
(କ) ଚିରି ଅତୀତର ________ ଜୀବନ ଜାଗ ଆହେ ଭବିଷ୍ୟତ।
(ଖ) ବୈକୁଣ୍ଠେ ଦେଇ ନୃପତି ଅନନ୍ତ ________ ଗତି।
(ଗ) ସ୍ୱର୍ଶେ ________, ରୂପେ ରମ୍ୟ ଦିଶେ।
(ଘ) ________ ବିହରି ସାଗର ଜିଣି ଯାଇ।
(ଙ) ଯେ ପଞ୍ଚୁ ପୁଅଂକ ଅବସ୍ଥା ଦେଖି କିମ୍ପେ ନୁହଇ ________।

**୩। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ଶ୍ରୀକୃଷ୍ଣଙ୍କୁ ମହାଭାରତର କର୍ଣ୍ଣଧାର କୁହାଯାଇଛି କାହିଁକି?
(ଖ) ଆମେ କେଉଁ କେଉଁ ଉପକରଣରୁ ବୈଷୟିକ ସୁଖସମୃଦ୍ଧି ଲାଭକରିଥାଉଁ?
(ଗ) ଦେଶଭକ୍ତ ବୋଲି କାହାକୁ କୁହାଯାଇପାରିବ ନାହିଁ?
(ଘ) ନରେନ୍ଙ୍କ ମନରେ ବ୍ୟାକୁଳତା କ'ଣ ଥିଲା?
(ଙ) କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରଚନାର ପ୍ରାଣସତ୍ତା କ'ଣ ଥିଲା?

**୪। 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସତ୍ୟବାଦୀ ଚେତନା | ବିବେକାନନ୍ଦ |
| ଶାସ୍ତି | ଯାହାର ବାଞ୍ଛାସିଦ୍ଧି ହୋଇଛି |
| କାଠଘୋଡ଼ା | କାଳିନ୍ଦୀଚରଣ ପାଣିଗ୍ରାହୀ |
| ପ୍ରତିଜ୍ଞା ସାର୍ଥକ | ମାନବ ବନ୍ଦନା |
| ସଫଳ ମନୋରଥ | କାହ୍ନୁଚରଣ ମହାନ୍ତି |
| | ମନୋରଞ୍ଜନ ଦାସ |

**୫। ଗୋଟିଏ ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ।** [1×5=5
(କ) ଦାଢ଼ିବାଲା ଭଦ୍ରଲୋକଟି ସ୍ୱୟଂ ମିଶ୍ରବାବୁ – ଏକଥା ଜୟଦେବବାବୁ ଜାଣିପାରିଲେ କିପରି?
(ଖ) ଅଶୋକ କାହିଁକି ଯୁଦ୍ଧ ବିରତି ଘୋଷଣାକଲେ?
(ଗ) ବରଗଛ କୋରଡ଼ରେ କେଉଁ ଗଛ ଦୁଇଟି ଉଠିଥିଲା?
(ଘ) ଦୁଇ ବଂଧୁ ପାହାନ୍ତିଆ ନ ହେଉଣୁ ବାହାରକୁ ଗଲେ କାହିଁକି?
(ଙ) ଅଙ୍ଗଦ କେଉଁଠି ମୁଣ୍ଡ ଗୁଂଜି ବସିଥିଲେ?

**୬। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ଦେବଗଣ କାହା ଅତ୍ୟାଚାରରେ ଭୟବିହ୍ୱଳ ହୋଇ ଆତ୍ମଗୋପନ କରିଛନ୍ତି?
(ଖ) ରାଜା ନରସିଂହଦେବ କାହା ତୀରରେ ସୂର୍ଯ୍ୟୋଦୟ ଦୃଶ୍ୟ ଉପଭୋଗ କରୁଥିଲେ?
(ଗ) "କୁଳ ରହିଲେ ସବୁ କଥା ସିନା" – ଏ ଉକ୍ତିଟି କିଏ କହିଛନ୍ତି?
(ଘ) ଧରମାକୁ କିଏ 'ମାୟାବୀ' ବୋଲି କହିଛନ୍ତି?
(ଙ) ପାପିଷ୍ଠ ଶୃଗାଳ ହୋଇ ସିଂହୀ ସହିତ ମିଳନ ବାଞ୍ଛା? – ଏ ଉକ୍ତିଟି କାହାର?

**୭। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ଆକାଂକ୍ଷା କାହାକୁ କହନ୍ତି?
(ଖ) ବାକ୍ୟରେ ପଦାନ୍ୱୟୀ ଅବ୍ୟୟ କେଉଁଠାରେ ବ୍ୟବହୃତ ହୁଏ?
(ଗ) ଜଟିଳ ବାକ୍ୟ କାହାକୁ କହନ୍ତି?
(ଘ) ରାଧାଶ୍ୟାମ ଭଲ ଭାଷଣ ଦେଇପାରନ୍ତି। – କର୍ମ ବାଚ୍ୟରେ ପ୍ରକାଶ କର।
(ଙ) ହରି କହିଲା, "ମୁଁ ଯାତ୍ରା ଦେଖେ ନାହିଁ।" – ଏହାକୁ ପରୋକ୍ଷ ଉକ୍ତିରେ ଲେଖ।

**୮। ଅଶୁଦ୍ଧି ସଂଶୋଧନ କର।** [1×5=5
(କ) ସାବଧାନ ସହିତ, (ଖ) ବିଷର୍ଣ୍ଣ, (ଗ) ବାହାନ
(ଘ) ଏକତ୍ରିତ, (ଙ) ରଜଗଣ

**୯। ନିମ୍ନଲିଖିତ ରୂଢ଼ି/ଲୋକବାଣୀର ଅର୍ଥ ଲେଖ।** [1×5=5
(କ) ଅକସ ରଖିବା, (ଖ) ଦେହଲଗା, (ଗ) ତଳେ ପକାଇବା
(ଘ) ଆଗତ ଚଢ଼େଇକି ବେସରବଟା, (ଙ) ଓଟ ମୁହଁରେ ଜିରା

**୧୦। ଠିକ୍ ଥିଲେ ☑ ଓ ଭୁଲ୍ ଥିଲେ ☒ ଚିହ୍ନ ଦିଅ।** [1×5=5
(କ) ମିତ୍ରାକ୍ଷର ଛନ୍ଦ ଦୁଇ ଭାଗରେ ବିଭକ୍ତ।
(ଖ) ପ୍ରତି ପଦରେ ଦୁଇ ବା ତତୋଽଧିକ ପାଦ ଥାଏ।
(ଗ) ମଧୁସୂଦନଙ୍କ 'ସନ୍ତାନର ଉକ୍ତି' କବିତାଟି ନଟବାଣୀ ଛନ୍ଦରେ ରଚିତ।
(ଘ) ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ସମ୍ଭାବନା ବା ତର୍କଣା କରାଗଲେ ଉତ୍ପ୍ରେକ୍ଷା ଅଳଙ୍କାର ହୁଏ।
(ଙ) କଳୁଷ-ପଙ୍କେ ମୁହିଁ କେଡ଼େ ମଳିନ, କେମନ୍ତେ ସରି ତୋର ହେବି ନଳିନ! ଏଥିରେ ଉପମା ଅଳଙ୍କାର ପ୍ରଯୁକ୍ତ।

### PART – II (SUBJECTIVE)

**୧୧. (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ।** [10
ଗ୍ରାମର ଶିକ୍ଷିତ ଲୋକମାନଙ୍କ ସମ୍ପର୍କରେ କହିବାକୁ ଯାଇ ଲେଖକ କୃଷ୍ଣଙ୍କ ବିଷୟ ଅବତାରଣା କରିବାର କାରଣ କ'ଣ?

**କିମ୍ବା,** ସନ୍ନ୍ୟାସୀ ହୋଇ ମଧ୍ୟ ବିବେକାନନ୍ଦ ରାଜାରାଜୁଡ଼ାଙ୍କ ସହିତ ସମ୍ପର୍କ ରଖୁଥିଲେ କାହିଁକି?

**(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ (ପ୍ରାୟ ୫୦ଟି ଶବ୍ଦରେ)।** [5
"ତ୍ୟାଗ ମାର୍ଗରେ ଦୀକ୍ଷିତ ହୋଇ ଯେତେବେଳେ ସେ ବିଷୟର ମାଲିକ ହୁଏ, ସେତେବେଳେ ଭୋଗ ମାର୍ଗଗାମୀ ଜାତିଠାରୁ ତା'ର ପଥ ସମ୍ପୂର୍ଣ୍ଣ ପୃଥକ୍ ହୋଇଯାଏ।"

**କିମ୍ବା,** "କୃଷକଙ୍କଠାରୁ ଦୂରରେ ରହି ଯେଉଁ କୃଷି, ସେଥିରେ ଋଷିଙ୍କ ଶ୍ରାଦ୍ଧ ବି ହୋଇପାରିବ ନାହିଁ।"

**୧୨. (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ।** [10
ପଠିତ କବିତା ଅନୁସରଣରେ ଦୁର୍ଯ୍ୟୋଧନ ଅନୁତାପ କରିବାର କାରଣଗୁଡ଼ିକ ବର୍ଣ୍ଣନା କର।

**କିମ୍ବା,** 'ମଙ୍ଗଳେ ଅଇଲା ଉଷା' କବିତାରୁ କବିଙ୍କର ପ୍ରକୃତି ଚିତ୍ରଣର ବିଶେଷତ୍ୱ ଦର୍ଶାଅ।

**(ଖ) ପ୍ରାୟ ୫୦ଟି ଶବ୍ଦରେ ସପ୍ରସଙ୍ଗ ସରଳାର୍ଥ ଲେଖ।** [5
"ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯେ।"

**କିମ୍ବା,** "ଚିରି ଅତୀତର ଜୀର୍ଣ୍ଣ ଜୀବନ
ଜାଗ ଆହେ ଭବିଷ୍ୟତ,
ଚୂର୍ଣ୍ଣ କରୁରେ ସ୍ୟନ୍ଦନ ତବ
ପୀଡ଼ନର ପରବତ।"

**୧୩। ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ।** [10
(କ) **ପରିବେଶ ସୁରକ୍ଷା:** (ଉପକ୍ରମ – ପରିବେଶ ନଷ୍ଟ ହେବାର କାରଣ – ପରିବେଶ ସୁରକ୍ଷା ନିମନ୍ତେ ଉପାୟ – ଉପସଂହାର)
(ଖ) **ଓଡ଼ିଶାର ଅରଣ୍ୟ ସମ୍ପଦ:** (ଉପକ୍ରମ – ଓଡ଼ିଶାର ଅରଣ୍ୟସମ୍ପଦ ଓ ଏହାର ପରିଚୟ – ଏଗୁଡ଼ିକର ଉପାଦେୟତା – ଅରଣ୍ୟଗୁଡ଼ିକର ସୁରକ୍ଷା – ସରକାରୀ ପ୍ରଚେଷ୍ଟା – ଉପସଂହାର।)
(ଗ) **ନାରୀଶିକ୍ଷା:** (ଉପକ୍ରମ – ନାରୀଶିକ୍ଷାର ଗୁରୁତ୍ୱ – ନାରୀଶିକ୍ଷାର ଅତୀତ ଓ ବର୍ତ୍ତମାନ – ନାରୀଶିକ୍ଷାରେ ବାଧା – ଉପସଂହାର।)

**୧୪। ପ୍ରାୟ ୧୦୦ଟି ଶବ୍ଦରେ ପତ୍ର ବା ଦରଖାସ୍ତ ଲେଖ।** [6
ପାଠପଢ଼ିବା ସହିତ ଘରକାମରେ ମାଆଙ୍କୁ ସାହାଯ୍ୟ କରିବାକୁ ଉପଦେଶଦେଇ ସାନଭଉଣୀ ନିକଟକୁ ପତ୍ର ଲେଖ।

**କିମ୍ବା,** ତୁମ ଗ୍ରାମରେ ଏକ ପାଠାଗାର ପ୍ରତିଷ୍ଠା କରିବାପାଇଁ ଆର୍ଥିକ ସହାୟତାର ଆବଶ୍ୟକତା ଦର୍ଶାଇ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ନିକଟକୁ ଦରଖାସ୍ତ ଲେଖ।

**୧୫। ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ।** [2×5=10

ସ୍ୱାମୀ ବିବେକାନନ୍ଦ କେବଳ ମୋ ପିଢ଼ି ନୁହେଁ, ସବୁ ପିଢ଼ିର ଯୁବକମାନଙ୍କର ଆଦର୍ଶ ହୋଇ ରହିଛନ୍ତି। ଭାରତ ସରକାର ପ୍ରତିବର୍ଷ ଜାନୁୟାରୀ୧୨ ତାରିଖକୁ ଯୁବଦିବସ ଭାବରେ ପାଳନ କରୁଥିବା ଏକ ଆନନ୍ଦର ବିଷୟ। ମୁଁ ଆମେରିକା ବୁଲିବାକୁ ଯାଇଥିବାବେଳେ ଚିକାଗୋ ସହରକୁ ଯାଇଥିଲି। ଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ, ସ୍ୱାମୀ ବିବେକାନନ୍ଦ ବିଶ୍ୱଧର୍ମ ମହାସଭାରେ ଯେଉଁ ଐତିହାସିକ ଭାଷଣ ଦେଇଥିଲେ, ସେହି ସ୍ଥାନ ପରିଦର୍ଶନ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବି। ନିଦ୍ରିତ, ପରାଧୀନ ଭାରତବର୍ଷର ଉତ୍ଥାନ ପାଇଁ ସ୍ୱାମୀ ବିବେକାନନ୍ଦ ତାଙ୍କର ସ୍ୱଳ୍ପ ଜୀବନକାଳରେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ଅକଳ୍ପନୀୟ। ଅତିଶୟ ଦାରିଦ୍ର୍ୟ ଓ ଅର୍ଦ୍ଧାଶନ ଏବଂ ଅନଶନ ମଧ୍ୟରେ ଆମେରିକା ଯାତ୍ରା କରିବା, ସେଠାରେ ଜଣା ଅଜଣା ଅଶୁଣା ସନ୍ନ୍ୟାସୀ ଭାବରେ ଆମେରିକାବାସୀଙ୍କୁ ଭାରତବର୍ଷର ମହାନ ସଂସ୍କୃତି ଓ ଧର୍ମ ପରମ୍ପରା ସମ୍ପର୍କରେ ସମ୍ପୂର୍ଣ୍ଣ ପରିଚିତ ଓ ଉଦ୍‌ବୁଦ୍ଧ କରାଇବା କମ୍ ସାହସିକ କାର୍ଯ୍ୟ ନୁହେଁ। କେବଳ ସନାତନ ଧର୍ମ ନୁହେଁ, ସ୍ୱାମୀଜୀ ବୌଦ୍ଧଧର୍ମର ମଧ୍ୟ ଜଣେ ପ୍ରଧାନ ପ୍ରବକ୍ତା ଥିଲେ। ବିଶ୍ୱଧର୍ମ ମହାସଭାରେ ଗୋଟିଏ ଦିନ ସେ କେବଳ ତାଙ୍କର ଭାଷଣରେ ବୁଦ୍ଧ ଓ ବୌଦ୍ଧଧର୍ମକୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ। ସେହି ଚିକାଗୋଠାରେ ବୌଦ୍ଧଧର୍ମର ପ୍ରତିନିଧି ଓ ପ୍ରବକ୍ତା ଅନଗାରିକ ଧର୍ମପାଳଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା ଓ ଦୁହିଁଙ୍କ ମଧ୍ୟରେ ଅନାବିଳ ବନ୍ଧୁତ୍ୱ ଗଢ଼ିଉଠିଥିଲା।

ପ୍ରଶ୍ନ : (କ) ସ୍ୱାମୀ ବିବେକାନନ୍ଦ କେଉଁମାନଙ୍କର ଆଦର୍ଶ?
(ଖ) କେଉଁ କଥାକୁ ଏଠାରେ ଆନନ୍ଦର ବିଷୟ ବୋଲି କୁହାଯାଇଛି?
(ଗ) ଚିକାଗୋ ସହରକୁ ବୁଲିଯିବା ମୂଳରେ ଲେଖକଙ୍କର କି ଉଦ୍ଦେଶ୍ୟ ଥିଲା?
(ଘ) ବିବୋକନନ୍ଦ ଅତ୍ୟନ୍ତ ସାହସୀ ଥିଲେ ବୋଲି କିପରି ଜଣାପଡ଼େ?
(ଙ) ଅନଗରିକ ଧର୍ମପାଳ କିଏ?

### ANSWER – PART – I (OBJECTIVE)

୧। (କ) ଦୃଶିଳା (ଖ) ଜ୍ୟେଷ୍ଠଭ୍ରାତା (ଗ) କବିସୂର୍ଯ୍ୟ ବଳଦେବ ରଥ (ଘ) ପ୍ରକୃତି (ଙ) ସରଗ

୨। (କ) ଜୀର୍ଣ୍ଣ (ଖ) ଶୁତିକି (ଗ) ମାରାତ୍ମକ (ଘ) ବିହାୟସେ (ଙ) ଦହିଜ

୩। (କ) ଶ୍ରୀକୃଷ୍ଣ ମହାଭାରତର ମହାସମରକୁ ନିଜ ଅଙ୍ଗୁଳି ନିର୍ଦ୍ଦେଶରେ ପରିଚାଳିତ କରିଥିଲେ, ତେଣୁ ତାଙ୍କୁ ମହାଭାରତର କର୍ଣ୍ଣଧାର କୁହାଯାଇଛି। (ଖ) ଆମେ ରେଳ, ମଟର, ଉଡ଼ାଜାହାଜ, ବୁଡ଼ାଜାହାଜ, ବେତାରଯନ୍ତ୍ର, ରେଡ଼ିଓ, ଟେଲିଭିଜନ ଓ ଟେଲିଫୋନ୍ ଆଦି ଉପକରଣରୁ ବୈଷୟିକ ସୁଖସମୃଦ୍ଧି ଲାଭ କରିଥାଉଁ। (ଗ) ଯେଉଁ ଲୋକର ମାତୃଭାଷାପ୍ରତି ମମତା ନାହିଁ ତାକୁ ଦେଶଭକ୍ତ କୁହାଯାଇପାରିବ ନାହିଁ। (ଘ) ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି ପାଇବାକୁ ନରେନ୍ଙ୍କ ମନରେ ବ୍ୟାକୁଳତା ଥିଲା। (ଙ) ମାନବବାଦୀ ଭାବଧାରା ଓ ଗାନ୍ଧିବାଦ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ରଚନାର ପ୍ରାଣସତ୍ତା ଥିଲା।

୪।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସତ୍ୟବାଦୀ ଚେତନା | ମାନବ ବନ୍ଦନା |
| ଶାସ୍ତି | କାହ୍ନୁଚରଣ ମହାନ୍ତି |
| କାଠଘୋଡ଼ା | ମନୋରଞ୍ଜନ ଦାସ |
| ପ୍ରତିଜ୍ଞା ସାର୍ଥକ | ବିବେକାନନ୍ଦ |
| ସଫଳ ମନୋରଥ | ଯାହାର ବାଞ୍ଛାସିଦ୍ଧି ହୋଇଛି |

୫। (କ) ମିଶ୍ରବାବୁଙ୍କ 'ହେ-ହେ-ହେ'ର ଗୋଟାଏ ଲହର ହସ ଜଣାଇଦେଲା ସେ ଦାଢ଼ିବାଲା ଜଣକ ସ୍ୱୟଂ ମିଶ୍ରବାବୁ ଅଟନ୍ତି। (ଖ) ଯୁଦ୍ଧର ବିଭୀଷିକା ଦେଖି ଅଶୋକ ମର୍ମାହତ ହେଲେ, ସେଥିପାଇଁ ସେ ଯୁଦ୍ଧବିରତି ଘୋଷଣାକଲେ। (ଗ) ବରଗଛ କୋରଡ଼ରେ ଅଶ୍ୱତ୍ଥ ଓ ବେଲ ଗଛ ଦୁଇଟି ଉଠିଥିଲା। (ଘ) ରାତିସାରା ପଙ୍ଖା ଗରମ ପବନ ବିଞ୍ଚିଥିଲା, ତେଣୁ ଦୁଇ ବଂଧୁ ପାହାନ୍ତିଆ ନ ହେଉଣୁ ବାହାରକୁ ଗଲେ। (ଙ) ଦୁଇ ଆଣ୍ଠୁ ଭିତରେ ଅଙ୍ଗଦ ମୁଣ୍ଡ ଗୁଞ୍ଜି ବସିଥିଲେ।

୬। (କ) ସୁନ୍ଦ-ଉପସୁନ୍ଦ (ଖ) ଚନ୍ଦ୍ରଭାଗା (ଗ) ଆଗନ୍ତୁକ (ଘ) ବିଶୁ (ଙ) ସୁନ୍ଦ

୭। (କ) ବାକ୍ୟରେ ଥିବା ଗୋଟିଏ ପଦ ଅନ୍ୟ ପଦଗୁଡ଼ିକର ଅର୍ଥବୋଧକତା ପାଇଁ ଅପେକ୍ଷା କଲେ, ତାହାକୁ ଆକାଂକ୍ଷା କୁହାଯାଏ। (ଖ) ବାକ୍ୟରେ ପଦାନ୍ୱୟୀ ଅବ୍ୟୟ ସମ୍ବନ୍ଧିତ ପଦର ପରେ ବ୍ୟବହୃତ ହୁଏ। (ଗ) ଦୁଇ ବା ତତୋଽଧିକ ପରସ୍ପର ସାପେକ୍ଷ ଖଣ୍ଡ ବାକ୍ୟର ସମନ୍ୱୟରେ ଜଟିଳ ବାକ୍ୟ ଗଠିତ ହୁଏ। (ଘ) ରାଧେଶ୍ୟାମଙ୍କ ଦ୍ୱାରା ଭାଷଣ ଭଲ ହୁଏ। (ଙ) ହରି ଯାତ୍ରା ଦେଖେ ନାହିଁ ବୋଲି କହିଲା।

୮। (କ) ସାବଧାନତା ସହିତ (ଖ) ବିଷଣ୍ଣ (ଗ) ବାହନ (ଘ) ଏକତ୍ର (ଙ) ରଜୋଗୁଣ

୯। (କ) ପ୍ରତିହିଂସା ମନୋଭାବ ପୋଷଣ କରିବା (ଖ) ଅତିବିଶ୍ୱାସୀ (ଗ) ଅମାନ୍ୟ କରିବା (ଘ) ହାତକୁ ଜିନିଷ ଆସିବା ପୂର୍ବରୁ ଉପଯୋଗ ପାଇଁ ପ୍ରସ୍ତୁତି (ଙ) ଅଧିକ ଆଶା କରୁଥିବା ବ୍ୟକ୍ତିକୁ ଅଳ୍ପ ମିଳିବା

୧୦। (କ) ☒ (ଖ) ☑ (ଗ) ☒ (ଘ) ☑ (ଙ) ☒

### ANSWER – PART – II (SUBJECTIVE)

୧୧। (କ) କାନନର ସବୁଜିମା ଚୂର୍ଣ୍ଣ କୁନ୍ତଳ ଯାହାର ଶୋଭାପାଏ, ପାହାଡ଼ୀ କନ୍ୟା ତଟିନୀମାଳା ଯାହାର କଟିଦେଶରେ ମେଖଳା ସାଜେ, ସେହି ପାହାଡ଼ ପର୍ବତ ପରିବେଷ୍ଟିତ ଅନନ୍ୟ ରୂପମାଧୁରୀ ମୟୂରଭଞ୍ଜର ଖିଚିଂ ଲେଖକଙ୍କ ଜନ୍ମଭୂମି। ବୃତ୍ତି ତାଙ୍କର ଅଧ୍ୟାପନା, ପ୍ରବୃତ୍ତି ଲେଖନୀ ଚାଳନା। ପ୍ରବନ୍ଧ ମାନସ, ଇତିହାସ ଓ କିମ୍ବଦନ୍ତୀ, ଭୁବନେଶ୍ୱରର ପ୍ରତ୍ନତାତ୍ତ୍ୱିକ ଅବଶେଷ ଆଦି ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କର କେତେକ ଉପାଦେୟ ସୃଷ୍ଟି।

ଜନ୍ମଭୂମିପ୍ରତି ପ୍ରବଞ୍ଚନା କରି ଯୁଗପୁରୁଷ ଶ୍ରୀକୃଷ୍ଣଙ୍କୁ କିପରି ଦଣ୍ଡ ଭୋଗିବାକୁ ପଡ଼ିଛି, ତାହା ଏଠାରେ ବର୍ଣ୍ଣିତ।

ଶ୍ରୀକୃଷ୍ଣ କିଏ? ହୋଇପାରନ୍ତି ବୈକୁଣ୍ଠପତି ଗୋଲୋକବିହାରୀ ବିଷ୍ଣୁ; କିନ୍ତୁ ତାଙ୍କ ବାଲ୍ୟକାଳ କଟିଥିଲା ନନ୍ଦ ଯଶୋଦାଙ୍କ କୋଳରେ, ଗୋପୀ ଗୋପାଳଙ୍କ ମେଳରେ, ଗୋପ ମାଟିର ଶାକ-ତଣ୍ଡୁଳରେ। ତିନି ଦିନକୁ କଣ୍ଠ କରି କୃଷ୍ଣ ଗଲେ ମଥୁରା, ଆଉ ଫେରିଲେ ନାହିଁ। ପୁତ୍ରକୁ ନ ଦେଖି ନନ୍ଦ-ଯଶୋଦା ଅନ୍ଧୀଭୂତ ହୋଇଗଲେ। ପ୍ରେମସ୍ୱରୂପା ଶ୍ରୀରାଧା ଝୁରିଝୁରି ଦୀନାକ୍ଷୀଣା ହେଲେ। ଝୁରିଲେ ଷୋହଳ ସହସ୍ର ଗୋପୀ, ଝୁରିଲେ ଗୋପ ବାଳକବୃନ୍ଦ, ଝୁରିଲା ଗୋପପୁର ମାଟି।

ଠିକ୍ ସେମିତି ପଲ୍ଲୀଭୂଇଁର ପିଲା ଉଚ୍ଚ ଶିକ୍ଷା ପାଇଁ ସହରକୁ ଯାଏ। ଅଜାଣତରେ ସେ ପିଲାକୁ ନେଇ ଗ୍ରାମବାସୀଙ୍କ ମନରେ ଏକ ପ୍ରତ୍ୟୟ ସୃଷ୍ଟି ହୁଏ। ପିତାମାତାଙ୍କର ଭରସାର ସ୍ଥଳ ହୁଏ; କିନ୍ତୁ ସେ ଆଉ ପଲ୍ଲୀ ମାଟିକୁ ଫେରେ ନାହିଁ। ପଲ୍ଲୀକୁ ନ ଫେରିବାର ଅନେକ ଯୁକ୍ତି ବାଢ଼େ, ପରଂପରାର ଦ୍ୱାହି ଦିଏ; କିନ୍ତୁ ପ୍ରକୃତରେ ଆଭିଜାତ୍ୟ ଜୀବନ ତାକୁ ବାଟବଣା କରେ।

ହୁଏତ ଶ୍ରୀକୃଷ୍ଣ ସେଦିନ ଆଭିଜାତ୍ୟର ମୋହରେ ବାଟବଣା ହୋଇଥିଲେ। ବିପୁଳ ରାଜ୍ୟ, ଅପରିସୀମ ବିଭବ, ନଭଶ୍ଚୁମ୍ବୀ ପ୍ରାସାଦ, ଅଷ୍ଟପାଟବଂଶୀ ଓ ଅଗଣିତ ପୁତ୍ରକନ୍ୟାଙ୍କୁ ପାଇ ଗୋପପୁରକୁ ଭୁଲିଗଲେ। ଜନ୍ମଭୂମି ସହିତ ବିଶ୍ୱାସଘାତକତାର ଫଳସ୍ୱରୂପ ଦ୍ୱାରକା ହେଲା ଜଳମଗ୍ନ, ମଦ୍ୟପ ବଂଶଧର ପରସ୍ପର ହଣାହଣି ହୋଇ ଧ୍ୱଂସ ହେଲେ। ସ୍ୱୟଂ ଶ୍ରୀକୃଷ୍ଣ ସର୍ବହରା ହୋଇ ଅବସାଦଗ୍ରସ୍ତ ମନରେ ଶ୍ରାନ୍ତକ୍ଳାନ୍ତ ଶରୀରକୁ ଢାଳିଦେଲେ ଲତିକା-ଦୋଳାରେ। ଗୋପପୁରରେ ଗୋଚାରଣ କରି ଯେଉଁ ପାଦ ଚର୍ମ ପାଦୁକାପରି କଠିନ ହୋଇଥିଲା, ଦ୍ୱାରକାରେ ରାଜଭୋଗରେ ନବ ପଲ୍ଲବପରି ରକ୍ତାଭ ପାଦକୁ ହରିଣକର୍ଣ୍ଣର ଭ୍ରମରେ ବ୍ୟାଧ ଶରାଘାତ କଲା; ତାହା ତାଙ୍କ ଜୀବନରେ ଶେଷ ଯବନିକା ହେଲା।

ଜନ୍ମଭୂମିପ୍ରତି ପ୍ରବଞ୍ଚନା କଲେ ଶ୍ରୀକୃଷ୍ଣଙ୍କଭଳି ଦୁର୍ଦ୍ଦଶା ଭୋଗକରିବାକୁ ପଡ଼ିବ ବୋଲି ଲେଖକଙ୍କ ଶିକ୍ଷିତ ସହରବାସୀଙ୍କୁ ଚେତାବନୀ ଶୁଣାଇଛନ୍ତି।

**କିମ୍ବା,**

ବିଜ୍ଞାନ, ଦର୍ଶନ, ସମାଜ, ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତା ଆଦି ଦିଗରେ ପ୍ରବନ୍ଧ ରଚନା ପାଇଁ ଶରତ କୁମାର ମହାନ୍ତିଙ୍କ କଲମ ଅବିଶ୍ରାନ୍ତ। ତାଙ୍କ ରଚିତ 'ଛତ୍ରପତି ବିବେକାନନ୍ଦ' ପୁସ୍ତକରୁ ଆଲୋଚ୍ୟ ପ୍ରବନ୍ଧ 'ନରେନ୍‌ରୁ ବିବେକାନନ୍ଦ' ଉଦ୍ଧୃତ।

ସଂସାର ବିରାଗୀ ବିବେକାନନ୍ଦ ରାଜାରାଜୁଡ଼ାଙ୍କ ସହିତ ସଂପର୍କ ରଖିବାର କାରଣ ଏଠାରେ ଆଲୋଚ୍ୟ।

ଯୋଗ୍ୟ ଗୁରୁଙ୍କର ସୁଯୋଗ୍ୟ ଶିଷ୍ୟ ଥିଲେ ବିବେକାନନ୍ଦ। ଯୋଗ, ଧ୍ୟାନ, ଧାରଣା ମାର୍ଗ ଛାଡ଼ି ଗୁରୁଙ୍କ ନିର୍ଦ୍ଦେଶରେ ଆଦରି ନେଇଥିଲେ ସେବାବ୍ରତ। ସାରା ଭାରତବର୍ଷ ବୁଲି ଦେଖିଲେ ଯେ ବୁଭୁକ୍ଷୁ ଜନତା ମୁଠାଏ ଭାତପାଇଁ ବ୍ୟାକୁଳ। ଦେଶ ଭ୍ରମଣ ବେଳେ ରାଜା, ମହାରାଜା, ଧନୀ ଗରିବ, ବିଭିନ୍ନ ଜାତିର ଲୋକଙ୍କ ଘରେ ଆତିଥ୍ୟ ଗ୍ରହଣ କରୁଥିଲେ। ଦୀନଦୁଃଖୀଙ୍କ ଘରେ ଆତିଥ୍ୟ ଗ୍ରହଣକରିବାର ଉଦ୍ଦେଶ୍ୟ ଥିଲା ସେମାନଙ୍କ ଜୀବନଶୈଳୀ ଓ ଦାରିଦ୍ର୍ୟ ସଂପର୍କରେ ଜାଣିବା। ମନରେ ସ୍ୱତଃ ପ୍ରଶ୍ନ ଉଠିବା ସ୍ୱାଭାବିକ, ଜଣେ ନିରାସକ୍ତ ସନ୍ନ୍ୟାସୀ ଭୋଗ ବିଳାସରେ ଜୀବନ ବିତାଉଥିବା ରାଜା ମହାରାଜାଙ୍କର ଅତିଥି ହେବାର ଉଦ୍ଦେଶ୍ୟ କ'ଣ? ଥରେ ତାଙ୍କର ଜଣେ ଗୁରୁଭାଇ ତାଙ୍କୁ ଏହି ପ୍ରଶ୍ନ ମଧ୍ୟ ପଚାରିଥିଲେ।

ସ୍ୱାମୀ ବିବେକାନନ୍ଦ ଥିଲେ ନିଃସ୍ୱ। ଦେଶର ଅଗଣିତ ବୁଭୁକ୍ଷୁ ଜନତାଙ୍କ ପେଟକୁ ମୁଠାଏ ଦାନା ଯୋଗାଇବା ସମ୍ଭବ ନଥିଲା। ତାଙ୍କ ମତରେ ହଜାର ହଜାର ଦରିଦ୍ର ଲୋକଙ୍କୁ ସତ୍‌ମାର୍ଗରେ ପରିଚାଳିତ ହେବାପାଇଁ ଉପଦେଶ ଦେବାରେ ବିଶେଷ ଫଳ ହେବ ନାହିଁ। ଗରିବ ଲୋକର ସତ୍‌କାର୍ଯ୍ୟ ପାଇଁ ଇଚ୍ଛା ଥିଲେ ବି କ୍ଷମତା ଅଭାବରୁ କରି ପାରିବେ ନାହିଁ; କିନ୍ତୁ ଜଣେ ରାଜାଙ୍କ ପାଖରେ ହଜାର ହଜାର ପ୍ରଜାଙ୍କର ମଙ୍ଗଳ ବିଧାନ କରିବାର ସାମର୍ଥ୍ୟ ରହିଛି। ରାଜା ଇଚ୍ଛା କଲେ ପ୍ରଜାମାନଙ୍କର ଭାଗ୍ୟ ବଦଳିଯିବ; କିନ୍ତୁ ରାଜା ମହାରାଜାଙ୍କର ସେ ପ୍ରକାର ଇଚ୍ଛା ନଥିଲା। ଅଗ୍ନିକୁ ପ୍ରଜ୍ୱଳିତ କରିବା ପାଇଁ ପ୍ରଚୁର ଜାଳେଣି କେବଳ ଆବଶ୍ୟକ ନୁହେଁ, ଅଗ୍ନି ସ୍ଫୁଲିଙ୍ଗ ଟିକିଏ ଆବଶ୍ୟକ। ଠିକ୍ ସେହିପରି ପ୍ରଜାମାନଙ୍କୁ ସତ୍‌କାର୍ଯ୍ୟ କରିବା ଦିଗରେ ଅଗ୍ରସର କରାଇବା ପାଇଁ ରାଜା ମହାରାଜାଙ୍କ ମନରେ ସେବା ମନୋଭାବ ଜାଗ୍ରତ ହେବା ଦରକାର। ଏହି ସେବା ମନୋଭାବ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ବିବେକାନନ୍ଦ ରାଜା ମହାରାଜାଙ୍କର ଆତିଥ୍ୟ ଗ୍ରହଣ କରୁଥିଲେ।

(ଖ) ଶଂସିତ ଗଦ୍ୟାଂଶଟି ପ୍ରାବନ୍ଧିକ ଶ୍ରୀ ବଂଶୀଧର ସାମନ୍ତରାୟଙ୍କ ରଚିତ 'ସଭ୍ୟତା ଓ ବିଜ୍ଞାନ' ପ୍ରବଂଧରୁ ଗୃହୀତ। ଭୋଗ ମାର୍ଗଗାମୀ ଜାତିଠାରୁ ଭାରତୀୟ ସଭ୍ୟତାର ଆଦର୍ଶ କିପରି ଭିନ୍ନ' ତାହା ଏଠାରେ ବର୍ଣ୍ଣିତ।

ପ୍ରାଚୀନ ରୋମୀୟ, ଗ୍ରୀସୀୟ ଓ ମିଶରୀୟ ସଭ୍ୟତାର ଆଦର୍ଶ ଥିଲା ଭୋଗ। ତେଣୁ ବୈଷୟିକ ଉନ୍ନତି ଥିଲା ସେମାନଙ୍କର ଲକ୍ଷ୍ୟ; କିନ୍ତୁ ଭାରତୀୟ ସଭ୍ୟତାର ଆଦର୍ଶ ଥିଲା ତ୍ୟାଗ ଓ ଆତ୍ମସଂଯମ। ସର୍ବବିଧ ବୈଷୟିକ ଜଞ୍ଜାଳକୁ ସେମାନେ ବିପଦର ହେତୁ ବୋଲି ଭାବୁଥିଲେ; ତଥାପି ଅନ୍ୟ ଜାତି ତୁଳନାରେ ଭାରତୀୟଙ୍କର ବୈଷୟିକ ଉନ୍ନତି କମ୍ ନଥିଲା। ପାର୍ଥକ୍ୟ ହେଲା - ସେମାନଙ୍କ ବୈଷୟିକ ଉନ୍ନତି ଇଚ୍ଛାକୃତ ଓ ଚେଷ୍ଟାକୃତ; ମାତ୍ର ଭାରତୀୟଙ୍କ ବୈଷୟିକ ଉନ୍ନତି ଅନିଚ୍ଛାକୃତ ଓ ସ୍ୱତଃସମ୍ଭୂତ। ଭୋଗମାର୍ଗୀ ଜାତି ବିଷୟବାସନାରେ ବୁଡ଼ି ଜୀବନକୁ ଉପଭୋଗ କରୁଥିଲାବେଳେ ବିଷୟର ମାଲିକ ହେଲେ ସୁଦ୍ଧା ଭାରତୀୟ ସେଥିରେ ସଂଶ୍ଳିଷ୍ଟ ହେଉ ନଥିଲା। ଏହି ମନୋଭାବ ଯୋଗୁଁ ଭୋଗମାର୍ଗୀ ଜାତିଠାରୁ ଭାରତୀୟ ପୃଥକ୍।

**କିମ୍ବା,**

ଉକ୍ତ ଗଦ୍ୟାଂଶଟି ଶ୍ରୀ ଗୋଲୋକବିହାରୀ ଧଳଙ୍କ ରଚିତ 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧରୁ ଗୃହୀତ। ଇଂରେଜି ଭାଷା ଯୋଗୁଁ ଆମର କିପରି ସମସ୍ୟା ସୃଷ୍ଟି ହେଉଛି ତାହା ବର୍ଣ୍ଣିତ।

କୃଷିର ଉନ୍ନତି ପାଇଁ ଓଡ଼ିଶାରେ କୃଷି କଲେଜ ସ୍ଥାପିତ ହେଲା। ଶିକ୍ଷାର ମାଧ୍ୟମ ରହିଲା ଇଂରେଜି। ଯଦି ମାତୃଭାଷାରେ ଶିକ୍ଷା ଦିଆଯାଇଥା'ନ୍ତା, ଇଂରେଜି ଜାଣି ନଥିବା ଅଭିଜ୍ଞ କୃଷକମାନେ ସାମୟିକ ଶିକ୍ଷା ପାଇବାର ସୁଯୋଗ ପାଇଥାନ୍ତେ। କୃଷି ଛାତ୍ରମାନେ ସରଳ ଭାଷାରେ ପୁସ୍ତକମାନ ଲେଖିପାରିଥାନ୍ତେ; ଯାହାଫଳରେ କୃଷିବିଷୟକ ଜ୍ଞାନର ପ୍ରସାର ହୋଇଥା'ନ୍ତା। କୃଷି ଛାତ୍ରମାନେ ଇଂରେଜି ମାଧ୍ୟମରେ ପାଠ ପଢ଼ିବାରୁ କୃଷକମାନଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ରହିପାରିଲା ନାହିଁ। ଓଡ଼ିଶାର ପାରମ୍ପରିକ କୃଷି ବିଷୟରେ ମଧ୍ୟ କୃଷି ଛାତ୍ର କିଛି ଜାଣିଲେ ନାହିଁ। ତେଣୁ ଓଡ଼ିଶାରେ କୃଷିର ଉନ୍ନତି ଯାହା, ଋଷିଙ୍କ ଶ୍ରାଦ୍ଧ ତାହା; ଅର୍ଥାତ୍ କୃଷିପାଇଁ ଯେତେ ଯୋଜନା, ତାହା ଫଳପ୍ରଦ ହୋଇପାରୁ ନାହିଁ।

୧୨। (କ) *"ଏ ପଦ ରଚନେ ମୁଁ ନକରେ ପ୍ରତିଜ୍ଞା*
*ଲେଖେ ସାରଳା ଦିଅନ୍ତି, ମୋତେ ଯାହା ଆଜ୍ଞା।"*

ବାଗ୍‌ଦେବୀ ବାଗୀଶ୍ୱରୀ ସାରଳାଙ୍କ କରୁଣାରୁ ସାରଳା ଦାସଙ୍କ କବିତ୍ୱରେ ସିଦ୍ଧି ଓ ପ୍ରସିଦ୍ଧି ଅର୍ଜନ କରିଥିବା କଥା ସ୍ୱୀୟ ସ୍ୱୀକାର କରିଛନ୍ତି। ସିଦ୍ଧି ଅର୍ଜନ କରିବାରେ କବିଙ୍କର ଅଧ୍ୟବସାୟକୁ ଅସ୍ୱୀକାର ମଧ୍ୟ କରିହେବ ନାହିଁ। ମହାଭାରତବ୍ୟତୀତ ଚଣ୍ଡୀପୁରାଣ ଓ ବିଚିତ୍ର ରାମାୟଣ ଆଦି କେତେକ ପୁରାଣ ଗ୍ରନ୍ଥ ତାଙ୍କର ଅମ୍ଳାନ କୃତି।

ଅହଙ୍କାରୀ, ଭ୍ରାତୃଦ୍ରୋହୀ, ଉଚ୍ଛୃଙ୍ଖଳ, ରାଜ୍ୟଲିପ୍ସୁ ଚରିତ୍ର ଭାବରେ ଦୁର୍ଯ୍ୟୋଧନ ମହାଭାରତର ଏକ କଳଙ୍କିତ ଚରିତ୍ର ଭିତରେ ତାଙ୍କର ଏକ ମହନୀୟ ଦିଗ କବି ଉନ୍ମୋଚନ କରିଛନ୍ତି।

ନିଷ୍କଣ୍ଟକ ରାଜ୍ୟଭୋଗ ପାଇଁ ତାଙ୍କର ଚିର ଶତ୍ରୁ ପାଣ୍ଡବ ନିଧନ ଥିଲା ପ୍ରମୁଖ ଲକ୍ଷ୍ୟ। ଜାନୁଭଗ୍ନ ପରେ ଯୁଦ୍ଧଭୂମିରେ ମୁମୂର୍ଷୁ ଅବସ୍ଥାରେ ମଧ୍ୟ ପାଣ୍ଡବ ନିଧନ ଚିନ୍ତାରୁ ସେ ମୁକ୍ତ ନଥିଲେ। ବାଲ୍ୟସାଥୀ ଗୁରୁପୁତ୍ର ଅଶ୍ୱତ୍ଥାମାଙ୍କ ଦ୍ୱାରା ପାଣ୍ଡବମାନଙ୍କୁ ନିହତ କରିବାର ଶେଷ ଚେଷ୍ଟା କରିଥିଲେ ଦୁର୍ଯ୍ୟୋଧନ।

ନିଶାନ୍ତରେ ଦୃଦକ୍ଷଠାରୁ ଦୁର୍ଯ୍ୟୋଧନ ଜାଣିବାକୁ ପାଇଲେ ଯେ, ଅଶ୍ୱତ୍ଥାମା ପାଣ୍ଡବଙ୍କ କଟାମୁଣ୍ଡ ନେଇ ଫେରୁଛି। ଉଲ୍ଲସିତ ଦୁର୍ଯ୍ୟୋଧନ ପରମୁହୂର୍ତ୍ତରେ ମୂର୍ଚ୍ଛା ହୋଇପଡ଼ିଲେ, ଯେତେବେଳେ ଜାଣିଲେ ଯେ ସେମାନେ ହେଉଛନ୍ତି ପାଣ୍ଡବଙ୍କ ପାଞ୍ଚ ପୁତ୍ର। ଅନୁତାପାନଳରେ ଦଗ୍ଧହୋଇଥିଲେ ଦୁର୍ଯ୍ୟୋଧନ। କବିଙ୍କ ଭାଷାରେ –

*"ମୂର୍ଚ୍ଛାଗତ ହୋଇଲା ଦେଖି ମାନଗୋବିନ୍ଦ*
*ହା ହା ଦଇବ ବୋଲି କପୋଳେ କରଧନ୍ଦ।"*

ଅଶ୍ୱତ୍ଥାମାର ମନ୍ଦ ବୁଦ୍ଧିଯୋଗୁଁ ଦୁର୍ଯ୍ୟୋଧନ ତାକୁ ସେନାପତି କରି ନଥିଲେ। ଶେଷବେଳକୁ କାର୍ଯ୍ୟ ସିଦ୍ଧିପାଇଁ ଅଶ୍ୱତ୍ଥାମାକୁ ଅନୁମତି ଦେଇଥିବାରୁ ଦୁର୍ଯ୍ୟୋଧନ ଅନୁତାପ କରିଛନ୍ତି। କାରଣ ଅଭିମନ୍ୟୁ, ଘଟୋତ୍କଚ, ଲକ୍ଷ୍ମଣକୁମାର ଯୁଦ୍ଧରେ ବୀରଗତି ପ୍ରାପ୍ତ ହେଲାପରେ ଏହି ପଞ୍ଚପୁତ୍ର କୁଳ ରକ୍ଷାକରିବେ ବୋଲି ଦୁର୍ଯ୍ୟୋଧନ ସ୍ଥିର କରିଥିଲେ। ନିଜ କୃତକର୍ମର ଫଳସ୍ୱରୂପ ସେ ଦୁଇକୁଳ ବୁଡ଼ାଇ ଅନୁଶୋଚନାରେ ଦଗ୍ଧୀଭୂତ ହୋଇଛନ୍ତି। ବାଳୁତ ହତ୍ୟା ମହାପାପ। ବାଳୁତ ହତ୍ୟା ଦୋଷରେ ନିଜକୁ ଦୋଷୀ କରି ଦୁର୍ଯ୍ୟୋଧନ ସନ୍ତାପିତ ହୋଇ ନିଜର ମୃତ୍ୟୁ କାମନା କରିଛନ୍ତି। କବିଙ୍କ ଭାଷାରେ –

*"ପଞ୍ଚଭୂତ ଆତ୍ମା କିମ୍ପେ ଅଛି ହୋ ନିର୍ଲଜ*
*ଯେ ପଞ୍ଚୁ ପୁଅଂକ ଅବସ୍ଥା ଦେଖି କିମ୍ପା ନୁହଁଇ ଦହିଜ।"*

ପୁତ୍ରହତ୍ୟା, ବାଳୁତ ବଧ ଦୋଷ, ବଂଶ ନିଅଂଶ ଆଦି କାରଣ ଯୋଗୁଁ ଦୁର୍ଯ୍ୟୋଧନ ଅନୁତାପ କରିଛନ୍ତି।

**କିମ୍ବା,**

ସ୍ୱଭାବକବି ଗଙ୍ଗାଧର ମେହେର ପ୍ରକୃତିର ପୂଜାରୀ ରୂପରେ ଓଡ଼ିଆ ସାହିତ୍ୟରେ ତାଙ୍କର ଅସାଧାରଣ ସୃଜନୀଶକ୍ତିର ପରିଚୟ ପ୍ରଦାନ କରିଛନ୍ତି। ତାଙ୍କର ପ୍ରକୃତିମୂଳକ କାବ୍ୟମାନଙ୍କ ମଧ୍ୟରେ 'ପ୍ରଣୟବଲ୍ଲରୀ' ଓ 'ତପସ୍ୱିନୀ' ଉଲ୍ଲେଖଯୋଗ୍ୟ। ବିଶେଷକରି ପ୍ରକୃତିଚିତ୍ରଣ ଦୃଷ୍ଟିରୁ କବିଙ୍କର ସମସ୍ତ ରଚନା ମଧ୍ୟରେ 'ତପସ୍ୱିନୀ'ର ସ୍ଥାନ ଶୀର୍ଷଦେଶରେ ରହିଛି। ଆଲୋଚ୍ୟ 'ମଙ୍ଗଳେ ଅଇଲା ଉଷା' ଶୀର୍ଷକ କବିତାଟି 'ତପସ୍ୱିନୀ' କାବ୍ୟର ଚତୁର୍ଥ ସର୍ଗରୁ ଉଦ୍ଧାର କରାଯାଇଅଛି।

ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣର ସିଦ୍ଧହସ୍ତତାରେ ଉଷାଙ୍କର ଆଶ୍ରମରେ ପଦାର୍ପଣ କବିତାର ପ୍ରାରମ୍ଭରେ ଉପସ୍ଥାପନା ହୋଇଛି। ଉଷାଙ୍କୁ କବି ଯୋଗେଶ୍ୱରୀ ରୂପରେ ସଜାଇ ଦେଇଛନ୍ତି। ସେ ସର୍ବମଙ୍ଗଳରେ ଆଶ୍ରମ ପ୍ରାଙ୍ଗଣରେ ପଦାର୍ପଣ କରିଛନ୍ତି। ପ୍ରସ୍ଫୁଟିତ ପଦ୍ମପୁଷ୍ପ ସଦୃଶ ନେତ୍ରା ଉଷାଦେବୀ ସୀତାଙ୍କ ଦର୍ଶନଜନିତ ଉତ୍କଣ୍ଠା ନେଇ ଆଶ୍ରମରେ ଉପସ୍ଥିତ। ଆଶ୍ରମର କଅଁଳିଆ ପତ୍ରଗୁଡ଼ିକରେ କାକରବିନ୍ଦୁ ମୁକ୍ତାପରି ଶୋଭାପାଉଛି। କବି କଅଁଳିଆ ପତ୍ରଗୁଡ଼ିକୁ ଉଷାଙ୍କ ହସ୍ତ ସହିତ ଓ କାକରବିନ୍ଦୁକୁ ଉପହାରର ମୁକ୍ତାସହ ତୁଳନା କରିଛନ୍ତି। ପ୍ରଭାତରେ କୋକିଳର କୋମଳ ଲଳିତ ଡାକକୁ କବି ଉଷାଙ୍କର ସୀତାଙ୍କୁ ରାତିପାହିବାର ସୂଚନା ଦେବାସହ ତୁଳନା କରିଛନ୍ତି।

ପ୍ରଭାତରେ ପ୍ରକୃତିର ଅଭିନବ ଦୃଶ୍ୟପଟ୍ଟରେ ସମୀରର ସାଇଁ ସାଇଁ ଗୀତ, ଭ୍ରମରର ବୀଣାଜିଣା ଗୁଣୁଗୁଣୁ ସ୍ୱର ତଥା କୁମ୍ଭାଟୁଆର ରାବକୁ କବି ଭାଟମାନଙ୍କର ସ୍ତୁତି ସଙ୍ଗେ ତୁଳନା କରିଛନ୍ତି। କଜଳପାତିର ଲୀଳାୟମାନ ଭଙ୍ଗୀକୁ କବି ଶ୍ରେଷ୍ଠ ମାଗଧର ପରିଚୟ ଦେଇଛନ୍ତି। ପ୍ରକୃତିର ଏହି ନୃତ୍ୟ, ଗୀତ, ବୀଣାବାଦନ ଓ ଭାଟସ୍ତୁତି ରାଜକୀୟ ମର୍ଯ୍ୟାଦା ଅନୁରୂପ ରାଜଲକ୍ଷ୍ମୀ ସୀତାଙ୍କ ଶଯ୍ୟାତ୍ୟାଗ ପାଇଁ କବି ଗଙ୍ଗାଧରଙ୍କ ବଳିଷ୍ଠ ପ୍ରକୃତି ଚିତ୍ରଣର ପରିଚୟ ଦିଏ। ପ୍ରକୃତିର ଅପରୂପ ଆୟୋଜନକୁ କବି ବର୍ଣ୍ଣନା କରି ଲେଖିଛନ୍ତି–

*''ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,*
*ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,*
*କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ*
*କଳିଙ୍ଗ ଅଇଲା ପାଟ ମାଗଧ ବେଶେ।''*

ବନରାଜିର ଶ୍ୟାମଳ ପରିବେଶରେ ମୁନିମୁଖର ବେଦସ୍ୱନ ପବିତ୍ର ଓଁକାର ଝଙ୍କାରିତ ହୋଇଉଠିଛି, ଯାହାକୁ କବି ସରସ୍ୱତୀଙ୍କର ବୀଣାବାଦନରେ ବିଷ୍ଣୁ ଓ ଅନନ୍ତଙ୍କର ପରିତୃପ୍ତିସହ ତୁଳନା କରିଛନ୍ତି।

କ୍ରମଶଃ ପ୍ରାତଃକାଳୀନ ସୁନେଲି ସୂର୍ଯ୍ୟଙ୍କର କୋମଳ ରଶ୍ମିରେ ବନଭୂମି ବର୍ଣ୍ଣୋତ୍ସବମୟ ଆଭା ଧାରଣ କରିଛି ଯାହାକୁ ମନ୍ତ୍ରବଳରେ ଶକ୍ତିପାତସହ ତୁଳନା କରି କବି ବର୍ଣ୍ଣନା କରିଛନ୍ତି–

*''ବେଳୁଁ ବେଳ ବନ ଉଜ୍ଜ୍ୱଳ*
*ମନ୍ତ୍ର ବଳେ ଯେହ୍ନେ ବଢ଼ି ଆସିଲା ବଳ।''*

କବିତାର ଶେଷ ପଂକ୍ତିରେ ତମସା ନଦୀର ପ୍ରାକୃତିକ ଶୋଭା ପରିସ୍ଫୁଟିତ ହୋଇଉଠିଛି। ପ୍ରଭାତ ସମୟରେ ତମସା କୂଳରେ ଥିବା ବୃକ୍ଷଗୁଡ଼ିକରୁ ପୁଷ୍ପଗୁଡ଼ିକ ନଦୀ ବକ୍ଷରେ ଝରିପଡ଼ିଛନ୍ତି। ପ୍ରଭାତୀ ତାରାର ଉଜ୍ଜ୍ୱଳ ଛବି ଦୀପର ଆଲୋକ ପରି ନଦୀବକ୍ଷରେ ଉଜ୍ଜ୍ୱଳ ଦେଖାଯାଉଥାଏ। ମତ୍ସ୍ୟଗଣ ନଦୀର ଜଳ ଉପରେ ନୃତ୍ୟ କରୁଥା'ନ୍ତି। ନଦୀ ବକ୍ଷରେ ପ୍ରକୃତିର ଏହି ଅଭିନବ ଦୃଶ୍ୟକୁ କବି ତମସାର ସୀତାଙ୍କପାଇଁ ଅଭ୍ୟର୍ଥନା ଆୟୋଜନ ସଙ୍ଗେ ତୁଳନା କରି ଲେଖିଛନ୍ତି–

*''ମୁହୁର୍ମୁହୁଃ ମୀନ-ନୟନେ*
*ଚାହିଁଥିଲା ସୀତା ସତୀ ଶୁଭାଗମନେ।''*

ସର୍ବଶେଷରେ ସୀତା ମୁନିକନ୍ୟାଙ୍କ ଗହଣରେ ତମସା ଜଳରେ ସ୍ନାନ କରିଛନ୍ତି। ଏହି ଦୃଶ୍ୟକୁ କବି ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି–

*''ସତୀଙ୍କି ତମସା ଅଙ୍କରେ*
*ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ କରେ।''*

ଏହିପରି ଭାବରେ ପଠିତ କବିତାରେ ପ୍ରକୃତିପ୍ରେମୀ ଗଙ୍ଗାଧରଙ୍କ ପ୍ରକୃତି ଚିତ୍ରଣର ନୈପୁଣ୍ୟତା ପ୍ରମାଣିତ ହୋଇପାରିଛି।

(ଖ) ଉକ୍ତ ପଦ୍ୟାଂଶଟି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଲିଖିତ 'ରାଘବଙ୍କ ଯାତ୍ରାନୁକୂଳ' କବିତାରୁ ଆନୀତ। କବି ଏଠାରେ ରାବଣର କୂଟନୀତି ସଂପର୍କରେ ଆଲୋକପାତ କରିଛନ୍ତି।

ଲଙ୍କାପତି ରାବଣ ଜାଣିବାକୁ ପାଇଲା ଯେ, ସମୁଦ୍ରରେ ସେତୁ ବାନ୍ଧି ରାମଚନ୍ଦ୍ର ସୀତାଙ୍କୁ ଉଦ୍ଧାର କରିବାପାଇଁ ପ୍ରୟାସ କରୁଛନ୍ତି। ଅନୁଜ ବିଭୀଷଣ, ବାନର ଓ ଭଲ୍ଲୁକମାନେ ତାଙ୍କୁ ସହାୟତା କରୁଛନ୍ତି। ଅଯଥା ଯୁଦ୍ଧର ଘନଘଟାକୁ ଏଡ଼ାଇବା ପାଇଁ ରାବଣ କୂଟନୀତିର ଆଶ୍ରୟ ନେଇଛି। ସୁଚତୁର ମାୟାବୀ ମନ୍ତ୍ରୀଦ୍ୱୟ ଶୁକ ସାରଣଙ୍କୁ ଦୂତ ଭାବରେ ପ୍ରେରଣ କରିଛି। କୌଣସିପ୍ରକାରେ ବିଭୀଷଣ ଓ ସୁଗ୍ରୀବଙ୍କୁ ରାମଙ୍କଠାରୁ ଦୂରେଇଦେଲେ ରାବଣ ନିଶ୍ଚିତ ହେବ। ପଛକଥା ଭୁଲି ଲଙ୍କାରେ ରାଜଐଶ୍ୱର୍ଯ୍ୟ ଭୋଗକରିବାକୁ ବିଭୀଷଣ ନିକଟକୁ ଖବର ପଠାଇଛି। ଅଙ୍ଗଦ ନିକଟକୁ ଖବର ପଠାଇଛି ଯେ, ରାମଚନ୍ଦ୍ର ତା'ର ପିତୃହନ୍ତା। ପିତୃହନ୍ତାକୁ ଭକ୍ତି କରି କେଉଁ ପୁଣ୍ୟ ସେ ଅର୍ଜନକରିବ? ପିତୃବ୍ୟଙ୍କ ସହିତ ବାନର ସେନାକୁ ଧରି ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିବା ଅଙ୍ଗଦପକ୍ଷେ ଉଚିତ ହେବ।

**କିମ୍ବା,**

ପ୍ରୋକ୍ତ ପଦ୍ୟାଂଶଟି ଅନନ୍ତ ପଟ୍ଟନାୟକଙ୍କ 'ଜାଗ ବନ୍ଧନହରା' କବିତାରୁ ଆନୀତ। ଅତୀତର ପୁରୁଣା ସମାଜକୁ ଭାଙ୍ଗି ନୂତନ ସମାଜ ଗଠନ ପାଇଁ ତରୁଣମାନଙ୍କୁ ଦେଇଥିବା ଉଦ୍‌ବୋଧନ ସଂପର୍କରେ କବି ଏଠାରେ ବର୍ଣ୍ଣନା କରିଛନ୍ତି।

ଅତୀତର ସମାଜ ହେଉଛି ଧନୀ-ଗରିବର ସମାଜ, ପୀଡ଼ାଦାୟୀ-ପୀଡ଼ିତର ସମାଜ, ଶୋଷଣକାରୀ-ଶୋଷିତର ସମାଜ। ଏ ପ୍ରକାର ସମାଜରେ ଗରିବର ଆତ୍ମସମ୍ମାନ ଭୂଲୁଣ୍ଠିତ ହୁଏ, ପୀଡ଼ିତର ଆର୍ତ୍ତଚିତ୍କାର ପବନରେ ମିଳେଇଯାଏ, ଶୋଷିତର ବକ୍ଷରୁ ରୁଧିରର ଧାରା ଛୁଟେ। ଏହି ସର୍ବହରାଙ୍କ ଦୁଃଖ ଦୂରକରିବା ପାଇଁ କବି ତରୁଣମାନଙ୍କୁ ଭବିଷ୍ୟତ ବୋଲି ସମ୍ବୋଧନ କରି ଅତୀତର ଜୀବନକୁ ବିଦୀର୍ଣ୍ଣ କରିବାକୁ କହିଛନ୍ତି। ଶୋଷଣ ବିରୁଦ୍ଧରେ ତରୁଣମାନଙ୍କର ବିଦ୍ରୋହର ରଥଚକ ତଳେ ପର୍ବତ ପରିମିତ ପୀଡ଼ନ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଉ। ପ୍ରତିବନ୍ଧକର ସମସ୍ତ ଅର୍ଗଳିକୁ ଭାଙ୍ଗି, ନୂତନ ଶ୍ରେଣୀହୀନ ସମାଜ ଗଠନ କରି ତରୁଣମାନେ ବିଜୟର ଜୟମାଲ୍ୟ ପିନ୍ଧନ୍ତୁ ବୋଲି କବି ଆଶାୟୀ ହୋଇଛନ୍ତି।

**୧୩।** ଧରାଧାମରେ ମନୁଷ୍ୟ ହିଁ ଶ୍ରେଷ୍ଠ ଜୀବ। କାରଣ ମନୁଷ୍ୟ ଏକମାତ୍ର ପ୍ରାଣୀ ଯେ ବିବେକାନୁମୋଦିତ କାର୍ଯ୍ୟ କରିବା ନିମନ୍ତେ ସ୍ୱାଧିକାର ଲାଭ କରିଥାଏ। ଏପରି କାର୍ଯ୍ୟ ତାକୁ ଉତ୍ତମ ବୁଦ୍ଧିସମ୍ପନ୍ନ, କାର୍ଯ୍ୟକ୍ଷମ ତଥା ଦୀର୍ଘ ଓ ନିରାମୟ ଜୀବନ ପ୍ରଦାନ କରିଥାଏ। ସ୍ଥୂଳତଃ ମନୁଷ୍ୟର ଉକ୍ତ ଜୀବନ ଲାଭ ଅନେକାଂଶରେ ତା'ର ଚତୁଃପାର୍ଶ୍ୱର ସମୃଦ୍ଧି ଉପରେ ନିର୍ଭରଶୀଳ। ଏହି ଚତୁଃପାର୍ଶ୍ୱ ହିଁ ତା'ର ପରିବେଶ, ଯାହା ମନୁଷ୍ୟର ପ୍ରଲମ୍ବିତ ଜୀବନର ଆଧାର। ସ୍ଥୂଳତଃ ମନୁଷ୍ୟକୁ ଚତୁଃପାର୍ଶ୍ୱରୁ ଘେରିରହି ତା'ର ଜୀବନ ତଥା କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଉଥିବା ପରିବୃତ୍ତକୁ ହିଁ ପରିବେଶ କୁହାଯାଏ।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



ଭିତରକନିକାରେ ବାର୍ଡଫ୍ଲୁ ଆଶଙ୍କା ଦେଖାଦେଇଛି। ଦେଶ ବିଦେଶରୁ ଆସୁଥିବା ପକ୍ଷୀମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ଅପରାହ୍ଣରେ ଏହି ଜାତୀୟ ଉଦ୍ୟାନ ସଂଲଗ୍ନ ବରୁଣେଇ ମୁହାଣ ଠାରୁ ମାତ୍ର ଏକ କିଲୋମିଟର ଦୂରରେ ଥିବା କୋଲଇପୁର ପଞ୍ଚାୟତର ବଡପଲ୍ଲୀଠାରେ ଦୁଇଟି ବିଦେଶାଗତ ପକ୍ଷୀ ମୃତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା।



## ବେଳାଭୂମି ପର୍ଯ୍ୟଟନକୁ ବଜେଟରେ ମିଳିପାରେ ଗୁରୁତ୍ୱ
### ଉପକୃତ ହେବ ଓଡ଼ିଶା

**ଭୁବନେଶ୍ୱର,୨୮।୧(ବ୍ୟୁରୋ):** ସାରାଦେଶରେ ଏକାଧିକ ବେଳାଭୂମି ରହିଛି। ଏହି ବେଳାଭୂମି ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ବୁଲିବାର ସ୍ଥାନ ପାଲଟିଛି। ତେଣୁ ଏହି ବେଳାଭୂମି ପର୍ଯ୍ୟଟନର ଭିତ୍ତିଭୂମିର ଉନ୍ନତି ପାଇଁ ସାଧାରଣ ବଜେଟ୍‌ରେ ଅଧିକ ଅର୍ଥ ବରାଦ ହେବ ବୋଲି ଆଶା କରାଯାଉଛି। ବେଳାଭୂମି ଅଞ୍ଚଳରେ ହୋଟେଲ ଶିଳ୍ପକୁ ପ୍ରୋତ୍ସାହନ ପାଇଁ ୧୦ ବର୍ଷ ଟ୍ୟାକ୍ସ ହଲିଡେ ଘୋଷଣା କରାଯିବାର ସମ୍ଭାବନା ରହିଛି। ଆଗାମୀ ୩ ବର୍ଷରେ ନୂତନ ୧୦ଟି ବେଳାଭୂମି ପର୍ଯ୍ୟଟନସ୍ଥଳୀ ଘୋଷଣା କରାଯାଇପାରେ। ସାରା ଦେଶରେ ପ୍ରାୟ ୭୫୧୭ ବର୍ଗ କିଲୋମିଟରର ବେଳାଭୂମି ରହିଛି। ରବିବାର ବାଲେଶ୍ୱରରୁ ଗୋପାଳପୁର ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମି ରହିଛି। ତେଣୁ କେନ୍ଦ୍ର ସରକାରଙ୍କ ନୂଆ ନିଷ୍ପତ୍ତି ରାଜ୍ୟ ପର୍ଯ୍ୟଟନ ପାଇଁ ସୁଯୋଗ ଆଣିପାରେ। ତାଳସାରୀ, ଉଦୟପୁର, ବାଲିଆପାଳ, ଚନ୍ଦ୍ରଭାଗା, ପୁରୀ ଏବଂ ଗୋପାଳପୁର ପ୍ରଭୃତି ବେଳାଭୂମିର ଉନ୍ନତୀକରଣ ପାଇଁ ରାଜ୍ୟ କେନ୍ଦ୍ରଠାରୁ ସ୍ୱତନ୍ତ୍ର ସହାୟତା ଆଶା କରୁଛି। ନିକଟରେ ଇକୋ-ରିଟ୍ରିଟ୍ ସଫଳତାର ସହିତ ଜାରି ରହିଛି, ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହନ ମିଳିପାରେ।

# ସରକାରଙ୍କ 'କରୋନା' ମୁକାବିଲା ପ୍ରସ୍ତୁତି




ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ।

- ସିଡିଏମ୍‌ଓଙ୍କୁ ସଚେତନ କରାଇଲେ ସ୍ୱାସ୍ଥ୍ୟ ସଚିବ
- ବିଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ ନଜର

**ଭୁବନେଶ୍ୱର, ୨୮।୧(ବ୍ୟୁରୋ)**

କରୋନା ଭୂତାଣୁ ସଂକ୍ରମଣ ନିୟନ୍ତ୍ରଣ, ପ୍ରତିରୋଧ, ପ୍ରସ୍ତୁତି ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ତଥା ହସ୍ପିଟାଲ୍ ମ୍ୟାନେଜରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ କହିଥିଲେ, କରୋନା ଭୂତାଣୁ ଏକ ସାଧାରଣ ଭୂତାଣୁ। ୨୦୦୨ରେ ପ୍ରଥମେ ଚାଇନାରେ ଏହାକୁ ଠାବ କରାଯାଇଥିଲା। ୨୦୧୨ରେ ଏହା ମଧ୍ୟପ୍ରାଚ୍ୟରେ ଦେଖା ଦେଇଥିଲା। ୨୦୧୯ ଡିସେମ୍ବରରେ ପୁଣି ଚାଇନାରେ ଏହି ଭୂତାଣୁ ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ୪,୫୬୫ ଜଣଙ୍କଠାରେ ଏହି ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଏଥିରେ ୧୦୬ ଜଣଙ୍କ ମୃତ୍ୟୁ ଘଟିଛି। ଭାରତ ତଥା ରାଜ୍ୟରେ କୌଣସି ରୋଗୀ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ଆମକୁ ଏହାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ପଡ଼ିବ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା ଆରମ୍ଭ କରାଯାଇଥିବାବେଳେ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲ୍, ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ଏସ୍‌ସିବିଓ ଭିମ୍‌ସାର ବୁର୍ଲା ମେଡିକାଲ୍ କଲେଜରେ ସମସ୍ତ ପ୍ରକାର ଚିକିତ୍ସା ବ୍ୟବସ୍ଥା ସହ ଆଇସୋଲେଶନ୍ ୱାର୍ଡ ଖୋଲାଯାଇଛି। ଅନ୍ୟ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ଏଥିପାଇଁ ପ୍ରସ୍ତୁତ ଓ ସଜାଗ ରହିବା ଦରକାର ବୋଲି ସଚିବ କହିଛନ୍ତି। ଅନ୍ୟପଟେ ବିଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ ଅଧିକ ନଜର ରଖାଯାଇଛି। ସେମାନଙ୍କ ବିଭିନ୍ନ ପ୍ରକାର ପରୀକ୍ଷା କରାଯାଉଛି। ବର୍ତ୍ତମାନ ସୁଦ୍ଧା ଚାଇନାରୁ ଫେରିଥିବା କାକଟପୁରର ଜଣେ ଯୁବକଙ୍କ ଶରୀରରେ କେବଳ ଥଣ୍ଡା ଲକ୍ଷଣ ଦେଖାଯାଇଛି। ଏହାବ୍ୟତୀତ ଅଧିକ କିଛି ମିଳିଲା ନାହିଁ। କୌଣସି ଔଷଧ ଉପଚାର ନ ଥିବାରୁ ଏନେଇ ପ୍ରତିଷେଧମୂଳକ ଭାବେ ସତର୍କ ରହିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଅଜିତ କୁମାର ମହାନ୍ତି କହିଥିଲେ, ନଭେଲ୍ କରୋନା ଭାଇରସ୍‌ରେ ସାଧାରଣ ଥଣ୍ଡା, କାଶ, ସର୍ଦ୍ଦି, ଦେହହାତ ଘୋଳାବିନ୍ଧା ହେବା ଭଳି ଲକ୍ଷଣ ପ୍ରକାଶ ପାଇଥାଏ। ଯଦି ସନ୍ଦେହ ଉପୁଜେ, ତେବେ ପୁଣେସ୍ଥିତ ଭାଇରୋଲୋଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ କନଫର୍ମେଶନ୍ ପାଇଁ ନମୂନା ପଠାଯିବ ଓ ଏସ୍‌ସିବି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ରେ ଚିକିତ୍ସା କରାଯିବ। ତେବେ ସମସ୍ତ ଜିଲାର ମୁଖ୍ୟ ଚିକିତ୍ସାଧିକାରୀମାନେ ନଭେଲ୍ କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସତର୍କ ଓ ପ୍ରସ୍ତୁତ ରହିବା ଦରକାର। ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି କହିଛନ୍ତି, କରୋନା ଭାଇରସ୍ ଶତାବ୍ଦୀ ଶତାବ୍ଦୀ ଧରି ରହିଆସିଛି। ଏବେ ତାହାର ଗୁଣସୂତ୍ର ବଦଳି ଯାଇଛି। ଏଥିରେ ପ୍ରଥମ ସପ୍ତାହରେ ସାଧାରଣ ଥଣ୍ଡା, ସର୍ଦ୍ଦି ଭଳି ଲକ୍ଷଣ ପ୍ରକାଶ ପାଇଥାଏ। ଦ୍ୱିତୀୟ ସପ୍ତାହ ବେଳକୁ ଏହା ଗୁରୁତର ଆକାର ଧାରଣ କରି ନିମୋନିଆ, ହାର୍ଟ, କିଡ୍‌ନୀ ଉପରେ କୁପ୍ରଭାବ ପକାଇଥାଏ ଓ ରୋଗୀର ଅବସ୍ଥା ଗୁରୁତର ହୋଇପାରେ। ତେଣୁ ଏହାର ପ୍ରାଥମିକ ଚିକିତ୍ସା ନିହାତି ଜରୁରୀ। ଆମକୁ ଏ ଦିଗରେ ସଚେତନ ହେବାକୁ ପଡ଼ିବ ଏବଂ ଏଥିପାଇଁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରସ୍ତୁତ ରହିବା ଦରକାର। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ଜନସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା. ହରପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମା'ଙ୍କ ଶୁଦ୍ଧିକ୍ରିୟା ପରେ ଜେଲକୁ ଫେରିଲେ ପୁଞ୍ଜିଲାଲ

**ପାଟଣାଗଡ, ୨୮।୧ (ଡି.ଏନ.ଏ.)**

୪ ଦିନିଆ ଜାମିନ ଅବଧି ଶେଷ ହେବା ପରେ ବଲାଙ୍ଗୀର ଜିଲା ପାଟଣାଗଡ ଏଡିଜେ କୋର୍ଟରେ ମଙ୍ଗଳବାର ପୂର୍ବାହ୍ଣ ୧୧ଟାରେ ହାଜର ହୋଇଥିଲେ ବହୁ ଚର୍ଚ୍ଚିତ ପାର୍ସଲ ବୋମା ବିସ୍ଫୋରଣର ମୁଖ ଅଭିଯୁକ୍ତ ପୁଞ୍ଜିଲାଲ ମେହେର। କୋର୍ଟରେ ହାଜର ହେବା ପରେ ବଲାଙ୍ଗୀର ପୋଲିସ ତାଙ୍କୁ ବଲାଙ୍ଗୀର ଜେଲକୁ ନେଇଯାଇଛି। ଗତ ୨୪ତାରିଖ ଦିନ ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ହାଇକୋର୍ଟ ତାଙ୍କୁ ୪ଦିନିଆ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। ଜାମିନ ମିଳିବା ପରେ ପୁଞ୍ଜିଲାଲ ପାଟଣାଗଡ଼ସ୍ଥିତ ରାମପୁର ବାସଗୃହକୁ ଯାଇଥିଲେ। ମା'ଙ୍କ ଅସ୍ଥି ସଂଗ୍ରହ କରି ଶୁଦ୍ଧିକ୍ରିୟା ସମ୍ପନ୍ନ କରିଥିଲେ।

## ବାହାଘର ଭୋଜି ଖାଇ ୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ



ଡାକ୍ତରଖାନାରେ ଅସୁସ୍ଥମାନେ ଚିକିତ୍ସିତ ହେଉଛନ୍ତି।

**ବାରିପଦା ଅଫିସ,୨୮।୧**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଷ୍ଟେଶନ ବଜାର ଅଞ୍ଚଳରେ ସୋମବାର ରାତିରେ ବାହାଘର ଭୋଜି ଖାଇ ୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇ ପଡ଼ିଛନ୍ତି। ଭୋଜି ଖାଇବା ପରେ ବାନ୍ତି ହେବାରୁ ବିଳମ୍ବିତ ରାତିରେ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

## ମନ୍ତ୍ରୀ ପଦ୍ମନାଭଙ୍କ ନାଁରେ ମାମଲା ରୁଜୁ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ,୨୮।୧**

ଅଡୁଆରେ ପଡ଼ିଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ନିର୍ବାଚନ ସମୟରେ ଶିକ୍ଷାଗତ ଯୋଗ୍ୟତା ନେଇ ବାରମ୍ବାର ମତ ବଦଳାଉଥିବା ଅଭିଯୋଗ ତାଙ୍କୁ ସମସ୍ୟା ଭିତରକୁ ଟାଣି ଆଣିଛି। ମନ୍ତ୍ରୀ ବେହେରାଙ୍କ ଶିକ୍ଷାଗତ ଯୋଗ୍ୟତା ଜାଲିଆତିକୁ ନେଇ ବୀରମହାରାଜପୁର ଥାନାରେ ହୋଇଥିବା ଏତଲା ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅନ୍ତର୍ଗତ ଦେଉଳମୁଣ୍ଡା ଗ୍ରାମର ଭଗବାନ ବାଘଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀ ମଙ୍ଗଳବାର ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଭଗବାନ ଅଭିଯୋଗ କରିଥିଲେ ଯେ, ୨୦୦୪ ସାଧାରଣ ନିର୍ବାଚନ ସମୟରେ ମନ୍ତ୍ରୀ ବେହେରା ନିର୍ବାଚନ ଅଧିକାରୀଙ୍କ ନିକଟରେ କରିଥିବା ସତ୍ୟପାଠରେ ସେ ୧୯୭୨ ମସିହାରେ କନ୍ଧମାଳ ଜିଲା କୋଟଗଡ଼ର ଟିଆର୍‌ଡବ୍ଲ୍ୟୁ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିବା ଉଲ୍ଲେଖ କରିଥିଲେ। ଅନ୍ୟ ଏକ ସତ୍ୟପାଠରେ ସେ ୧୯୭୩ ମସିହାରେ ସମାନ ସ୍କୁଲରୁ ମାଟ୍ରିକ୍ ପାସ୍ କରିଥିବା ଉଲ୍ଲେଖ କରିଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ସେ ବୀରମହାରାଜପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା ସମୟରେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ମଧ୍ୟ ଭୁଲ୍ ତଥ୍ୟ ରହିଥିଲା। ବିଭିନ୍ନ ନିର୍ବାଚନ ସମୟରେ ତାଙ୍କ ଦ୍ୱାରା ସତ୍ୟପାଠରେ ଶିକ୍ଷାଗତ ଯୋଗ୍ୟତାର ତାଳମେଳ ରହୁ ନ ଥିଲା। ଆବେଦନକାରୀ ଭଗବାନ ପ୍ରଥମେ ବୀରମହାରାଜପୁର ଥାନାରେ ମନ୍ତ୍ରୀଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ଦାଏର କରିଥିଲେ। ହେଲେ ଥାନା ଅଧିକାରୀ ମନ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରି ନ ଥିଲେ। ପରେ ଆବେଦନକାରୀ ଭଗବାନ ଏସ୍‌ପିଙ୍କୁ ଭେଟିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ବାଧହୋଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ମାନବ ଉପରେ ପରିବେଶର ପ୍ରଭାବ ଅବର୍ଣ୍ଣନୀୟ। କାରଣ ମାନବ ଏକ ସାମାଜିକ ପ୍ରାଣୀ। ସମାଜରେ ତା'ର ସୃଷ୍ଟି, ସ୍ଥିତି ଓ ବିଲୟ ଅବଧାରିତ। ଏହି ସମାଜ ଗୃହ ବା ପରିବାରରୁ ଆରମ୍ଭ ହୋଇ ବିଦ୍ୟାଳୟ, କର୍ମକ୍ଷେତ୍ର ଏପରିକି ଦେଶ ତଥା ବିଶ୍ୱର କୋଣାନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ, ଯାହାକି ମାନବର କର୍ମମୟ ଜୀବନର ପରିବ୍ୟାପ୍ତିକୁ ନେଇ ଗଠିତ। ଏଣୁ ପରିବେଶ କଥା ବିଚାର କଲାବେଳେ ପ୍ରଥମେ ଗୃହ ତଥା ପରିବାରର ପରିଚର୍ଯ୍ୟା ପ୍ରତି ଦୃଷ୍ଟିଦେବାକୁ ହେବ। ଏଣୁ ଗୃହ ମଧ୍ୟକୁ ଯଥେଷ୍ଟ ଆଲୋକ ଓ ବାୟୁର ଗମନାଗମନ, ଗୃହର ଆବର୍ଜନା ନିକ୍ଷେପଣ, ଗୃହର ଆସବାବପତ୍ର ସଠିକ୍ ସ୍ଥାନୀକରଣ ପ୍ରତି ଦୃଷ୍ଟିଦେବା ଗୃହକର୍ତ୍ତା ଓ ପରିବାର ସଦସ୍ୟଗଣଙ୍କର ଦାୟିତ୍ୱ। ଏତଦ୍‌ବ୍ୟତୀତ ଗୃହ ଚତୁଃପାର୍ଶ୍ୱରେ ଗୋରୁଗୁହାଳ, ନାଳ-ନର୍ଦ୍ଦମା, ଅଯଥା ନିଘଞ୍ଚ ବୃକ୍ଷଲତା ଆଦି ନ ରହିଲେ ଗୃହ ତଥା ତା'ର ସଂଲଗ୍ନ ପରିବେଶ ସ୍ୱାସ୍ଥ୍ୟପ୍ରଦ ହେବ।

ଏହାପରେ ସମାଜର ପ୍ରତିରୂପ ଗ୍ରାମାଞ୍ଚଳ ବା ସହର ପ୍ରତି ଦୃଷ୍ଟିପାତ କଲେ ରାସ୍ତାଘାଟକୁ ସଫା ରଖିବା ସଙ୍ଗେ ସଙ୍ଗେ କୂପମୂଳ, ପୋଖରୀତୁଠ, ନଈଘାଟକୁ ନିର୍ମଳ ରଖିବା ବିଧେୟ। ମନେରଖିବାକୁ ହେବ ଯେ, ଗ୍ରାମସ୍ଥ ପୁଷ୍କରିଣୀରେ ଗୋରୁ-ଗାଈ, ଛେଳି-ମେଣ୍ଢା ଆଦି ପଶୁଗୁଡ଼ିକୁ ଗାଧୋଇଦେବା ଫଳରେ ତଥା ପୋଖରୀ ହୁଡ଼ାରେ ଝାଡ଼ା-ପରିସ୍ରା ଶେଷକରି ଜଳରେ ଗାଧୋଇଲେ ଏବଂ ଲୁଗା ସଫା କଲେ ଜଳ ଦୂଷିତ ହୋଇ ପରିବେଶକୁ ଅସୁସ୍ଥ କରେ। ସ୍ଥୂଳତଃ ଗ୍ରାମାଞ୍ଚଳ ପରିବେଶକୁ ପରିଷ୍କାର, ପରିଚ୍ଛନ୍ନ ରଖି ଏହାକୁ ଆନନ୍ଦଦାୟକ, ସ୍ୱାସ୍ଥ୍ୟପ୍ରଦ, ସତେଜ ଓ ସୁନ୍ଦର ରଖିବା ପ୍ରତ୍ୟେକ ବାସିନ୍ଦାଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ସେହିପରି ସହରାଞ୍ଚଳରେ ପରିବେଶ ଦୂଷିତ ହେବାର ଅନେକ କାରଣ ଅଛି। ବଡ଼ କଥା ହେଲା ଅନେକ ଯାନ ଚଳାଚଳ କରିବା ଯୋଗୁଁ ଧୂମକୁଣ୍ଡଳୀ ଓ ଅବାଞ୍ଛିତ ଶବ୍ଦ ସୃଷ୍ଟିହୋଇ ପରିବେଶ ଦୂଷିତ କରୁଅଛି। ଅନେକ ବାସଗୃହ ନିର୍ମାଣ ଯୋଗୁଁ ବୃକ୍ଷଲତାର ଅବକ୍ଷୟ ସାଙ୍ଗକୁ ଚତୁଃପାର୍ଶ୍ୱ ସଂକୀର୍ଣ୍ଣ, ଜନାକୀର୍ଣ୍ଣ ଓ ଅପରିଷ୍କାର ହେଉଛି। ଫଳରେ ଅଙ୍ଗାରକାମ୍ଳ ପରିମାଣ ବୃଦ୍ଧି, ବୃଷ୍ଟିପାତର ହ୍ରାସ ଓ ଗ୍ରୀଷ୍ମତାପ ବୃଦ୍ଧି ଘଟି ଅଂଶୁଘାତ ଭଳି ଦୁର୍ବିପାକ ସାଙ୍ଗକୁ ଅନ୍ୟାନ୍ୟ ଅନେକ ପ୍ରକାର ବ୍ୟାଧି ସହଜରେ ବ୍ୟାପୁଛି।

ସ୍ଥୂଳତଃ ପରିବେଶର ଅସନ୍ତୁଳନଜନିତ ମହାବ୍ୟାଧିରୁ ମାନବ ସମାଜକୁ ରକ୍ଷାକରିବା ହିଁ ପ୍ରତ୍ୟେକଙ୍କର କର୍ତ୍ତବ୍ୟ। ଏଥିପାଇଁ ନୂତନ ଜଙ୍ଗଲ ସୃଷ୍ଟି କରିବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଜଙ୍ଗଲ କ୍ଷୟକୁ ରୋକିବା, କଳକାରଖାନା ତଥା ଗାଡ଼ିମଟରରୁ ନିଷ୍କାସିତ ଦୂଷିତ ଜଳ ଓ ଧୂମକୁଣ୍ଡଳୀ ଉପଯୁକ୍ତ ମାର୍ଗରେ ନିର୍ଗମନ ପ୍ରତ୍ୟେକଙ୍କର ଏକାନ୍ତ ଦାୟିତ୍ୱ। ଅବଶ୍ୟ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଶିଳ୍ପାୟନର ଆବଶ୍ୟକତା ଥିଲେହେଁ ଶିଳ୍ପାନୁଷ୍ଠାନ ସହରାଞ୍ଚଳଠାରୁ ଯଥେଷ୍ଟ ଦୂରରେ ରହି ପରିବେଶ ଉପରେ କୁପ୍ରଭାବ ନ ପକାଇବା ବାଞ୍ଛନୀୟ।

ଆନନ୍ଦର କଥା ବର୍ତ୍ତମାନର ସରକାର ପରିବେଶକୁ ପ୍ରଦୂଷଣମୁକ୍ତ କରିବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ବଡ଼ କଥା ହେଲା ପତ୍ରପତ୍ରିକା ଓ ଦୂରଦର୍ଶନ ମାଧ୍ୟମରେ ଜନସଚେତନା ବୃଦ୍ଧିପାଇଁ ପ୍ରଚେଷ୍ଟା ଏହି ଦିଗରେ ନିଶ୍ଚିତରୂପେ ଏକ ସଫଳ ପଦକ୍ଷେପ। ଏତଦ୍‌ବ୍ୟତୀତ ପଥପ୍ରାନ୍ତ ବନୀକରଣ ଓ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ବନୀକରଣ ଯୋଜନାରେ ଏକସପ୍ତାହବ୍ୟାପୀ ବନମହୋତ୍ସବ କାର୍ଯ୍ୟକ୍ରମରେ ବୃକ୍ଷରୋପଣ ପରିବେଶ ସନ୍ତୁଳନ ନିମନ୍ତେ ଏକ ଫଳପ୍ରସୂ ପଦକ୍ଷେପ। ଆଉ ମଧ୍ୟ ଶିକ୍ଷାନିକେତନଗୁଡ଼ିକରେ ଏହି ସମ୍ବନ୍ଧୀୟ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠାନ କରି ଜନସଚେତନତା ବୃଦ୍ଧି କରିବା ଏକ ଆନନ୍ଦଦାୟକ ପଦକ୍ଷେପ। ପୁନଶ୍ଚ ଅନେକ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରଚେଷ୍ଟା ଅଭିନନ୍ଦନୀୟ।

ଏକବିଂଶ ଶତାବ୍ଦୀ ହିଁ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଏହା ପ୍ରତ୍ୟେକଙ୍କର ସ୍ମରଣ ରହିବା ଉଚିତ ଯେ ଆମ ''ପରିବେଶ ହିଁ ଆମ ଜୀବନ'' – ତେବେ ଆମର ପରିବେଶ ସନ୍ତୁଳିତ, ସୁସ୍ଥ, ନିରାମୟ ତଥା ପ୍ରଦୂଷଣମୁକ୍ତ ହୋଇପାରିବ।

(ଖ) ସୁଜଳା-ସୁଫଳା-ଅରଣ୍ୟକୁନ୍ତଳା-ନିସର୍ଗ ପ୍ରକୃତିର ଅନନ୍ୟ ରଙ୍ଗଶାଳା ଉତ୍କଳ ଜନନୀର ବନଶ୍ରୀ କାଳେ କାଳେ କବି, ଭାବୁକ ଓ ଦାର୍ଶନିକମାନଙ୍କର ଚିତ୍ତବିନୋଦନର ଉପଜୀବ୍ୟ ଉପାଦାନରୂପେ ବିଶ୍ୱବିଶ୍ରୁତ। କାନନକୁନ୍ତଳା ଉତ୍କଳଜନନୀଙ୍କର ଅରଣ୍ୟାନିଚୟ ସୌନ୍ଦର୍ଯ୍ୟ ଓ ସମ୍ପଦର ପ୍ରାଣକେନ୍ଦ୍ର।

ଏହାର ଅରଣ୍ୟସମ୍ପଦ ସମ୍ପର୍କରେ ଆଲୋଚନାକୁ ପ୍ରବେଶ କଲେ ପ୍ରଥମେ ଦୃଷ୍ଟିଗୋଚର ହୁଏ ଶାଳ, ପିଆଶାଳ, ଅସନ, ବାନ୍ଧଣା, କୁରୁମ, ଶିଶୁ ଆଦି ବୃକ୍ଷର ନିଘଞ୍ଚ ବନାନୀ। ଏହାବ୍ୟତୀତ ହରିଡ଼ା, ବାହାଡ଼ା, ଅଁଳା, ବେତ, ବାଉଁଶ, ଲାଖ, କେନ୍ଦୁପତ୍ର, ଝୁଣାଭଳି ବସ୍ତୁଗୁଡ଼ିକସହ ମହୁ, ଶାଳପତ୍ର, ମହୁଲ, ହାତୀଦାନ୍ତ, ଶିଂଗ ଭଳି ମୂଲ୍ୟବାନ ପଦାର୍ଥ ଏବଂ ଫୁଲଫଳ, ଚେରମୂଳସହ ବାଘ, ଭାଲୁ, ଶମ୍ବର, ହରିଣ, ଗୟଳ, ହାତୀ ଭଳି ପଶୁଗୁଡ଼ିକ ଏହି ଅରଣ୍ୟସମ୍ପଦର ଅନ୍ତର୍ଭୁକ୍ତ।

ଏହା ସୁସ୍ପଷ୍ଟ ଯେ ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ସମସ୍ତ ଆଦିବାସୀଙ୍କର ଅରଣ୍ୟ ହିଁ ସୃଷ୍ଟି, ସ୍ଥିତି ଓ ବିଲୟର ଆଧାର। ଜଙ୍ଗଲ ହିଁ ଏମାନଙ୍କର ବଞ୍ଚିରହିବାର ଅନନ୍ୟ ଉପାଦାନ। ଏତଦ୍‌ବ୍ୟତୀତ ଜଙ୍ଗଲରୁ ମିଳୁଥିବା କାଠଗୁଡ଼ିକ ଗୃହୋପକରଣ, ନାନାବିଧ ଆସବାବପତ୍ର ଓ ରେଳଲାଇନ୍ ନିର୍ମାଣର ଅପରିହାର୍ଯ୍ୟ ଉପାଦାନ। ଆଉମଧ୍ୟ ଜାହାଜ ନିର୍ମାଣ ଏବଂ ନଦୀ ନାଳରେ ପୋଲ ନିର୍ମାଣପାଇଁ କାଠ ଏକାନ୍ତ ଆବଶ୍ୟକ। ଥାଳି ଓ ଠୋଲା ତିଆରିରେ ଶାଳ ଏବଂ ଶିଆଳି ପତ୍ର ବ୍ୟବହାର ହେଉଥିବାବେଳେ ବିଡ଼ି ତିଆରି ପାଇଁ କେନ୍ଦୁପତ୍ର ଏକାନ୍ତ ଆବଶ୍ୟକ। ଆଉମଧ୍ୟ ବାଉଁଶପାତରୁ ଝୁଡ଼ି, ଟୋକେଇ, କୁଲା, ବାଉଁଶିଆ ଭଳି ଗୃହୋପକରଣ ତିଆରି ହେଉଥିବାବେଳେ ତୃଣଜାତୀୟ ଉଦ୍ଭିଦରୁ ଝାଡ଼ୁ ତିଆରି ହୁଏ। ଏତଦ୍‌ବ୍ୟତୀତ ଅରଣ୍ୟରୁ ମିଳୁଥିବା ଝୁଣା, ହରିଡ଼ା, ବାହାଡ଼ା, ଅଁଳା ଭଳି ଔଷଧୀୟ ବସ୍ତୁଗୁଡ଼ିକ ଅନେକ ମୂଲ୍ୟରେ ବିକ୍ରି କରାଯାଇ ଦେଶର ଆର୍ଥନୀତିକ ଅଭିବୃଦ୍ଧି ସାଧିତ ହେଉଅଛି। ପଶୁମାନଙ୍କ ଚମଡ଼ା, ହାଡ଼, ଶିଙ୍ଗରୁ ବହୁମୂଲ୍ୟ ସାମଗ୍ରୀ ଉତ୍ପାଦିତ ହେଉଅଛି। ସେଗୁଡ଼ିକ ମଧ୍ୟରେ ବ୍ୟାଗ, ଜୋତା, ପାନିଆ, ଖେଳନା ତଥା ବାଦ୍ୟଯନ୍ତ୍ରର ଉପକରଣ ଆଦି ପ୍ରଧାନ।

ପରନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଆଧୁନିକ ସଭ୍ୟ ସମାଜ ନିଜର ସୁଖ ଓ ସୁବିଧା ପାଇଁ ଏହି ଜଙ୍ଗଲଗୁଡ଼ିକୁ ବିନାଦ୍ୱିଧାରେ କ୍ଷୟ କରୁଛି। ଗୃହନିର୍ମାଣ, ଶିଳ୍ପାୟନ ତଥା କଳକାରଖାନା ବସାଇବାର ଆବଶ୍ୟକତା ଦର୍ଶାଇ ଅରଣ୍ୟର ଗଛଲତା କାଟି ଅରଣ୍ୟସମ୍ପଦକୁ କ୍ଷୟ କରାଯାଉଛି। କେତେକ କ୍ଷେତ୍ରରେ ଆଦିବାସୀମାନେ ନିଜର ସୁବିଧା ହାସଲ ନିମନ୍ତେ ଜଙ୍ଗଲଗୁଡ଼ିକରେ ଅଗ୍ନି ସଂଯୋଗ କରି ଦେଉଛନ୍ତି। ଫଳରେ ଜଙ୍ଗଲକ୍ଷୟ ଘଟି ପଶୁସମ୍ପଦର ଅପଚୟ, ବୃଷ୍ଟିହୀନ, ମୃତ୍ତିକା କ୍ଷୟ ଓ ବନ୍ୟାପ୍ରକୋପ ବୃଦ୍ଧି ଘଟୁଛି।

ଏଥିପାଇଁ ଜଙ୍ଗଲସମ୍ପଦର ସୁରକ୍ଷା ଓ ସଂରକ୍ଷଣ ହିଁ ଆଜିର ଆହ୍ୱାନ। ଏହି କ୍ଷେତ୍ରରେ ସରକାରୀ ସଚେତନତା ବୃଦ୍ଧିପାଇବା ଯୋଗୁଁ ବୃକ୍ଷ କର୍ତ୍ତନ ଏକ ଧର୍ତ୍ତବ୍ୟ ଅପରାଧଭାବେ ଗଣ୍ୟ ହେଉଛି। ପଶୁସମ୍ପଦର ସୁରକ୍ଷା ନିମନ୍ତେ କର୍ମଚାରୀ ନିୟୋଜିତ କରାଯାଇଛି। ଆଉ ମଧ୍ୟ ପ୍ରତିବର୍ଷ ସରକାରୀ ସ୍ତରରେ 'ବନମହୋତ୍ସବ' ସପ୍ତାହ ପାଳନ କରାଯାଉଛି। ବନୀକରଣ ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓ ସମାଜରେ ଜନସଚେତନତା ସୃଷ୍ଟି କରାଯାଉଛି। ଅନେକ କ୍ଷେତ୍ରରେ ସଂରକ୍ଷିତ ଜଙ୍ଗଲ ସୃଷ୍ଟି କରାଯାଇ ଆଇନ ପ୍ରୟୋଗ ମାଧ୍ୟମରେ ସେଗୁଡ଼ିକ ରକ୍ଷଣାବେକ୍ଷଣ କରାଯାଉଛି। ମୟୂରଭଞ୍ଜର 'ଶିମିଳିପାଳ' ଓ ଭିତରକନିକା ଜାତୀୟ ଉଦ୍ୟାନ ଉପରୋକ୍ତ କାର୍ଯ୍ୟକ୍ରମର ନମୁନା। ଅରଣ୍ୟସମ୍ପଦର ସୁରକ୍ଷା ତଥା ସଂରକ୍ଷଣ ନିମନ୍ତେ 'ବନ ନିଗମ' ସଂସ୍ଥା ସୃଷ୍ଟି କରାଯାଇଛି। ଏହାବ୍ୟତୀତ ସରକାର ପଥପ୍ରାନ୍ତ ବନୀକରଣ ଓ ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରି ଛୋଟ ଛୋଟ ଜଙ୍ଗଲ ସୃଷ୍ଟି କରୁଛନ୍ତି। ଭୁବନେଶ୍ୱର, କଟକ ଭଳି ସହରଗୁଡ଼ିକୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି।

ଆଧୁନିକ ମାନବ ସଭ୍ୟତାକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାକୁ ହେଲେ ଅରଣ୍ୟସମ୍ପଦର ସୁରକ୍ଷା ଓ ସଂରକ୍ଷଣ ଯେ ଅପରିହାର୍ଯ୍ୟ, ଏହା ଏକବିଂଶ ଶତାବ୍ଦୀର ମାନବ ହୃଦୟଙ୍ଗମ କରିବା ଏକାନ୍ତ ଆବଶ୍ୟକ। 'ବୃକ୍ଷ ହିଁ ଜୀବନ' – ଆଜିର ଆହ୍ୱାନ ଭାବେ ଗ୍ରହଣ ନ କଲେ, ଏହି ସଭ୍ୟତାର ଅକାଳ କ୍ଷୟ ଯେ ଅବଶ୍ୟମ୍ଭାବୀ, ଏଥିରେ ଦ୍ୱିମତର ଅବକାଶ ନାହିଁ।

(ଗ) ଶିକ୍ଷାର ଗୁରୁତ୍ୱ ସବୁରି ପାଇଁ। ସେଥିରେ ନାରୀ ପୁରୁଷର ଭେଦ ନାହିଁ। ସମାଜର ଓ ପରିବାରର ପରିକଳ୍ପନା ହୁଏ ପୁରୁଷ ଓ ନାରୀକୁ ନେଇ। ନାରୀ ବିନା ପରିବାର ଓ ସମାଜ ଅଧୁରା ରହେ। ସେଇପରି ନାରୀଶିକ୍ଷା ବିନା ଦେଶର ଶିକ୍ଷା ବ୍ୟବସ୍ଥା ମଧ୍ୟ ଅଧୁରା ରହିଯାଏ।

ନାରୀ ଆମ ଆଗରେ ଦେଖାଦିଏ ଭଉଣୀ, ସ୍ତ୍ରୀ ଏବଂ ମା' ରୂପରେ। ଏ ତିନି ରୂପ ତିନୋଟି ଗୁରୁତ୍ୱପୂର୍ଣ୍ଣ କାମ କରେ। ଲକ୍ଷ୍ୟକଲେ ଦେଖାଯିବ, ଆମ ଜୀବନ ଓ ପରିବାର ପୂର୍ଣ୍ଣାଙ୍ଗ ହୁଏ ନାରୀର ସହଯୋଗରେ। ସମାଜର ଅର୍ଦ୍ଧାଙ୍ଗ ଯଦି ଅଶିକ୍ଷା, ରୋଗାକ୍ରାନ୍ତ ହୁଏ, ସମାଜ ନଷ୍ଟ ହେବ। ଅଶିକ୍ଷିତା ନାରୀ ନାନା କୁସଂସ୍କାର ନେଇ ଚଳିବ। ସେ ତା'ର ଦାୟିତ୍ୱ ସମ୍ଭାଳି ପାରିବ ନାହିଁ। ପୁରୁଷକୁ ଠିକ୍‌ଭାବେ ସାହାଯ୍ୟ କରିପାରିବ ନାହିଁ। ତା'ର ଉପଯୁକ୍ତ ସହକର୍ମିଣୀ ଓ ସହଧର୍ମିଣୀ ହୋଇପାରିବ ନାହିଁ। ସେଇପରି ଅଶିକ୍ଷିତା ମା' ପୁଅ ଝିଅଙ୍କ ଜୀବନ ଗଢ଼ିବାରେ ଠିକ୍ ଭୂମିକା ନେଇପାରିବେ ନାହିଁ। କଥାରେ ଅଛି, ଗୋଟିଏ ପୁରୁଷ ଶିକ୍ଷିତ ହେଲେ, ଜଣେ ଲୋକ ଶିକ୍ଷିତ ହୁଏ। ଜଣେ ନାରୀ ଶିକ୍ଷିତ ହେଲେ ଗୋଟିଏ ପରିବାର ଶିକ୍ଷିତ ହୁଏ। ମା' ଯେ ପୁଅ ଝିଅର ପ୍ରଥମ ଶିକ୍ଷକ। ପୃଥିବୀର ବହୁ ମହାତ୍ମାଙ୍କ ଜୀବନକୁ ସେମାନଙ୍କ ମା'ମାନେ ଗଢ଼ିଥିବାର ଇତିହାସ ଅଛି। ସେଇପରି ଦୈନନ୍ଦିନ ଜୀବନ କ୍ଷେତ୍ରରେ ଅନେକ ସମସ୍ୟା ଅଛି, ଶିକ୍ଷିତା ନାରୀ ହିଁ ତାର ସମାଧାନ କରିପାରିବ। ପୁରୁଷ ସହିତ ସମକକ୍ଷ ହୋଇ ତା'ର ମନ୍ତ୍ରୀ, ସହାୟକ, ବନ୍ଧୁ ହୋଇ ସେ ଏକ ଉନ୍ନତ ସଚେତନ ସମାଜ ଗଢ଼ିବାରେ ସାହାଯ୍ୟ କରିପାରିବ। ଏସବୁ ଦୃଷ୍ଟିରୁ ନାରୀଶିକ୍ଷା ଏକାନ୍ତ ଆବଶ୍ୟକ।

ଖୁବ୍ ପ୍ରାଚୀନ ଯୁଗରେ ଭାରତରେ ମୁକ୍ତ ସମାଜ ଥିଲା ଏବଂ ପୁରୁଷ ଓ ନାରୀଶିକ୍ଷାରେ ବେଶ୍ ପାରଦର୍ଶିତା ପାଇବାର ସମାନ ସୁଯୋଗ ପାଉଥିଲେ। ଗାର୍ଗୀ, ମୈତ୍ରେୟୀ, ବିଶ୍ୱବାରା; ଐତିହାସିକ ଯୁଗର ଲୀଳାବତୀ, ଖନା, ଭାରତୀ ପୁଣି ଲକ୍ଷ୍ମୀବାଈ, ରାଣୀ ଦୁର୍ଗାବତୀ, ମୀରାବାଈ ଆଦିଙ୍କ କାହାଣୀ ସମସ୍ତଙ୍କୁ ଜଣା। ସେହିପରି ଏ ଯୁଗର ସରୋଜିନୀ ନାଇଡୁ, କସ୍ତୁରବା, କମଳା ନେହେରୁ, ଇନ୍ଦିରା ଗାନ୍ଧି, ବିଜୟଲକ୍ଷ୍ମୀ, ଅମୃତା ପ୍ରୀତମ୍, କୁନ୍ତଳା କୁମାରୀ ପ୍ରଭୃତିଙ୍କ କୃତିତ୍ୱ ଜନବନ୍ଦିତ। ଏସବୁ ମହାନ୍ ନାରୀପ୍ରତିଭା ଆମର ଗୌରବ ନିଶ୍ଚୟ।

ଭାରତରେ ନାରୀଶିକ୍ଷା ଚରମ ଦୁର୍ଦ୍ଦଶାର ଶିକାର ହେଲା ଦ୍ୱାଦଶ ଶତାବ୍ଦୀଠାରୁ ଅଷ୍ଟାଦଶ ଶତାବ୍ଦୀଯାଏ। ଏହି କାଳରେ ନାରୀକୁ ଘର ଭିତରେ ବାନ୍ଧି ରଖିବାର କଳ୍ପନା ଆସିଲା। ଭାରତ ଭାଗ୍ୟରେ ସବୁଠାରୁ ଦୁର୍ଦ୍ଦିନ ସମୟ ଏଇ କାଳ।

ଊନବିଂଶ ଶତାବ୍ଦୀକୁ ରାଜା ରାମମୋହନ ରାୟ, ଗୌରୀଶଙ୍କର ରାୟ, ମହର୍ଷି ଦୟାନନ୍ଦ ପ୍ରଭୃତି ସଂସ୍କାରକମାନେ ନାରୀଶିକ୍ଷାର ଗୁରୁତ୍ୱ ବର୍ଣ୍ଣନା କରି ନାରୀ ବିମୁକ୍ତି ଆନ୍ଦୋଳନ ଚଳେଇଲେ। ତାହା ପୁଣି ମହାତ୍ମା ଗାନ୍ଧିଙ୍କ ହାତରେ ପଡ଼ିଲା ଏବଂ ସ୍ୱାଧୀନତା ଆନ୍ଦୋଳନ, ସମାଜସଂସ୍କାର, ନାରୀ ତଥା ମୁକ୍ତିକୁ କାର୍ଯ୍ୟକ୍ରମର ଏକ ଅଂଶ କରିନେଲା। ଫଳରେ ନାରୀଶିକ୍ଷାପାଇଁ ବାଟ ଖୋଲିଗଲା।

ଓଡ଼ିଆ ସାହିତ୍ୟର ମହାନ୍ ସ୍ରଷ୍ଟା ଫକୀରମୋହନଙ୍କ 'ରେବତୀ' ଗଳ୍ପଟି ନାରୀଶିକ୍ଷାପାଇଁ ପ୍ରଥମ ବତି ପରି କାମ କରିଛି। ବର୍ତ୍ତମାନ ଭାରତରେ ନାରୀମାନେ ସମାନ ସାମ୍ବିଧାନିକ ଅଧିକାର ପାଇଛନ୍ତି। ସେମାନଙ୍କ ଶିକ୍ଷାପାଇଁ ରାଷ୍ଟ୍ର ସମସ୍ତ ପ୍ରକାର ଉତ୍ସାହ ଦେଉଛି। ସେମାନଙ୍କୁ ମାଟ୍ରିକ୍ ଶେଷଯାଏ ଅବୈତନିକ ପାଠ ପଢ଼ାଯାଏ। ଝିଅମାନଙ୍କପାଇଁ ଅଲଗା ବାଳିକା ସ୍କୁଲ ଓ ମହିଳା ମହାବିଦ୍ୟାଳୟମାନ ରହିଛି। ତା' ଛଡ଼ା ସହଶିକ୍ଷାରେ ଅନେକ ସଂଖ୍ୟାର ଝିଅ ପଢ଼ନ୍ତି।

ଆମର କୁସଂସ୍କାର ଓ ଆର୍ଥିକ ଦୁରବସ୍ଥା ଏହାର ସବୁଠୁଁ ବଡ଼ ପ୍ରତିବନ୍ଧକ। 'ଝିଅ ଜନମ ପରଘରକୁ', 'ଝିଅ ଜନମ ଚୁଲିମୁଣ୍ଡକୁ' ଏମିତି ଆମର କୁସଂସ୍କାର ଯୋଗୁଁ ଝିଅମାନଙ୍କୁ ସ୍କୁଲ୍‌କୁ ପଠାଯାଏନି। ତା' ଛଡ଼ା ଝିଅ ପଢ଼ିଲେ ନଷ୍ଟ ହୋଇଯିବ ବୋଲି ଏକ ଭ୍ରମ ଆମ ସମାଜରେ ଅନେକ ଲୋକଙ୍କୁ ଘାରିଛି। ତେଣୁ ଝିଅଙ୍କୁ ସ୍କୁଲକୁ ପଠାଯାଏନି। ଘରେ ମା'ଙ୍କୁ ଝିଅ ନାନା କାମରେ ସାହାଯ୍ୟ କରେ। ସେ ପଢ଼ି ଗଲେ, ଏ କାମ କିଏ କରିବ। ଏଇ ଡର ମଧ୍ୟ ନାରୀଶିକ୍ଷାକୁ ବ୍ୟାହତ କରୁଛି। ତେଣୁ ପ୍ରାଥମିକ ଶ୍ରେଣୀରୁ ସ୍ନାତକୋତ୍ତର ଶ୍ରେଣୀଯାଏ ନାରୀମାନଙ୍କ ସଂଖ୍ୟା ସେଭଳି ଉତ୍ସାହଜନକ ହୋଇନାହିଁ।

ଏ ସବୁପ୍ରକାର ବାଧାକୁ ପଛକୁ ପକେଇ ନାରୀ ଜାତିକି ଶିକ୍ଷା ଦେବାକୁ ହେବ। ଏହା ହିଁ ଭାରତର ଜାତୀୟ ଶିକ୍ଷା ନୀତିରେ ଉଲ୍ଲେଖ ରହିଛି। ସେଥିପାଇଁ ଗଣମାଧ୍ୟମଗୁଡ଼ିକ ନାରୀଶିକ୍ଷା ସମ୍ପର୍କରେ ଖୁବ୍ ପ୍ରଚାର ଚଳେଇଛନ୍ତି। ସେମାନଙ୍କୁ ଚାକିରି ଓ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ଦିଆଯାଉଛି। ଏପରିକି ରାଜନୀତିରେ ବି ସ୍ୱତନ୍ତ୍ର ସୁବିଧା ଅଛି।

ବେଳେବେଳେ ନାରୀମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମର କଥା ଉଠେ। ସେଭଳି ପଦକ୍ଷେପର କୌଣସି ଆବଶ୍ୟକତା ନାହିଁ; ବରଂ ଶିଶୁ ଯତ୍ନ, ଶିଶୁ ପାଳନ, ଶିଶୁ ସ୍ୱାସ୍ଥ୍ୟ, ଘର ପରିଚାଳନା ଆଦି ସମ୍ପର୍କରେ ବିଭିନ୍ନ ଦୀର୍ଘ ଛୁଟିରେ ପାଠ୍ୟକ୍ରମ ପ୍ରଚଳନ କଲେ ବିଶେଷ ଉପକାର ହେବ। କୌଣସିମତେ ନାରୀଶିକ୍ଷାପାଇଁ ସାରା ଜାତି ଅନୁକୂଳାତ୍ମକ କାର୍ଯ୍ୟକ୍ରମ ନେବା ଉଚିତ ଏବଂ ସେମାନଙ୍କୁ ପୂର୍ଣ୍ଣ ସାକ୍ଷର କରିବା ଏକାନ୍ତ ଆବଶ୍ୟକ। ନେପୋଲିୟନ୍ ପରା କହନ୍ତି : The future destiny of the child is always the works of the mother.

୧୪। ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ଛାତ୍ରାବାସ,ଅମରଦା

ତା ୧୫/୬/୨୦୨୦

ଶ୍ରଦ୍ଧେୟା ମୀନୁ,

ବାପା ଓ ବୋଉଙ୍କୁ ମୋର ପ୍ରଣାମ ଜଣାଇବୁ। ଗତକାଲି ତୋ ଚିଠି ପାଇଲି। ମା'ଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଜାଣି ମନ ଟିକେ ଭଲଲାଗୁଛି। ବାପାଙ୍କ ଛୁଟି ବୋଧେ ସରିଯିବଣି। ତୁ ଜାଣିଛୁ ବାପାଙ୍କ ଅଫିସ୍‌ରୁ ଫେରିବା ସମୟ। ଦେହ ଟିକେ ଭଲଲାଗିଲେ ଘରକାମରେ ବ୍ୟସ୍ତ ରହିବା ମା'ଙ୍କର ପ୍ରବୃତ୍ତି। ପୂର୍ବପରି ମା' ଯଦି ଘରକାମ କରିଚାଲିବେ ତା'ହେଲେ ସେ ଦୁର୍ବଳତା ଅନୁଭବ କରିବା ସହିତ ପୁଣି ରୁଗ୍‌ଣା ହୋଇଯିବେ। ତୋର ବର୍ତ୍ତମାନ ଅଷ୍ଟମ ଶ୍ରେଣୀ। ପଢ଼ାପଢ଼ିରେ କେବେହେଲେ ଅବହେଳା କରିବୁ ନାହିଁ। ପ୍ରତିଟି ବିଷୟକୁ ଗୁରୁତ୍ୱ ଦେବୁ। ମନଦେଇ ପାଠପଢ଼ିବା ସହିତ ଘରକାମରେ ମା'ଙ୍କୁ ସାହାଯ୍ୟ କରୁଥିବୁ। ଘରକାମ କଲେ ମା' ଉପକୃତ ହେବା ସହିତ ତୋର ମଧ୍ୟ ମାନସିକ କ୍ଳାନ୍ତି ଦୂର ହେବ। ଘରକାମ ଏକପ୍ରକାର ଶାରୀରିକ ବ୍ୟାୟାମ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାଦ୍ୱାରା ଶରୀର ସୁସ୍ଥ ରହିବ। ତୁ ମଧ୍ୟ କ୍ରମେ ଘରକାମ ଜାଣିଯିବୁ। ଯାହା ତୋ ଭବିଷ୍ୟତ ପାଇଁ ଆଶୀର୍ବାଦ ସ୍ୱରୂପ ହେବ। ପାଠ ପଢ଼ା ସହିତ ଘରକାମରେ ବିଚକ୍ଷଣତା ଦେଖି ସମସ୍ତେ ଖୁସି ହେବେ। ଆମ ଶ୍ରେଣୀ ଶିକ୍ଷୟିତ୍ରୀ ସ୍ମିତା ଅପା ଝିଅମାନଙ୍କୁ କହୁଥିଲେ, ''ଝିଅମାନେ ଘରକାମ କଲେ ସେମାନଙ୍କ ମନ ପ୍ରଫୁଲ୍ଲ ରହିବା ସହିତ ପାଠ ପଢ଼ାରେ ଆଗ୍ରହ ଆସେ। ସେହି ଝିଅମାନେ ଆଜି ପ୍ରତିଟି କ୍ଷେତ୍ରରେ ପୁଅମାନଙ୍କୁ ପଛରେ ପକାଇ ଆଗୁଆ ହେଉଛନ୍ତି।'' ତେଣୁ ତୁ ଘରକାମ ପ୍ରତି ବୀତସ୍ପୃହ ନ ହୋଇ ମାଆଙ୍କୁ ସାହାଯ୍ୟ କରିବୁ। ଆଗରେ ପ୍ରିଟେଷ୍ଟ ପରୀକ୍ଷା। ତେଣୁ ମୁଁ ଘରକୁ ଯାଇପାରୁନାହିଁ। ପରୀକ୍ଷା ପରେ ଯାଇ ବୁଲି ଆସିବି। ତୁ ତୋ କର୍ତ୍ତବ୍ୟରେ ଅବହେଳା କରିବୁ ନାହିଁ ବୋଲି ମୋର ଆଶା। ଚିଠିପାଇ ଚିଠି ଦେବୁ, ରହୁଛି ।

ତୋର ଶୁଭାକାଙ୍କ୍ଷୀ
ଭାଇ ପଦାରବିନ୍ଦ

**ଠିକଣା ଟିକେଟ**

| **ପ୍ରେରକ** | **ଗ୍ରାହକ** |
|---|---|
| ପଦାରବିନ୍ଦ ଦାସ ୧୦ମ (କ) | ମୀନାକ୍ଷୀ ଦାସ |
| ଶ୍ରୀ ଅରବିନ୍ଦ ବିଦ୍ୟାପୀଠ | ଗ୍ରା- ବରଦିଆ |
| ଗ୍ରା/ପୋ- ଅମରଦା | ପୋ- ବରମୁଣ୍ଡଳି |
| ଜି- ମୟୂରଭଞ୍ଜ | ଜି- ମୟୂରଭଞ୍ଜ |
| ପିନ୍- ୭୫୭୦୫୫ | ପିନ୍- ୭୫୭୦୫୧ |

**କିମ୍ବା,**

ମାନନୀୟ ଶ୍ରୀଯୁକ୍ତ ଓଡ଼ିଶାର ସାଂସ୍କୃତିକ ବିଭାଗ ମନ୍ତ୍ରୀ
ଓଡ଼ିଶା ସରକାର, ଭୁବନେଶ୍ୱର ମହୋଦୟେଷୁ ।

**ବିଷୟ:** ଗ୍ରାମରେ ଏକ ପାଠାଗାର ସ୍ଥାପନପାଇଁ ଆବେଦନ।

ମହାଶୟ,

ଆମେ ବିରିଡ଼ି ବ୍ଲକ୍ ଅନ୍ତର୍ଗତ କୋଳଥିଆ ଗ୍ରାମର ଅଧିବାସୀବୃନ୍ଦ ଆମର ଶୈକ୍ଷିକ ଓ ସାଂସ୍କୃତିକ ଚେତନାର ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ଏକ ପାଠାଗାର ପ୍ରତିଷ୍ଠା ନିମନ୍ତେ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ ।

ଆମ ଗ୍ରାମର ଲୋକସଂଖ୍ୟା ପ୍ରାୟ ପାଞ୍ଚହଜାର । ଏହି ଗ୍ରାମରେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ରହିଅଛି । ଗ୍ରାମଟିରେ ଶୈକ୍ଷିକ ଚେତନାଦୀପ୍ତ ଯୁବକଯୁବତୀଙ୍କ ସଂଖ୍ୟା ଅଧିକ ଓ ନିରକ୍ଷର ପ୍ରାୟ ନାହାଁନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବଶ୍ୟ ଉପଯୁକ୍ତ କର୍ମସଂସ୍ଥାନର ଅଭାବରେ କେତେକ ଶିକ୍ଷିତ ଯୁବକ ଗ୍ରାମରେ ରହୁଛନ୍ତି । ସେହି ଚପଳମତି ବାଳକବାଳିକାମାନଙ୍କର ସମୟର ସଦୁପଯୋଗ ପାଇଁ ଗୋଟିଏ ପାଠାଗାର ଏକାନ୍ତ ଆବଶ୍ୟକ । ଏହା ମାଧ୍ୟମରେ ଦେଶବିଦେଶର ତାଜା ଖବର ତଥା କର୍ମଚାରୀମାନଙ୍କର ଆବଶ୍ୟକତା ବିଷୟରେ ଅନେକ କିଛି ତଥ୍ୟ ମିଳିପାରିବ । ଏହାବ୍ୟତୀତ ଜ୍ଞାନ ସଂଗ୍ରହଣ ଓ ବିତରଣ ନିମନ୍ତେ ପାଠାଗାରର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ । ପରନ୍ତୁ ଦୁଃଖର କଥା, ଅର୍ଥାଭାବରୁ ଏହି ଗ୍ରାମରେ ଗୋଟିଏ ପୁସ୍ତକାଗାର ପ୍ରତିଷ୍ଠା କରାଯାଇପାରୁ ନାହିଁ ।

ଏଣୁ ବିନୀତ ଅନୁରୋଧକରୁ କି, ସରକାରଙ୍କର ସାଂସ୍କୃତିକ ବିଭାଗ ତରଫରୁ ଏହି ସୃଜନଶୀଳ ପଦକ୍ଷେପଟିକୁ ସାକାର କରିବା ନିମନ୍ତେ ଆର୍ଥିକ ସହାୟତା ଯୋଗାଇଦେଲେ ଆମେ ଗ୍ରାମବାସୀବୃନ୍ଦ ଚିରୋପକୃତ ହେବୁ ।

ପ୍ରକାଶ ଥାଉକି ପାଠାଗାର ସ୍ଥାପନ ନିମନ୍ତେ ଆବଶ୍ୟକ ସ୍ଥାନ ଯୋଗାଣ ଓ ଗୃହନିର୍ମାଣ ନିମନ୍ତେ ଶ୍ରମଦାନ କରିବାର ଆଗ୍ରହ ଏବଂ ଉତ୍ସାହର ଅଭାବ ରହିବ ନାହିଁ ।

ଆପଣଙ୍କର ବିଶ୍ୱସ୍ତ
କୋଳଥିଆ ଗ୍ରାମବାସୀବୃନ୍ଦ
ବିଜନ ପଟ୍ଟନାୟକ
ବିନୟ କୁମାର ମହାପାତ୍ର
ସାଧନାରାଣୀ ସ୍ୱାଇଁ
ବ୍ରଜବନ୍ଧୁ ସାମଲ

କୋଳଥିଆ,
ତା ୧୦.୪.୨୦୨୦

୧୫। (କ) ସ୍ୱାମୀ ବିବେକାନନ୍ଦଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ପାଇଁ ପ୍ରତ୍ୟେକ ଯୁବ ପିଢ଼ିର ଆଦର୍ଶ ଅଟନ୍ତି। (ଖ) ପ୍ରତିବର୍ଷ ଜାନୁୟାରୀ ୧୨ ତାରିଖକୁ ଭାରତ ସରକାର ଯୁବ ଦିବସରୂପେ ପାଳନ କରୁଥିବାରୁ ତାହା ଆନନ୍ଦର ବିଷୟ ବୋଲି ଲେଖକ କହିଛନ୍ତି। (ଗ) ସ୍ୱାମୀ ବିବେକାନନ୍ଦ ଚିକାଗୋ ସହରରେ ଅନୁଷ୍ଠିତ ବିଶ୍ୱ ଧର୍ମ ମହାସଭାରେ ଐତିହାସିକ ଭାଷଣ ଦେଇ ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେହି ସହରକୁ ଯାଇ ଲେଖକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲେଖକଙ୍କର ଉଦ୍ଦେଶ୍ୟ ଥିଲା। (ଘ) ଅର୍ଥାଭାବରୁ ବିବେକାନନ୍ଦ ଅର୍ଦ୍ଧାହାର, ଅନାହାରରେ ରହୁଥିବାବେଳେ ଆମେରିକା ଯାଇଥିଲେ। ସଂପୂର୍ଣ୍ଣ ଅପରିଚିତ ସନ୍ନ୍ୟାସୀ ଭାବରେ ଆମେରିକାବାସୀଙ୍କୁ ଭାରତର ମହାନ ସଂସ୍କୃତି ଓ ଧର୍ମପରଂପରା ବିଷୟରେ ପରିଚିତ କରାଇ ଉଦ୍‌ବୁଦ୍ଧ କରିବା ତାଙ୍କ ସାହସିକତାର ପ୍ରମାଣ। (ଙ) ଅନଗରିକ ଧର୍ମପାଳକ ହେଉଛନ୍ତି ବିଶ୍ୱ ଧର୍ମ ମହାସଭାରେ ଯୋଗଦେଇଥିବା ବୌଦ୍ଧଧର୍ମାବଲମ୍ବୀ ଜଣେ ସନ୍ଥ।

❑❑❑

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଜାନୁଆରୀ, ୨୦୨୦



ଆଳସ୍ୟ ପରି ଶତ୍ରୁ କେହି ନାହିଁ। ଏହା ସମାଜର ସବୁ ସୁଖଶାନ୍ତିକୁ ନଷ୍ଟ କରିଦିଏ।
- ବିନୋବା ଭାବେ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- କବି ଚକ୍ରଧର ରାଉତଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା।
- ଏକାମ୍ର ସତ୍ୟ ସେବାଶ୍ରମ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ବୁଦ୍ଧ ବିହାର, ୟୁନିଟ-୯, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକ ଚର୍ଚ୍ଚା କାର୍ଯ୍ୟକ୍ରମ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।

**ପୁରୀ**
- ଭିତରଛ ମଧୁସୂଦନ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ବସନ୍ତ ଉତ୍ସବ, ସିଂହଦ୍ୱାର ନିକଟ, ସନ୍ଧ୍ୟା ୬ଟା।
- ଶାଟୀକା ପ୍ରଦାନ ମହୋତ୍ସବ, ଶ୍ରୀଲ ନରୋତ୍ତମ ଭଜନ କୁଟୀର (ଦାମୋଦର ରୋଡ), ରାତି ୮ଟା।

**ଖୋର୍ଦ୍ଧା**
- ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳାର ୩ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ହାବେଳୀ ପଡିଆ, ସନ୍ଧ୍ୟା ୬ଟା।

**ଚୌଦ୍ୱାର**
- ଶ୍ରୀଜଗନ୍ନାଥ ମହୋତ୍ସବ, ସତ୍ୟନାରାୟଣ ପଡ଼ିଆ, ଓଟିଏମ୍ କଲୋନୀ, ସକାଳ ୭ଟା।

# ଭର୍ଚୁଆଲ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧(ବ୍ୟୁରୋ)



- ଅନ୍‌ଲାଇନ୍‌ରେ ମିଳିବ ସଡ଼କ ଦୁର୍ଘଟଣା କାଗଜପତ୍ର
- ସେଥିରେ ଦେଇ ହେବ ଗାଡ଼ି ଚୋରି ଏଫଆଇଆର୍
- ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି, ବୀମା କମ୍ପାନୀ, ଥାନାରୁ ପ୍ରମାଣପତ୍ର ସଂଗ୍ରହ ସହଜ ହେବ

ସଡ଼କ ଦୁର୍ଘଟଣାରେ ଆହତ କିମ୍ବା ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କୁ ବୀମା ପାଇବାକୁ ନାକେଦମ୍ ହେବାକୁ ପଡୁଛି। ଦୁର୍ଘଟଣା ସମ୍ପର୍କିତ ପ୍ରମାଣପତ୍ର ଯୋଗାଡ଼ କରିବାକୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଛି। ଏଥିଯୋଗୁ ବୀମା ପାଇବା ପାଇଁ ଦାବି ଜଣାଇବାକୁ ବହୁ ସମୟ ଚାଲିଯାଉଛି। ଫଳରେ ଦୁର୍ଘଟଣା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ବୀମା ରାଶି ପାଇବାକୁ ବହୁ ହଇରାଣ ହରକତ ହେବାକୁ ପଡୁଛି। ତେବେ ଏଣିକି ଆଉ କାଗଜପତ୍ର ଗୋଟାଇବାକୁ ଥାନା, ଡାକ୍ତରଖାନା ଦୌଡିବାକୁ ପଡିବ ନାହିଁ। ଏପରି କି ବୀମା କମ୍ପାନୀ ମଧ୍ୟ ସମସ୍ତ ପ୍ରମାଣ ପତ୍ର ଅତି ସହଜରେ ପାଇପାରିବେ। ଏଥିସକାଶେ ରାଜ୍ୟ ସରକାର ଭର୍ଚୁଆଲ ଥାନା ସ୍ଥାପନ କରିଛନ୍ତି। ଏହାଦ୍ୱାରା ସରକାରୀ କାର୍ଯ୍ୟାଳୟ ଦୌଡିବା ଭାରକୁ ହ୍ରାସ କରାଯିବା ସହ ଗୃହ ବିଭାଗରେ ମୋ ସରକାର ଓ ୫-ଟିକୁ କାଡାକଡି କରାଯାଇଛି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନଠାରେ ଓଡ଼ିଶା ପୋଲିସ୍ ଅଧୀନରେ ଭର୍ଚୁଆଲ ଥାନା, ରାସ୍ତା ଦୁର୍ଘଟଣା ମାମଲା ପ୍ରମାଣପତ୍ର ମଡ୍ୟୁଲ ଏବଂ ମେଡିକୋ ଓପିନିୟନ ସିଷ୍ଟମର ଶୁଭାରମ୍ଭ କରିଛନ୍ତି।

ଭର୍ଚୁଆଲ ଥାନା ହେଉଛି ଏକ ଅନ୍‌ଲାଇନ୍ ବ୍ୟବସ୍ଥା। ଭୁବନେଶ୍ୱରରେ ଥିବା ରାଜ୍ୟ ଅପରାଧ ରେକର୍ଡ ବ୍ୟୁରୋ ଅଧୀନରେ ଏହା କାର୍ଯ୍ୟ କରିବ। ଏଥିରେ ଅନ୍‌ଲାଇନ୍ ଜରିଆରେ ଅଜଣା ଗାଡ଼ି ଓ ଚୋରି ମାମଲା ମଧ୍ୟ ଦାଏର କରାଯାଇ ପାରିବ। ଏଥିପାଇଁ ଥାନାକୁ ଯିବାକୁ ପଡିବ ନାହିଁ। ଯଦି ୨୧ ଦିନ ମଧ୍ୟରେ ଚୋରି ହୋଇଥିବା ଗାଡ଼ି ଧରାଯାଇ ପାରିଲା ନାହିଁ ତେବେ ଚୂଡ଼ାନ୍ତ ଫର୍ମ ଆପେ ଆପେ ୱେବସାଇଟରେ ପ୍ରସ୍ତୁତ ହୋଇଯାଇଥିବ। ଗାଡି ଚୋରି ହେଲେ ବୀମା ପାଇଁ ଏଥିରେ ଆବେଦନ କରି ହେବ। ସେହିପରି ଲୋକମାନେ ସିଟିଜେନ୍ ପୋର୍ଟାଲ କିମ୍ବା ସହାୟତା ମୋବାଇଲ ଆପ୍ ଜରିଆରେ ମଧ୍ୟ ଏଫ୍‌ଆଇଆର୍ ଦେଇ ପାରିବେ।

ସେହିପରି ରାସ୍ତା ଦୁର୍ଘଟଣା ମାମଲା କାଗଜପତ୍ର ମଡ୍ୟୁଲ ହେଉଛି ଏକ ୱେବ୍‌ସାଇଟ ଆବେଦନ ବ୍ୟବସ୍ଥା। ଲୋକମାନେ www.imsop.odisha.gov.in ଜରିଆରେ ଆବେଦନ କରିପାରିବେ। ଉଭୟ ବୀମା କମ୍ପାନୀ ଓ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତି ଉକ୍ତ ୱେବ୍‌ସାଇଟରୁ ସମସ୍ତ ଆବଶ୍ୟକ ପ୍ରମାଣପାତ୍ର ଏପରି କି ଏଫ୍‌ଆଇଆର୍ କପି, ଚୂଡାନ୍ତ ଆବେଦନ, ଦୁର୍ଘଟଣା ସ୍ଥାନର ମାନଚିତ୍ର, ଏମ୍‌ଭିଆଇ ରିପୋର୍ଟ, ପୋଷ୍ଟମର୍ଟମ ରିପୋର୍ଟ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ଡାଉନ୍ ଲୋଡ କରି ପାରିବେ। ଏହାଦ୍ୱାରା ବୀମା ପାଇଁ ଆଉ ଦଲାଲଙ୍କର ସହଯୋଗ ନେବାର ଆବଶ୍ୟକତା ପଡିବ ନାହିଁ। ବୀମା କମ୍ପାନୀଗୁଡିକ ମଧ୍ୟ ରାଜ୍ୟ ଅପରାଧ ରେକର୍ଡ ବ୍ୟୁରୋରେ ନିଜ ସଂସ୍ଥାର ୟୁଜର ଆଇଡି ଖୋଲିବା ସହ ପାସ୍‌ୱାର୍ଡ ମଧ୍ୟ ଦେଇ ପାରିବେ। ଏହାଛଡ଼ା ଏଫ୍‌ଆଇଆର୍‌ରେ ଥିବା ମୋବାଇଲ ନମ୍ବରକୁ ଓଟିପି ପଠାଯିବ। ଫଳରେ ଆବେଦନକାରୀ ସେହି ସାଇଟ୍‌କୁ ସହଜରେ ଖୋଲି ପାରିବେ। ଏହାଛଡ଼ା ମେଡିକୋ ଓପିନିୟନ ସିଷ୍ଟମ ମଧ୍ୟ ଏକ ୱେବ୍‌ସାଇଟ୍ ବ୍ୟବସ୍ଥା। ଏଥିରେ ଉଭୟ ପୋଲିସ ଓ ମେଡିକାଲ ଅଧିକାରୀମାନଙ୍କୁ ସହାୟତା ମିଳିପାରିବ। ପୋଲିସ ଅନ୍‌ଲାଇନ୍ ଜରିଆରେ ରାସ୍ତା ଦୁର୍ଘଟଣାରେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ମେଡିକାଲ ପରୀକ୍ଷା କରାଇ ପାରିବେ। ଏହି ସାଇଟ୍‌ରେ ଡାକ୍ତର ମଧ୍ୟ ତାଙ୍କର ମେଡିକାଲ ରିପୋର୍ଟକୁ ଅପଲୋଡ କରିପାରିବେ। ଏହାକୁ ପୋଲିସ ଡାଉନଲୋଡ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଏହାଦ୍ୱାରା ଉତ୍ତରଦାୟିତ୍ୱ ରହିବା ସହ ସ୍ୱଚ୍ଛତା ମଧ୍ୟ ବଜାୟ ରହିପାରିବ। ଫଳରେ ଅତି ସମ୍ବେଦନଶୀଳ ମାମଲାରେ ଡାକ୍ତରଖାନା କିମ୍ବା ଥାନାର ଅତ୍ୟଧିକ ହସ୍ତକ୍ଷେପକୁ କମା ଯାଇ ପାରିବ। ଦୁର୍ଘଟଣା କ୍ଷତିଗ୍ରସ୍ତ ବ୍ୟକ୍ତି ମଧ୍ୟ ଏହା ଦ୍ୱାରା ଠିକ୍ ସମୟରେ ମେଡିକାଲ ରିପୋର୍ଟ ପାଇ ପାରିବେ। ଫଳରେ କ୍ଷତିଗ୍ରସ୍ତ ବ୍ୟକ୍ତି କିମ୍ବା ପରିବାରକୁ କ୍ଷତିପୂରଣ ପାଇବାରେ ସହଜ ହେବ।

ଏହାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୫-ଟି ଅଧୀନରେ ମୋ ସରକାର ଜନମୁଖୀ ସରକାରୀ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଏହି ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କୁ ଆଉ ଥାନାକୁ ଦୌଡିବାକୁ ପଡିବ ନାହିଁ। ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପୋଲିସ ମହାନିର୍ଦ୍ଦେଶକ ଅଭୟ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗ ଦେଇଥିଲେ।

## ଓଡ଼ିଆ ଯୁବ ବୈଜ୍ଞାନିକ ନୈସର୍ଗିକଙ୍କ ସଫଳତା

**ଭୁବନେଶ୍ୱର, ୨୮।୧(ବ୍ୟୁରୋ):** କାଲିଫର୍ନିଆରେ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମେଳା (ଆଇଏସ୍‌ଇଏଫ୍)ରେ ଯୁବ ବୈଜ୍ଞାନିକ ଭାବେ ଭାଗ ନେବାକୁ ଯୋଗ୍ୟତା ହାସଲ କରିଛନ୍ତି ଓଡ଼ିଆ ପୁଅ ନୈସର୍ଗିକ। ସେ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲର ଏକାଦଶ ଶ୍ରେଣୀର ଛାତ୍ର। ପୂର୍ବରୁ ବାଙ୍ଗାଲୋରରେ ଆୟୋଜିତ ଆଇରିସ୍ ଜାତୀୟ ମେଳାରେ



ଗାଈମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଆଧାରିତ ପ୍ରକଳ୍ପ ପ୍ରସ୍ତୁତ କରି ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ। ସେହିଭଳି ଚଳିତମାସରେ ସିବିଏସ୍‌ଇ ତରଫରୁ ଗୁରଗାଓଁରେ ଆୟୋଜିତ ଜାତୀୟ ବିଜ୍ଞାନ ମେଳାରେ କୃଷିଭିତ୍ତିକ ଭବିଷ୍ୟତ ଯୋଜନାବର୍ଗରେ ଭାରତର ଏକମାତ୍ର ପ୍ରତିଯୋଗୀ ଭାବେ ନୈସର୍ଗିକ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଏବେ ସେ ଅନ୍ତର୍ଜାତୀୟ ମେଳାରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବାର ଅପୂର୍ବ ସୁଯୋଗ ଲାଭ କରିଛନ୍ତି। ପ୍ରାକ୍ ମହାବିଦ୍ୟାଳୟସ୍ତରୀୟ ବିଶ୍ୱର ଏହି ବୃହତ୍ ମେଳାରେ ୮୧ ଦେଶର ୧୮୦୦ ଦଳ ସେମାନଙ୍କ ବୈଜ୍ଞାନିକ ଅନୁସନ୍ଧିତ୍ସୁ ଭିତ୍ତିକ ସନ୍ଦର୍ଭ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଗତବର୍ଷ ସେ ରାଷ୍ଟ୍ରପତିଙ୍କଠାରୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ୨୦୧୯' ଲାଭ କରିଥିଲେ। ଯାଜପୁର ନିବାସୀ ସମର କେତନ ଲେଙ୍କା ଓ ଈପ୍‌ସିତା ପୂଜାରୀଙ୍କ ସୁପୁତ୍ର ନୈସର୍ଗିକଙ୍କ ଏହି ଅପୂର୍ବ କୃତିତ୍ୱ ପାଇଁ ବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ବହୁ ପ୍ରତିଭାଙ୍କୁ ସୁଯୋଗ ଦେଇଛି ଆକାଶବାଣୀ

### ଆକାଶବାଣୀ କଟକ କେନ୍ଦ୍ରର ୭୩ତମ ସ୍ୱନକ୍ଷତ୍ର ଦିବସ




କଟକ ଅଫିସ,୨୮।୧

ସ୍ୱରାଭିନୟ ହେଉ ଅବା ମଞ୍ଚାଭିନୟ ସବୁ ପ୍ରକାର ଅଭିନୟର ମନ୍ତ୍ରପାଠ ଶିଖାଇଛି ଆକାଶବାଣୀ। ବେତାର ନାଟକ ମାଧ୍ୟମରେ ରାଜ୍ୟର ବହୁ ପ୍ରତିଭାଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଆକାଶବାଣୀ କଟକ କେନ୍ଦ୍ର ସୁଯୋଗ ଦେଇଛି ବୋଲି ଚଳଚ୍ଚିତ୍ର ଅଭିନେତା ମିହିର ଦାସ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଆକାଶବାଣୀ କଟକ କେନ୍ଦ୍ରର ୭୩ତମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଦାସ ଯୋଗଦେଇ ଏହା କହିଛନ୍ତି। କେନ୍ଦ୍ରର କାର୍ଯ୍ୟାଳୟ ମୁଖ୍ୟ ପ୍ରକାଶ କୁମାର ପତି ଉତ୍ସବରେ ପୌରୋହିତ୍ୟ କରି କହିଥିଲେ, ସଙ୍ଗୀତ, ନାଟକ, ଆଲୋଚନା ଆଦିର ପୁରୁଣା ତଥା ବିରଳ ବୌଦ୍ଧିକ ସମ୍ପତ୍ତିକୁ ନୂତନ ଜ୍ଞାନ କୌଶଳରେ ସଂରକ୍ଷିତ କରିବାର ଗୁରୁଦାୟିତ୍ୱ ଆକାଶବାଣୀ ହିଁ କରିଥାଏ। ଆକାଶବାଣୀ ଅବସର ବିନୋଦନ କେନ୍ଦ୍ରର ସମ୍ପାଦକ ଅତନୁ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଆୟୋଜିତ ଭଲିବଲ ଓ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୃତ୍ୟୁଞ୍ଜୟ ସାମଲ ଧନ୍ୟବାଦ ଦେଇଥିଲେ।

## କେବଳ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ କ୍ଷେତ୍ରରେ ପୁନର୍ବାସ ସହାୟତା ନିଯୁକ୍ତି

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପୁନର୍ବାସ ସହାୟତା (ଆର୍‌ଏ)ରେ ପରିବର୍ତ୍ତନ କରାଯାଇଛି। ଏ ସଂକ୍ରାନ୍ତରେ ଚଳିତ ମାସ ୨୧ରେ ଏକ ସଂକଳ୍ପପତ୍ର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି କରାଯାଇଛି। ଏହି ଅନୁଯାୟୀ କେବଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହା ଲାଗୁ କରାଯିବ। ସେହି ବିଭାଗ ଅଥବା ସଂସ୍ଥାର ମୋଟ ଅନୁମୋଦିତ ପଦବୀ ମଧ୍ୟରୁ ୫୦ ପ୍ରତିଶତ ଯାଏ କେବଳ ଏହି ପଦବୀ ପୂରଣ ହୋଇପାରିବ। କୌଣସି କାରଣରୁ ସରକାରୀ ଚାକିରିରେ ଥିବା ସମୟରେ କର୍ମଚାରୀଙ୍କ ମୃତ୍ୟୁ ହେଲେ ଏହି ଆର୍‌ଏ ନିୟମ ଲାଗୁ ହୋଇଥାଏ। ହେଲେ ଚାକିରି କରୁଥିବା କର୍ମଚାରୀଙ୍କ ମୃତ୍ୟୁ ପରେ ସେହି ପଦବୀ ପାଇଁ ଉତ୍ତରାଧିକାରୀ ଜଣକ ଶାରୀରିକ ଭାବେ ଫିଟ୍ ନ ଥିଲେ ଏବଂ ୫୦ ବର୍ଷ ବୟସରୁ ଅଧିକ ହୋଇଥିଲେ, ସେ କ୍ଷେତ୍ରରେ ପରିବାର ଅନ୍ୟ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ମନୋନୀତ କରାଯାଇପାରିବ ବୋଲି ଜଣାପଡ଼ିଛି।

# ଜମୁଛି ଆଦିବାସୀ ମେଳା



ଭୁବନେଶ୍ୱର, ୨୮।୧(ବ୍ୟୁରୋ)

- ଦୁଇଦିନରେ ବୁଲିଲେଣି ଅଢ଼େଇ ଲକ୍ଷ ଲୋକ
- ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ
- ଖାଦ୍ୟ ଷ୍ଟଲ୍‌ରେ ଗୋଟିଏ ଦିନରେ ୫ଲକ୍ଷ ୫୦ହଜାର ଟଙ୍କାର ବ୍ୟବସାୟ
- ୨ଶହ ବିଦେଶୀ ପର୍ଯ୍ୟଟକଙ୍କ ଭ୍ରମଣ

ଆଦିବାସୀଙ୍କ କଳାସଂସ୍କୃତି, ପରମ୍ପରା ଓ ଜୀବନଶୈଳୀ ଲୋକଲୋଚନକୁ ଆଣିବାର ପ୍ରୟାସ ସହ ଆରମ୍ଭ ହୋଇଯାଇଛି ଆଦିବାସୀ ମେଳା। ମଙ୍ଗଳବାର ମେଳାର ୩ୟ ଦିବସରେ ନାହିଁ ନ ଥିବା ଭିଡ଼ ଜମିଥିଲା। ଅନେକ ବିଦେଶୀ ପର୍ଯ୍ୟଟକ ମେଳା ବୁଲି କିଣାକିଣି କରିବା ସହ ଆଦିବାସୀ ମହିଳା, ପୁରୁଷଙ୍କ ସହ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ଏଥର ମେଳା ଆରମ୍ଭରୁ ୨ଦିନରେ ରେକର୍ଡ ସଂଖ୍ୟକ ଅଢ଼େଇ ଲକ୍ଷ ଲୋକ ମେଳା ବୁଲିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ଦେଢ଼ ଲକ୍ଷରୁ ଅଧିକ ଲୋକ ମେଳା ଦେଖିବାକୁ ଆସିଥିଲେ। ଆଦିବାସୀଙ୍କ ସାମଗ୍ରୀ କିଣିବା, ସେମାନଙ୍କ ଚାଲିଚଳଣି ସମ୍ପର୍କରେ ଜାଣିବା ଓ ଆଦିମ ଖାଦ୍ୟ ଖାଇବା ପାଇଁ ମେଳା ପରିସରରେ ଭିଡ଼ ଜମୁଛି।

କଂକ୍ରିଟ ସହରରେ ଆଦିବାସୀ ହାଟ, ଆଦିବାସୀ ଗ୍ରାମ, ହସ୍ତଶିଳ୍ପ, ଆଦିବାସୀ ନୃତ୍ୟ ଓ ଚିତ୍ରକଳା ମଣ୍ଡପ ସାଙ୍ଗକୁ ମେଳାରେ ଆଦିବାସୀ ଖାଦ୍ୟର ପସରା। ଆଦିବାସୀ ହାଟର ପିଣ୍ଡିରେ ସୋରିଷ, ହଳଦୀ, ଅଦା, କାନ୍ଦୁଲ, ମହୁ, ଝୁଣା, ରାଶି, ପେଶି, ପାଳୁଅ ଆଦି ବନଜାତ ଦ୍ରବ୍ୟ ଉପଲବ୍ଧ ହେଉଛି। ବିଭିନ୍ନ ଜିଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଏଠାରେ ବିକ୍ରିବଟା କରୁଛନ୍ତି। କେନ୍ଦୁଝରର ବଡ଼ିର ବେଶ୍ ଚାହିଦା ରହିଛି। ସେହିପରି ଦାରିଙ୍ଗବାଡ଼ିର ହଳଦୀ ଓ ଅଦା ପ୍ରତି ମଧ୍ୟ ଲୋକଙ୍କ ବିଶେଷ ଆଗ୍ରହ ଦେଖିବାକୁ ମିଳୁଛି। ବନଜାତ ସାମଗ୍ରୀ କିଣିବାକୁ ଲୋକେ ମେଳାରେ ଭିଡ଼ ଜମାଉଛନ୍ତି। କେଉଁ ଦ୍ରବ୍ୟର ଗୁଣ କ'ଣ, ତା'କୁ କିପରି ବ୍ୟବହାର କରିବେ, ତା' ଦ୍ୱାରା କି ଲାଭ ପାଇବେ, ଏ ସବୁର ତଥ୍ୟ ଜାଣି ବିଭିନ୍ନ ଷ୍ଟଲ ବୁଲି ଦର୍ଶକମାନେ ମନପସନ୍ଦର ଜିନିଷ କିଣୁଛନ୍ତି। ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟ ଯଥା ବାସୁମତି ଚାଉଳ, ମୁଗ, ବିରି, ମାଣ୍ଡିଆ, ପାଳୁଅ, ରାଶି ଆଦି କିଣିବାକୁ ଗୃହିଣୀଙ୍କ ଆଗ୍ରହ ପରିଲକ୍ଷିତ ହେଉଛି। ସେହିପରି ମହୁ, ଲାଖ, ଝୁଣା, ହରିଡ଼ା, ବାହାଡ଼ା ଓ ଅଁଳା ଆଦି ଲଘୁ ବନଜାତ ସାମଗ୍ରୀ ବିକ୍ରି ହେଉଥିବା ଷ୍ଟଲ୍‌ରେ ମଧ୍ୟ ବିକ୍ରିବଟା ଜମୁଛି। ବଡ଼ି, ପାମ୍ପଡ଼, ହଳଦୀଗୁଣ୍ଡ, ଆଚାର ଆଦି ସହରୀ ଗରାଖଙ୍କୁ ଆକୃଷ୍ଟ କରୁଛି। ମେଳାରେ ଏ ପର୍ଯ୍ୟନ୍ତ ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇସାରିଲାଣି। ଏଥିମଧ୍ୟରୁ ୧୪ ରାଜ୍ୟର ୨୪ ଖାଦ୍ୟ ଷ୍ଟଲ୍‌ରେ ଗୋଟିଏ ଦିନରେ ୫ ଲକ୍ଷ ୫୦ ହଜାର ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଲୋକଙ୍କୁ ଉନ୍ନତମାନର ଖାଦ୍ୟପେୟ ଯୋଗାଇବାକୁ ଖାଦ୍ୟ ଷ୍ଟଲ୍ ପରିସରକୁ ପରିଷ୍କାର ରଖିବାକୁ ପ୍ରୟାସ କରାଯାଉଛି। ପ୍ରତ୍ୟହ ସିଟି-ହେଲ୍‌ଥ ଅଫିସରଙ୍କ ଦ୍ୱାରା ଖାଦ୍ୟର ମାନ ଯାଞ୍ଚ କରାଯାଉଥିବା ଆଦିବାସୀ ମେଳା ଦାୟିତ୍ୱରେ ଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି। ୨ ଦିନ ମଧ୍ୟରେ ଇଂଲଣ୍ଡ, ଜାପାନ, ଚୀନ୍, ସୁଇଜର୍‌ଲାଣ୍ଡ, ରୁଷିଆ ଭଳି ବାହାର ଦେଶରୁ ଅନ୍ୟୂନ ୨ ଶହ ବିଦେଶୀ ପର୍ଯ୍ୟଟକ ଭ୍ରମଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।



## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ଜ୍ୟୋତି



ରିତୁ



ଟିଟୁମ୍



ଦେବାଶିଷ



ନାରାୟଣ



ଶୁଭାଶିଷ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



“ଆଜିର ଲକ୍ଷ୍ୟ କାହାର ଅନିଷ୍ଟ ନ କରି, କାହାକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା। ଏ ଲକ୍ଷ୍ୟ ସାଧନ ପାଇଁ ସମସ୍ତେ ଲାଗିଲେ ସମାଜରୁ ଦୁଃଖ ଓ ଦୁରାଚାର ଯିବ, ସମସ୍ତେ ସୁଖୀ ହେବେ। –ରମାଦେବୀ



## ସଂକ୍ଷେପରେ

### ବାଲିଅନ୍ତା ବ୍ଲକରେ ଏମ୍‌ପିଙ୍କ ସମୀକ୍ଷା ବୈଠକ

ବାଲିଅନ୍ତା,୨୮।୧(ଡି.ଏନ.ଏ): ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ। ପ୍ରାୟ ୧ଘଣ୍ଟା ଧରି ବ୍ଲକର କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ପାଇଖାନା, ଭତ୍ତା ଓ ପାନୀୟଜଳ ଉପରେ ବିଭାଗୀୟ ଅଧିକାରୀଙ୍କଠାରୁ ଏହାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକରେ ଗ୍ରାମୀଣ ଗୃହ ନିର୍ମାଣର କେତେ ଶେଷ ହୋଇଛି, କେତେ ଅଧା ଅଛି ସେନେଇ ବିଭାଗୀୟ ଅଧିକାରୀଙ୍କୁ ଟାର୍ଗେଟ ଦେଇଥିଲେ। ବିଭାଗୀୟ ଅଧିକାରୀ ଏ ନେଇ ରିପୋର୍ଟ ଉପସ୍ଥାପନ କରିଥିଲେ। ବ୍ଲକରେ ଭତ୍ତା ବଣ୍ଟନ ସମୟରେ ଏମ୍‌ପିଙ୍କୁ ଅବଗତ କରାଯିବା ସହ ତାଙ୍କ ପ୍ରତିନିଧିଙ୍କୁ ଡାକିବା ପାଇଁ ବିଡିଓ ଆଦିକନ୍ଦ ବେହେରାଙ୍କୁ କହିଥିଲେ। ବିଜୁ ପକ୍କାଗୃହ ନିର୍ମାଣ ପାଇଁ ୫୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଆସି ଏମ୍‌ପିଙ୍କୁ ଦରଖାସ୍ତ ଦେଇଥିଲେ। ଏଥିରେ ବ୍ଲକ ପ୍ରତିନିଧି ସିଦ୍ଧେଶ୍ୱର ନାଥଙ୍କ ସମେତ ଭାଜପା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ପଲିଥିନ ଫ୍ୟାକ୍ଟ୍ରିରେ ବିଏମ୍‌ସିର ଚଢ଼ାଉ

**୫୦ ହଜାର ଜରିମାନା, ବିପୁଳ ସାମଗ୍ରୀ ଜବତ**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ସରକାର ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲଗାଇବା ସହ ଏହାର ଉତ୍ପାଦନକୁ ନିୟନ୍ତ୍ରିତ କରିବାରେ ପଦକ୍ଷେପ ନେଉଛନ୍ତି। ହେଲେ କେତେକ ପଲିଥିନ୍ ଫ୍ୟାକ୍ଟ୍ରି ବା କାରଖାନାରେ ଏବେ ବି ବେଆଇନ କାରବାର କରୁଥିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନଜରକୁ ଆସିଛି। ଏଥିପାଇଁ ସେଗୁଡ଼ିକୁ ନିୟମିତ ଭାବେ ଯାଞ୍ଚ କରିବା ସହ ପଲିଥିନ ୫୦ ମାଇକ୍ରୋନ୍ ତଳକୁ ରହିଛି କି ନାହିଁ, ଫ୍ୟାକ୍ଟ୍ରିର ଲାଇସେନ୍ସ, ପ୍ରଦୂଷଣ ବୋର୍ଡରୁ ପ୍ରମାଣପତ୍ର ମିଳିଛି କି ନାହିଁ ଆଦି ଯାଞ୍ଚ କରୁଛନ୍ତି। ଏ ନେଇ ମଙ୍ଗଳବାର ସ୍ଥାନୀୟ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ବିଏମ୍‌ସି, ବିଡିଏ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପୋଲିସ ବିଭାଗର ସମନ୍ୱୟରେ ଗଢାଯାଇଥିବା ସ୍ୱତନ୍ତ୍ର ସ୍କ୍ୱାଡ ୪ଟି ପଲିଥିନ୍ କାରଖାନା ଉପରେ ଚଢ଼ାଉ କରିଥିବା ବିଏମ୍‌ସି ପକ୍ଷରୁ ଜଣାପଡ଼ିଛି।

ସୂଚନାନୁଯାୟୀ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ବେଆଇନ ଭାବେ ପଲିଥିନ ଫ୍ୟାକ୍ଟ୍ରି କାର୍ଯ୍ୟକ୍ଷମ ଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଜାଣିବାକୁ ପାଇଥିଲେ। ଏହାକୁ ଯାଞ୍ଚ ପାଇଁ ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକଙ୍କୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମେ ଉତ୍ତର ଜୋନର ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ପୂର୍ବାହ୍ନରେ ୨ଟି ଓ ଅପରାହ୍ନରେ ୨ଟି କାରଖାନା ଉପରେ ସ୍କ୍ୱାଡ ଯାଞ୍ଚ କରିଥିଲେ। ପୂର୍ବାହ୍ନରେ ଯାଞ୍ଚ ହୋଇଥିବା ୨ଫ୍ୟାକ୍ଟ୍ରି ପଲିକେମ୍ ଇଣ୍ଡିଆ ଏବଂ ନନ୍ଦିମେଟାଲ୍ ରୋଲିଂ ମିଲ୍ସରେ ଉଭୟ ୫୦ ମାଇକ୍ରୋନ୍‌ରୁ ଅଧିକ ଏବଂ କମ୍ ଉତ୍ପାଦନ ହେଉଥିବା ଜଣାପଡ଼ିଥିଲା। ରାଜ୍ୟ ପ୍ରଦୂଷଣ ବୋର୍ଡରୁ ଆସିଥିବା ଅଭିଜ୍ଞଙ୍କ ଦ୍ୱାରା ନିର୍ଦ୍ଧାରିତ ଯନ୍ତ୍ର ସାହାଯ୍ୟରେ କାରଖାନାରେ ମହଜୁଦ ଥିବା ପ୍ରସ୍ତୁତ ସାମଗ୍ରୀକୁ ପରୀକ୍ଷା କରାଯାଇ କେଉଁଗୁଡ଼ିକ ୫୦ମାଇକ୍ରୋନ୍‌ରୁ କମ୍ ତାହା ଚିହ୍ନଟ ହୋଇଥିଲା। ସମ୍ପୃକ୍ତ କାରଖାନାଦ୍ୱୟ ପ୍ରାୟ ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲୁ ରହିଥିବାବେଳେ ଏହାର ଟ୍ରେଡ୍ ଲାଇସେନ୍ସ, ରାଜ୍ୟ ପ୍ରଦୂଷଣ ବୋର୍ଡରୁ କୌଣସି ପ୍ରକାର ପଞ୍ଜୀକରଣ ନ ଥିବା ଜଣାପଡ଼ିଥିଲା। ଫ୍ୟାକ୍ଟ୍ରି ଦୁଇଟି କେବଳ ଜିଲା ଶିଳ୍ପକେନ୍ଦ୍ରରେ ପଞ୍ଜୀକୃତ ହୋଇ ନିଜର ବ୍ୟବସାୟ ଚଳାଇଥିବା ନଜରକୁ ଆସିଛି।

ଉଲ୍ଲେଖଯୋଗ୍ୟ, ପଲିକେମ୍ ଇଣ୍ଡିଆର ପଞ୍ଜୀକରଣ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂର୍ବରୁ ପୁରୀ ଜିଲା ଡିଆଇସି ଅଧୀନରେ ହୋଇଥିବାବେଳେ ନନ୍ଦିମେଟାଲ୍ ରୋଲିଂ ମିଲ୍ସର ପଞ୍ଜୀକରଣ ପ୍ରାୟ ଦଶ ବର୍ଷ ପୂର୍ବରୁ ଭୁବନେଶ୍ୱର ଡିଆଇସି ଅଧୀନରେ ଥିଲା। ଏପରିକି ଦୁଇଟିଯାକ ସଂସ୍ଥାର କାରବାର ଉଭୟ ବେସରକାରୀ ଏବଂ ସରକାରୀ ଅନୁଷ୍ଠାନ ସହ ଚାଲୁରହିଛି। ବେଆଇନ୍ ଭାବେ କମ୍ ମାନର ପଲିଥିନ୍ ପ୍ରସ୍ତୁତି ତଥା ପଲିଥିନ୍ ଜବତ ଓ ସ୍ଥାନାନ୍ତର ଇତ୍ୟାଦି ନିମନ୍ତେ ପଲିକେମ୍ ଇଣ୍ଡିଆକୁ ୩୦ ହଜାର ଏବଂ ନନ୍ଦିମେଟାଲ୍ ରୋଲିଂ ମିଲ୍ସକୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଦୁଇଟି ଯାକ ଫ୍ୟାକ୍ଟ୍ରିରୁ ୫୦ ମାଇକ୍ରୋନ୍ ତଳକୁ ଥିବା ପଲିଥିନର ୨୫ ବ୍ୟାଗ୍ ଲେଖାଏ ଜବତ ହୋଇଛି। ସେହିପରି ଅପରାହ୍ନରେ ଅନ୍ୟ ଦୁଇଟି ପଲିଥିନ କାରାଖାନା ପ୍ରିୟାଂଶୁ ପଲିମର୍ ଏବଂ ନୀଳାଚଳ ପ୍ୟାକେଜ୍‌ରେ ସ୍କ୍ୱାଡ ଚଢ଼ାଉ କରିଥିଲା। ହେଲେ ୫୦ ମାଇକ୍ରୋନ୍ ତଳକୁ କୌଣସି ପଲିଥିନ କିମ୍ବା ପ୍ଲାଷ୍ଟିକ୍ ନ ଥିବାର ପରିଲକ୍ଷିତ ହୋଇଥିଲା।

# ଚାଇନା ଫେରନ୍ତା ଯୁବକଙ୍କ ଗାଁରେ ଡାକ୍ତରୀ ଟିମ୍

କାକଟପୁର, ୨୮।୧(ଡି.ଏନ.ଏ)

ଚାଇନାରେ ଠାବ ହୋଇଥିବା କରୋନା ଭାଇରସ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଓଡ଼ିଶାରେ ମଧ୍ୟ ଏ ନେଇ ଆତଙ୍କ ଦେଖାଦେଇଛି। ପୁରୀ ଜିଲା କାକଟପୁର ବ୍ଲକର କୁଣ୍ଢେଇ ପଞ୍ଚାୟତ ବାଲିସାହି ଗ୍ରାମର ସସ୍ମିତ ନାୟକ ଗତ ୨୪ତାରିଖରେ ଚାଇନାରୁ ଗ୍ରାମକୁ ଫେରିଲା ପରେ ତାଙ୍କର ଥଣ୍ଡା କାଶ ଆରମ୍ଭ ହୋଇଥିଲା। ସୋମବାର ସେ କରୋନା ଭୂତାଣୁ ଥିବା ସନ୍ଦେହରେ ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍‌ପିଟାଲରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିସହ ତାଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଦିଲ୍ଲୀ ପଠାଯାଇଥିଲା। ବୁଧବାର ସୁଦ୍ଧା ତାଙ୍କ ରକ୍ତ ନମୁନା ପରୀକ୍ଷା ରିପୋର୍ଟ ମିଳି ନ ଥିବା ବେଳେ ୭ଦିନ ହେଲା ଥଣ୍ଡା କାଶ ଲାଗି ରହିଛି। ବୁଧବାର ବାଙ୍ଗୁରୀଗାଁରୁ ଏକ ଡାକ୍ତରୀ ଟିମ ଡାକ୍ତର ସମରଜିତ ମଲ୍ଲିକଙ୍କ ନେତୃତ୍ୱରେ ସସ୍ମିତଙ୍କ ଗ୍ରାମରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କିଛି ଔଷଧପତ୍ର ଦେଇଛନ୍ତି। ଏଥିସହ ଗ୍ରାମବାସୀଙ୍କୁ ଭୟଭୀତ ନ ହେବା ପାଇଁ ବୁଝାଇବା ସହ କରୋନା ଭାଇରସ ସମ୍ପର୍କରେ ସଚେତନ କରାଇଥିଲେ।

# ଆଉ ୩ ଅଭିଯୁକ୍ତ ଏନ୍‌ଏସ୍‌ଏରେ ବୁକ୍

**ମାର୍କେଟ ବିଲ୍ଡିଂରେ ଆତଙ୍କ**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ୟୁନିଟ୍-୨ ମାର୍କେଟ ବିଲ୍ଡିଂରେ ପଶି ଆତଙ୍କ ରଚାଇବା ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ଏନ୍‌ଏସ୍‌ଏ(ଜାତୀୟ ନିରାପତ୍ତା ଅକ୍ଟ)ରେ ବୁକ୍ କରିଛି। ସେମାନେ ହେଲେ ସ୍ମୃତିସାଗର ମହାପାତ୍ର ଓରଫ ପିଣ୍ଟୁ, ଗୋପୀନାଥ ନାୟକ ଓରଫ ଗୋପୀ ଓ ସୁରଜ ଶାହା। ଏମାନଙ୍କ ନାମରେ ରାଜଧାନୀ ସମେତ ଏକାଧିକ ଥାନାରେ ମାମଲା ରହିଛି। ଜବରଦଖଲ ନେଇ ଆକ୍ରମଣ କରିବା, ଦାଦାବଟି ମାଗିବା ଭଳି ଅନ୍ୟ ସଙ୍ଗୀନ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ସମ୍ପୃକ୍ତ ଅନ୍ୟ ୫ ଅଭିଯୁକ୍ତ ପଙ୍କଜ ରାଜ, ଉଦିତ ନାରାୟଣ ପ୍ରଧାନ, ଚନ୍ଦନ ଦାସ, ବିଶ୍ୱନାଥ ପ୍ରଧାନ ଓ ପ୍ରତ୍ୟୁଷ କହଁର ଏନ୍‌ଏସ୍‌ଏରେ ବୁକ୍ ହୋଇଛନ୍ତି।

# ମାଘମେଳା ପାଇଁ ଉଚ୍ଛେଦ ସରିଲା

**କମ୍ ରହିଛି ସ୍ଥାନ, ହ୍ରାସ ପାଇବ ଷ୍ଟଲ ସଂଖ୍ୟା, କମିବ ରାଜସ୍ୱ**

ଭୁବନେଶ୍ୱର, ୨୮।୧ (ବ୍ୟୁରୋ)

ଖଣ୍ଡଗିରି ଐତିହ୍ୟ ମାଘମେଳା ପାଇଁ ବିଏମ୍‌ସିର ଉଚ୍ଛେଦ କାର୍ଯ୍ୟ ମଙ୍ଗଳବାର ଶେଷ ହୋଇଛି। ପ୍ରଥମଦିନରେ ଅପେରା ପାର୍ଟିଗୁଡ଼ିକ ପାଇଁ ଉଚ୍ଛେଦ କାର୍ଯ୍ୟ ହୋଇଥିବା ବେଳେ ଲଗାତାର ଦୁଇଦିନ ଧରି ଷ୍ଟଲଗୁଡ଼ିକ ପାଇଁ ଉଚ୍ଛେଦ କାର୍ଯ୍ୟ କରାଯିବା ସହ ପ୍ଲଟ ଆବଣ୍ଟନ କରାଯାଇଛି। ଜୋନାଲ ଡେପୁଟି କମିଶନର ରବୀନ୍ଦ୍ର ନାରାୟଣ ଜେଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉଚ୍ଛେଦ କାର୍ଯ୍ୟରେ ଜଣାପଡ଼ିଛି ଯେ, ଚଳିତଥର ଆବଶ୍ୟକ ପରିମାଣରୁ କମ୍ ସ୍ଥାନରେ ମେଳା ହେବ। ପୂର୍ବାପେକ୍ଷା ଏଥର କମ୍ ଷ୍ଟଲ ହେବା ସହ ପାର୍କିଂ ସ୍ଥଳ ପାଇଁ ସ୍ଥାନ ମଧ୍ୟ କମ୍ ରହିଛି। ପୂର୍ବରୁ ଯେତିକି ସ୍ଥାନ ଫାଙ୍କା ଥିଲା ସେଥି ମଧ୍ୟରୁ କିଛି ସ୍ଥାନରେ ଏବେ ନିର୍ମାଣ ଜାରି ରହିଥିବା ବେଳେ ଖଣ୍ଡଗିରି ଛକ ନିକଟରେ ମଧ୍ୟ ସ୍ଥାନ ନାହିଁ। ବାକି ଥିବା କିଛି ସ୍ଥାନରେ ଫ୍ଲାଏଓଭର ପାଇଁ ଆସିଥିବା କଞ୍ଚାମାଲ ପଡ଼ିରହିଛି। ତେଣୁ ଏଥର ସ୍ଥାନ କମ୍ ରହିଥିବା ଡେପୁଟି କମିଶନର ଜେଠୀ କହିଛନ୍ତି। ସେ କହିଛନ୍ତି, ପୂର୍ବଥର ଆବଶ୍ୟକ ସ୍ଥାନ ଥିବାରୁ ମେଳାରୁ ଅଧିକ ରାଜସ୍ୱ ବିଏମ୍‌ସିକୁ ହସ୍ତଗତ ହୋଇଥିଲା। ହେଲେ ଏଥର ସ୍ଥାନ ଆବଶ୍ୟକଠାରୁ କମ୍ ରହିଛି। ଯଦି ଷ୍ଟଲ ଅଧିକ ଦେଇ ହୋଇଥାନ୍ତା କିମ୍ବା ପାର୍କିଂ ପାଇଁ ସ୍ଥାନ ମିଳିପାରିଥାନ୍ତା ତେବେ ରାଜସ୍ୱ ପୂର୍ବଥର ପରି ଆଦାୟ ହୋଇଥାନ୍ତା। ହେଲେ ସ୍ଥାନ କମ୍ ଥିବାରୁ ରାଜସ୍ୱ କମିବାର ଆଶଙ୍କା ଦେଖାଦେଇଛି ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଫେବୃୟାରୀ ୧ରୁ ୧୬ ଯାଏ ହେବାକୁ ଥିବା ମାଘମେଳାରେ ବିଏମ୍‌ସି ପକ୍ଷରୁ ସମସ୍ତ ସେବା ଯୋଗାଇ ଦିଆଯିବ। ଖଣ୍ଡଗିରି ଛକରୁ-ଖଣ୍ଡଗିରି ଉଦୟଗିରି ପାହାଡ, ଜୟଦେବ ବାଟିକା ଓ ଖାରବେଳ ପାର୍କ ଅଞ୍ଚଳରେ ଆଲୋକୀକରଣ ସହ ସିସିଟିଭି ଲଗାଯିବ। ଷ୍ଟଲ ପାଇଁ ଜମି ଆବଣ୍ଟନ, ପ୍ଲାଷ୍ଟିକ୍ ମୁକ୍ତ ମେଳା, ସ୍ୱଚ୍ଛତା ପ୍ରତି ନଜର, ନଳକୂପ ସଜାଡ଼ିବା ସହ ପାନୀୟ ଜଳର ବ୍ୟବସ୍ଥା, ଦେୟ ମୁକ୍ତ ଅସ୍ଥାୟୀ ଶୌଚାଳୟ, ଯାନବାହାନ ପାର୍କିଂ ବ୍ୟବସ୍ଥା, ଅସ୍ଥାୟୀ ବିଦ୍ୟୁତ୍ ସେବା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆଦି ବ୍ୟବସ୍ଥା ଲାଗୁ କରାଯିବ। ମେଳା ସମୟରେ ସାଧାରଣ ଲୋକ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ। ଷ୍ଟଲ ଦିଆଯାଉଥିବା ବ୍ୟବସାୟୀଙ୍କଠାରୁ ଲାଇସେନ୍ସ ଫି ଆଦାୟ ସହ ମେଳାରେ ଭାଗ ନେଉଥିବା ଅପେରା ପାର୍ଟିଠାରୁ ପିଆରଇଟି ଆଦାୟ ଓ ପାର୍କିଂ ସ୍ଥଳ ଚୟନ ଏବଂ ଫି ଆଦାୟକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଅବ୍ୟବସ୍ଥାରେ ଭିଏସ୍‌ଏସ୍ ନଗର ବିଏମ୍‌ସି କଲ୍ୟାଣ ମଣ୍ଡପ

ଭୁବନେଶ୍ୱର,୨୮।୧(ବ୍ୟୁରୋ)



ଭିଏସ୍‌ଏସ୍ ନଗରସ୍ଥିତ ବିଏମ୍‌ସି କଲ୍ୟାଣ ମଣ୍ଡପର ସ୍ଥିତି ଦିନକୁ ଦିନ ସଙ୍ଗିନ ହୋଇପଡୁଛି। କଲ୍ୟାଣମଣ୍ଡପର ଭଡ଼ା କମ ରହୁଥିବାରୁ ନିୟମିତ ଭାବେ ଏଠାରେ ବାହାଘର, ବ୍ରତଘର, ଜନ୍ମଦିନ ତଥା ଅନ୍ୟ କାରଣ ପାଇଁ ବୁକ୍ କରାଯାଉଛି। ମାତ୍ର ଏହି ମଣ୍ଡପର ଅବସ୍ଥା ଏବେ ଦୟନୀୟ ହୋଇପଡ଼ିଛି। ମଣ୍ଡପର ସ୍ଥିତି ତ ବହୁତ ଦୂରର କଥା ଏପରିକି ଭିତରେ ଥିବା ଶୌଚଘର ଓ ମହିଳା ପରିଶ୍ରାଗାର ଏବେ ଭାଙ୍ଗି ମୁକୁଳା ପଡ଼ିଛି। କବାଟଟିଏ ମଧ୍ୟ ନାହିଁ। ଗାଧୁଆ ଘର ଓ ପାଇଖାନା ଘରର ଅନେକ ସରଞ୍ଜାମ ଭାଙ୍ଗି ଯିବା ସହ ଏହା ସଫେଇ ମଧ୍ୟ ହେଉ ନାହିଁ। ଏହି ମଣ୍ଡପ ପ୍ରତି ମଣ୍ଡପ ପରିଚାଳକ କିମ୍ବା ବିଏମ୍‌ସି ଅଧିକାରୀଙ୍କ ନଜର ପଡୁ ନାହିଁ। ଏହାର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଉଦ୍‌ବେଗ୍ ପ୍ରକାଶ କରିବା ସହ ଏହା ମରାମତି ଦାବି କରୁଛନ୍ତି।

ବୀର ସୁରେନ୍ଦ୍ରସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଏନେଇ ବହୁବାର ବିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା ହେବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ମଣ୍ଡପ ଭଡ଼ାରେ ନେଉଥିବା ଲୋକ ଏନେଇ ଦୃଢ଼ ଅସନ୍ତୋଷ ପ୍ରକାଶ କରିଥିବାବେଳେ ପ୍ରାୟ ୨୫ଦିନ ତଳେ ପରିଷଦ ପକ୍ଷରୁ ବିଏମ୍‌ସି ଆଞ୍ଚଳିକ ଯୁଗ୍ମ-କମିଶନରଙ୍କ ନିକଟକୁ ଚିଠି ଲେଖାଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ଏଯାବତ୍ କୌଣସି ପଦକ୍ଷେପ କିମ୍ବା ମରାମତି ହୋଇପାରି ନାହିଁ। ଏହା ଉପରେ କ୍ଷୋଭ ପ୍ରକାଶ କରି ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମା କହିଛନ୍ତି, ବିଏମ୍‌ସି ସହରକୁ ଖୋଲା ମଳମୁକ୍ତ ସହର ଭାବେ ଆତ୍ମଘୋଷଣା କରିଛି। ଏପରି କି ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ଚେଷ୍ଟା କରି ‘ମୁଁ ସଫେଇବାଲା’ ଅଭିଯାନ ଆରମ୍ଭ କରିଛି। ବାହାରେ ପରିଶ୍ରା କଲେ ଫାଇନ୍ ମଧ୍ୟ ଆଦାୟ କରୁଛି। ହେଲେ ଏଠାରେ ବିଏମ୍‌ସି ନିଜ କଲ୍ୟାଣ ମଣ୍ଡପ ସଫା ରଖି ପାରୁନାହିଁ, କି ତାର ମରାମତି ମଧ୍ୟ କରୁପାରୁନାହିଁ। କଲ୍ୟାଣ ମଣ୍ଡପ ଅତି ଶୀଘ୍ର ମରାମତି ପାଇଁ ଉନ୍ନୟନ ପରିଷଦ ଦାବି କରିଛି। ଏନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଏଥିପ୍ରତି ଦୃଷ୍ଟି ଦିଆଯାଇ ଖୁବଶୀଘ୍ର ଏହାର ସମାଧାନ କରାଯିବ। ଏ ନେଇ ନିର୍ଦ୍ଦେଶ ଦିଆସରିଛି ବୋଲି କହିଛନ୍ତି।

# ଆଜି ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଶୋକସଭା

- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ‘ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର’
- ପ୍ରତ୍ୟେକ ବର୍ଷ ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ ମିଳିବ ‘ସୁନନ୍ଦା ସମ୍ମାନ’

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଶାସ୍ତ୍ରୀୟ ସଙ୍ଗୀତ ଜଗତର ମହାନ୍ କିମ୍ବଦନ୍ତୀ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ବୁଧବାର ସନ୍ଧ୍ୟାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏକ ରାଜ୍ୟସ୍ତରୀୟ ଶୋକସଭା ଅନୁଷ୍ଠିତ ହେବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସଙ୍ଗୀତ ନାଟକ ଏକାଡେମୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଦିବଂଗତ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ‘ସୁନନ୍ଦା ସମ୍ମାନ’ ଏବଂ ‘ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର’ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତି ବର୍ଷ ରାଜ୍ୟର ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ ‘ସୁନନ୍ଦା ସମ୍ମାନ’ ପ୍ରଦାନ କରାଯିବ। ଏହାସହ ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚତର ଗବେଷଣା ଓ ଶିକ୍ଷା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ‘ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର’ ପ୍ରତିଷ୍ଠା କରାଯିବ। ପୁରୀ ଓ କଟକସ୍ଥିତ ସୁନନ୍ଦାଙ୍କ ବାସଭବନକୁ ତାଙ୍କ ପରିବାର ଲୋକଙ୍କ ଅନୁମତିକ୍ରମେ ସ୍ମୃତି ସଦନ ଭାବେ ବିକଶିତ କରାଯିବ। ଏହାଛଡ଼ା ସୁନନ୍ଦା ପଟ୍ଟନାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଜିନିଷକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରିରେ ସଂରକ୍ଷିତ ରଖିବାକୁ ବ୍ୟବସ୍ଥା କରାଯିବ। ଏଥିପାଇଁ ସରକାରଙ୍କ ତରଫରୁ ସୁନନ୍ଦାଙ୍କ ବ୍ୟବହୃତ ଜିନିଷକୁ ଦାନ କରିବା ଲାଗି ତାଙ୍କ ପରିବାରକୁ ଅନୁରୋଧ ମଧ୍ୟ କରାଯିବ। ପ୍ରତ୍ୟେକ ବର୍ଷ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୁନନ୍ଦାଙ୍କ ଜୟନ୍ତୀ ପାଳନ କରାଯିବ।

# ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ସହ ପୀଡ଼ିତାଙ୍କୁ ସୁରକ୍ଷା ନିର୍ଦ୍ଦେଶ

**ଯାଜପୁର ନାବାଳିକାଙ୍କୁ ଅପହରଣ, ବଳାତ୍କାର ଘଟଣା**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଘଟଣାକୁ ନେଇ ରାଜ୍ୟ କଂଗ୍ରେସର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କୁ ଭେଟିଛନ୍ତି। ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଉକ୍ତ ଟିମ୍ କମିଶନଙ୍କୁ ଭେଟି ପୀଡିତାଙ୍କୁ ମଧ୍ୟବର୍ତ୍ତୀକାଳୀନ ସହାୟତା ସହ ସୁରକ୍ଷା ଦାବି କରିଛନ୍ତି। ପୀଡିତାଙ୍କୁ ବିଭିନ୍ନ ଧମକପୂର୍ଣ୍ଣ ଫୋନ୍ କଲ୍ ଆସୁଥିବାରୁ ପରିବାର ଲୋକେ ଭୟ ଓ ଆଶଙ୍କାରେ ରହିଛନ୍ତି। ଆଗକୁ ପୀଡିତା ଜଣକ ଦଶମ ପରୀକ୍ଷା ଦେବାକୁ ଥିବାବେଳେ ତାଙ୍କର ସୁରକ୍ଷା ସଂକ୍ରାନ୍ତରେ କଂଗ୍ରେସ ଟିମ୍ କମିଶନକୁ ଜଣାଇଛନ୍ତି। କମିଶନ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ମାମଲାର ତଦନ୍ତରେ ଶିଥିଳତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୧୦ମ ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଜଣେ ମହିଳା ପୋଲିସ କର୍ମୀ ପୀଡିତାଙ୍କ ସହ ରହିବେ। ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ସୁରକ୍ଷା ଯୋଗାଇ ଦିଆଯିବ। ଆଇନ ଅନୁଯାୟୀ ପୀଡିତାଙ୍କୁ ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ଦେବାକୁ କମିଶନ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ସର୍ବଶେଷ ରିପୋର୍ଟ ୭ ଦିନ ଭିତରେ ଦାଖଲ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପ୍ରଦୀପ ମାଝି କହିଛନ୍ତି ଯେ, ପିଡ଼ୀତାଙ୍କ ପରିବାରକୁ ସୁରକ୍ଷା ଦେବା ବଡ଼ ପ୍ରଶ୍ନ ହୋଇଛି। ଓଏଚ୍‌ଆରସି ଏହି ମାମଲାକୁ ଗୁରୁତ୍ୱ ଦେଇ କ୍ଷତିପୂରଣ ଓ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଓ ଏସ୍‌ପି ତଦନ୍ତ ରିପୋର୍ଟ ଦାଖଲ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ୧୦ ତାରିଖକୁ କମିଶନ ଧାର୍ଯ୍ୟ କରିଛନ୍ତି।




ଯାଜପୁର ନାବାଳିକା ବଳାତ୍କାର ପୀଡ଼ିତାଙ୍କୁ କ୍ଷତିପୂରଣ ଓ ସୁରକ୍ଷା ନେଇ ଓଏଚ୍‌ଆର୍‌ସିଙ୍କୁ ଭେଟିଥିବା କଂଗ୍ରେସ ପ୍ରତିନିଧି ଦଳ।

**ODISHA LIFT IRRIGATION CORPORATION LTD. (A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I. DIVISION, BALANGIR**
E-mail: www.eeolicbgr@rediffmail.com
"E"-Procurement Notice
BID IDENTIFICATION NO. OLIC-BLGR-02/2019-20
No. 335, Date- 27.01.2020

**No.CAD-881:-** Bids are invited from contrctors having valid civil License and valid registration with the State P.W.D./ R.W.S.S./ P.H.E.D./ Irrigation for special repair of L.I. Division Office Building at Laltikra, Balangir as mentioned below under Percentage rate contract on turn-key basis.

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-02/2019-20 | 14.02.2020 at 11 hrs. | 19.02.2020 upto 17 hrs. | 18.02.2020 upto 17 hrs. | 20.02.2020 at 11 hrs. |

ANNEXURE

| Pkg No. | Brief Description of works | Approx. quantity required (in Nos.) | Appr. Estimated cost (in Rs.) | Bid Security (EMD) to be deposited | Cost of Bid document (including 5% GST on reverse charge mechanism) |
|---|---|---|---|---|---|
| 1 | Special repair of L.I. Division Office Building at Laltikra, Balangir | 01 | 9,33,179/- | 9,332/- | 4,200/- |

Details can be seen from the Website **www.tendersorissa.gov.in**.
- Any Corrigendum/ Addendum will be displayed in the above website only.

32154/11/0003/1920 Sd./- Executive Engineer, L.I. Division, Balangir

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL**
No. 1297 /DWH **Tender Call Notice** Date 28.01.2020

**E-699:-** Sealed tenders are invited from authorized firms for **supply & installation of Equipment, Instrument, Furniture and Other Chemicals & Reagents to Kandhamal district**. The details are available in the district website: www.kandhamal.nic.in . The eligible bidders may submit their tender papers **on or before 12.02.2020 by 12 Noon** through Registered Post / Speed Post / Courier only to the undersigned. The **Technical Bid document will open on 12.02.2020 at 4 PM**. Who will qualify in the technical bid, their **Price Bid will be opened on 13.02.2020 at 11 AM** by the purchase committee in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

Sd/-
Chief District Medical & PH Officer,
Kandhamal

10015/11/0031/1920

e-mail ID - sepwd_rgda@yahoo.com
Phone/Fax No –06856 - 223049
**OFFICE OF THE SUPERINTENDING ENGINEER, RAYAGADA (R&B) CIRCLE, RAYAGADA**
**E-Procurement Notice**
No.639-B :- Bid Identification No. SE (RANDB) RGDA- 02/ 2019-20 (Online)
No.51 **INVITATION FOR BIDS** Date:22.01.2020

| | | | |
|---|---|---|---|
| 1. | The **Superintending Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in double cover mode to be received in **online mode** only for the construction of works as detailed in the table below: | | |
| 2. | Nature of work | : | Building work |
| 3. | No. of work | : | 01 (One) no. of work |
| 4. | Estimated Cost. (Approximately) | : | Rs. 127.16 lakh |
| 5. | Bid Cost | : | Rs. 10,000/- (each) |
| 6. | Class of Contractor | : | “B” Class /“A” Class as per Financial Eligibility. |
| 7. | Availability of Bid Documents in the website | : | 11.00 Hrs of Dt. 05.02.2020 to 16.00 Hrs of Dt. 20.02.2020 |
| 8. | Date of opening of Bid | : | 11.00 Hrs of Dt. 24.02.2020. |
| 9. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

34128/11/0002/1920 Sd/ Superintending Engineer, Rayagada (R&B) Circle, Rayagada

**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(CHILD PROTECTION UNIT)**
District Child Protection Unit, Ground Floor of the Settlement Office, Sub-Collectorate, Dhenkanal-759001, Telephone No: 06762-223246; Email: dcpo.dhenknal.od@nic.in, dhenkanaldcpu@gmail.com
**Letter No.44/DCPU/2020** **Date:27.01.2020**
**Ref. Adv. No:- 187/DCPU/18 Dt:-17.03.2018 & 162/ DCPU/17, Dt:- 04.05.2017**
**INVITATION OF OBJECTION**

No.g-61 :- The details of the provisional list of the candidates applying for the post of “Accountant & Data Analyst” under District Child Protection Unit, Dhenkanal, the list of the candidates for the post of **“Accountant & Data Analyst”** is given in the govt. website of **dhenkanal.nic.in.**

Candidates preferring objection may make the objection addressed to The Office of the District Child Protection Officer, District Child Protection Unit, Ground Floor of the Settlement Office, Sub-Collectorate, Dhenkanal- 759001, and latest by 5.30pm on dated:- 06.02.2020 only by speed post / registered post only. Any other mode of submission of objection will not be entertained. Received objection shall be rejected if received any after due date and time. Any postal delay the office will not be responsible. Candidates are advised to **“indicating the name, Sl. No. of provisional list, point of objection”** etc. objection has to be supported with relevant documents as proof.

Sd./- Dist. Collector-cum-
Dist. Magistrate, Dhenkanal

33030/11/0002/1920

**Directorate of Mission Shakti** g-59
**Department of Women & Child Development and Mission Shakti**
**Government of Odisha**
Letter No: WCD-MS-0080-2020- 238 /DMS(WCDMS) Date: 27.01.2020
**TENDER CALL NOTICE**

Sealed Tenders are invited from interested reputed financially sound Catering Agency having valid registration certificate for empanelment of catering agency for supply of food for Meetings and Trainings organized by Directorate of Mission Shakti, Mission Shakti Bhawan, Pokhariput, Bhubaneswar.

The Tender completed in all respect shall be deposited in the office of the Commissioner cum Director, Directorate of Mission Shakti, Mission Shakti Bhawan, Pokhariput, Bhubaneswar - 751030 on or before 18.02.2020 by 4.00 P.M. through Register Post/Speed Post only. The application form of the tender containing General Bid information and terms & conditions can be downloaded from the **website- www.wcdodisha.gov.in** from 29.01.2020 to 18.02.2020. A Tender Fee of Rs.500/- and EMD of Rs. 5,000/- in shape of Demand Draft in favour of “Commissioner cum Director, Directorate of Mission Shakti “payable at Bhubaneswar is to be submitted along with the Tender Application at the time of submission of the application. The authority reserves the right to cancel/modify the Tender at any point of time, same will be placed in the website.

By Order of the Commissioner cum Director
Joint Secretary
Directorate of Mission Shakti

Mission Shakti Bhavan, Pokhariput, Bhubaneswar-751030, Odisha
Tel: 0674 2974093, Mail: pmumissionshakti@gmail.com
33001/11/0025/1920

# ସୁରକ୍ଷା ପାଇଁ ଡିଜିପିଙ୍କ ଦ୍ୱାରସ୍ଥ ହେଲେ ପରବିନ୍ଦର

**ପୋଲିସ ଉପସ୍ଥିତିରେ ପଞ୍ଜାବୀ ଯୁବକଙ୍କୁ ମାଡ଼ ଘଟଣା**

- ଏବେ ବି ଭୟ, ଆଶଙ୍କାରେ ପରିବାର ଲୋକେ
- ମାଟ୍ରିକ ପଢୁଥିବା ପିଲାର ଭବିଷ୍ୟତକୁ ନେଇ ଚିନ୍ତା



ଭୁବନେଶ୍ୱର,୨୮।୧(ବ୍ୟୁରୋ)

ପଞ୍ଜାବୀ ଯୁବକ ପରବିନ୍ଦର ପାଲ୍ ସିଂଙ୍କୁ ପୋଲିସ ସମ୍ମୁଖରେ ସଂଘବଦ୍ଧ ଆକ୍ରମଣ ଓ ତାଙ୍କ ପଗଡ଼ିକୁ ଗୋଇଠାମାଡ଼ ଘଟଣାରେ ପୋଲିସର ପଦକ୍ଷେପକୁ ନେଇ ନାନା ଚର୍ଚ୍ଚା ଜାରି ରହିଛି। ଏନେଇ ନିଜେ ପରବିନ୍ଦର ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିବା ସହ ନ୍ୟାୟ ଓ ପରିବାରର ସୁରକ୍ଷା ପାଇଁ ଶନିବାର ସ୍ତ୍ରୀଙ୍କ ସହ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ସାକ୍ଷାତ ହୋଇ ନ ପାରିବାରୁ ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।

ଗତ ୧୪ ତାରିଖରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଭଗବାନ ଟାୱାର ଆପାର୍ଟମେଣ୍ଟ ବାହାରେ ଗାଡ଼ି ପାର୍କିଂକୁ ନେଇ ଏହି ଘଟଣା ଘଟିଥିଲା। ପୋଲିସର ଉପସ୍ଥିତିରେ ୭ରୁ ଊର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଆକ୍ରମଣ କରିବା ସହ ପଥରରେ ପରବିନ୍ଦରଙ୍କ ମୁହଁକୁ ଛେଚି ଦେଇଥିଲେ। ଏହି ଘଟଣାରେ ପୋଲିସ ୩ଜଣ ଅଭିଯୁକ୍ତ ଦୀପକ କୁମାର ଜେନା, ଦୀପକ ମହାନ୍ତି ଓ ଶଙ୍କର ରାଉତଙ୍କୁ ଗିରଫ କରିଥିଲେ ମଧ୍ୟ କୋହଳ ଦଫା ଲଗାଯାଇଥିବାରୁ ସେମାନେ ମାତ୍ର କେଇଘଣ୍ଟା ପରେ ଜାମିନରେ ମୁକୁଳିଥିଲେ। ପୋଲିସର ଏପରି କାର୍ଯ୍ୟଧାରାକୁ ନେଇ ଶିଖ୍ ସମ୍ପ୍ରଦାୟ ଆନ୍ଦୋଳନକୁ ଓହ୍ଲାଇବା ସହ ନ୍ୟାୟ ଦାବି କରିଥିଲା। ଇତିମଧ୍ୟରେ ୨ ସପ୍ତାହ ବିତିଯାଇଛି। ଅଭିଯୁକ୍ତମାନେ ଖୁଲମ୍‌ଖୁଲା ବୁଲୁଥିବାରୁ ଆପାର୍ଟମେଣ୍ଟ ବାହାରକୁ ଯିବାକୁ ପରବିନ୍ଦର ଓ ତାଙ୍କ ପରିବାର ଭୟ କରୁଛନ୍ତି। ପରିବାର ଓ ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ପରିବାରକୁ ସୁରକ୍ଷା ଯୋଗାଇ ଦେବା ପାଇଁ ଡିଜିପିଙ୍କ ଦ୍ୱାରସ୍ଥ ହୋଇଥିବା ପରବିନ୍ଦର ଗଣମାଧ୍ୟମକୁ ଜଣାଇଛନ୍ତି।

ସେ କହିଛନ୍ତି, ପୋଲିସ ସମ୍ମୁଖରେ ସମସ୍ତ କାଣ୍ଡ ଘଟିଥିବାବେଳେ ସିସିଟିଭି ଫୁଟେଜରେ ତାହା କଏଦ ହୋଇଛି। ଏ ସବୁକୁ ପୋଲିସକୁ ହସ୍ତାନ୍ତର କରାଯିବା ପରେ ମଧ୍ୟ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ପୋଲିସ କେବଳ ପରବିନ୍ଦରଙ୍କ ଆପାର୍ଟମେଣ୍ଟ ନିକଟରେ ଡ୍ୟୁଟି କରୁଥିବାବେଳେ ପରିବାର ଲୋକେ ଅନ୍ୟ କାମରେ ବାହାରକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ପରବିନ୍ଦର ବ୍ୟବସାୟ କରି ପରିବାର ଚଳାନ୍ତି। ଏବେ ତାଙ୍କ ବ୍ୟବସାୟ ମଧ୍ୟ ବନ୍ଦ ହେବାକୁ ବସିଛି। ପରବିନ୍ଦରଙ୍କ ସ୍ତ୍ରୀ କହିଛନ୍ତି, ମୁଣ୍ଡ ଉପରେ ବୋର୍ଡ ପରୀକ୍ଷା ଥିବାବେଳେ ୨ ସପ୍ତାହ ହେବ ପିଲାମାନେ ଭୟରେ ସ୍କୁଲ ଯାଇନାହାନ୍ତି। ଆମେ ଏକ ପ୍ରକାର ବନ୍ଦୀ ଜୀବନ କାଟୁଛୁ। ପୋଲିସ ଉପସ୍ଥିତିରେ ମରଣାନ୍ତକ ଆକ୍ରମଣ ହେଉଛି, ଅଭିଯୁକ୍ତମାନେ ଜାମିନରେ ଆସି ଖୁଲମ୍‌ଖୁଲା ବୁଲୁଛନ୍ତି, ସେମାନେ ପୁଣି କେତେବେଳେ ଯେ ଆକ୍ରମଣ ନ କରିବେ କିଏ କହିବ ବୋଲି କ୍ଷୋଭର ସହ ସେ କହିଛନ୍ତି। ଅନ୍ୟପକ୍ଷରେ ନ୍ୟାୟ ନ ମିଳିଲେ ରାଜ୍ୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ପରବିନ୍ଦର ଗଣମାଧ୍ୟମକୁ ଜଣାଇଥିଲେ।

## ସଂକ୍ଷେପରେ

### ପ୍ରଶାନ୍ତ ହତ୍ୟା ମାମଲା: ରୋହିତ ପ୍ରଧାନ ଦୋଷୀ ସାବ୍ୟସ୍ତ

- ୫ ନିର୍ଦ୍ଦୋଷରେ ଖଲାସ, ୩୦ରେ ଦଣ୍ଡାଦେଶ

ଭୁବନେଶ୍ୱର,୨୮।୧(ବ୍ୟୁରୋ): ବାଲିପାଟଣା ଥାନାଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ପ୍ରଶାନ୍ତ ପ୍ରଧାନ ହତ୍ୟା ମାମଲାର ବିଚାର ମଙ୍ଗଳବାର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ପେଶାଲ ଜଜ୍ ସିବିଆଇ କୋର୍ଟରେ ହୋଇଥିଲା। ୨୨ଜଣ ସାକ୍ଷୀ ଓ ୩୩ କାଗଜପତ୍ରକୁ ପରଖିବା ପରେ କୋର୍ଟ ମୁଖ୍ୟ ଅଭିଯୁକ୍ତ ରୋହିତ ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ଏସ୍.କେ. ସାହବତ, ପ୍ରଦୀପ କୁମାର ନାୟକ, ବିପିନ କୁମାର ବେହେରା, ସଦାଶିବ ପ୍ରଧାନ ଓ ମନୋରମା ନାୟକଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆସନ୍ତା ୩୦ ତାରିଖରେ କୋର୍ଟ ଦଣ୍ଡାଦେଶ ଶୁଣାଇବେ ବୋଲି ସରକାରୀ ପିପି ସୁରେଶ କୁମାର ବାରିକ ସୂଚନା ଦେଇଛନ୍ତି। ମାମଲାରୁ ପ୍ରକାଶ, ପୁରୀ ଜିଲା ନିମାପଡ଼ା ଥାନା କନପୁର ଗ୍ରାମର ସଦାଶିବ ପ୍ରଧାନଙ୍କ ପୁଅ ପ୍ରଶାନ୍ତ ୨୦୧୦ ଜୁଲାଇ ୬ରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଏନେଇ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ସେହିମାସ ୧୦ ତାରିଖରେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ଭଇରିପୁର ଗ୍ରାମସ୍ଥିତ ଏକ ପୋଖରୀରୁ ବସ୍ତାରେ ବନ୍ଧା ହୋଇଥିବା ଏକ ମୃତଦେହ ମିଳିଥିଲା। ମୃତଦେହକୁ ଖଣ୍ଡଖଣ୍ଡ କରି କଟାଯାଇଥିବା ଓ ପଚିଯାଇଥବାରୁ ପରିବାର ଲୋକେ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ଡିଏନ୍‌ଏ ଟେଷ୍ଟରୁ ଉକ୍ତ ମୃତଦେହଟି ପ୍ରଶାନ୍ତଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ମୃତ ପ୍ରଶାନ୍ତଙ୍କ ବାପା ସଦାଶିବଙ୍କ ଅଭିଯୋଗକ୍ରମେ ବାଲିପାଟଣା ଥାନା ପୋଲିସ କେସ୍ ନଂ.୯୩/୧୦ ଦଫା ୩୦୨, ୨୦୧ ଓ ୩୪ ଲଗାଇ ତଦନ୍ତ ଆରମ୍ଭ କରିଥିଲା। ଜୁଲାଇ ୧୫ରେ ମୁଖ୍ୟ ଅଭିଯୁକ୍ତ ରୋହିତଙ୍କୁ ନିମାପଡ଼ା ବସ୍‌ଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା। ପ୍ରଶାନ୍ତ କେରଳରେ ଏକ ସଂସ୍ଥାରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ରୋହିତ ମ୍ୟାନେଜର ହେବାକୁ ଆଶା ରଖି ଅନ୍ୟ କେତେଜଣଙ୍କ ସହାୟତାରେ ପ୍ରଶାନ୍ତଙ୍କୁ ହତ୍ୟା କରିଥିଲେ। ମୃତ୍ୟୁର ଦେଢ଼ମାସ ପୂର୍ବରୁ ପ୍ରଶାନ୍ତଙ୍କ ବିବାହ ହୋଇଥିଲା।

## ପଞ୍ଚାନନଙ୍କ ଚିତ୍ରକଳା 'ୱାନ୍‌ନେସ୍' ପୁସ୍ତକରେ ସ୍ଥାନ ପାଇଲା

ପୁରୁଣା ଭୁବନେଶ୍ୱର, ୨୮।୧ (ଡି.ଏନ.ଏ.)

ପୁଡୁଚେରିର ଆରୋଧନ ଗ୍ୟାଲେରୀ ଦ୍ୱାରା ବିଶ୍ୱର କେତେଜଣ ବିଶିଷ୍ଟ ଚିତ୍ରକର, ମୂର୍ତ୍ତିକାର, ନୃତ୍ୟଶିଳ୍ପୀ, ଲେଖକ, ଅଭିନେତା, ଫଟୋ ଗ୍ରାଫର ଓ ସଙ୍ଗୀତ ଶିଳ୍ପୀଙ୍କ କୃତୀକୁ ନେଇ 'ୱାନ୍‌ନେସ୍' ଶୀର୍ଷକ ରଙ୍ଗୀନ ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲଙ୍କ ଚିତ୍ରକଳା ଓ ତାଙ୍କ କୃତୀ ବିଷୟରେ ତଥ୍ୟ ପ୍ରକାଶ ପାଇଛି। ଉକ୍ତ ପୁସ୍ତକକୁ ଭାରତର ବର୍ଷୀୟାନ ରାଜନେତା ଓ ଲେଖକ ଡ. କରଣ ସିଂ, ପୁଡୁଚେରି ରାଜ୍ୟପାଳ କିରଣ ବେଦୀ ଏବଂ ବିଶିଷ୍ଟ କଥାକାର, ପଦ୍ମଭୂଷଣ ଡ. ମନୋଜ ଦାସ ଅନୁଷ୍ଠିତ ସମାରୋହରେ ପୁସ୍ତକର ଉନ୍ମୋଚନ କରିଥିଲେ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଶିଳ୍ପୀମାନଙ୍କ ସର୍ଜନଶୀଳ ସୃଷ୍ଟି ଆମ ସମାଜକୁ ସରସ ଓ ସୁନ୍ଦର କରି ଗଢି ତୋଳେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନିଜର ଏକ ଚିତ୍ର ପୁସ୍ତିକା ଅତିଥିମାନଙ୍କୁ ସାମଲ ପ୍ରଦାନ କରିଥିଲେ। ଉକ୍ତ ପୁସ୍ତକରେ ଅନ୍ୟମାନଙ୍କ ମଧ୍ୟରେ ଚେକୋସ୍ଲୋଭାକିଆର ଶିଳ୍ପୀ ଇଭାନା ପ୍ରୋସଭା, ଜର୍ମାନୀର ଆଲ୍‌ଫେଡ୍ ବେଷ୍ଟ ଓ ହେଲ୍‌ଗ୍ରଡ୍ ଜୁମୁଲ, ଆମେରିକାର କଟରିନ୍ ମାୟାର, ସୁଇଜରଲ୍ୟାଣ୍ଡର ପିଏର ମାର୍କସ ଓ ଅଷ୍ଟ୍ରିୟାର ବିର୍ଜଓ୍ୱା ଭାଲାଜ୍ ପ୍ରମୁଖ ୨୫ ଜଣ ବିଦେଶୀ ଶିଳ୍ପୀଙ୍କ କଳାକୃତୀ ସ୍ଥାନୀତ ହୋଇଛି। ଏହି ପୁସ୍ତକ ଜରିଆରେ ଭାରତୀୟ କଳା ଓ ସଂସ୍କୃତିର ପ୍ରସାର ବିଦେଶ ମାଟିରେ ହେବ ବୋଲି ଆରୋଧନ ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଲଳିତ ବର୍ମା ପ୍ରକାଶ କରିଛନ୍ତି।



'ୱାନ୍‌ନେସ୍' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଭିଜିଲାନ୍ସ ଜାଲରେ ଉପସହକାରୀ ଅଡିଟର ଜେନେରାଲ

କଟକ ଅଫିସ,୨୮।୧

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୀ ସମବାୟ ସମିତିର ଉପସହକାରୀ ଅଡ଼ିଟର ଜେନେରାଲ ରାମକୃଷ୍ଣ କରଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଭିଜିଲାନ୍ସର ଭୁବନେଶ୍ୱର ଡିଭିଜନ ପକ୍ଷରୁ ଏକକାଳୀନ ୪ଟି ଜାଗାରେ ଏହି ଚଢ଼ାଉ ହୋଇଥିଲା। ଚଢ଼ାଉ ବେଳେ ୧ କୋଟି ୨୧ ଲକ୍ଷ ୬୨ହଜାର ୫୧୭ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଖୋର୍ଦ୍ଧା ଜିଲାର ମୁକୁନ୍ଦପ୍ରସାଦରେ ଥିବା ରାମକୃଷ୍ଣଙ୍କ ଏକ ଦୁଇମହଲା କୋଠା, ନୟାଗଡ଼ ଜିଲା ରାମଚନ୍ଦ୍ରପୁରରେ ଥିବା ତାଙ୍କ ପୈତୃକ ବାସଭବନ, ଖୋର୍ଦ୍ଧା ଜେମାଦେଇପୁରରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର ଏବଂ ପୁରୀସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଏହି ଚଢ଼ାଉ ହୋଇଥିଲା। ଠାବ ସମ୍ପତ୍ତିଗୁଡ଼ିକ ରାମକୃଷ୍ଣ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି।

## ଜେଲରେ ପୂରାଇଥିବା ଦୁଇ ଝିଅଙ୍କୁ କାଢ଼: ଲେଖାଶ୍ରୀ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଜାନୁୟାରୀ ୨୬ତାରିଖ ଦିନ ଦୁଇ ଆଦିବାସୀ ଝିଅ ଦମୟନ୍ତୀ ଓ ପାର୍ବତୀଙ୍କୁ ରାଜ୍ୟ ସରକାର ପୋଲିସ ଲଗାଇ ପରେଡ୍ ଗ୍ରାଉଣ୍ଡରୁ ଉଠାଇ ନେଇଛନ୍ତି। ସେମାନଙ୍କୁ ଗିରଫ କରିବା ସହିତ ଦୁଇଜଣଙ୍କ ବିରୋଧରେ ୩୦୭ ସମେତ ୯ଟି ଆପରାଧିକ ଦଫା ଲଗାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ଘଟଣା ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ଏ ସରକାରରେ ହାତୀ ଗଳିଯିବ କିନ୍ତୁ ପିମ୍ପୁଡ଼ି ଗଳିବାକୁ ବାଟ ନାହିଁ। ଗତ କିଛିଦିନ ତଳେ ଶାସକ ଦଳର କେତେଜଣ ଶିଖ୍ ବ୍ୟକ୍ତି ପରବିନ୍ଦରଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରି ପଥରରେ ଆଖିକୁ ମାରିବା ସହ ମୁଣ୍ଡ ଫଟାଇଲେ ମାତ୍ର ପୋଲିସ ଦଫା କମ୍ ଲଗାଇ ଅପରାଧୀଙ୍କୁ ଜାମିନ ଦେବାର ବ୍ୟବସ୍ଥା କରିଥିଲା। ପୋଲିସ ଅଧିକାରୀ ସ୍ଥାନୀୟ ବିଧାୟକଙ୍କ ସହ ଘଟଣାକୁ ଚାପିଦେବା ପାଇଁ ଧମକ ଦେବାକୁ ଜନୈକ ବ୍ୟକ୍ତିଙ୍କ ଘରକୁ ରାତି ଅଧରେ ଯାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ପୋଲିସ ଏଠି ତଦନ୍ତ ନାଁରେ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇ ଚାଲିଛି। ଅନ୍ୟପକ୍ଷରେ ନିଜ ଅଧିକାର ଦାବି ନେଇ ୨୦୧୫ରୁ ଧାରଣାରେ ବସିଥିବା ଦୁଇ ନିରୀହ ଝିଅଙ୍କ ସମସ୍ୟା ନ ବୁଝି ପୋଲିସ ତାଙ୍କୁ ଗିରଫ କରିବା ଆଉ ୩୦୭ ଧାରା ଲଗାଇବା ଅତ୍ୟନ୍ତ ନିନ୍ଦନୀୟ। ସେମାନେ ୫ ବର୍ଷ ହେବ ଧାରଣା ଦେଉଛନ୍ତି ହେଲେ ସେମାନଙ୍କ ସମସ୍ୟା ସମ୍ପର୍କରେ ସରକାର କେବେ ପଚାରି ନାହାନ୍ତି। ରାଜ୍ୟରେ କେବଳ ଏକଛତ୍ରବାଦୀ ଶାସନ ଚାଲିଛି। ସରକାର ତୁରନ୍ତ ସେହି ଦୁଇ ଝିଅଙ୍କ ଉପରେ ଲାଗିଥିବା ଦଫାକୁ ଉଠାଇ ସେମାନଙ୍କୁ ଜେଲ୍‌ରୁ କାଢ଼ନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି।

## ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

ଭୁବନେଶ୍ୱର,(ବ୍ୟୁରୋ)/ବାଲିଅନ୍ତା,୨୮।୧(ଡି.ଏନ.ଏ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ହଂସପାଳ ନଦୀଗଡ଼ା ଛକରେ ମଙ୍ଗଳବାର ସକାଳେ ଏକ ପଥର ବୋଝେଇ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ନବକିଶୋର ପ୍ରଧାନ। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ନବକିଶୋର (ଓଡି ୦୨ଏଏମ ୮୯୨୫) ବାଇକ୍‌ରେ ବାଲିପାଟଣାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସକାଳ ପ୍ରାୟ ସାଢେ ୯ଟା ବେଳକୁ ଓଆର ୦୯କେ ୧୬୪୨ ନମ୍ବର ଥିବା ପଥର ବୋଝେଇ ଟ୍ରକ ବାଲିପାଟଣା ରାସ୍ତାରେ ଯାଉଥିବାବେଳେ ନଦୀଗଡ଼ା ଛକ ନିକଟରେ ଧକ୍କା ଦେଇଥିଲା। ବାଇକ୍‌ରୁ ନବ ଛିଟିକି ପଡିଥିବାବେଳେ ତାଙ୍କ ଉପରେ ଟ୍ରକ ଚଢିଯାଇଥିଲା। ଖବରପାଇ ପିସିଆର ଘଟଣାସ୍ଥଳରେ ପହଞ୍ଚି ନବଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ନବଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

## ମୃତକଙ୍କ ପରିବାରକୁ ୨.୫ ଲକ୍ଷ କ୍ଷତିପୂରଣ ଦେବାକୁ ଦିଲୀପ କନ୍‌ଷ୍ଟ୍ରକ୍ସନକୁ ନିର୍ଦ୍ଦେଶ

**ବିମାନ ବନ୍ଦରରେ ନିର୍ମାଣାଧୀନ ଛାତ ଭୁଶୁଡ଼ିବା ଘଟଣା**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ବିଜୁ ପଟ୍ଟନାୟକ ବିମାନ ବନ୍ଦରର ଟର୍ମିନାଲ-୧ ଓ ୨କୁ ସଂଯୋଗ ପାଇଁ ନିର୍ମାଣାଧୀନ ଛାତ ଭୁଶୁଡିବା ଘଟଣାକୁ ରାଜ୍ୟ ମାନବିକ ଅଧିକାର କମିଶନ(ଓଏଚ୍‌ଆରସି) ଗୁରୁତର ସହ ନେଇଛନ୍ତି। ମଙ୍ଗଳବାର ଏ ସଂକ୍ରାନ୍ତ ଏକ ପିଟିଶନର ଶୁଣାଣି କରି କମିଶନ ମୃତ ଅନ୍ତର୍ଯ୍ୟାମୀ ଗୁରୁଙ୍କ ପରିବାରକୁ ୨.୫ ଲକ୍ଷ ଟଙ୍କା ଓ ଆହତ ନବ କିଶୋର ସ୍ୱାଇଁଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ଠିକା ସଂସ୍ଥା ଦିଲୀପ କନ୍‌ଷ୍ଟ୍ରକ୍ସନକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୧୧ ସୁଦ୍ଧା କ୍ଷତିପୂରଣ ରାଶି ପ୍ରଦାନ ପାଇଁ କୁହାଯାଇଛି। ବିଳମ୍ବ ହେଲେ ବିମାନ ବନ୍ଦର କର୍ତ୍ତୃପକ୍ଷ ଏହି କ୍ଷତିପୂରଣ ଦେବେ। ପରବର୍ତ୍ତୀ ସମୟରେ ବିମାନବନ୍ଦର କର୍ତ୍ତୃପକ୍ଷ ଉକ୍ତ ଠିକା ସଂସ୍ଥାଠାରୁ କ୍ଷତିପୂରଣ ଟଙ୍କାକୁ ଅସୁଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ରାତିରେ ପୁଣି ବିନା ସେଫ୍ଟି ସରଞ୍ଜାମରେ ଶ୍ରମିକଙ୍କୁ କାମ କରାଇବା ଓ ଠିକା ସଂସ୍ଥାର ୪ଜଣଙ୍କୁ ପୋଲିସ କୋହଳ ଦଫା ଲଗାଇ ଗିରଫ କରିବାକୁ ନେଇ ସୋମବାର ମାନବାଧିକାର କର୍ମୀ ତଥା ଆଇନଜୀବୀ ଲଳାଟେନ୍ଦୁ ଦାଶ ଏବଂ ଅନ୍ୟ ଜଣେ ଆଇନଜୀବୀ ସୋମବାର ଓଏଚ୍‌ଆରସିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ମଧ୍ୟ ମଙ୍ଗଳବାର ଶୁଣାଣି ହୋଇଥିଲା। ଆଗାମୀ ଦିନରେ ଏହାର ଚୂଡ଼ାନ୍ତ ଶୁଣାଣି କରାଯିବ ବୋଲି କମିଶନ କହିଛନ୍ତି।

ସୂଚନାଯୋଗ୍ୟ, ରବିବାର ରାତି ପ୍ରାୟ ୧୦ଟା ୪୫ରେ ନିର୍ମାଣାଧିନ ଛାତ ହଠାତ ଭୁଶୁଡି ପଡ଼ିଥିଲା। ଏହି ସମୟରେ ଯାଞ୍ଚ କରୁଥିବା ଇଲେକ୍ଟ୍ରିସିଆନ ଅନ୍ତର୍ଯ୍ୟାମୀ ଗୁରୁ ଓ ଡ୍ରାଇଭର ନବକିଶୋର ସ୍ୱାଇଁ ଛାତ ତଳେ ଚାପି ହୋଇଯାଇଥିଲେ। ଅନ୍ତର୍ଯ୍ୟାମୀଙ୍କର ମୃତ୍ୟୁ ଘଟିଥିବାବେଳେ ନବକିଶୋର ଆହତ ହୋଇଥିଲେ। କାଠ ବହ୍ଲାରେ ସେଣ୍ଟ୍ରିଂ କରାଯାଇଥିବାରୁ ଅତ୍ୟଧିକ ଭାର ସମ୍ଭାଳି ନ ପାରି ଏପରି ଘଟିଥିବା ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ସୋମବାର ଏୟାର ପୋର୍ଟ ଏଥରିଟି ଅଫ୍ ଇଣ୍ଡିଆ(ଏଏଆଇ)ର ବୈଷୟିକ ଟିମ୍ ପ୍ରାରମ୍ଭିକ ତଦନ୍ତ ଶେଷ କରିଛି। ତଦନ୍ତ ରିପୋର୍ଟ ଏଏଆଇ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ। ଏହାସହ ଦିଲ୍ଲୀରୁ ଅନ୍ୟ ଏକ ଟିମ୍ ଏଠାକୁ ଆସି ଯାଞ୍ଚ କରିବ ବୋଲି ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ ବି.ଭି. ରାଓ ସୂଚନା ଦେଇଥିଲେ।

## ରକ୍ତ ଦେଇ ଗର୍ଭବତୀଙ୍କ ଜୀବନ ବଞ୍ଚାଇଲେ ଫାର୍ମାସିଷ୍ଟ

**ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଆଜି ବି ମାନବିକତା ବଞ୍ଚିରହିଛି। ଆଉ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ। ଜଣେ ଗର୍ଭବତୀ ମହିଳାଙ୍କୁ ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇଛନ୍ତି ୧୦୮ ଆମ୍ବୁଲାନ୍ସର ଜଣେ ଫାର୍ମାସିଷ୍ଟ ସମୀର କୁମାର ତ୍ରିପାଠୀ। ଗର୍ଭବତୀ ମହିଳାଙ୍କ ଜୀବନ ବଞ୍ଚାଇ ମାନବିକତାର ପରିଚୟ ଦେଇଥିବା ସମୀରଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍‌ରେ କହିଛନ୍ତି, ମାଲ୍‌କାନଗିରି ଖଇରପୁଟର ୧୦୮ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ସମୀର ଜଣେ ପ୍ରସୂତିଙ୍କ ଜୀବନ ରକ୍ଷା ପାଇଁ ରକ୍ତଦାନ କରିବା ସହ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନା ଆଣିବା ନିଃସ୍ୱାର୍ଥପର ସେବା ଓ ମାନବିକତାର ପରିଚୟ। ତାଙ୍କର କର୍ତ୍ତବ୍ୟପରାୟଣତା ଏବଂ ନିଷ୍ଠାପର ସେବା ସମସ୍ତଙ୍କ ପାଇଁ ଉଦାହରଣ। ତାଙ୍କୁ ମୋର ସାଧୁବାଦ। ସୂଚନାଯୋଗ୍ୟ, ମାଥିଲି ବ୍ଲକ୍ ଅନ୍ତର୍ଗତ ବଡ଼ ରେଙ୍ଗାବେଡ଼ା ଗ୍ରାମର ରଘୁ ଦୁରୁଆଙ୍କ ସ୍ତ୍ରୀ ମଙ୍ଗୁଳିଙ୍କର ପ୍ରସବ ଯନ୍ତ୍ରଣା ହେବା ପରେ ତାଙ୍କୁ ନିକଟସ୍ଥ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ଶିଶୁକୁ ଜନ୍ମ ଦେଇଥିଲେ। କିନ୍ତୁ ଅତ୍ୟଧିକ ରକ୍ତସ୍ରାବ ହେବାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିଲା। ମଙ୍ଗୁଳିଙ୍କର ଏ ପଜିଟିଭ୍ ରକ୍ତର ଆବଶ୍ୟକ ଥିଲାବେଳେ ଅର୍ଥ ଅଭାବରୁ ତାଙ୍କ ସ୍ୱାମୀ ରକ୍ତ କିଣି ପାରି ନ ଥିଲେ। ତେବେ ଏ ସମ୍ପର୍କରେ ଖବରପାଇ ମାଲ୍‌କାନଗିରିସ୍ଥିତ ଖଇରପୁଟର ୧୦୮ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ସମୀର କୁମାର ତ୍ରିପାଠୀ, ମଙ୍ଗୁଳିଙ୍କୁ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। ସମୀର ଠିକ୍ ସମୟରେ ମାଥିଲି ପହଞ୍ଚି ରକ୍ତ ଦେଇଥିଲେ ଓ ମଙ୍ଗୁଳିଙ୍କ ଜୀବନ ବଞ୍ଚାଇଥିଲେ। ରକ୍ତ ଦେବା ପରେ ମଙ୍ଗୁଳି ଏବେ ସୁସ୍ଥ ଅଛନ୍ତି। ମଙ୍ଗୁଳିଙ୍କୁ ଆବଶ୍ୟକ ସମୟରେ ରକ୍ତଦାନ କରି ତାଙ୍କ ଜୀବନ ବଞ୍ଚାଇଥିବାରୁ ସମୀର ଖୁବ୍ ପ୍ରଶଂସିତ ହୋଇଛନ୍ତି।



ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Officially Staff
For BBSR, CTC, Puri, Berhampur.
Qualification 10th above.
Salary upto Rs.25,000/-
M-9938699963

APPOINTMENT
Wanted Body Massage boy & House keeping boy for SPA at Bhubaneswar.
Contact: 9861550765

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

TORRENT ADVERTISERS
1. Marketing Executive (Male/Female)
2. Electrician (Male)
3. Supervisor (Male)
4. Accountant (Male), 5. Driver (Male)
R.Shed No-37, Rasulgarh Industrial Estate, Bhubaneswar-751006
Mob- 8847801799
torrentadv4@gmail.com

URGENT REQUIRED
A Guest House required following experience staffs only.
- Tourist Car Driver -5 Nos. (License with heavy badge)
- Accountant-cum-Cashier -1 No.
- Receptionist- -1 No (M/F).
- House Keeper -1 No.
Contact:- 9938329002
(11 AM to 4 PM)

ତୁରନ୍ତ ଆବଶ୍ୟକ
କୁଲାଡ଼ ଅନୁଗୋଳସ୍ଥିତ ଫ୍ୟାସନ ବୁଟିକ୍‌ରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଓ ସିଲେଇ ସହାୟକ ଆବଶ୍ୟକ।
ଦରମା ଅଭିଜ୍ଞତା ଅନୁସାରେ
ଯୋଗାଯୋଗ: 7735732645

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ।
ଯୋଗ୍ୟତା: 10th/ above. ବୟସ: (18-35)yrs. Monthly Salary upto Rs. 27000/-
Contact : 9938676412

REQUIRED
Accounts Executive, Sales Consultant, Service Advisor, Telecaller, Dentor, Technicians, Driver, Peon, Washing boys.
Call: 06746667709/6668822
Mail - admin@capitalford.net,
CC- siddharth9909@gmail.com

ଭୁବନେଶ୍ୱରଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ ପୁରୁଷ ସ୍ୱାସ୍ଥ୍ୟ ସହାୟକ (Male Medical Attendant) ଆବଶ୍ୟକ। ନିମ୍ନଲିଖିତ ଦୈନନ୍ଦିନ କାର୍ଯ୍ୟରେ ସହାୟତା କରିବା ସହାୟକଙ୍କ ଦାୟିତ୍ୱ ହେବ - ଯଥା ସ୍ନାନ, ଶୌଚ, ହ୍ୱିଲ୍-ଚେୟାର୍‌ରେ ଘର ଭିତରେ ଚଳପ୍ରଚଳ କରାଇବା, ଖାଦ୍ୟ, ପାଣି ଓ ଔଷଧ ସେବନରେ ସାହାଯ୍ୟ କରିବା ଇତ୍ୟାଦି।
କାର୍ଯ୍ୟ ସମୟ: ସକାଳ ୮ରୁ ସନ୍ଧ୍ୟା ୮ (ସୋମ-ଶନି), ସକାଳ ୮ରୁ ଦିନ ୧୨ (ରବି)
କାର୍ଯ୍ୟ ସ୍ଥାନ : ୟୁନିଟ୍ ୯, ଭୁବନେଶ୍ୱର
ସହାୟକ ଅତି କମ୍‌ରେ ମାଟ୍ରିକ ପାସ୍ କରିଥିବା ଆବଶ୍ୟକ। ଇଂରାଜୀରେ ମୌଳିକ ଦକ୍ଷତା ଓ ମୋବାଇଲ ଫୋନ୍‌ରେ ଖବର ପଠାଇବାର ସାମର୍ଥ୍ୟ ରହିଥିବା ଉଚିତ। ନର୍ସିଂ କିମ୍ବା ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଲିମପ୍ରାପ୍ତ ତଥା ରୋଗୀଙ୍କ ଯତ୍ନ ନେବାରେ ପୂର୍ବ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦିଆଯିବ।
ବେତନ - ମାସିକ ୧୦୦୦୦ ଟଙ୍କା (ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ବୃଦ୍ଧି କରାଯାଇପାରେ)।
ଦିନରେ ଥରେ ନିରାମିଷ ଭୋଜନ ଦିଆଯିବ।
ଇଚ୍ଛୁକ ବ୍ୟକ୍ତି ଏହି ନମ୍ବରରେ ଯୋଗାଯୋଗ କରିପାରନ୍ତି: 0 8902061087 / 0 9748464894

ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ (Married).
ଯୋଗାଯୋଗ: 9937203178

Railway Job
- Petty Repair (ITI) Rs.14000/-
- Supervisor (+2,+3) : Rs.14000/-
- Bad Roll (10th) : Rs.12000/-
- House keeping (Under Matric) Rs.8000/- to Rs.10000/-
Posting- BBSR, Puri, Rayagada
7327065424, 8895725158

WALK-IN-INTERVIEW ON
08th & 09th FEBRUARY 2020 at 10:00 A.M
Venue :
GURUKUL INTERNATIONAL PUBLIC SCHOOL
GOODS SHED ROAD, LANJIPALLI, BERHAMPUR, GANJAM, ODISHA, PIN-760008 Affiliated to CBSE New Delhi, Affiliation No.1530283,
Contact : 9937885234, e-mail : info.gurukulinternational@gmail.com,
website : www.gurukulinternational.net
Inviting Applications
for the following posts for Berhampur, Kabisurya Nagar, Khalikote, Digapahandi, Mendhrajpur (Ganjam), Phulbani & Nabarangpur.

| POST | SUBJECT & NO. OF VACANCIES | QUALIFICATIONS |
|---|---|---|
| TGT | English(10), Physics(10), Odia(7), Chemistry(10), Hindi(7), Social Science(10), Mathematics(10), Computer(7), Physical Education(7) | Master Degree or Graduation with B.Ed. for all subjects, Graduation with B.P.Ed for Physical Education teacher |
| PRT PRE-PRT | EVS(10), Mathematics(10), English(10), Hindi(7), Odia(7), Social Science(10), Computer(7) | Graduation with B.Ed./D.E.Ld (for PRT) NTT or Trained in Montessori (for pre-PRT) |
| RECEPTIONIST (FEMALE) (7) | Graduation with Computer Knowledge & Spoken English | |
| HOSTEL WARDEN (FEMALE) (7) | Graduation | |
| LIBRARIAN (7) | Bachelor Degree or Master Degree in Library Science | |
| DEALING ASSISTANT (7) | PGDCA, Good Hand in Official works | |
| BUS DRIVER (5) | Heavy Licence, Transport | |

Principal

Hexaton Corporation, an Authorised Master Distributor of ITORQ Hydraulic Equipments, IS NOW HIRING!
Job Description: On-Field Marketing Executives.
Locations: Pan India
PRE-REQUISITES:
- Educated or Experienced in Engineering or its applications.
- Good communication skills with fluency in English & Hindi.
Interested Candidates can send their resume to careers@hexaton.in and attend the Walk-In Interview on 01-Feb-20 from 10:00 AM to 4:00 PM at:
Hotel Royale Midtown, Janpath Road, Ashok Nagar, Bhubaneswar, Odisha - 751 009
Hexaton Corporation
Contact Number: +91-943 700 1211 / +91-986 665 6555

VIJAYA DIAGNOSTIC CENTRE
India's Largest Comprehensive Diagnostic Network
Vijaya Diagnostic Centre is the Pioneers in diagnostic medicare with NABL & NABH accredited Labs and diagnostic centre spread across 12 Cities in India. We offer most comprehensive range of diagnostic services and equipped with the state-of-the-art equipment in diagnostic technology including 14 Numbers of 1.5 & 3.0 T high field MRI, 13 Numbers of 128 Slice CT, 4 Numbers of Dual Head SPECT Gamma Camera, one 16 Slice PET CT, more than 80 Numbers of USG and 70 Numbers of Digital X-ray in addition to highly specialized lab testing services including Flow Cytometry, RT-PCR DNA testing, Immunohistochemistry, Tumour Marker analysis, Hormonal Assays and more.
Hiring for Hyderabad Centres
We invite applications for Full Time/ Part Time Consultant Radiology
- MD/ DNB/ DMRD with 1-5 years post graduate experience with any reputed Hospital or Diagnostic center. Freshers also can be considered.
Vacancies also available for: Nandyal, Vizag, Kurnool, Nellore, Karimnagar, Hanumakonda, Warangal
Resumes to be forwarded to Careers@Vijayadiagnostic.in or reach out to +91 91 6060 5191

ନୋଟିସ

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଜାନୁୟାରୀ, ୨୦୨୦



## ବୃଦ୍ଧଙ୍କୁ ଗଳା କାଟି ହତ୍ୟା

ବାଙ୍ଗିରିପୋଷି,୨୮।୧(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ଉଞ୍ଚଡ଼ିହା ଗ୍ରାମରେ ସୋମବାର ରାତିରେ ଜଣେ ବୃଦ୍ଧଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ଗୁରା ସିଂ। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୧/୨୦୨୦) ରୁଜୁ ହୋଇଛି। ସୋମବାର ରାତିରେ ଗୁରା ଘରେ ଏକୁଟିଆ ଶୋଇଥିଲେ। ମଙ୍ଗଳବାର ସକାଳେ ଗଳାକଟା ଅବସ୍ଥାରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ତାଙ୍କ ଭଉଣୀ ପୋଲିସକୁ ଖବର ଦେଇଥିଲେ।

### ସଂକ୍ଷେପରେ

## ବିଧାନ ପରିଷଦ ଦାବି ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ: ବିଜେଡି

ଭୁବନେଶ୍ୱର,୨୮।୧(ବ୍ୟୁରୋ): ରାଜ୍ୟ ସରକାର ବିଧାନ ପରିଷଦ ଗଠନ ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ଓଡ଼ିଶା ବିଧାନସଭାରେ ଗୃହୀତ କରାଇ ସାରିଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ଅନୁମୋଦନ ବାକି ରହିଛି। ଗତ ଶୀତ ଅଧିବେଶନରେ ଏ ସମ୍ପର୍କିତ ବିଧେୟକ ପାର୍ଲାମେଣ୍ଟରେ ଆସି ପାରି ନ ଥିଲା। ତେଣୁ ବଜେଟ୍ ଅଧିବେଶନରେ ବିଜେଡି ପକ୍ଷରୁ ଏହି ଦାବିକୁ ଜୋର ଦିଆଯିବ ବୋଲି ଚର୍ଚ୍ଚା ହେଉଛି। ବିଜେଡି ସଂସଦୀୟ ଦଳ ବୈଠକ ପରେ ଗଣମାଧ୍ୟମ ପ୍ରତିନିଧିମାନେ ଏ ସମ୍ପର୍କିତ ପ୍ରଶ୍ନ ଦଳୀୟ ଏମ୍‌ପି ପିନାକୀ ମିଶ୍ରଙ୍କୁ ପଚାରି ଥିଲେ। ଏହାର ଉତ୍ତରରେ ପିନାକୀ କହିଥିଲେ ଯେ, ଓଡ଼ିଶା ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି, ତେଣୁ ଏହା କେବଳ ବିଜେଡିର ଦାବି ବୋଲି ଧରା ନ ଯାଉ। କଂଗ୍ରେସ, ଭାଜପା ଏବଂ ଅନ୍ୟ ଦଳର ମଧ୍ୟ ଏଥିରେ ସହମତି ରହିଛି। କେନ୍ଦ୍ର ସରକାର ଏହାକୁ ବିଚାର କରିବାର ଆବଶ୍ୟକତା ଥିବା ପିନାକୀ କହିଥିଲେ। ସେହିଭଳି ଆନ୍ଧ୍ରପ୍ରଦେଶ ସରକାର ନିଜ ରାଜ୍ୟରୁ ବିଧାନ ପରିଷଦ ବ୍ୟବସ୍ଥା ଉଠାଉଥିବାବେଳେ ଓଡ଼ିଶା କାହିଁକି ଜୋର ଦେଉଛି ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପିନାକୀ କୁହନ୍ତି ଯେ, ବର୍ତ୍ତମାନର ଆନ୍ଧ୍ର ସରକାର କେଉଁ ଉଦ୍ଦେଶ୍ୟ ରଖି ପରିଷଦ ଉଚ୍ଛେଦ କଥା କହୁଛନ୍ତି, ତାହା ସମସ୍ତଙ୍କୁ ଜଣା ଅଛି। ସେ ବିଷୟରେ ଆଲୋଚନାର ଆବଶ୍ୟକତା ନାହିଁ। ଅତୀତରେ ଆନ୍ଧ୍ର ଏହି ବ୍ୟବସ୍ଥା ଉଚ୍ଛେଦ କରିବା ସହ ପୁନର୍ବାର ଲାଗୁ କରିସାରିଥିବା ପିନାକୀ କହିଛନ୍ତି।

# ନରହନ୍ତା ହାତୀକୁ ନେଇ ହଟହଟା

ଚଣ୍ଡିଖୋଲ/ ଚୌଦ୍ୱାର, ୨୮।୧(ଡି.ଏନ୍.ଏ.)

- କୁସୁନପୁର ଜଙ୍ଗଲକୁ ନେବାବେଳେ ଲୋକଙ୍କ ବିରୋଧ
- ମହାବିନାୟକ ଚାରା ଉଦ୍ୟାନ ପରିସରରେ ରଖାଯାଇଛି
- ଆଜି ନନ୍ଦନକାନନକୁ ସ୍ଥାନାନ୍ତର ହେବ



ଯାଜପୁର ଜିଲାର କୋରେଇ, ସୁକିନ୍ଦା ଓ ଦାନଗଦୀ ଅଞ୍ଚଳରେ ପ୍ରାୟ ୨ସପ୍ତାହ ଧରି ଆତଙ୍କ ସୃଷ୍ଟି କରିଥିବା ନରହନ୍ତା ହାତୀକୁ ନେଇ ବନ ବିଭାଗର ଚିନ୍ତା ବଢ଼ିବାରେ ଲାଗିଛି। ଉକ୍ତ ହାତୀକୁ ସୋମବାର ସନ୍ଧ୍ୟାରେ ଦାନଗଦୀ ବ୍ଲକ ଅନ୍ତର୍ଗତ କଣ୍ଟିପୁର ନିକଟରେ ଟ୍ରାଙ୍କୁଲାଇଜ କରାଯିବା ପରେ ବନ ବିଭାଗ ତଥା ଲୋକଙ୍କୁ ଆଶ୍ୱସ୍ତି ମିଳିଥିଲା। ଏପରି କି ହାତୀକୁ ମଙ୍ଗଳବାର କୁସୁନପୁର ଜଙ୍ଗଲରେ ଛାଡ଼ିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ହାତୀକୁ କୁସୁନପୁର ଜଙ୍ଗଲକୁ ସ୍ଥାନାନ୍ତର କରାଯିବାବେଳେ ବନବିଭାଗ କର୍ମଚାରୀଙ୍କୁ ଲୋକଙ୍କ ତୀବ୍ର ବିରୋଧର ଶିକାର ହେବାକୁ ପଡ଼ିଛି। ଏପରି କି ଲୋକମାନେ ରାସ୍ତାରୋକୋ ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରିଥିଲେ। ବାଧ୍ୟ ହୋଇ ଶେଷରେ ହାତୀକୁ ଚଣ୍ଡିଖୋଲ ନିକଟସ୍ଥ ମହାବିନାୟକ ଚାରା ଉତ୍ପାଦନ କେନ୍ଦ୍ର ପରିସରକୁ ଅଣାଯାଇଥିଲା। ହାତୀଟିକୁ ଶିକୁଳିରେ ବନ୍ଧା ଯାଇ ହାଇୱା ଉପରେ ରଖାଯାଇଛି। ଅପରପକ୍ଷରେ ହାତୀକୁ ଆବଶ୍ୟକ ଚିକିତ୍ସା ପରେ ତାକୁ ବୁଧବାର ନନ୍ଦନକାନନରେ ଛଡ଼ାଯିବ ବୋଲି ଚଣ୍ଡିଖୋଲ ଫରେଷ୍ଟର ଶଶୀକାନ୍ତ ବେହେରା ସୂଚନା ଦେଇଛନ୍ତି।

ଗତ କିଛିଦିନ ଧରି ଯାଜପୁର ଜିଲାରେ ହାତୀର ଉତ୍ପାତକୁ ନେଇ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ୧୦ଦିନ ମଧ୍ୟରେ ହାତୀର ଆକ୍ରମଣରେ ୪ଜଣଙ୍କ ଜୀବନ ଯିବା ପରେ ବନ ବିଭାଗ ଓ ଜିଲା ପ୍ରଶାସନର ମୁଣ୍ଡ ବିନ୍ଧା ସୃଷ୍ଟି ହୋଇଥିଲା। ଏପରି କି ଜିଲାପାଳ ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଟିଏ ଦିନ କୋରେଇର ସମସ୍ତ ବିଦ୍ୟାଳୟକୁ ଛୁଟି ଘୋଷଣା କରିଥିଲେ। ପରେ ହାତୀକୁ କାବୁ କରିବାକୁ ବନ ବିଭାଗ ଉପରେ ଚାପ ବଢ଼ିଥିଲା।

## ଲାଞ୍ଚ ମାଗି କଣ୍ଟାବାଞ୍ଜି ଏନ୍‌ଏସି ପାଣି ପାଇପ କର୍ମଚାରୀ ଗିରଫ

ଭୁବନେଶ୍ୱର, ୨୮।୧ (ବ୍ୟୁରୋ)

ପାନୀୟ ଜଳ ଯୋଗାଣ ପାଇଁ ବେଆଇନ ଭାବେ ଅର୍ଥ ଆଦାୟ କରୁଥିବା ଅଭିଯୋଗରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ପାଣିପାଇପ କର୍ମଚାରୀ ମୁକୁନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ କଣ୍ଟାବାଞ୍ଜି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରରେ ପାଇପ ଜଳ ସଂଯୋଗ କାର୍ଯ୍ୟ ଜାରି ରହିଥିବା ବେଳେ ଠିକାଦାରଙ୍କ ଦ୍ୱାରା ଏଥିପାଇଁ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୁକୁନ୍ଦ ପାଇପ ପାଣି ଯୋଗାଇ ଦେବାକୁ ନେଇ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ଏହାର ଅନୁଧ୍ୟାନ କରି ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ ଥାନାରେ ମାମଲା ରୁଜୁ କରିଥିଲେ। ଏହି ଘଟଣାରେ ମୁକୁନ୍ଦଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଛି। ଏଥିସହିତ କଣ୍ଟାବାଞ୍ଜି ଏନ୍‌ଏସି ପ୍ରଶାସକ ଦାୟିତ୍ୱରେ ଥିବା ଟିଟିଲାଗଡ଼ ଉପଜିଲାପାଳଙ୍କୁ ଘଟଣାର ତଦନ୍ତ କରିବା ପାଇଁ କୁହାଯାଇଛି। ଏହାଛଡ଼ା ଏହି ବେଆଇନ ଅର୍ଥ ଆଦାୟରେ କେତେଜଣ ସମ୍ପୃକ୍ତ ଅଛନ୍ତି ତାହା ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ବଲାଙ୍ଗୀର ଜନସ୍ୱାସ୍ଥ୍ୟ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଦରମା ବନ୍ଦ କରିବା ସହିତ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଛୁଆହାତୀର ମୃତଦେହ ଉଦ୍ଧାର



ମୃତ ହାତୀ ଶାବକ

କାମାକ୍ଷାନଗର, ୨୮।୧(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନ ଖୁଦଖାଇ ନାଳ ନିକଟରୁ ମଙ୍ଗଳବାର ବନ ବିଭାଗ ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରିଛି। ହାତୀଛୁଆର ଆନୁମାନିକ ବୟସ ୧ମାସ ହେବ। ମୃତ୍ୟୁ ପଛର କାରଣ ସଂକ୍ରମଣ ବୋଲି ବନ ବିଭାଗ ପକ୍ଷରୁ ଅନୁମାନ କରାଯାଉଛି। କାଦୁଅ ଲତପତ ଅବସ୍ଥାରେ ହାତୀ ଶାବକ ପଡ଼ିଥିଲା। ସକାଳୁ ନାଳକୁ ଶୌଚ ହେବାକୁ ଯାଇଥିବା କେତେଜଣ ଲୋକ ଏ ସଂକ୍ରାନ୍ତରେ ବନ ବିଭାଗକୁ ସୂଚନା ଦେଇଥିଲେ। ଏସିଏଫ୍ ସୁବ୍ରତ ବେହେରା, ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବିଭୁଦାନନ୍ଦ ମିଶ୍ର ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ଅଁଳାବେରେଣୀ ସହକାରୀ ପ୍ରାଣୀ ଚିକିତ୍ସକ ଡା.ଉଦୟନାଥ ମହାଲିକ ମୃତଦେହ ବ୍ୟବଚ୍ଛେଦ କରିବା ପରେ ହାତୀକୁ ପୋତି ଦିଆଯାଇଛି। ଏ ନେଇ ରେଞ୍ଜର କୁହନ୍ତି, ପ୍ରାରମ୍ଭରେ କାଦୁଅରେ ଫସି ହାତୀଛୁଆର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିଲା। ହେଲେ ବ୍ୟବଚ୍ଛେଦ ସମୟରେ ଏହାର ନାଭିରେ ସଂକ୍ରମଣ ହୋଇଯାଇଥିବା ଜଣାପଡ଼ିଛି। ସଂକ୍ରମଣରୁ ହାତୀର ମୃତ୍ୟୁ ଘଟିଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟରୁ ଏହାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଫାଶରେ ପଡ଼ି ଶିକାରୀ ମୃତ

ବନ୍ତଲା,୨୮।୧(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କନ୍ତକୁଳ ପଞ୍ଚାୟତ କଞ୍ଜା ଗ୍ରାମର ମହେଶ୍ୱର ବିଶ୍ୱାଳ ଓରଫ୍ ଲୁଲୁ(୨୨) ଶିକାର ଉଦ୍ଦେଶ୍ୟରେ ନିଜେ ବସାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ମଙ୍ଗଳବାର ଭୋର ସମୟରେ ପ୍ରାଣ ହରାଇଛନ୍ତି। ତାଙ୍କ ଶରୀରରେ ତାର ଗୁଡ଼ାଇ ହୋଇ ଯାଇଥିବାରୁ ବିଦ୍ୟୁତ୍ ଆଘାତରେ ଜୀବନ ଯାଇଥିବା ପୋଲିସ ଅନୁମାନ କରିଛି। ସେହିପରି ଉକ୍ତ ଗ୍ରାମର କବୀନ୍ଦ୍ର ଗଡ଼ନାୟକ ଓରଫ୍ କାଳିଆ(୪୦)ଙ୍କ ମୃତଦେହ ଗାଁ ମୁଣ୍ଡ ଶାମୁକା ବନ୍ଧହୁଡ଼ାରୁ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ ପୋଲିସ ସନ୍ଦେହବ୍ୟକ୍ତ କରିଛି। ଏ ନେଇ ବନ୍ତଲା ଥାନାରେ ନଂ. ୪/୨୦ ଓ ୫/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ, ବିଦ୍ୟୁତ୍ ଓ ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି।

ପୋଲିସ କହିଛି, କଞ୍ଜା ଗାଁ ମୁଣ୍ଡରେ ଥିବା ଶାମୁକା ବନ୍ଧ ହୁଡ଼ାରୁ ସକାଳେ କବୀନ୍ଦ୍ରଙ୍କୁ ପରିବାର ଲୋକେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ସ୍ଥାନୀୟ ଲୋକମାନେ କାଲୁଣୀଛଣ୍ଡି କୁଲୁଥପଶି ଜାଗାରୁ ଲୁଲୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ ଉପଆରକ୍ଷୀ ଅଧୀକ୍ଷକ ସୌରଭ ଓତା, ଏଏସ୍‌ଆଇ ଏସ୍.ବି. ଥେମେରିଆ, ଏଏସ୍‌ଆଇ ପ୍ରମୋଦ ନାୟକ, ଏନ୍‌ଜେନ୍ ଏସ୍‌ଡିଓ ସତ୍ୟବ୍ରତ ସାମଲ, କନିଷ୍ଠ ଯନ୍ତ୍ରୀ, ବନ୍ତଲା ରେଞ୍ଜ ଅଧିକାରୀ ବିନ୍ଦୁ ପ୍ରସାଦ ପ୍ରଧାନ, ଫରେଷ୍ଟର ସୁଷମା ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣା ସମ୍ପର୍କରେ ବନ୍ତଲା ଉପଆରକ୍ଷୀ ଅଧୀକ୍ଷକ ସୌରଭ ଓତା କହିଛନ୍ତି, ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଫାଶରେ ପଡ଼ି ମହେଶ୍ୱରଙ୍କ ମୃତ୍ୟୁ ହୋଇଥିବାବେଳେ କବୀନ୍ଦ୍ରଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ସତ୍ୟାସତ୍ୟ ଘଟଣା ଜଣାପଡ଼ିବ ବୋଲି ଓତା ପ୍ରକାଶ କରିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହ: ଦୁଇ ମହିଳାଙ୍କୁ ନିସ୍ତୁକ ମାଡ଼

ରାୟଗଡ଼ା ଅଫିସ,୨୮।୧: ରାୟଗଡ଼ା ସହର ଉପକଣ୍ଠରେ ଥିବା ମାଙ୍କଡ଼ଝୋଲା ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ୨ ଜଣ ମହିଳାଙ୍କୁ ନିସ୍ତୁକ ପିଟିଛନ୍ତି ଗ୍ରାମବାସୀ। ଏମିତିକି ସେମାନଙ୍କୁ ୧୨ ଘଣ୍ଟା ଧରି ନିର୍ଯାତନା ଦେଇଛନ୍ତି। ଏଥିରେ ଗୁରୁତର ହୋଇପଡ଼ିଥିବା ମହିଳା ଦୁଇଜଣଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ଅନୁଯାୟୀ, ମଙ୍ଗଳବାର ସକାଳେ ସନ୍ତୋଷ ଜାନୀ ନାମକ ଜଣେ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁଣିଗାରେଡ଼ି ଯୋଗୁ ସନ୍ତୋଷଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରି ଗ୍ରାମବାସୀ ମାଙ୍କଡ଼ଝୋଲା ଗାଁର ୨ ଜଣ ମହିଳା ସବିତା ଜାନୀ ଓ ଗଲମା ମୁଦୁଲିଙ୍କୁ ଘରୁ ଟାଣିନେଇ ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ରାୟଗଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ କୌଣସି ସୁରାକ ନ ପାଇ ନିରାଶ ହୋଇ ଫେରିଥିଲା। ପରେ ସୁରକ୍ଷା ଦୃଷ୍ଟିରୁ ପୋଲିସ ଘଟଣାସ୍ଥଳରେ ପଇଁତରା ମାରୁଛି। ଏନେଇ ରାୟଗଡ଼ା ଥାନା ଆଇଆଇସି ନିହାର ରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଖବର ପାଇବା ସଙ୍ଗେସଙ୍ଗେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## DISTRICT PROJECT OFFICE, SAMAGRA SIKSHA, SAMBALPUR

### SHORT TENDER CALL NOTICE

**No.180 /PED** **Date: 27.01.2020**

**(For Printing, Packing and Supply of Questionpaper-cum-Blank Answer Sheet & Progress Report Card)**

Sealed Tenders are invited in the prescribed Tender Forms from experienced Registered Offset Printers of Odisha only. For details visit website **www.osepa.odisha.gov.in** & **www.sambalpur.nic.in.**

Last date of receipt of Tender : **Dt. 11.02.2020**

Opening of Tender: **Dt. 12.02.2020 // 3.30 P.M.** // Office Chamber of D.P.C.,S.S, Sambalpur. Authority reserves the right to accept or reject all or any of the tenders without assigning any reason thereof.

***By the order of Collector-Cum-Chairman,***
**Sd./-**
**District Project Coordinator**
**SS, Sambalpur**

# ଅବସର ବୟସ ତ୍ରୁଟି ମାମଲା: ନିଗମ କର୍ମଚାରୀ ପାଇବେ ସୁଧ ସହ ବକେୟା

ଭୁବନେଶ୍ୱର,୨୮।୧(ବ୍ୟୁରୋ)

ଚାକିରି ଅବସରର ବୟସ ସୀମା ଏବଂ ତତ୍‌ସମ୍ବନ୍ଧୀୟ ପେନ୍‌ସନ ସୁବିଧାରୁ ବଞ୍ଚିତ ଜଣେ ଆବେଦନକାରୀଙ୍କ ଏକ ମାମଲାର ଶୁଣାଣି କରି ମଙ୍ଗଳବାର ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ସରକାରୀ ଚାକିରିଆଙ୍କ ଭଳି ସରକାରଙ୍କ ଅଧୀନରେ ଥିବା ବିଭିନ୍ନ ନିଗମର କର୍ମଚାରୀଙ୍କ ପାଇଁ ମଧ୍ୟ ଅବସର ବୟସ ୫୮ରୁ ୬୦ବର୍ଷ ୨୨।୯।୨୦୧୪ଠାରୁ ଲାଗୁ ହେବ ବୋଲି ବିଚାରପତି ବିଶ୍ୱନାଥ ରଥ ଏକ ରାୟରେ ଉଲ୍ଲେଖ କରିଛନ୍ତି। ଏହି ରାୟ ଦ୍ୱାରା ବିଭିନ୍ନ ସରକାରୀ ଅଧିକୃତ ନିଗମରେ କାର୍ଯ୍ୟ କରୁଥିବା ଶହଶହ କର୍ମଚାରୀ ଉପକୃତ ହୋଇପାରିବେ।

ଓଡ଼ିଶା ଗୃହ ବିଭାଗ ଅଧୀନ ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନ ଆକାଉଣ୍ଟସ୍ ବିଭାଗର ବରିଷ୍ଠ ଅଧିକାରୀଭାବେ କାର୍ଯ୍ୟ କରୁଥିବା ବୀରେଶ ଚନ୍ଦ୍ର ଗିରି ୩୦।୯।୨୦୧୫ରେ ୫୮ବର୍ଷ ପୂରଣ କରୁଥିଲେ। ସେଥିପାଇଁ ତାଙ୍କୁ ଚାକିରିରୁ ଅବସର ନେବାକୁ ୨୦୧୫ ଜୁଲାଇ ୬ରେ ନିଗମ ପକ୍ଷରୁ କୁହାଯାଇଥିଲା। ଏପରି କି ସେ ବାଧ୍ୟ ହୋଇ ସେପ୍ଟେମ୍ବର ୩୦ରେ ଅବସର ମଧ୍ୟ ନେଇଥିଲେ। ୨୨।୯।୨୦୧୪ରେ ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ ଅବସର ବୟସକୁ ୫୮ରୁ ୬୦ ବର୍ଷ କରିଥିଲେ ମଧ୍ୟ ବୀରେଶଙ୍କ କ୍ଷେତ୍ରରେ ତାହା ଲାଗୁ ହୋଇ ନ ଥିଲା। କାରଣ ସେତେବେଳକୁ ସରକାରଙ୍କ ସେହି ନିୟମ ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହୋଇ ନ ଥିଲା। ପରେ ୨୩।୧୧।୨୦୧୫ରେ ରାଜ୍ୟ ସରକାର ପୋଲିସ ହାଉସିଂ କର୍ପୋରେଶନ କର୍ମଚାରୀଙ୍କ କ୍ଷେତ୍ରରେ ଅବସର ବୟସ ସୀମାକୁ ବୃଦ୍ଧି କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାର ୧୪ମାସ ବିଳମ୍ବରେ ନିଗମ କର୍ମଚାରୀଙ୍କ କ୍ଷେତ୍ରରେ ଅବସର ବୟସ ବୃଦ୍ଧି ନିୟମକୁ ଲାଗୁ କରିବା ନେଇ କୌଣସି ଉପଯୁକ୍ତ କାରଣ ମଧ୍ୟ ଦର୍ଶାଇ ନ ଥିଲେ। ଯେଉଁଥିପାଇଁ ଆବେଦନକାରୀ ୨ବର୍ଷ ପୂର୍ବରୁ ଚାକିରି ହରାଇବାକୁ ବାଧ୍ୟ ହୋଇଥିଲେ। ନିଗମ କର୍ମଚାରୀଙ୍କ ପ୍ରତି ସରକାରଙ୍କ ଏଭଳି ମନୋଭାବକୁ ବିରୋଧ କରି ଆବେଦନକାରୀ ବୀରେଶ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କ ମାଧ୍ୟମରେ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଏର କରିଥିଲେ। ଉକ୍ତ ଆବେଦନରେ ସରକାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନର ଶୁଣାଣି କରି ମଙ୍ଗଳବାର ବିଚାରପତି ରଥ ତାଙ୍କ ରାୟ ଶୁଣାଇଛନ୍ତି। ୫୮ବର୍ଷ ବୟସରେ ଅବସର ନେବା ନିର୍ଦ୍ଦେଶକୁ ଖାରଜ କରିବା ସହ ରାଜ୍ୟ ସରକାରଙ୍କୁ ଆସନ୍ତା ୬ସପ୍ତାହ ମଧ୍ୟରେ ୬୦ବର୍ଷ ବୟସ ଅବସର ଅନୁସାରେ ସମସ୍ତ ଦେୟ ୭ପ୍ରତିଶତ ସୁଧ ସହ ବୀରେଶଙ୍କୁ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୬୦ବର୍ଷ ବୟସରେ ବୀରେଶ ଅବସର ନେଇଥିଲେ ଯେଉଁ ପେନ୍‌ସନ ସୁବିଧା ପାଇଥାଆନ୍ତେ, ସେହି ଅନୁସାରେ ପେନ୍‌ସନ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ରାଜ୍ୟ ସରକାରଙ୍କୁ ନିଗମ କର୍ମଚାରୀଙ୍କ ପ୍ରତି ଭବିଷ୍ୟତରେ ଏଭଳି ପାତରଅନ୍ତର ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## INTEGRATED TRIBAL DEVELOPMENT AGENCY, NABARANGPUR

**No.280/2020** **Date: 27.01.2020**

**e-Procurement Notice**

**Bid Identification No. ITDANBG-06/19-20**

Bids are invited from the eligible Contractors for Construction of Hostel Building (2 Nos. of projects) through e-tender process. The details of the tender are available in the website: **https://tendersodisha.gov.in** from 15.00 Hours of 28.01.2020 to 17.00 Hours of 11.02.2020 for online bidding. The bids received online shall be opened on 11.00 Hours of 15.02.2020 in this office. The original bid security, Demand Draft towards cost of Bid, GST Certificate, Work performance certificate and affidavit in original shall be submitted in this office on or before 17.00 Hours of 14.02.2020 by Regd. Post/ Speed Post only during office hours. The bidders shall have to participate in online bidding only. Further, any addendum/ corrigendum/ cancellation of tender can be seen in the website only. The authority reserves the right to reject any or all bid without assigning any reason thereof.

**Sd./-**
**P.A., ITDA, Nabarangpur**

B-636

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, SONEPUR (R&B) DIVISION, SONEPUR**

E-procurement Notice
BID IDENTIFICATION No: EE/R&B/SNPR/ 17 / 2019-20
E-mail – eepwdsnpr@gmail.com Phone -06654-221081
No. 395 //dt. 24.01.2020 //

1. The **Executive Engineer, Sonepur (R&B) Division, Sonepur** on behalf of Governor of Odisha, invites **Percentage Rate** bids in Double & Single Cover System in **Online Mode** for construction of **Road / Building works** as detailed in the **DTCN** from the eligible Class of Contractors.
2. No. of work : **02 (Two)**
3. Tender Cost : **Rs. 10,000/- For Serial No. 1**
   : **Rs. 4,000/- For Serial No. 2**
4. Class of Contractor : **"B" Class & "A" Class for Serial No. 1**
   : **"D" Class & "C" Class for Serial No. 2**
5. Date and time Available in Web site & receipt of Bids: **From 10.00 A.M. of 05.02.2020 to 5.00 P.M. of 14.02.2020.**
6. Date of Opening of Tender: **15.02.2020 at 11.30 A.M.**
7. The Bidders have to participate in Online bidding only further details can be seen from the Web Site.
8. Any Corrigendum / Addendum will be displayed in the website **www.tendersodisha.gov.in** only.

**34081/11/0015/1920**

S/d-A.K. Barpanda
Executive Engineer
Sonepur (R&B) Division

**GOVERNMENT OF ODISHA** C-462
**OFFICE OF THE SUPERINTENDING ENGINEER, P.H. CIRCLE, BHUBANESWAR**

Office:- 0674-2390145 / Fax:- 0674-2390145 / E-mail: sephbbsr@nic.in / sephbbsr@gmail.com

**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO.SEPHBBSR-04/2019-20 Dt.27.01.2020**

| .Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | | Name & Address of Officer Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1) | **D.G. on wheel at Puri** | SEPHBBSR-04 / 2019-20 Dt.27.01.2020 | **168.72** | **3 (Three) Months** | 11.00 Hrs. of 29.01.2020 | 17.00 Hrs. of 07.02.2020 | The Superintending Engineer, P.H. Circle, Unit-V, Bhubaneswar, Orissa. |

Further details can be seen from the e-Procurement portal "https://www.tendersorissa.gov.in"

**13039/11/0012/1920**

**Er. C.R.Jena**
**SUPERINTENDING ENGINEER**
**P.H. Circle, Bhubaneswar**

## SAMBALPUR DISTRICT CO-OPERATIVE CENTRAL BANK LTD., BARGARH

### PROFIT & LOSS ACCOUNT FOR THE YEAR ENDED 31st MARCH 2019

| Amount (Rs.) As on 31.03.2018 | EXPENDITURE Particulars | Amount (Rs.) As on 31.03.2019 | Amount (Rs.) As on 31.03.2018 | INCOME Particulars | Amount (Rs.) As on 31.03.2019 |
|---|---|---|---|---|---|
| 1,608,319,890.50 | Interest Paid Account | 1,661,801,307.00 | 2,330,505,456.92 | Interest and Discount | 2,686,017,985.76 |
| 142,326,893.42 | Salary and Allowances | 158,139,339.95 | 437,819.52 | Commission Exchange & Brokerage | 13,587,880.01 |
| 2,815,548.00 | Director and Committee Member Fees & Allowance | 2,483,014.00 | 0.00 | Subsidies and Donation | 0.00 |
| 26,455,257.67 | Rent,Taxes,Insurance and Lighting etc. | 28,537,657.48 | 8,958,794.50 | Other Receipts | 7,503,155.64 |
| 524,471.00 | Law Charges and Legal Expenses | 378,151.46 | 0.00 | Reversal of Provisions | 0.00 |
| 3,026,029.90 | Postage, Telegram & Telephone Charges | 693,908.00 | | | |
| 686,534.00 | Audit fees | 758,971.00 | | | |
| 12,326,230.80 | Depreciation & Repairs to Properties | 13,970,192.50 | | | |
| 4,800,705.67 | Stationery, Printing and Advertisement etc. | 3,773,290.31 | | | |
| 0.00 | Loss from sale of or dealing with Non-Banking Assets | 0.00 | | | |
| 39,773,916.11 | Other Expenditures | 40,767,518.30 | | | |
| 35,914,048.97 | Provisions | 335,284,163.67 | | | |
| **1,876,969,526.04** | **Total Expenditure** | **2,246,587,513.67** | | | |
| 462,932,544.90 | Net Profit/(Loss) before Tax | 460,521,507.74 | | | |
| 160,211,695.00 | Less: Provision for Tax | 197,793,750.00 | | | |
| **302,720,849.90** | Net Profit Transferred to Reserve and Surplus | **262,727,757.74** | | | |
| **2,339,902,070.94** | **Total** | **2,707,109,021.41** | **2,339,902,070.94** | **Total** | **2,707,109,021.41** |

### BALANCE SHEET AS ON 31.03.2019

| Amount (Rs.) As on 31.03.2018 | CAPITAL & LIABILITIES Particulars | Amount (Rs.) As on 31.03.2019 | Amount (Rs.) As on 31.03.2018 | ASSETS Particulars | Amount (Rs.) As on 31.03.2019 |
|---|---|---|---|---|---|
| 2,063,660,717.00 | Capital | 2,148,452,930.00 | 80,891,287.00 | Cash and Balances with Reserve Bank of India | 117,255,071.00 |
| 757,856,030.67 | Reserves & Surplus | 895,790,079.07 | 1,492,557,757.44 | Balances with Banks and Money at call and short Notice | 1,607,245,556.74 |
| 13,475,578,195.50 | Deposits | 16,295,515,540.04 | 9,534,982,571.25 | Investments | 11,189,671,590.27 |
| 13,024,896,545.00 | Borrowings | 13,034,676,207.00 | 19,723,922,013.34 | Advances | 21,915,587,297.97 |
| 3,700,791,417.19 | Other Liabilities and Provisions | 4,237,291,864.90 | 238,732,520.07 | Fixed Assets | 236,497,895.77 |
| | | | 1,951,696,756.26 | Other Assets | 1,545,469,209.26 |
| **33,022,782,905.36** | **Total** | **36,611,726,621.01** | **33,022,782,905.36** | **Total** | **36,611,726,621.01** |
| | | | 2,692,255.06 | Contingent Liabilities | 3,178,820.27 |

Sd/- Asst. General Manager(O&A) | Sd/- Deputy General Manager | Sd/- Chief Executive Officer | Sd/- President | Sd/- Statutory Auditor

### AUDITOR'S REPORT

We have audited the accompanying financial statements of the **"SAMBALPUR DISTRICT CO-OPERATIVE CENTRAL BANK LIMITED, BARGARH"** as at 31st March 2019 which comprise the Balance Sheet at March 31, 2019 and Statement of Profit And Loss for the year then ended, and a summary of significant accounting policies and other explanatory information.

**Management's Responsibility for the Financial Statements.**

Management is responsible for the preparation of these financial statements in accordance with the Banking Regulation Act, 1949. This responsibility includes the design, implementation and maintenance of internal control relevant to the preparation of the financial statements that are free from material misstatement, whether due to fraud or error.

**Auditor's Responsibility**

1. Our responsibility is to express an opinion on these financial statements based on our audit. We conducted our audit in accordance with the standards on Auditing issued by the Institute of Chartered Accountants of India. Those standards require that we comply with ethical requirements and plan and perform the audit to obtain reasonable assurance about whether statements are free from material misstatement.
2. An audit involves performing procedures to obtain audit evidence about the amounts and discloser in the financial statements. The Procedures selected depend on the auditors judgment, including the assessments, the auditors considers internal control relevant to the Bank's preparation and fair presentation of the financial statements in order to design audit procedures' that are appropriate in the circumstances. An audit also includes evaluating the appropriateness of accounting polices used and the reasonableness of the accounting estimates made by management, as well evaluating the overall presentation of the financial statements.
3. We believe that the audit evidence we have obtained is sufficient and appropriate to provide a basis for our audit opinion.

**Opinion**

4. In our opinion, as shown by books of the Bank, and to the best of our information and according to the explanations given to us.
   i) The Balance Sheet, read with the notes thereon is a full and fair Balance Sheet containing all the necessary particulars, is properly drawn up so as to exhibit a true and fair view of the state of affairs of the Bank as at 31st March 2019 in conformity with accounting principles generally accepted in India, for the year covered by the account:
   ii) The profit and Loss Account shows a true balance of profit/loss, in conformity with accounting principles generally accepted in India, for the year covered by the account;

**Report on Other Legal and Regulatory Requirements**

5. The Balance Sheet and Profit and Loss Account have been drawn up as per section 29 of the Banking Regulation Act, 1949.
6. Subjects to the limitations of the audit indicated in the paragraphs above we report that:
7. a) We have obtained all the information and explanations which to the best of our knowledge and belief, were necessary for the purposes of our audit and have found them to be satisfactory.
   b) The transactions of the Bank, which have come to our notice, have been within the powers of the Bank.

**Sd./- MIR & Associates**
**Chartered Accountants**

# ୭ ସୂତ୍ର

ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ୭ଟି ସୂତ୍ର ସମ୍ପର୍କରେ...



ଡା. ନିରାକାର ଜେନା





ସାରା ପୃଥିବୀରେ କ୍ଷୀର ଉତ୍ପାଦନ କ୍ଷେତ୍ରରେ ଭାରତ ପ୍ରଥମ ସ୍ଥାନରେ ରହିଛି। ଏକଥା ସତ, କିନ୍ତୁ ଆମ ଦେଶରେ ବହୁ ସଂଖ୍ୟାରେ ଗୋପାଳନ ହେଉଥିବାବେଳେ ବାର୍ଷିକ ହାରାହାରି ଦୁଗ୍ଧ ଉତ୍ପାଦନ ଅନ୍ୟାନ୍ୟ ୟୁରୋପୀୟ ଦେଶ ତୁଳନାରେ ବହୁତ କମ। ପୃଥିବୀରେ ଗାଈଙ୍କ ପିଛା ହାରାହାରି ବାର୍ଷିକ ଦୁଗ୍ଧ ଉତ୍ପାଦନ କ୍ଷମତା ପ୍ରାୟ ୨୨୦୦ ଲିଟର ହୋଇଥିବାବେଳେ ଭାରତରେ ଏହା ମାତ୍ର ୯୮୭ ଲିଟର ରହିଛି।

ସାଧାରଣତଃ ଜଣେ ସୁସ୍ଥ ଲୋକ ପାଇଁ ଦୈନିକ ଅଧା ଲିଟର କ୍ଷୀର ଆବଶ୍ୟକ। ଭାରତରେ ଦୈନିକ ମୁଣ୍ଡପିଛା ୩୭୫ ଗ୍ରାମ କ୍ଷୀର ଉତ୍ପାଦନ ହେଉଛି। ପୁଣି ଆମ ରାଜ୍ୟରେ ଏହାର ପରିମାଣ ମାତ୍ର ୧୭୮ଗ୍ରାମ। ତେଣୁ କ୍ଷୀରର ଆବଶ୍ୟକତା ଓ ଉତ୍ପାଦନ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି। ଫଳରେ ଆମ ଦେଶରେ ଅଧିକାଂଶ ଶିଶୁ ଏବଂ ମହିଳା ଆବଶ୍ୟକ ପରିମାଣରେ କ୍ଷୀର ପାଉ ନ ଥିବାରୁ ପୁଷ୍ଟିସାର ଅଭାବଜନିତ ରୋଗରେ ଶିକାର ହୋଇଥାନ୍ତି। ଆମ ପାଖରେ ଥିବା ଏତେ ସଂଖ୍ୟକ ଗାଈଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ବଢାଇ ପାରିଲେ ଉତ୍ପାଦନ ଓ ଆବଶ୍ୟକତା କ୍ଷେତ୍ରରେ ଥିବା ପାର୍ଥକ୍ୟ କମିବା ସଂଗେ ସଂଗେ ଖାଦ୍ୟାଭାବଜନିତ ରୋଗକୁ ରୋକାଯାଇ ପାରିବ। ଚାଷୀମାନେ ମଧ୍ୟ ପ୍ରଚୁର ପରିମାଣରେ କ୍ଷୀର ଉତ୍ପାଦନ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପାରିବେ। ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଜଣେ ଗୋପାଳକ ନିମ୍ନୋକ୍ତ ୭ଟି ସୂତ୍ର ପ୍ରତି ବିଶେଷ ଧ୍ୟାନ ଦେଇପାରିବେ-

**ପଡିଆ ସମୟରେ ଗାଈର ବିଶେଷ ଯତ୍ନ:** ଗାଈ ଗୋଟିଏ ବାଛୁରୀ ଜନ୍ମଦେବାଠାରୁ ଆଉ ଗୋଟିଏ ବାଛୁରୀ ଜନ୍ମ ଦେବା ସମୟକୁ ସ୍ତନ୍ୟଦାନ ଚକ୍ର ବା ଲାକ୍ଟେସନାଲ ସାଇକେଲ କୁହାଯାଏ। ଏହାକୁ ୪ ଭାଗରେ ବିଭକ୍ତ କରାଯାଇଛି। ଯଥା ପ୍ରାତଃକାଳୀନ ସ୍ତନ୍ୟଦାନ (ଆର୍‌ଲି ଲାକ୍ଟେସନ), ମଧ୍ୟମ ସ୍ତନ୍ୟଦାନ(ମିଡ ଲାକ୍ଟେସନ), ବିଳମ୍ବିତ ସ୍ତନ୍ୟଦାନ(ଲେଟ ଲାକ୍ଟେସନ), ପଡିଆ ସମୟ (ଡ୍ରାଏ ପିରିୟଡ)। ପ୍ରଥମ ତିନୋଟି ପ୍ରତ୍ୟେକ ୧୨୦ ଦିନ ଏବଂ ଶେଷ ଭାଗଟିକୁ ପଡିଆ ସମୟ କୁହାଯାଏ। ଏହା ସାଧାରଣତଃ ୬୦ରୁ ୬୫ ଦିନ ପର୍ଯ୍ୟନ୍ତ ହୋଇଥାଏ। ଏହି ସମୟରେ ଗାଈ କୌଣସି କ୍ଷୀର ଉତ୍ପାଦନ କରି ନ ଥାଏ। ଯାହା ଫଳରେ କି ଚାଷୀ ଭାଇମାନେ ଏହି ସମୟରେ ଗାଈଙ୍କୁ ଅବହେଳା କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ ନୁହେଁ। ପାଳନ କ୍ଷେତ୍ରରେ ଗାଈଟିକୁ ବିଶେଷ ଦୃଷ୍ଟି ନ ଦେବା ଫଳରେ ଉଭୟ ଗର୍ଭସ୍ଥ ଶାବକ ଏବଂ ଗାଈ ପ୍ରତି କ୍ଷତି ପହଞ୍ଚି ଥାଏ। ପ୍ରସବର ପରବର୍ତ୍ତୀ ଅବସ୍ଥାରେ ଆନୁପାତିକ ପରିମାଣରେ କ୍ଷୀର ମିଳି ନ ଥାଏ। ତେଣୁ ଗୋପାଳକ ଏହି ସମୟରେ ଗାଈକୁ ଉପଯୁକ୍ତ ସନ୍ତୁଳିତ ସବୁଜ ଗୋ ଖାଦ୍ୟ, କ୍ୟାଲ୍‌ସିୟମଯୁକ୍ତ ଖାଦ୍ୟ, ଶୁଖିଲା ନଡା, ଲବଣ, ମିନେରାଲ ପାଉଡର ଆଦି ଡାକ୍ତରଙ୍କ ପରାମର୍ଶ କ୍ରମେ ଦେଲେ ଗାଈଟି ପ୍ରସବପରେ ଠିକ ପରିମାଣରେ କ୍ଷୀର ଉତ୍ପାଦନ କରିପାରିବ।

**ପ୍ରସବ ସଂଗେ ସଂଗେ ଉପଯୁକ୍ତ ଖାଦ୍ୟ ପ୍ରଦାନ:** ଏପରି ଦେଖା ଦେଇଥାଏ ଯେ ଚାଷୀ ଭାଇମାନେ ଗାଈ ପ୍ରସବ ପରେ ପରେ ଅରୁଆ ଚାଉଳ, ଲାଉ, ପରିବା, ବିରି, ମୁଗ ଆଦି ରାନ୍ଧି ଖାଇବାକୁ ଦେଇଥାନ୍ତି, ଯାହାଦ୍ୱାରା ପ୍ରସବିତ ଗାଈଟି ଖାଦ୍ୟ ହଜମ ନ କରିପାରିବା ଯୋଗୁଁ ପାକସ୍ଥଳୀରେ ଖାଦ୍ୟ ବିଷକ୍ରିୟା ହୋଇଥାଏ ଏବଂ କ୍ଷୀର ଉତ୍ପାଦନ କମ ହୋଇଯାଏ। ଏପରି କି ବିଷକ୍ରିୟା ବୃଦ୍ଧି ଫଳରେ ଗାଈର ମୃତ୍ୟୁ ଆଶଙ୍କା ଦେଖା ଦେଇଥାଏ। ଗାଈଟି ପ୍ରସବ କରିବାଠାରୁ ଅତି କମରେ ସପ୍ତାହ ପର୍ଯ୍ୟନ୍ତ ୧୫ରୁ ୨୫ ଲିଟର ଉଷୁମ ପାଣି, ୫ରୁ ୧୦ କିଗ୍ରା ସବୁଜ ଘାସ, ୧ରୁ ୨ କିଗ୍ରା ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ।

**ଦୁଗ୍ଧ ଜ୍ୱର (ମିଲ୍କ ଫିଭର) ପ୍ରତି ଧ୍ୟାନ-** ପ୍ରସବର ସପ୍ତାହ ମଧ୍ୟରେ ଗାଈ ରକ୍ତରେ କ୍ୟାଲସିୟମର ପରିମାଣ ଅଭାବ ପରିଲକ୍ଷିତ ହୋଇଥାଏ। ଫଳରେ ଗାଈଟି ଅସୁସ୍ଥ ହୋଇ ଆଉ ଠିଆ ହୋଇ ପାରି ନ ଥାଏ। ବେକ ଭାଙ୍ଗି ଦୀର୍ଘ ନିଃଶ୍ୱାସ ଛାଡିଥାଏ। ଏହା ଅଧିକ କ୍ଷୀର ଉତ୍ପାଦନ କରୁଥିବା ଗାଈଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ତେଣୁ ଗାଈକୁ ପ୍ରସବର ୧୫ ଦିନ ପୂର୍ବରୁ କ୍ୟାଲ୍‌ସିୟମ ଯୁକ୍ତ ଟନିକ ଦିଆଯାଇଥିଲେ ଦୁଗ୍ଧ ଜ୍ୱର ହେବାର ଆଶଙ୍କା କମିଥାଏ।

**ଥନର ଯତ୍ନ:** ଗାଈର ଥନ (ପହ୍ନା) ହେଉଛି ମୁଖ୍ୟ ଅଂଗ। ଥରେ ଏହା ଖରାପ ହେଲେ ସବୁଦିନ ପାଇଁ ଦୁଗ୍ଧ ଦେବାର କ୍ଷମତା କମିଯାଇଥାଏ। ତେଣୁ ଥନର ବିଶେଷ ଯତ୍ନ ନିହାତି ଆବଶ୍ୟକ। ଯଥା ଥନରେ ମଇଳା ଲାଗିବାକୁ ଦିଅନ୍ତୁ ନାହିଁ। ଦୁହିଁବା ପୂର୍ବରୁ ଏବଂ ପରେ ଆଣ୍ଟି ସେପ୍ଟିକ ଲୋସନ ଦ୍ୱାରା ଧୋଇ ସଫା କରନ୍ତୁ। ଦୁହିଁବା ପରେ ଗାଈକୁ ଖାଇବାକୁ ଦିଅନ୍ତୁ। କାରଣ ଗାଈଟି ଅତି କମରେ କ୍ଷୀର ଦୁହାଁ ପରେ ଅଧ ଘଣ୍ଟା ଠିଆ ହେବା ଆବଶ୍ୟକ। ଯଦି କ୍ଷୀର ଦୁହାଁ ପରେ ଗାଈଟି ଶୋଇ ପଡେ ଚୀରର ରନ୍ଧ୍ର ବାଟ ଦେଇ ରୋଗ ଜୀବାଣୁ ପହ୍ନାକୁ ପ୍ରବେଶ କରି ବିଭିନ୍ନ ପହ୍ନାଜନିତ ରୋଗ ସୃଷ୍ଟି କରିଥାଏ।

**ଖାଦ୍ୟ ପ୍ରତି ବିଶେଷ ଧ୍ୟାନ:** ସାଧାରଣତଃ ଗୋଟିଏ ଦୁଧିଆଳି ଗାଈକୁ ଦୈନିକ ୨୦ ରୁ ୨୫ କେଜି ସବୁଜ ଗୋ ଖାଦ୍ୟ ଦିଅନ୍ତୁ। ୧୦ କେଜି ଶୁଖିଲା ନଡା,୫୦ ଗ୍ରାମ ମିନେରାଲ,୫୦ ଗ୍ରାମ ଲବଣ ଦିଅନ୍ତୁ। ଭରଣ ପୋଷଣ ପାଇଁ ଦୈନିକ ଅଢେଇ କେଜି ସନ୍ତୁଳିତ ଦାନା ଏବଂ ପ୍ରତ୍ୟେକ ଅଢେଇ କେଜି କ୍ଷୀର ଉତ୍ପାଦନ ପାଇଁ ୧ କିଗ୍ରା ସନ୍ତୁଳିତ ଦାନା ଦେବା ଭଲ। ତା' ଛଡା ଦୈନିକ ୩୦ ଲିଟର ସ୍ୱଚ୍ଛ ପାଣି ପିଇବାକୁ ଦିଅନ୍ତୁ।

**ଆବଶ୍ୟକ ଚିକିତ୍ସା:** ଗାଈ ତଥା ବାଛୁରୀର ଗୋବରକୁ ନିୟମିତ ପରୀକ୍ଷା କରି କୃମିନାଶକ ଔଷଧ ଦିଅନ୍ତୁ। ଫାଟୁଆ,ସାହାଣ,ଆନ୍ଥ୍ରାକ୍ସ, ଚର୍ମ ବିଣ୍ଡି,ବ୍ରୁସେଲା ଆଦି ରୋଗ ପାଇଁ ନିୟମିତ ଟିକାକରଣ କରାନ୍ତୁ। ସେହିପରି ବାଛୁରୀକୁ ମଧ୍ୟ ବଜବଜିଆ,ଫାଟୁଆ ଆଦି ଟିକା ନିୟମିତ ଦିଅନ୍ତୁ। କୃମି ନାଶକ ଓ ଟିକାକରଣ କରାଇବା ଫଳରେ ଗାଈଟି ନୀରୋଗ ରହି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିଥାଏ।

**ଅନ୍ୟାନ୍ୟ ଦିଗ:** ଅନ୍ଧ ବିଶ୍ୱାସରେ ବଶବର୍ତ୍ତୀ ହୋଇ କ୍ଷୀର ଉଡିଯିବା,କ୍ଷୀର ହରଣ ଆଦିର ବିଶ୍ୱାସ କରିବା ଉଚିତ ନୁହେଁ। ଡାକ୍ତରୀ ଚିକିତ୍ସା ଦ୍ୱାରା କ୍ଷୀର ଉତ୍ପାଦନ କ୍ଷମତା ଫେରିଆସିଥାଏ। ପ୍ରତ୍ୟେକ ଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଗାଈକୁ ଖାଇବାକୁ ଦିଅନ୍ତୁ। ଦୈନିକ ଦୁଇଥର ଗାଈକୁ ସଫାସୁତୁରା କରନ୍ତୁ। ଦିନକୁ ତିନିଥର ଗୁହାଳ ସଫା କରନ୍ତୁ। ଗୁହାଳ ତଥା ଗାଈଙ୍କୁ ମଶା,ମାଛି, ଟିଙ୍କମାନଙ୍କ କବଳରୁ ରକ୍ଷା କରନ୍ତୁ। ପ୍ରତ୍ୟେକ ଦିନ ଠିକ୍ ସମୟରେ ନିର୍ଦ୍ଦିଷ୍ଟ ଦୁହାଁଳି ଦ୍ୱାରା ଗାଈ ଦୁହାଁନ୍ତୁ। ଗାଈକୁ ସିଧାସଳଖ ଟାଣ ଖରାରେ ନ ବାନ୍ଧି ଦିନରେ ଅଳ୍ପ ସମୟ ଚରିବା ପାଇଁ ବାହାରକୁ ଛାଡନ୍ତୁ। ଗାଈଙ୍କୁ ସଫାସୁତୁରା, ଶୁଖିଲା, ସୁସ୍ଥ ଏବଂ ଚାପମୁକ୍ତ ପରିବେଶରେ ପାଳନ କରନ୍ତୁ।

*-ପ୍ରାଣୀ ଚିକିତ୍ସକ,ଧୂଷୁରୀ, ଭଦ୍ରକ,*
*ମୋ:୯୪୩୯୮୯୦୦୨୬*

## ବାର୍ଡ ଫ୍ଲୁ ସତର୍କତା

ଏବେ ବାର୍ଡ଼ ଫ୍ଲୁ ରୋଗକୁ ନେଇ ହଇଚଇ ଆରମ୍ଭ ହୋଇଛି। ଏହାକୁ ରୋକିବା ଲାଗି ତଥା ଏହା ଅଧିକ ନ ବ୍ୟାପିବା ପାଇଁ ଓୟୁଏଟିରେ କୁକୁଡ଼ା ମରା ଆରମ୍ଭ ହୋଇଛି।

-ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ ।

କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଙ୍ଘାଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।



## ଭେଣ୍ଡି

କିସମ- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪।

-ଲଗାଇବା ଦୂରତା ୬୦ ସେ.ମି. x ୩୦ ସେ.ମି. ।

-ସାର ପ୍ରୟୋଗ : ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ ।

-ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ, ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ ।

-ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

- ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଭଲ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଆଉ ଫଳ ବୁଢ଼ା ହୋଇଯାଇଥାଏ।



## କଦଳୀର ରୋଗ ପୋକ ନିୟନ୍ତ୍ରଣ କରିବେ କିପରି

କଦଳୀ ଗଛରେ କବକଜନିତ ଖାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡି ପୋଡିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖିଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।



## କାଜୁରେ ପୋକ ଦମନ ଲାଗି...

କାଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା ୫୦ଭାଗ ବକଳ ଗୋଲେଇକରି ଛଡାଇ ଦିଅନ୍ତୁ ଏବଂ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟଫସ (ଶତକଡା୦.୦୫ଭାଗ) ପ୍ରୟୋଗ କରନ୍ତୁ। ଉକୁଣୀଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡେମିଟନ୍ ସିଞ୍ଚନ କରନ୍ତୁ। ଗଛମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ। ଗଛ ପ୍ରତି ୧୦-୨୦କି.ଗ୍ରା ଖତ,୭୫୦ଗ୍ରାମ୍ ଯବକ୍ଷାରଜାନ , ୧୨୫ଗ୍ରାମ୍ ଫସ୍‌ଫରସ ଏବଂ ୧୨୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ପ୍ରତି ଗଛରେ ୨୦-୨୫ଲିଟର ପାଣି ଦିଅନ୍ତୁ।



## ଫେବୃୟାରୀ ମାସର କୃଷି ସୂଚନା



**ଡାଲୁଅ ଧାନ :** ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖନ୍ତୁ। ଆଉ ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ଶଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ ।

-କାଣ୍ଡବିନ୍ଧା ପୋକ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ମକା :** ଲଗାଇବାର ୨୧ ଦିନପରେ କୋଡ଼ାଖୁସା କରି ଗଛମୂଳରେ ମାଟି ଦିଅନ୍ତୁ।

-ଫସଲ ବୁଣିବାର ୩୫ରୁ ୪୫ ଦିନ ମଧ୍ୟରେ ଆଉଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

### ସୂର୍ଯ୍ୟମୁଖୀ

ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ।

-ପତ୍ରକଟା ପୋକ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ।

-ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



**ଡାଲି ଜାତୀୟ ଫସଲ :** (ମୁଗ ଓ ବିରି)

-ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ: ଆଇ.ପି.ଏମ୍.-୦୨-୧୪ (୬୫ ଦିନ), ଆଇ.ପି.ଏମ୍.-୦୨-୩ (୬୫ ଦିନ), ପି.ଡି.ଏମ୍-୧୧ (୬୫ଦିନ), ପି.ଡି.ଏମ୍.-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପି.ୟୁ.-୩୧ (୭୦ ଦିନ), ପି.ୟୁ.-୩୦ (୬୫ ରୁ ୭୦ ଦିନ), ପି.ୟୁ.-୩୫ (୬୫ ରୁ ୭୦ ଦିନ), ପି.ୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହ କରି ଜମିରେ ବୁଣନ୍ତୁ ।

-ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନ କରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାର କରି ଧାଡ଼ିରେ ବୁଣନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦମ :** ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ)। ବିହାରୀ ଶଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍ଡ଼ା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି :** ଖରାଦିନିଆ ରାଶିକୁ ଫେବୃୟାରୀ -ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ । ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ। -ରାଶିର ଉନ୍ନତ ବିହନ କିସମ ଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

*-କୃଷି ବୈଷୟିକ ସୂଚନା କେନ୍ଦ୍ର,*
*ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,*
*ଓୟୁଏଟି, ଭୁବନେଶ୍ୱର*

## ଖରାଟିଆ ଗେଣ୍ଡୁଫୁଲ

ଆଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ତଳି ପକାନ୍ତୁ। ଏଥିଲାଗି ଅଧିକ ଅମଳକ୍ଷମ କମଳା ରଙ୍ଗର ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡିକୁ ଧାଡି ୫ ସେ.ମି ବ୍ୟବଧାନରେ ବିହନକୁ ୧ ସେ.ମି ଗଭୀରରେ ବୁଣନ୍ତୁ। ଅଧିକ ତାପମାତ୍ରାରୁ ରକ୍ଷାପାଇବା ଲାଗି ତଳିଘରାରେ ନଡା ଘୋଡାଇ ଦିଅନ୍ତୁ । ଏକରକୁ ୩୫୦ରୁ ୪୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ। ଜମିକୁ ଭଲଭାବରେ ଗୁଣ୍ଡ କରି ଏକର ପ୍ରତି ୧୦ଟନ୍ ସଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା ଯବକ୍ଷାରଜାନ, ୮୦କି.ଗ୍ରା ଫସଫରସ ଓ ୮୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ ଏବଂ ୧୬କି.ଗ୍ରା ଯବକ୍ଷାରଜାନ ଏକମାସ ପରେ କୋଡାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡିକୁ ଧାଡି ୩୦ ଓ ଗଛକୁ ଗଛ ୨୦-୩୦ ସେ.ମି ବ୍ୟବଧାନରେ ରୁଅନ୍ତୁ। ତେବେ ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରୀରେ ଲଗାନ୍ତୁ। ତଳି ରୋଇବାର ୪୦ଦିନପରେ ଅଗ ତଳିଗୁଡିକୁ ଭାଙ୍ଗି ଦିଅନ୍ତୁ।





ନିବେଶକଙ୍କ ଅର୍ଥର ଠିକ୍ ଉପାୟରେ ଖର୍ଚ୍ଚ କରି ଉଭାନ ହୋଇଯାଉଥିବା ଷ୍ଟାର୍ଟଅପଗୁଡ଼ିକୁ ପୁଣି ଥରେ ସୁଯୋଗ ନ ଦେବା ଆବଶ୍ୟକ।
– ରତନ ଟାଟା, ସେବା ନିବୃତ୍ତ ଅଧ୍ୟକ୍ଷ, ଟାଟା ସନ୍ସ



ଆଗାମୀ ବଜେଟ ଅଧିବେଶନରେ ଏଏଚ୍ଏସ୍ କୋଡ ପାସ୍ ହେବା ନେଇ ଆଶାବାଦୀ।
– ସନ୍ତୋଷ ଗଙ୍ଗୱାର, କେନ୍ଦ୍ରମନ୍ତ୍ରୀ

# ଭୁବନେଶ୍ୱରକୁ ଆସିଲା ଏବିକ୍ସ କ୍ୟାଶ୍




**ଟ୍ରାଭେଲ, ହଲିଡେର ସମ୍ପୂର୍ଣ୍ଣ ସମାଧାନ**

**ଭୁବନେଶ୍ୱର, ୨୮–୧:** ଟ୍ରାଭେଲ ଏବଂ ହଲିଡେ ସଲ୍ୟୁଶନ ପ୍ରଦାନ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ଏବିକ୍ସ କ୍ୟାଶ ଭୁବନେଶ୍ୱରରେ ଏହାର ସେବା ଶୁଭାରମ୍ଭ କରିଛି। ଏହାର ଶାଖା କାର୍ଯ୍ୟାଳୟ ସ୍ଥାନୀୟ ଫରେଷ୍ଟ ପାର୍କସ୍ଥିତ ଭାରତୀ ଟାୱାରରେ ସ୍ଥାପନ କରାଯାଇଛି। ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡର ସଭାପତି ଏନ୍.ଡି. ରାଓ ଏବଂ ଫ୍ରାଞ୍ଚାଇଜି ଓନର ତଥା ହଲିଡେ କ୍ୟୁରେଟରର ପ୍ରତିଷ୍ଠାତା ନନ୍ଦନ ଝା ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଝା କହିଛନ୍ତି, ଓଡିଶାର ଗ୍ରାହକଙ୍କୁ ବିଶ୍ୱସ୍ତରୀୟ ଟ୍ରାଭେଲ ଏବଂ ହଲିଡେ ସଲ୍ୟୁଶନ ପ୍ରଦାନ ଦିଗରେ କାର୍ଯ୍ୟ କରିବାକୁ ଅଧିକ ସୁଯୋଗ ମିଳିବ। ଏବିକ୍ସ କ୍ୟାଶ ୧୯୭୬ ସ୍ଥାପନ ହୋଇଛି। ସାରା ବିଶ୍ୱରେ ଏହା ଏକ ପ୍ରମୁଖ ସେବା ଯୋଗାଣକାରୀ କମ୍ପାନୀ ଭାବେ ପରିଚିତ। ଏହା ସହ ଯୋଡିହୋଇ ଲୋକଙ୍କୁ ସର୍ବୋତ୍ତମ ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିବ। ଟ୍ରାଭେଲ ପ୍ରତି ଲୋକମାନଙ୍କର ଚାହିଦା ଏବେ ବଢିଥିବାରୁ ଏହାକୁ ଧ୍ୟାନରେ ରଖି ବିଭିନ୍ନ ସମାଧାନ ପ୍ରଦାନ କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିବ। ସାରା ଦେଶର ପ୍ରମୁଖ ସହରଗୁଡିକରେ ଏବିକ୍ସ ଉପସ୍ଥିତି ଜାହିର କରିଛି। ଭୁବନେଶ୍ୱରରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ସେବା ଯୋଗାଣକୁ ପ୍ରାଥମିକତା ପ୍ରଦାନ କରାଯିବ। ହଲିଡେ ପ୍ଲାନିଂ, ଫରେନ ଏକ୍ସଚେଞ୍ଜ ସର୍ଭିସ ସହ ଅନ୍ୟାନ୍ୟ ସେବା ଯୋଗାଣ ଦିଗରେ ଧ୍ୟାନ ରଖାଯିବ ବୋଲି ସେ ମତ ଦେଇଛନ୍ତି।

# ଯାଜପୁରରୋଡ୍‌ରେ ଉତ୍କଳ ସେଣ୍ଟର ପଏଣ୍ଟ

ଯାଜପୁର ଅଫିସ,୨୮–୧




## ଆଜି ଶୁଭାରମ୍ଭ
**ବଜାର ସୁବିଧା ସହ ମନୋରଞ୍ଜନକୁ ଗୁରୁତ୍ୱ**

ଯାଜପୁର ଜିଲା ଯାଜପୁର ରୋଡ୍‌ଠାରେ ବୁଧବାର ଉତ୍କଳ ସେଣ୍ଟର ପଏଣ୍ଟର ଶୁଭାରମ୍ଭ ହେବ। ଉତ୍କଳ ବିଲ୍ଡର୍ସର ଚେୟାରମ୍ୟାନ ସୁବାସ ଭୁରା ଓ ମ୍ୟାନେଜିଙ୍ଗ ଡାଇରେକ୍ଟର ସରଦ ବୈଦ ମଙ୍ଗଳବାର ଖବରଦାତା କାର୍ଯ୍ୟକ୍ରମରେ ଏସମ୍ପର୍କରେ ସୂଚନା ଦେଇଛନ୍ତି। ଯାଜପୁରରୋଡ୍ ଭଳି ଶିଳ୍ପାଞ୍ଚଳରେ ଲୋକମାନଙ୍କର ଚାହିଦାକୁ ନଜର ରଖି ଆଠ ବର୍ଷ ପୂର୍ବରୁ ଏଠାରେ ଏକ ମଲ୍ ନିର୍ମାଣ ପାଇଁ ଉତ୍କଳ ବିଲ୍ଡର୍ସ ଯୋଜନା କରିଥିଲା। ଉକ୍ତ ମଲ୍‌ରେ ବିଭିନ୍ନ ଲୋକପ୍ରିୟ ବ୍ରାଣ୍ଡ ସମେତ ମାକ୍ସ ଓ ବିଗ୍‌ବଜାର ନିଜର ଷ୍ଟୋର ସ୍ଥାପନ କରିଛନ୍ତି। ଏହା ସହିତ ଅନେକ ଛୋଟବଡ ଷ୍ଟୋର ଆଗକୁ ଖୋଲିବାର ଯୋଜନା ରହିଛି। ସେହିଭଳି ଆଗାମୀଦିନରେ ମନୋରଞ୍ଜନ ସୁବିଧା ଆଣିବା ଯୋଜନା ରହିଛି। ଏଠାରେ ଶପିଂର ଆନନ୍ଦ ସହିତ ୪ଶହରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ଏବଂ ୧ ହଜାରରୁ ଉର୍ଦ୍ଧ୍ୱ ଯୁବବର୍ଗଙ୍କ ଲାଗି ପରୋକ୍ଷ ରୋଜଗାର ସୃଷ୍ଟି ହେବ। ଉକ୍ତ ମଲରେ ଆଗାମୀ ଦିନରେ ସ୍ଥାନୀୟ କଳା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସମୃଦ୍ଧ କରିବା ପାଇଁ ସରକାର ନେଇଥିବା ପଦକ୍ଷେପ ଦିଗରେ ଏହି ମଲ୍ ଯୋଗଦାନ ରଖିବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶରେ ସହଯୋଗୀ ହେବ ବୋଲି ଚେୟାରମ୍ୟାନ ଭୁରା ସୂଚନା ଦେଇଛନ୍ତି।

# ବିଏସ୍–୪ ଯାନ ଉପରେ ହିରୋର ଆକର୍ଷଣୀୟ ରିହାତି

**ନୂଆଦିଲ୍ଲୀ, ୨୮– ୧:** ଚଳିତ ବର୍ଷ ଏପ୍ରିଲ ପହିଲାଠାରୁ ବିଏସ୍–୬ ନିର୍ଗମନ ନିୟମ ଅନୁପାଳନକୁ କଡାକଡା କରାଯାଇଛି। ଦେଶର ଟୁହ୍ୱିଲର୍ସ ଶିଳ୍ପ ଏହି ନିୟମକୁ ପାଳନ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। କମ୍ପାନୀଗୁଡିକ ସେମାନଙ୍କ ନିକଟରେ ଥିବା ବିଏସ୍–୪ ମଡେଲଗୁଡିକର ଷ୍ଟକକୁ ଶେଷ କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ଟୁହ୍ୱିଲର୍ସ କମ୍ପାନୀଗୁଡିକ ନୂଆ ବିଏସ୍–୬ ମଡେଲ ବଜାରରେ ପ୍ରବେଶ କରାଉଛନ୍ତି। ଏହାର ମୂଲ୍ୟ ବିଏସ୍–୪ ତୁଳନାରେ ୧୨ରୁ ୧୫% ଅଧିକ ରହିଥିବା ଶିଳ୍ପ ସୂତ୍ରରୁ ସୂଚନା ଦିଆଯାଇଛି। ୫୦ ହଜାର ରେଞ୍ଜର ବାଇକ କିମ୍ବା ସ୍କୁଟର ମୂଲ୍ୟ ସାଧାରଣତଃ ୭ରୁ ୮ ହଜାର ଅଧିକ ରହୁଛି। ସେହିଭଳି ୧ ଲକ୍ଷ ଟଙ୍କା ମୂଲ୍ୟର ଯାନ ୧୨ରୁ ୧୫ ହଜାର ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି। ଏହି ସମୟରେ ଗ୍ରାହକ ହିରୋର ବିଏସ୍–୪ ସ୍କୁଟର ଏବଂ ବାଇକ କ୍ରୟରେ ସଞ୍ଚୟ ସୁବିଧା ଲାଭ କରିପାରିବେ। ଏହି ସମୟରେ ବିଏସ୍–୪ ଯାନ କ୍ରୟ କରି ଗ୍ରାହକ ପ୍ରାୟ ୧୦ ହଜାର ଟଙ୍କା ଏବଂ ଅନ୍ୟ ରିହାତି ଲାଭ କରିପାରିବେ। ଷ୍ଟକ ସରିବା ପର୍ଯ୍ୟନ୍ତ ହିରୋର ଟୁହ୍ୱିଲର୍ସ ଉପରେ ଗ୍ରାହକ ଆକର୍ଷଣୀୟ ରିହାତି ପାଇ ପାରିବେ। ଷ୍ଟକ ଶେଷ କରିବାକୁ ଥିବା ବେଳେ ଫେବୃୟାରୀ ଶେଷ ସୁଦ୍ଧା ଏହା ସରିଯିବ ବୋଲି କମ୍ପାନୀର ଜଣେ ଡିଲର ସୂଚନା ଦେଇଛନ୍ତି। ହିରୋ ଏହାର ସବୁ ପ୍ରଡକ୍ଟକୁ ବିଏସ୍–୬ରେ ରୂପାନ୍ତରିତ କରିବା ଲାଗି ପଦକ୍ଷେପ ଗ୍ରହଣ କରୁଛି। କମ୍ପାନୀ ବିଏସ୍୬ ଯୁକ୍ତ ସ୍ପ୍ଲେଣ୍ଡର ଆଇସ୍ମାର୍ଟ, ଏଚ୍ଏଫ୍ ଡିଲକ୍ସ ଭଳି ମଡେଲ ବଜାରକୁ ଆଣିଥିବା ସୂଚନା ଦେଇଛି।

# ରପ୍ତାନି କ୍ଷେତ୍ରରେ ହୋଣ୍ଡା ଟୁହ୍ୱିଲର୍ସର ରେକର୍ଡ

**ନୂଆଦିଲ୍ଲୀ,୨୮–୧:** ରପ୍ତାନି କ୍ଷେତ୍ରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ରେକର୍ଡ କରିଛି। ବର୍ତ୍ତମାନ ସୁଦ୍ଧା କମ୍ପାନୀ ଭାରତରୁ ୨୫ ଲକ୍ଷ ୟୁନିଟ ଟୁହ୍ୱିଲର୍ସ ରପ୍ତାନି କରିବାକୁ ସକ୍ଷମ ହୋଇଛି। ଦେଶରୁ ସ୍କୁଟର ରପ୍ତାନି କ୍ଷେତ୍ରରେ ଏହା ପ୍ରଥମ ସ୍ଥାନରେ ରହିଛି। ୨୦୦୧ରୁ ୨୦୧୫ ମଧ୍ୟରେ ଏହି କମ୍ପାନୀ ଭାରତରୁ ୧୦ ଲକ୍ଷ ୟୁନିଟ ଯାନ ରପ୍ତାନି କରିଥିଲା। ଗତ ପାଞ୍ଚ ବର୍ଷ ମଧ୍ୟରେ ଏହା ଆଉ ୧୫ ଲକ୍ଷ ଯାନ ରପ୍ତାନି କରିଛି। ୨୦୦୧ରେ ଆକ୍ଟିଭା ମଡେଲକୁ ପ୍ରଥମେ ରପ୍ତାନି କରିଥିଲା। ବର୍ତ୍ତମାନ ୧୮ ମଡେଲକୁ ଏହା ରପ୍ତାନି କରୁଛି। ଏସିଆ, ମଧ୍ୟ ପ୍ରାଚ୍ୟ ଏବଂ ଲାଟିନ ଆମେରିକା ସମେତ ବିଶ୍ୱର ପ୍ରମୁଖ ୨୬ ବଜାରକୁ ଦୁଇ ଚକିଆ ଯାନ ରପ୍ତାନି କରୁଛି। ସ୍କୁଟର ରପ୍ତାନି କ୍ଷେତ୍ରରେ ଏହା ୫୦% ବଜାର ଅଂଶ ହାସଲ କରିଛି। ଅଧିକ ରପ୍ତାନି ହେଉଥିବା ସ୍କୁଟର ମଧ୍ୟରେ 'ଡିଓ' ପ୍ରଥମ ସ୍ଥାନରେ ରହିଛି। ୨୫ ଲକ୍ଷ ଟୁହ୍ୱିଲର୍ସ ରପ୍ତାନି କରି ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି। ଦେଶର ପ୍ରମୁଖ ସ୍କୁଟର ରପ୍ତାନିକାରୀ ହୋଇ ପାରିଥିବାରୁ ଅତ୍ୟନ୍ତ ଗର୍ବ ଅନୁଭବ ହେଉଛି। ବିଏସ୍–୬ ଲାଗୁ ହେବାକୁ ଥିବା ବେଳେ ହୋଣ୍ଡାର ବିଶ୍ୱ ବଜାର କାରବାର କ୍ଷେତ୍ରରେ ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆ ଏକ ପ୍ରମୁଖ ସ୍ଥାନ ହାସଲ କରିବାକୁ ଆଶାବାଦୀ ଥିବା ଗୁଲେରିଆ ମତ ରଖିଛନ୍ତି।

# ରୁଚି ପକ୍ଷରୁ ଦୁଇ ପୂର୍ବତନ ସେନାନୀଙ୍କୁ ସମ୍ବର୍ଦ୍ଧନା




**କଟକ, ୨୮–୧:** ରୁଚି ଉଦ୍ୟୋଗ ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ମଧୁପାଟଣା ଶିଳ୍ପାଞ୍ଚଳଠାରେ ପାଳିତ ହୋଇଯାଇଛି। ରୁଚି ମୁଖ୍ୟାଳୟଠାରେ ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ପାସ୍ତାଭିଲେଜ ପ୍ରାଙ୍ଗଣରେ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବେଟି ପଢ଼ାଓ, ବେଟି ବଚାଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। 'ରୁଚି' ପରିବାରର ଶ୍ରେଷ୍ଠ ତିନିଜଣ କନ୍ୟାପିତାମାନଙ୍କୁ ଆଗାମୀ ବର୍ଷ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ଡକ୍ଟର ସାହୁ ଘୋଷଣା କରିଥିଲେ। ଉଦ୍ୟୋଗରେ କାର୍ଯ୍ୟରତ ଦୁଇଜଣ ପୂର୍ବତନ ସେନାନୀ ପ୍ରମୋଦ କୁମାର ସାହୁ, ରଞ୍ଜିତ କୁମାର ସାହୁ ଓ ଲକ୍ଷ୍ମୀଧର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ଅରବିନ୍ଦ ସାହୁ, ସଲିନା ସାହୁ, ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ ଓ ବରିଷ୍ଠ ସୂଚନା ଅଧିକାରୀ ଡ. ନିହାର ରଞ୍ଜନ ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥର ନୂତନ ପ୍ରମୁଖ ପରିଚାଳନା ପ୍ରବନ୍ଧକ



**ଭୁବନେଶ୍ୱର,୨୮–୧:** ପୂର୍ବତଟ ରେଳପଥର ନୂତନ ପ୍ରମୁଖ ପରିଚାଳନା ପ୍ରବନ୍ଧକ ଭାବେ ୧୯୮୭ ବ୍ୟାଚ ଭାରତୀୟ ରେଳବାଇ ଟ୍ରାଫିକ ସେବାର ବରିଷ୍ଠ ଅଧିକାରୀ ପ୍ରମୋଦ କୁମାର ଜେନା ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ସେ ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ବିଳାସପୁରଠାରେ ପ୍ରମୁଖ ପରିଚାଳନା ପ୍ରବନ୍ଧକ ଏବଂ କଲିକତାସ୍ଥିତ ଦକ୍ଷିଣ ପୂର୍ବ ରେଳପଥରେ ପ୍ରମୁଖ ବାଣିଜ୍ୟ ପ୍ରବନ୍ଧକ ଭାବେ କାର୍ଯ୍ୟ କରିଛନ୍ତି। ଭାରତୀୟ ରେଳବାଇ ଟ୍ରାଫିକ ସେବା ସମ୍ବନ୍ଧରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ରହିଛି। ରେଳପଥର ପଣ୍ୟ ପରିଚାଳନା, ଯାତ୍ରୀ ପରିଚାଳନା, ନିରାପତ୍ତା, ଯୋଜନା, ସାଧାରଣ ପ୍ରଶାସନ କ୍ଷେତ୍ରରେ କାର୍ଯ୍ୟକରି ସେ ଉଚ୍ଚପ୍ରସଂଶିତ ହୋଇଛନ୍ତି। ଚଳିତ ବର୍ଷ ୨୦୦ ନିୟୁତ ଟନ ମାଲ ପରିବହନ ନେଇ ପୂର୍ବତଟ ରେଳପଥ ଲକ୍ଷ୍ୟ ରଖିଛି। ଏ ଦିଗରେ ସଂକଳ୍ପ, ଟ୍ରେନ ଚଳାଚଳର ସମୟାନୁବର୍ତ୍ତିତା, ଭିତ୍ତିଭୂମିର ଯୋଜନା, ଶିଳ୍ପସଂସ୍ଥା ସହିତ ପୋର୍ଟଗୁଡିକୁ ରେଳ ସଂଯୋଗର ଲକ୍ଷ୍ୟ ପୂରଣ କରିବା ତାଙ୍କ ଲାଗି ଏକ ଆହ୍ୱାନ ହେବ। ସେ ୧୯୮୪ ମସିହାରେ ଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ୟୁନିଭର୍ସିଟି(ଜେଏନ୍‌ୟୁ)ରୁ ଅର୍ଥନୀତିରେ ସ୍ନାତକୋତ୍ତର ପରେ ଭାରତୀୟ ରେଳବାଇରେ ଯୋଗଦାନ କରିଥିଲେ। ସେ ଜଗତସିଂହପୁର ତିର୍ତ୍ତୋଲ ନିକଟବର୍ତ୍ତୀ କୋଲର ଗ୍ରାମର ଭାସ୍କର ଜେନାଙ୍କର ସୁପୁତ୍ର ଅଟନ୍ତି।


## ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ
## ୨୦୧୯–୨୦

DSPL-246

ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତିର ନିର୍ମାଣ / ପରିକଳ୍ପନା କରୁଥିବା ପ୍ରତିଭାବାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନୀତ ଓ ପୁରସ୍କୃତ କରାଯିବ ।

ରାଜ୍ୟସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ ୩ ଟି ଲେଖାଏଁ ଏବଂ ଅଭିନବ ପରିକଳ୍ପନା ପାଇଁ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯିବ । ସେହିପରି ଜିଲ୍ଲାସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ (୩ ଜଣ ଜିଲ୍ଲା ପ୍ରତି) ୯୦ ଜଣଙ୍କୁ ଏବଂ ଅଭିନବ ପରିକଳ୍ପନା ପାଇଁ (୧ ଜଣ ଜିଲ୍ଲା ପ୍ରତି) ୩୦ ଜଣଙ୍କୁ ପୁରସ୍କୃତ କରାଯିବ ।

| | ଅଭିନବ ଯନ୍ତ୍ରପାତି | ଅଭିନବ ପରିକଳ୍ପନା |
|---|---|---|
| ପ୍ରଥମ ପୁରସ୍କାର ରାଶି | ୨ ଲକ୍ଷ ଟଙ୍କା | ୫୦ ହଜାର ଟଙ୍କା |
| ଦ୍ୱିତୀୟ ପୁରସ୍କାର ରାଶି | ୧ ଲକ୍ଷ ୫୦ ହଜାର ଟଙ୍କା | ୩୫ ହଜାର ଟଙ୍କା |
| ତୃତୀୟ ପୁରସ୍କାର ରାଶି | ୧ ଲକ୍ଷ ଟଙ୍କା | ୧୫ ହଜାର ଟଙ୍କା |
| ଜିଲ୍ଲାସ୍ତରୀୟ ପୁରସ୍କାର ରାଶି | ୧୫ ହଜାର ଟଙ୍କା | ୫ ହଜାର ଟଙ୍କା |

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ ଅଭିନବ କୃଷି ଯନ୍ତ୍ରପାତି / ପରିକଳ୍ପନାଗୁଡ଼ିକର ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.ori.nic.in**ରେ ଉପଲବ୍ଧ । ଆଗ୍ରହୀ ଚାଷୀ ଭାଇ ଓ ଭଉଣୀ, କୃଷି କାରିଗର ଏବଂ କୃଷି ଶ୍ରମିକମାନେ ସଂଶ୍ଳିଷ୍ଟ ଯନ୍ତ୍ରପାତି ସମ୍ବନ୍ଧିତ ଫଟୋ ଓ ଭିଡ଼ିଓ / ସଂଶ୍ଳିଷ୍ଟ ପରିକଳ୍ପନା ସମ୍ବନ୍ଧିତ ରେଖାଚିତ୍ର ସହିତ ଆବେଦନ ପତ୍ର ଆସନ୍ତା ବର୍ଷ **ଜାନୁୟାରୀ ୩୧ ତାରିଖ** ସୁଦ୍ଧା ନିଜ ବ୍ଲକ ଅନ୍ତର୍ଗତ ବ୍ଲକସ୍ତରୀୟ **'କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର'** (FIAC)ର ଡ୍ରପ ବାକ୍ସରେ ଦାଖଲ କରିପାରିବେ ।

**ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।**

01034/13/0046/1920 **କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NABARANGPUR

**No.: 1439** **Dated: 27.01.2020**

Sealed tenders are invited from registered supplier for supply of Lab Instrument, Equipment & consumables for the use of DPHL, DHH, Nabarangpur as per the specification given by Chief District Medical & Public Health Officer, Nabarangpur. The bidders download the tender document directly from the Website available at **www.nabarangpur.nic.in**. The undersigned reserves the right to reject or cancel any or all the tenders without assigning any reason thereof.

**Dr. S.K. Swain**
**Chief District Medical & Public Health Officer, Nabarangpur**



## DISTRICT PROJECT OFFICE
## SAMAGRA SHIKSHA (S.S.), MALKANGIRI - 764048

**E-mail: dpcmalkanssa.opepa@nic.in, stcmalkangiri@gmail.com**
**Letter No.: 341/Civil/20** **Date: 27.01.2020**

## TENDER CALL NOTICE

Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with Detailed Tender Call Notice are invited by the District Project Coordinator Samagra Shiksha, Malkangiri on behalf of Government of Odisha for tenders for construction of Building works as mentioned below from eligible contractors registered with the State Government and contractor of equivalent grade/ class registered with Central Government/MES/Railways, having registration for civil works on production of definite proof from the appropriate authority. The detailed of the works are available in the website **www.malkangiri.nic.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different area of Malkangiri District under SCA 2019-20 |
| No. of Works | : | 08 Nos. (Eight) Nos. |
| Estimated Cost | : | As laid down in the DTCN |
| Amount put to tender | : | As laid down in the DTCN |
| Tender Paper Cost | : | As laid down in the DTCN |
| EMD Amount Required | : | 1% of the amount put to tender (As laid down in the DTCN) |
| Period of Completion | : | As laid down in the DTCN for each work |
| Date of Sale of Tender Papers | : | The bid documents can be downloaded from the Govt. website **www.malkangiri.nic.in** only from **29.01.2020 to 11.02.2020 upto 5.00 P.M.** |
| Date of receipt of Tender Paper | : | From **29.01.2020** to **11.02.2020 upto 5.00 P.M.** (in working days) through Registered Post/Speed Post only. No tender paper will receive by hand or Courier Services. |
| Date of opening of tender papers | : | **At 10.00 A.M. on 12.02.2020** in the Office Chamber of Collector, Malkangiri in presence of tender finalisation committee member, tender or their authorised representatives. |

**N.B.:** If the last date of sale/receipt of tender paper turns out be a holiday, it will automatically be extended to next working day.

**By order of Collector**
**Sd./- District Project Coordinator**
**SS, Malkangiri**



## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଗୁଡ଼ିକ ଗୋପବନ୍ଧୁପାଲି, ରାଉରକେଲା ଏବଂ କ୍ରେଡିଲ ବେବି ପଏଣ୍ଟ, ଦିସା, ସା ଠାରୁ ଉଦ୍ଧାର ହୋଇଥିଲେ। ବର୍ତ୍ତମାନ ଶିଶୁଗୁଡ଼ିକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସା, ଦିସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁଗୁଡ଼ିକର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା–୩୮ (ଉପଧାରା–୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼, ମୋ. ନଂ.- ୯୯୩୮୧୭୦୪୫୦ / ଅଫିସ୍- ୦୬୬୨୨-୨୭୩୩୪୩, ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼, ମୋ.ନଂ.- ୯୪୩୭୦୮୫୪୩୪ / ଅଫିସ୍- ୦୬୬୨୨-୨୭୨୨୬୩**

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ମିଟୁ (ପିଣ୍ଟୁ) | ୦୯।୦୮।୨୦୧୪ | ପୁଅ | ଗୋପବନ୍ଧୁପାଲି, ରାଉରକେଲା, ତା– ୦୯।୦୧।୨୦୧୮ |  |
| ୨ | ସୁରଜ (ସା, ଦିସା ଦେଇଥିବା ନାମ) | ୦୭।୦୭।୨୦୧୯ | ପୁଅ | କ୍ରେଡିଲ ବେବି ପଏଣ୍ଟ, ଦିସା, ସା ତା– ୧୪।୦୧।୨୦୨୦ ମଧ୍ୟରାତ୍ରି |  |

**Sd./- District Child Protection Officer, Sundargarh**



## CSIR - INSTITUTE OF MINERALS AND MATERIALS TECHNOLOGY
**(Council of Scientific & Industrial Research)**
**BHUBANESWAR – 751013**

## NOTICE INVITING e-TENDER No.01/CS/IMMT/2020

E-Tenders in two bids system (Technical Bids & Price Bids) are invited by the Director, CSIR-IMMT, Bhubaneswar from registered Caterer/Contractor to provide catering services in CSIR-IMMT Departmental Canteen at CSIR-IMMT, Bhubaneswar - 751013. Important dates for the e-tender are as under :

File No.**01/2019/CANTEEN**
E-Procurement ID : **2020_CSIR_39462_1**
Bid submission start date (through CPP) : **29.01.2020; 10.00 Hrs**
Bid submission end date (through CPP) : **18.02.2020; 16.00 Hrs**
For further details please log on to : **www.etenders.gov.in**

**Sd./-**
**CONTROLLER OF ADMINISTRATION**

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୯ ଜାନୁୟାରୀ, ୨୦୨୦





“ଭାରତୀୟ କ୍ରିକେଟ ଦଳରେ ମହେନ୍ଦ୍ର ସିଂ ଧୋନୀଙ୍କ ସ୍ଥାନ ହାସଲ ପାଇଁ ପ୍ରତିଯୋଗିତା ଚାଲିଛି, ହେଲେ କେହି ପକ୍କା କରିପାରୁ ନାହାନ୍ତି ।

–ଯୁଜବେନ୍ଦ୍ର ଚହଲ, ଭାରତୀୟ ଲେଗ୍ ସ୍ପିନର



“ଭାରତ ଦିନକୁ ଦିନ ବିଦେଶ ମାଟିରେ ଉନ୍ନତ ପ୍ରଦର୍ଶନ କରିବାରେ ଲାଗିଛି । ଚଳିତ ଟି୨୦ ସିରିଜରେ ତାହା ପ୍ରତିଫଳିତ ହେଉଛି ।

–ଟିମ୍ ସୌଦି, ନ୍ୟୁଜିଲାଣ୍ଡ ପେସ୍ ବୋଲର

## ସଂକ୍ଷେପରେ

### ଏନ୍‌ବିଏ ଲୋଗୋରେ ବ୍ରାଏଣ୍ଟଙ୍କୁ ସ୍ଥାନିତ କରିବା ଲାଗି ପିଟିଶନ

କାଲିଫର୍ନିଆ,୨୮।୧: କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି କୋବେ ବ୍ରାଏଣ୍ଟ ରବିବାର ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହି ଖବରରେ ମର୍ମାହତ ପ୍ରଶଂସକମାନେ ଏନ୍‌ବିଏ ଲୋଗୋରେ ବ୍ରାଏଣ୍ଟଙ୍କୁ ସ୍ଥାନିତ ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଏହାକୁ ଏକ ନିୟୁତରୁ ଅଧିକ ଫ୍ୟାନ ସମର୍ଥନ କରିଛନ୍ତି। ବର୍ତ୍ତମାନ ଥିବା ଲୋଗୋକୁ ଆଲାନ ସିଏଗେଲ ପ୍ରସ୍ତୁତ କରିଥିଲେ। ଲୋଗୋରେ ଲସଏଞ୍ଜେଲ୍ସ ଲେକର୍ସର କିମ୍ବଦନ୍ତୀ ଖେଳାଳି ଜେରି ୱେଷ୍ଟ (୮୧) ରହିଛନ୍ତି। ତେବେ ଏହି ଅଭିଯାନକୁ ନିକି ଏମ୍. ଆରମ୍ଭ କରିଛନ୍ତି। କିମ୍ବଦନ୍ତୀ ବ୍ରାଏଣ୍ଟଙ୍କ ମୃତ୍ୟୁ ପରେ ତାଙ୍କୁ ଏନ୍‌ବିଏ ଲୋଗୋରେ ସାମିଲ କରି ଚିରଦିନ ପାଇଁ ଅମର କରିବାକୁ ଅନୁରୋଧ କରିଥିଲେ। ଏହାପରେ ସମର୍ଥକମାନେ ନିଜ ଆଡୁ ବ୍ରାଏଣ୍ଟଙ୍କୁ ଲୋଗୋରେ ସାମିଲ କରି ଫଟୋ ଶେୟାର କରିଛନ୍ତି। ନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ (ଏନ୍‌ବିଏ)ର ଲୋଗୋ ପ୍ରଥମେ ୧୯୭୧ରେ ପ୍ରସ୍ତୁତ ହୋଇଥିଲା। ତେବେ ଏନ୍‌ବିଏ ଆୟୋଜକମାନେ ଲୋଗୋରେ ପରିବର୍ତ୍ତନ କରିବେ କି ନାହିଁ, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ।

### ୧୦୦ ବର୍ଷରେ ରାଇଜି



ଭାରତର ସବୁଠାରୁ ବୟସ୍କ ପ୍ରଥମଶ୍ରେଣୀ କ୍ରିକେଟର ବସନ୍ତ ରାଇଜି ୧୦୦ ବର୍ଷରେ ପଦାର୍ପଣ କରିଛନ୍ତି। ଏଥିପାଇଁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ୧୯୨୦ ଜାନୁୟାରୀ ୨୬ରେ ଜନ୍ମଗ୍ରହଣ କରିଥିବା ରାଇଜି ୧୯୪୧-୪୨ରେ ବମ୍ବେ ଓ ୧୯୪୪-୪୫ରୁ ୧୯୪୯-୫୦ ପର୍ଯ୍ୟନ୍ତ ବରୋଦା ପକ୍ଷରୁ ରଣଜୀଟ୍ରଫି ଖେଳିଥିଲେ।

# ନ୍ୟୁଜିଲାଣ୍ଡରେ ପ୍ରଥମ ସିରିଜ ବିଜୟ ଲକ୍ଷ୍ୟ

ହାମିଲଟନ, ୨୮।୧(ପି.ଟି.)

ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମଥର ପାଇଁ ଭାରତ ଟି୨୦ ସିରିଜ ଜିତିବାର ସମ୍ଭାବନା ସୃଷ୍ଟି କରିଛି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ଦଳ ମଧ୍ୟରେ ବୁଧବାର ତୃତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଅକ୍‌ଲାଣ୍ଡରେ ଖେଳାଯାଇଥିବା ପ୍ରଥମ ଦୁଇଟି ମୁକାବିଲାରେ ବିଜୟୀ ହୋଇ ଭାରତ ଯଥାକ୍ରମେ ୬ ଓ ୭ ଉଇକେଟରେ ବିଜୟ ହାସଲ କରିଥିଲା। ଫଳରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହାସଲ କରିଛି। ଏବେ ଏହି ତୃତୀୟ ମୁକାବିଲା ଉଭୟ ଦଳ ପାଇଁ ବେଶ୍ ମହତ୍ତ୍ୱ ରଖୁଛି। ବିଜୟୀ ହେଲେ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରି ୩–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବ। ଅନ୍ୟପଟେ ସିରିଜ ବଞ୍ଚାଇ ରଖିବାକୁ ହେଲେ ନ୍ୟୁଜିଲାଣ୍ଡକୁ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ନ୍ୟୁଜିଲାଣ୍ଡ ଏବେ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି।

ପୂର୍ବରୁ ଭାରତ ଦୁଇଥର ନ୍ୟୁଜିଲାଣ୍ଡ ଗସ୍ତକରି ଟି୨୦ ସିରିଜ ଖେଳିଛି। ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ୨୦୦୮–୦୯ରେ ୦–୨ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଗତବର୍ଷ ଭାରତ ଘରୋଇ ନ୍ୟୁଜିଲାଣ୍ଡଠାରୁ ୧–୨ରେ ସିରିଜ ପରାଜୟବରଣ କରିଥିଲା। ୨୦୧୯ ବିଶ୍ୱକପ୍ ପରେ ଭାରତ ଗତ ୫ଗୋଟି ଟି୨୦ ସିରିଜରେ ଅପରାଜେୟ ରହିଛି। ଏଥିରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ମଧ୍ୟ ସାମିଲ ରହିଛି। ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ ୧–୧ରେ ଡ୍ର ରହିଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ଧୋଇଯାଇଥିଲା।

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଏବେ ପଞ୍ଚମ ସ୍ଥାନରେ ରହିଛି। ଏହି ସିରିଜ ଜିତିଲେ ମଧ୍ୟ ଦଳୀୟ ର୍‍ୟାଙ୍କିଙ୍ଗ୍‌ରେ ସେଭଳି କୌଣସି ବଡ଼ ଧରଣର ପରିବର୍ତ୍ତନ ହେବ ନାହିଁ। ବାକି ୩ଟି ମ୍ୟାଚ୍ ଜିତି ୫–୦ରେ କ୍ଲିପ୍ ସୁଇପ୍ କଲେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥ ସ୍ଥାନରେ ରହିବ। ଅପରପକ୍ଷରେ ନ୍ୟୁଜିଲାଣ୍ଡ ର୍‍ୟାଙ୍କିଙ୍ଗ୍‌ରେ ଷଷ୍ଠ ସ୍ଥାନରେ ରହିଛି। ପାକିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛି।

ଆସନ୍ତା ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଥିବାରୁ ଦଳ ଗଠନ ଉପରେ ଭାରତ ଏବେ ଗୁରୁତ୍ୱ ଦେଉଛି। ଫଳରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବିଭିନ୍ନ ବିଭାଗରେ ପରୀକ୍ଷା ନିରୀକ୍ଷା ଚଳାଇଛି। ଲୋକେଶ ରାହୁଲ ଓ ଶ୍ରେୟାସ ଆୟାର ଦମ୍‌ଦାର ପ୍ରଦର୍ଶନ କରି ମ୍ୟାନେଜମେଣ୍ଟର ଏହି ଏକ୍ସପେରିମେଣ୍ଟକୁ ବେଶ୍ ପରୋକ୍ଷରେ ସହଯୋଗ କରିଛନ୍ତି। ତୃତୀୟ ଟି୨୦ରେ ଭାରତୀୟ ଦଳରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆଶା କରାଯାଉଛି। ମଙ୍ଗଳବାର ଆୟୋଜିତ ଏକ ଅପ୍‌ଶନାଲ ପ୍ରାକ୍ଟିସ ସେସନରେ ଅଧିନାୟକ ବିରାଟ କୋହଲି, ଲୋକେଶ ରାହୁଲ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରା ଯୋଗ ଦେଇଥିଲେ। ସିରିଜରେ ଏପର୍ଯ୍ୟନ୍ତ ଖେଳି ନ ଥିବା ଖେଳାଳିଙ୍କ ସହ ସପୋର୍ଟ ଷ୍ଟାଫ୍‌ମାନେ ମିଳିତ ଭାବେ କାର୍ଯ୍ୟ କରିଛନ୍ତି। ୱାଶିଂଟନ ସୁନ୍ଦରଙ୍କ ଉପରେ ହେଡ୍ କୋଚ୍ ରବି ଶାସ୍ତ୍ରୀ ଓ ରିଷଭ ପନ୍ତଙ୍କ ଉପରେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ନଜର ରଖିଛନ୍ତି। ତେବେ ତୃତୀୟ ମ୍ୟାଚ୍‌ରେ ଏହି ଦୁଇ ଖେଳାଳି ବେଞ୍ଚ୍‌ରେ ବସିବା ନିଶ୍ଚିତ ମନେ ହେଉଛି। ତେବେ ଭାରତୀୟ ଦଳରେ ଗୋଟିଏ ପରିବର୍ତ୍ତନ ହେବା ଆଶା କରାଯାଉଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ବାହାରେ ବସିଥିବା ରିଷ୍ଟ ସ୍ପିନର କୁଲଦୀପ ଯାଦବ ଗ୍ରାଉଣ୍ଡର ଆକାରକୁ ଦୃଷ୍ଟିରେ ରଖି ଦଳରେ ସାମିଲ ହେବା ଆଶା କରାଯାଉଛି। ଅନ୍ୟତମ ରିଷ୍ଟ ସ୍ପିନର ମଧ୍ୟ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ କୁଲଦୀପ ସମସ୍ୟାରେ ପକାଇବାରେ ସମର୍ଥ ହେବେ। ୨୦୧୯ ବିଶ୍ୱକପ୍ ପରେ କୁଲଦୀପ ଓ ଚହଲ ଏକାଠି ଏପର୍ଯ୍ୟନ୍ତ ଖେଳି ନାହାନ୍ତି। ତେବେ ଏହି ଦୁଇଜଣ ପୁଣି ଏହି ମ୍ୟାଚ୍‌ରେ ଏକାଠି ଖେଳିବା ସମ୍ଭାବନା ନାହିଁ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଲରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମଙ୍କ ପାଇଁ ଶେଷ ସୁଯୋଗ ସୃଷ୍ଟି କରିଛି। ଶେଷ ଦୁଇଟି ମ୍ୟାଚ୍‌ରେ ଗ୍ରାଣ୍ଡହୋମଙ୍କ ବଦଳରେ ବ୍ୟାଟ୍ସମ୍ୟାନ ଟମ୍ ବ୍ରୁସ୍ ଖେଳିବେ। ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିଥିଲେ ମଧ୍ୟ ଗ୍ରାଣ୍ଡହୋମ ପ୍ରଥମ ଦୁଇଟି ମ୍ୟାଚ୍‌ରେ ୦ ଓ ୩ ରନ ସଂଗ୍ରହ କରିଥିଲେ। ଭାରତୀୟ ବୋଲିଂ ବିଶେଷକରି ଯଶପ୍ରୀତ ବୁମ୍‌ରାଙ୍କୁ ନେଇ ନ୍ୟୁଜିଲାଣ୍ଡ ଟିମ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ଏହି ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ୯ଗୋଟି ଟି୨୦ରୁ ୭ଟିରେ ବିଜୟୀ ହୋଇଛି। ରେକର୍ଡ ସପକ୍ଷରେ ରହିଥିବା ବେଳେ ଭାରତର ବିଜୟଧାରାକୁ ରୋକିବା ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ ରହିଛି।



ମଙ୍ଗଳବାର ଅଭ୍ୟାସ ଅବସରରେ ରୋହିତ ଶର୍ମା ଓ ରବୀନ୍ଦ୍ର ଜାଡେଜା ଆଲୋଚନାରତ।

### ତୃତୀୟ ଟି୨୦ ଆଜି

- ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ (ଉଇକେଟକିପର), ମନୀଷ ପାଣ୍ଡେ, ରିଷଭ ପନ୍ତ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି ଓ ୱାଶିଂଟନ ସୁନ୍ଦର।
- ନ୍ୟୁଜିଲାଣ୍ଡ ଦଳ: କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ରସ ଟେଲର, ସ୍କଟ ଗୁଗେଲଜିନ, କଲିନ ମୁନରୋ, କଲିନ ଡି ଗ୍ରାଣ୍ଡହୋମ, ଟମ୍ ବ୍ରୁସ, ଡାରିଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫେର୍ଟ (ଉଇକେଟକିପର), ହାମିଶ ବେନେଟ୍ଟ, ଇଶ୍ ସୋଧୀ, ଟିମ୍ ସୌଦି ଓ ବ୍ଲେୟାର ଟିକ୍‌ନେର।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ଅପରାହ୍ଣ ୧୨. ୩୦ | ହାମିଲଟନ | ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ |

### ୬ ପଏଣ୍ଟ ହରାଇଲା ଦକ୍ଷିଣ ଆଫ୍ରିକା

ଜୋହାନ୍ସବର୍ଗ, ୨୮।୧: ଦକ୍ଷିଣ ଆଫ୍ରିକା ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟକୁ ଇଂଲଣ୍ଡ ୧୯୧ ରନ୍‌ରେ ଜିତି ସିରିଜ୍‌କୁ ୩–୧ ବ୍ୟବଧାନରେ ହାତେଇ ନେଇଛି। ଅନ୍ତିମ ଟେଷ୍ଟରେ ଧିମା ବୋଲିଂ ହାର ପାଇଁ ଦକ୍ଷିଣ ଆଫ୍ରିକାକୁ ୬ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ହରାଇବାକୁ ପଡ଼ିଛି। ଫାଫ ଡୁପ୍ଲେସିଙ୍କ ନେତୃତ୍ୱାଧୀନ ଘରୋଇ ଦଳ ଉପରେ ଏହି ଦଣ୍ଡାଦେଶ ଲଗାଇଛନ୍ତି ଆଇସିସି ମ୍ୟାଚ୍ ରେଫରି ଆଣ୍ଡି ପିକ୍ରଫ୍ଟ। ଧାର୍ଯ୍ୟ ସମୟରେ ଦଳ ୩ ଓଭର କମ୍ ବୋଲିଂ କରିଥିଲା ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଟେଷ୍ଟ ଚାମ୍ପିୟନଶିପ ନିୟମ ଅନୁସାରେ ବଳକା ପଡ଼ିଥିବା ଓଭର ପିଛା ୨ ପଏଣ୍ଟ ଲେଖାଏ କାଟ କରାଯାଇଛି। ଏଥିସହିତ ଦଳର ଖେଳାଳିଙ୍କ ମ୍ୟାଚ୍ ଫି’ର ୨୦ ପ୍ରତିଶତ କାଟ କରାଯାଇଛି। ଅଧିନାୟକ ଡୁପ୍ଲେସି ଦଣ୍ଡାଦେଶ ସ୍ୱୀକାର କରିନେଇଥିବାରୁ କୌଣସି ଶୁଣାଣିର ଆବଶ୍ୟକତା ନାହିଁ।

### ମାର୍ଚ୍ଚ ୧୪ରେ ଆଇଏସ୍‌ଏଲ୍ ଫାଇନାଲ

ମୁମ୍ବାଇ, ୨୮।୧ (ପି.ଟି.): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଫାଇନାଲ ମ୍ୟାଚ ମାର୍ଚ୍ଚ ୧୪ରେ ଖେଳାଯିବ। ଫ୍ରାଞ୍ଚାଇଜ୍ ଭିତ୍ତିକ ଇଭେଣ୍ଟର ଆୟୋଜକ ଫୁଟବଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ସେମିଫାଇନାଲର ପ୍ରଥମ ସେଟ୍ ଫେବୃୟାରୀ ୨୯ ଏବଂ ମାର୍ଚ୍ଚ ୧ରେ ଖେଳାଯିବ। ରିଟର୍ନ ଲେଗ୍ ମାର୍ଚ୍ଚ ୭ ଓ ୮ରେ ଖେଳାଯିବ। ହେଲେ ଫାଇନାଲ ମ୍ୟାଚ ପାଇଁ ଏପର୍ଯ୍ୟନ୍ତ ଭେନ୍ୟୁ ସ୍ଥିର ହୋଇ ନାହିଁ। ଫେବୃୟାରୀ ୨୫ରେ ୯୦ତମ ମ୍ୟାଚ ଶେଷ ହେବା ପରେ ଏହି ସିଜନର ଲିଗ୍ ପର୍ଯ୍ୟାୟ ବିଜେତା ସ୍ପଷ୍ଟ ହେବ। ଲିଗ୍‌ର ବିଜେତା ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨୦୨୧ ଗ୍ରୁପ୍ ଷ୍ଟେଜ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବ।

## ଏସିଆନ ଚାମ୍ପିୟନ୍ସ ଲିଗ୍ ଉପରେ ନଜର

ବାଇଚୁଙ୍ଗ ଭୁଟିଆ

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର କ୍ଲାଇମ୍ୟାକ୍ସ ବା ଅନ୍ତିମ ସୋପାନ ଦିନକୁ ଦିନ ବେଶ୍ ରୋମାଞ୍ଚକ ହେବାରେ ଲାଗିଛି। ପ୍ରତ୍ୟେକ ଦୁଇ ଦିନରେ ପଏଣ୍ଟ ଟେବୁଲ୍‌ରେ ଅଦଳବଦଳ ଦେଖିବାକୁ ମିଳୁଛି। ଏହା ଲିଗ୍ ତଥା ଭାରତୀୟ ଫୁଟବଲ ପାଇଁ ନିଶ୍ଚିତ ଭାବେ ଶୁଭଙ୍କର ବୋଲି କୁହାଯାଇପାରେ। ସର୍ବୋପରି ଏସିଆନ ଚାମ୍ପିୟନ୍ସ ଲିଗ୍ (ଏସିଏଲ୍)ର ଏକ ସ୍ଥାନ ଉପରେ କ୍ଲବଗୁଡିକର ନଜର ରହିଛି ଓ ଏହା ନିଶ୍ଚିତ ଭାବେ ଐତିହାସିକ ସାବ୍ୟସ୍ତ ହେବ। ଏସିଏଲ୍‌ର ସ୍ଥାନ ହାସଲ ଦୌଡ଼ରେ ଏଟିକେ, ଏଫ୍‌ସି ଗୋଆ କିମ୍ବା ବେଙ୍ଗାଲୁରୁ ଏଫ୍ ସି ଆଗରେ ରହିଛନ୍ତି। ତେବେ ଓଡ଼ିଶା ଏଫ୍‌ସିକୁ ଏ ନେଇ ଅଣଦେଖା କରିହେବ ନାହିଁ। ଘରୋଇ ଓ ବାହାର ପରିବେଶ୍‌ରେ ଗୋଟିଏ ଦୁଇଟି ଭଲ ଫଳାଫଳ ଓଡ଼ିଶା ପାଇଁ ସୁଯୋଗ ସୃଷ୍ଟି କରିପାରେ। ବୁଧବାର ଓଡ଼ିଶା ଯଦି ଗୋଆକୁ ହରାଇବାରେ ସକ୍ଷମ ହୁଏ ତେବେ ତା’ହେଲେ ଏହି ଦୌଡ଼ରେ ସାମିଲ ହେବ। ଅନ୍ୟପଟେ ବିଜୟୀ ହେଲେ ଗୋଆ ନିକଟରେ ଦୁଇଟି ଘରୋଇ ଓ ଗୋଟିଏ ବାହାର ମ୍ୟାଚ୍ ରହିବ। ଏହି ମ୍ୟାଚ୍‌ଗୁଡିକରେ ଗୋଆ ସଂଘର୍ଷ କରୁଥିବା ଦଳ କିମ୍ବା ପଏଣ୍ଟ ତାଲିକାର ନିମ୍ନରେ ଥିବା ଦଳ ସହ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ଏବେଠାରୁ ଡିଫେନ୍ସ ଉପରେ ଧ୍ୟାନଦେବାର ଆବଶ୍ୟକତା ରହିଛି। ଡିଫେନ୍ସର ଦୁର୍ବଳତା ଦୂର କରିବା ସହ ମିଡ୍‌ଫିଲ୍ଡରେ ମଧ୍ୟ ଦମ୍ ଦେଖାଇବାର ସମୟ ଉପନୀତ ହୋଇଛି। ଏହା ହୋଇପାରିଲେ ଯେ,କୌଣସି ଦଳ ବିଜୟୀ ହୋଇପାରିବ। ଏହା ହେଉଛି ଫୁଟବଲର ସୁନ୍ଦରତା ଓ ନିଷ୍ଠୁରତା ମଧ୍ୟ। ଏବେ ପ୍ରକୃତ ପରୀକ୍ଷାର ବେଳ ଉପନୀତ। କଠୋର ନିଷ୍ପତ୍ତି ତଥା ପଦକ୍ଷେପ ଓ ପରୀକ୍ଷା ଦ୍ୱାରା ଚାମ୍ପିୟନ ସୃଷ୍ଟି ହୋଇଥାନ୍ତି। ଏବେ ଅଭିଜ୍ଞତା ଉପରେ ଦଳଗୁଡିକ ବେଶ୍ ନିର୍ଭରଶୀଳ ହୋଇପଡିଛନ୍ତି। କିନ୍ତୁ ଅଭିଜ୍ଞତା ସହିତ ଯୁବ ଖେଳାଳିମାନେ ମଧ୍ୟ ସମାନ ଭାବେ ଦଳର ସଫଳତାରେ ଯୋଗଦାନ କରିଥାନ୍ତି। ତେବେ ଏକ ବଳିଷ୍ଠ ନେତୃତ୍ୱ ସଫଳତାର ରାସ୍ତା ଦେଖାଇଥାଏ। ଦଳର ପ୍ରତିକୂଳ ପରିସ୍ଥିତିରେ ଅଭିଜ୍ଞ ଖେଳାଳିମାନେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥାନ୍ତି। ଗୋଆର ଆଟାକ ଭଲ ହୋଇଥିଲେ ମଧ୍ୟ ଡିଫେନ୍ସରେ ତ୍ରୁଟି ସୁଧାରିବାର ଆବଶ୍ୟକତା ରହିଛି। ଏଟିକେ ମଧ୍ୟ ବ୍ୟାକ୍‌ରେ ଉନ୍ନତି କରିବାର ଆବଶ୍ୟକତା ରହିଛି। ବେଙ୍ଗାଲୁରୁ ଏଫ୍‌ସି ସନ୍ତୁଳିତ ଲାଗୁଛି ଓ ଦଳରେ ଅଭିଜ୍ଞ ଖେଳାଳି ରହିଛନ୍ତି। ତେବେ ବେଙ୍ଗାଲୁରୁକୁ ସତର୍କତାର ସହ ଖେଳିବାକୁ ହେବ। ନହେଲେ ଏସିଏଲ୍ ପାଇଁ ଯୋଗ୍ୟତା ହାସଲ କଷ୍ଟକର ହୋଇପଡିବ। କେବଳ ଗୋଟିଏ ଦଳ ଏସିଏଲ୍‌ର ଯୋଗ୍ୟତା ହାସଲ କରିବ। ତେଣୁ ୪ଟି ଯାକ ଦଳ ଏବେ ନୂଆ ରଣନୀତି ଓ ଯୋଜନା ନେଇ ପଡିଆକୁ ଓହ୍ଲାଇବେ। ଫଳରେ ଲିଗ୍‌ର ବାକି ମ୍ୟାଚ୍‌ଗୁଡିକ ବେଶ୍ ରୋମାଞ୍ଚକ ହେବ।

–(ଗେମ୍ ପ୍ଲାନ)

#WhatDrivesYou
EXIDE

## ଓଡ଼ିଶା ଏଫ୍‌ସି–ଗୋଆ ମ୍ୟାଚ ଆଜି

ଭୁବନେଶ୍ୱର, ୨୮।୧(କ୍ରୀଡ଼ା ପ୍ରତିନିଧି)

ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ସିଜନର ଏକ ହେଭିୱେଟ ମୁକାବିଲାରେ ବୁଧବାର ପରସ୍ପରକୁ ଭେଟିବାକୁ ଯାଉଛନ୍ତି ଓଡ଼ିଶା ଏଫସି ଓ ଶକ୍ତିଶାଳୀ ଏଫସି ଗୋଆ। ଘରୋଇ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫସି ଏପର୍ଯ୍ୟନ୍ତ ଖେଳିଥିବା ମ୍ୟାଚରେ ଶତପ୍ରତିଶତ ବିଜୟ ରେକର୍ଡ ବହନ କରୁଛି। ତେଣୁ ଏହି ଧାରା ବଜାୟ ଲକ୍ଷ୍ୟରେ ରହିଛି। ଏଠାରେ କ୍ରମାଗତ ୪ ମ୍ୟାଚ ଜିତିବାପରେ ଜୋସେପ୍ ଗୋମ୍ବାଉଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଗତ ସପ୍ତାହରେ ବେଙ୍ଗାଲୁରୁଠାରେ ୦–୩ ଗୋଲରେ ବେଙ୍ଗାଲୁରୁ ଏଫସି ନିକଟରୁ ପରାଜିତ ହୋଇଥିଲା। ଏବେ ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ବିଜୟଧାରାକୁ ଫେରିବାକୁ ଲକ୍ଷ୍ୟ ରଖିଛି ଓଡ଼ିଶା ଏଫସି।

### ସାଣ୍ଟାନାଙ୍କ ସ୍ଥାନରେ ମାନୁଏଲ

ଓଡ଼ିଶା ଏଫ୍‌ସିର ତାରକା ଷ୍ଟ୍ରାଇକର ଆରିଡାନେ ସାଣ୍ଟାନା ଆହତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ତେଣୁ ତାଙ୍କ ସ୍ଥାନରେ ସ୍ପାନିଶ୍ ଫରୱାର୍ଡ ମାନୁଏଲ ଓନୁଙ୍କୁ ଓଡ଼ିଶା ଏଫ୍‌ସି ଋଣ ସୂତ୍ରରେ ଆଣିଛି। ୩୨ ବର୍ଷୀୟ ଓନୁ ୨୦୧୯ ସିଜନ ଆରମ୍ଭରେ ବେଙ୍ଗାଲୁରୁ ଏଫସି ଦଳରେ ଯୋଗ ଦେଇଥିଲେ। ଏବେ ସେ ଚଳିତ ସିଜନ ଶେଷ ପର୍ଯ୍ୟନ୍ତ ଓଡ଼ିଶା ଏଫସି ପକ୍ଷରୁ ଖେଳିବେ। ସାଣ୍ଟାନା ୧୪ ମ୍ୟାଚରୁ ୯ ଗୋଲ ଦେଇ ଓଡ଼ିଶା ଏଫସି ପାଇଁ ମ୍ୟାଚ ବିଜେତା ସାଜିଥିଲେ। ଏବେ ଓନୁ ତାଙ୍କ ସ୍ଥାନ ପୂରଣ କରିପାରିବେ ବୋଲି ଆଶା ରଖିଛନ୍ତି କୋଚ୍ ଗୋମ୍ବାଉ। ଓଡ଼ିଶା ଏଫସି ଏବେ ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଗୋଆ ବିପକ୍ଷରେ ବିଜୟ ହାସଲ କରିପାରିଲେ ଦଳର ଏହି ସ୍ଥାନ ଅଧିକ ମଜଭୁତ ହୋଇଯିବ। ତେବେ ମନେ ପକାଇ ଦିଆଯାଇପାରେ ଯେ, ଚଳିତ ସିଜନର ଟପ୍–୩ ଟିମ୍ ଏଟିକେ, ଏଫସି ଗୋଆ ଓ ବେଙ୍ଗାଲୁରୁ ଏଫସି ବିପକ୍ଷରେ ଓଡ଼ିଶା ଏଫସି ଏପର୍ଯ୍ୟନ୍ତ ଗୋଲ ଦେବାରେ ସକ୍ଷମ ହୋଇନାହିଁ। ତେଣୁ ଦଳପାଇଁ ଆଗାମୀ ମ୍ୟାଚ ନିଶ୍ଚିତ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ।

ଆହତ ଥିବାରୁ ଆଗାମୀ ମ୍ୟାଚରେ ଓଡ଼ିଶା ଏଫସି ପକ୍ଷରୁ ମାର୍କୋସ ଟେବାର ଖେଳିବା ସମ୍ଭାବନା କମ୍। ସେହିପରି ଓଡ଼ିଆ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଓ କାର୍ଲୋସ ଡେଲ୍‌ଗାଡୋ ୪ ହଳଦିଆ କାର୍ଡ ପାଇସାରିଥିବାରୁ ଆଗାମୀ ମ୍ୟାଚ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି। “ଚଳିତ ଲିଗ୍‌ରେ ଗୋଆ ଅନ୍ୟତମ ଶ୍ରେଷ୍ଠ ଦଳ। ସେମାନେ କିପରି ଖେଳନ୍ତି ତାହା ଆମେ ଭଲଭାବେ ଜାଣୁ। ଆମେ ନିଜ ଷ୍ଟାଇଲ୍‌ରେ ଖେଳିବୁ। ଆଗାମୀ ମ୍ୟାଚ ପାଇଁ ଆମେ ପ୍ରସ୍ତୁତ” ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଗୋମ୍ବାଉ।

ଅନ୍ୟପକ୍ଷରେ ଗୋଆ ବାହାର ପରିବେଶରେ କ୍ରମାଗତ ୨ଟି ପରାଜୟ ପରେ ଏହି ମ୍ୟାଚ ଖେଳିବାକୁ ଯାଉଛି। ତେବେ କୋଚ୍ ସର୍ଗିଓ ଲୋବେରା ଆଗାମୀ ମ୍ୟାଚରେ ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ। ଦଳ ଅହମଦ ଜାହୋଉଙ୍କ ଅନୁପସ୍ଥିତି ଅନୁଭବ କରିବ। ଏପରି ସ୍ଥିତିରେ ହ୍ୟୁଗୋ ବୌମୋସଙ୍କ ଉପରେ ଅତିରିକ୍ତ ଚାପ ରହିବ। ସେ ଚଳିତ ସିଜନରେ ୬ଟି ଗୋଲ ଦେଇ ସାରିଥିବାବେଳେ ୪ଟି ଗୋଲ ହେବାରେ ସହାୟତା କରିଛନ୍ତି। ଇଡୁ ବେଡିଆ ମଧ୍ୟ ଲାଇନ୍–ଅପ୍‌ରେ ସ୍ଥାନ ପାଇବା ସମ୍ଭାବନା ବଢ଼ିଛି। “ଚଳିତ ସିଜନ ସମସ୍ତ ଦଳପାଇଁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଏବଂ କଷ୍ଟସାଧ ହୋଇଛି। ଆମ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ। ଆମେ ପଏଣ୍ଟ ଟେବୁଲରେ ଶୀର୍ଷସ୍ଥାନ ଅଧିକାର ସହ ଆଇଏସଏଲ ଜିତିବାକୁ ଚାହୁଁଛୁ। ଆମେ ସେହି ଲକ୍ଷ୍ୟରେ ଅଗ୍ରଗତି କରୁଛୁ” ବୋଲି ଲୋବେରା ପ୍ରକାଶ କରିଛନ୍ତି।




ମାନୁଏଲ ଓନୁ

### ଇଣ୍ଡିଆନ ସୁପରଲିଗ୍

ମ୍ୟାଚ ଆରମ୍ଭ: ରାତି ୭ଟା ୩୦

ସ୍ଥାନ: କଳିଙ୍ଗ ଷ୍ଟାଡିୟମ





କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଅଭ୍ୟାସ ସେସନରେ ଏଫ୍‌ସି ଗୋଆ ଓ ଓଡ଼ିଶା ଏଫ୍‌ସି ଦଳର ଖେଳାଳିମାନେ। (ଫଟୋ: ବିକାଶ ନାୟକ)

# ଦୃଢ଼ ସ୍ଥିତିରେ ଓଡ଼ିଶା

## ସେମିଫାଇନାଲରେ ଭାରତ



ଉଇକେଟ ନେବା ପରେ କାର୍ତ୍ତିକ ତ୍ୟାଗୀଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍

**ପୋଚେଫଷ୍ଟ୍ରୁମ୍, ୨୮।୧ (ପି.ଟି.):** ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ଗତଥରର ଚାମ୍ପିୟନ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତ ୭୪ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୩୩ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୩.୩ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତୀୟ ଡାହାଣହାତୀ ଦ୍ରୁତ ବୋଲର କାର୍ତ୍ତିକ ତ୍ୟାଗୀ ୭ ଓଭର ବୋଲିଂ କରି ମାତ୍ର ୨୨ ରନ ବ୍ୟୟ କରିବା ସହ ୪ ଉଇକେଟ ଅକ୍ତିଆର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୨୩୪ ରନ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆ ପ୍ରଥମ ଓଭରରେ ୩ଟି ଉଇକେଟ ହରାଇଥିଲା। ପ୍ରଥମ ବଲ୍‌ରେ ଜେମ୍ ଫ୍ରାସର-ମ୍ୟାକ୍‌ଗୁର୍କ (୦) ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାପରେ ତ୍ୟାଗୀ ଅଧିନାୟକ ମ୍ୟାକେଞ୍ଜି ହାର୍ଭି (୪) ଓ ଲାଚଲାନ ହେର୍ନେ(୦)ଙ୍କୁ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ବଲ୍‌ରେ ଆଉଟ କରିଥିଲେ। ଦଳର ୮ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଓପନର ସାମ ଫାନିଙ୍କ ୭୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ପାଟ୍ରିକ ରୋଏ ୨୧ ଓ ଲିଆମ ସ୍କଟ୍ ୩୫ ରନ କରି ଆଉଟ ହୋଇଥିଲେ। ଅନ୍ୟତମ ଭାରତୀୟ ଦ୍ରୁତ ବୋଲର ଆକାଶ ସିଂଙ୍କ ଓଭରରେ ୩ଟି ବଲ୍‌ରେ କ୍ରମାଗତ ୩ ଉଇକେଟ ପତନ ଭାରତର ବିଜୟକୁ ସହଜ କରିଥିଲା। ଭାରତ ତରଫରୁ ତ୍ୟାଗୀ ସର୍ବାଧିକ ୪, ଆକାଶ ୩, ରବି ବିଷ୍ଣୋଇ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ବ୍ୟାଟିଂରେ ଭାରତ ତରଫରୁ ଓପନର ଯଶସ୍ୱୀ ଜୟସ୍ୱାଲ ସର୍ବାଧିକ ୬୨, ଅର୍ଥବ ଆଙ୍କୋଲେକର ଅପରାଜିତ ୫୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୋରେ କେଲି ଓ ଟୋଡ୍ ମର୍ଫି ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର :** ଭାରତ ୫୦ ଓଭରରେ ୨୩୩/୯, (ଜୟସ୍ୱାଲ- ୬୨, ଆଙ୍କୋଲେକର- ୫୫*, ବିଷ୍ଣୋଇ- ୩୦, ବୀର -୨୫, କେଲି- ୨/୪୫, ମର୍ଫି- ୨/୪୦ )। ଅଷ୍ଟ୍ରେଲିଆ ୪୩.୩ ଓଭରରେ ୧୫୯ ଅଲଆଉଟ (ଫାନିଂ- ୭୫, ସ୍କଟ- ୩୫, ରାଏ-୨୧, ତ୍ୟାଗୀ- ୪/୨୪, ଆକାଶ- ୩/୩୦)।

**କଟକ ଅଫିସ,୨୮।୧**

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ଆସାମ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଘରୋଇ ପରିବେଶରେ ଓଡ଼ିଶାର ପ୍ରଦର୍ଶନ ଆସାମ ଉପରେ ଭାରି ରହିଛି। ଓଡ଼ିଶାର ପ୍ରଥମ ଇନିଂସରେ ୪୩୭ରନ କରିବାପରେ ଆସାମ ୩ ଉଇକେଟ ବିନିମୟରେ ୫୯ରନ କରିଛି। ମ୍ୟାଚ୍‌ର ୩ୟ ଦିବସ ତଥା ବୁଧବାର ଖେଳର ପ୍ରଥମ ସେସନ୍‌ରେ ଆସାମକୁ ଅଲଆଉଟ କରି ମ୍ୟାଚ୍‌କୁ ନିଜ କବ୍‌ଜାକୁ ନେବା ଲକ୍ଷ୍ୟରେ ରହିଛି ଓଡ଼ିଶା।

### ରଣଜୀ ଟ୍ରଫି
### ଅଭିଷେକ-ଦେବବ୍ରତଙ୍କ ଶତକୀୟ ଭାଗୀଦାରି

ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩ ଉଇକେଟ ହରାଇ ୨୧୫ରନ କରିଥିଲା। ଗୋବିନ୍ଦ ପୋଦ୍ଦାର ୫୪ରନରେ ଓ ବିପ୍ଳବ ସାମନ୍ତରାୟ ୩୨ରନରେ ଅପରାଜିତ ଥିଲେ। ମଙ୍ଗଳବାର ଖେଳ ଆରମ୍ଭର ୩ୟ ଓଭରରେ ଗୋବିନ୍ଦଙ୍କୁ ୫୮ରନରେ ରଞ୍ଜିତ ମାଲି ଏଲବିଡବ୍ଲ୍ୟୁ କରିଥିଲେ। ପରବର୍ତ୍ତୀ ଓଭରରେ ଅରୂପ ଦାସଙ୍କ ଶିକାର ହୋଇଥିଲେ ବିପ୍ଳବ। ବିପ୍ଳବ ୩୭ରନ କରିଥିବା ବେଳେ କ୍ଲିନ୍ ବୋଲ୍ଡ ହୋଇଥିଲେ। ୨୨୪ରନରେ ଓଡ଼ିଶା ୫ମ ଉଇକେଟ ହରାଇଥିଲା। ତେବେ ଅଭିଷେକ ରାଉତ ଓ ଦେବବ୍ରତ ପ୍ରଧାନଙ୍କ ଶତକୀୟ ଭାଗୀଦାରି ଯୋଗୁ ଦଳୀୟ ସ୍କୋର ୪୦୦ ଅତିକ୍ରମ କରିଥିଲା। ଉଇକେଟ କିପର ରାଜେଶ ଧୁପର ୧୩ରନରେ ୬ଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହେବା ପରେ ଅଭିଷେକ-ଦେବବ୍ରତ ୭ମ ଉଇକେଟ ଯୋଡ଼ିରେ ୧୩୦ରନ ସଂଗ୍ରହ କରିଥିଲେ। ଅଭିଷେକ ୮୧ବଲରୁ ଓ ଦେବବ୍ରତ ୮୮ବଲରୁ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଅଭିଷେକ ୭୧ରନ କରିଥିବା ବେଳେ ପ୍ରିତମ ଦାସଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ତାଙ୍କ ଇନିଂସରେ ୯ଟି ଚୌକା ଦେଖିବାକୁ ମିଳିଥିଲା। ବ୍ୟାଟିଂ କ୍ରମ ୯ନଂରେ ସୂର୍ଯ୍ୟକାନ୍ତ ପ୍ରଧାନ କ୍ରିଜ୍‌କୁ ଆସିବା ମାତ୍ରେ ଆକ୍ରମଣାତ୍ମକ ଶୈଳୀରେ ଖେଳିଥିଲେ। ତେବେ ଡ୍ରିଙ୍କ୍ସ ବ୍ରେକ୍‌ର ପୂର୍ବ ଓ ପରବର୍ତ୍ତୀ ଓଭରରେ ଓଡ଼ିଶା ୨ଟି ଉଇକେଟ ହରାଇଥିଲା। ଦେବବ୍ରତ ୭୯ରନରେ ଓ ରାଜେଶ ମହାନ୍ତି ୧୨ରନରେ ପ୍ୟାଭିଲିୟନ ଫେରିଥିଲେ। ୧୫ବଲରୁ ୩ ଚୌକା ଓ ୧ ଛକା ବଳରେ ସୂର୍ଯ୍ୟକାନ୍ତ ୩୧ରନ କରି ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ଆସାମ ପକ୍ଷରୁ ଅରୂପ ଦାସ ଓ ରଞ୍ଜିତ ମାଲି ୪ଟି ଲେଖାଏ ଉଇକେଟ ହାସଲ କରିଥିବା ବେଳେ ପ୍ରୀତମ ଦାସ ୨ଟି ଉଇକେଟ ପାଇଥିଲେ।

ପ୍ରଥମ ଇନିଂସ ଆରମ୍ଭ କରି ଆସାମ ୩୩ଓଭର ଖେଳି ୩ ଉଇକେଟ ବିନିମୟରେ ମାତ୍ର ୫୯ରନ କରିଛି। ଦ୍ୱିତୀୟ ଓଭରର ଶେଷ ବଲରେ ବସନ୍ତ ଆସାମର ଓପନର ବିପ୍ଳବ ସାଇକିଆଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ଅନ୍ୟତମ ଓପନର ଶୁଭମ ମଣ୍ଡଳ ୧୨ରନରେ ସୂର୍ଯ୍ୟକାନ୍ତଙ୍କ ଶିକାର ହୋଇଥିଲେ। ଗୋକୁଳ ଶର୍ମା ୮ରନରେ ରନଆଉଟ ହୋଇଥିବା ବେଳେ ରିଷଭ ଦାସ ୨୪ ଓ ରିୟାନ ପରାଗ ୧୪ରନରେ ଅପରାଜିତ ଅଛନ୍ତି। ପ୍ରଥମ ଇନିଂସରେ ଆସାମ ୩୭୭ରନ ପଛରେ ରହିଛି।



ଓଡ଼ିଶା ପାଇଁ ମୂଲ୍ୟବାନ ଶତକୀୟ ଭାଗୀଦାରି ଗଢ଼ିଥିବା ଅଭିଷେକ ରାଉତ ଓ ଦେବବ୍ରତ ପ୍ରଧାନ।

### ଫଲୋଅନ ଦେବାକୁ ଚେଷ୍ଟା କରିବୁ

ପିଚ୍ ଏବେ ସାମାନ୍ୟ ଧିମା ହୋଇଛି। ତଥାପି ପେସ୍ ବୋଲରମାନଙ୍କ ପ୍ରାଧାନ୍ୟ ରହିବ। ୩ୟ ଦିବସର ପ୍ରଥମ ସେସନ ଖେଳ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ସେସନ୍‌ରେ ଆସାମକୁ ଅଲଆଉଟ କରିବାକୁ ଲକ୍ଷ୍ୟ ରଖିଛୁ। ଅଳ୍ପ ରନରେ ଅଲଆଉଟ କରିବା ସହ ଫଲୋଅନ ଦେଇ ପୁନର୍ବାର ବ୍ୟାଟିଂ ଆମନ୍ତ୍ରଣ କରିବାକୁ ଚେଷ୍ଟା କରିବୁ ବୋଲି ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି କହିଛନ୍ତି।

### ସୂର୍ଯ୍ୟକାନ୍ତଙ୍କ ସୁପର ଫିଲ୍ଡିଂ

ଆସାମ ଅଧିନାୟକ ଗୋକୁଳ ଶର୍ମାଙ୍କୁ ରନଆଉଟ କରିବା ଓଡ଼ିଶା ନିମନ୍ତେ ଏକ ବଡ ବ୍ରେକଥ୍ରୁ ଥିଲା। ଆସାମ ଅତ୍ୟନ୍ତ ଧିମା ଗତିରେ ବ୍ୟାଟିଂ କରିବା ସହିତ ଭାଗୀଦାରି ଯୋଡ଼ିବାକୁ ଚେଷ୍ଟା କରୁଥିଲା। ଅଧିନାୟକ ଗୋକୁଳ ମିଡ୍‌ଅନ ଅଞ୍ଚଳକୁ ମାରିଥିବା ଏକ ଶଟ୍‌କୁ ସୂର୍ଯ୍ୟକାନ୍ତ ଚମତ୍କାର ଫିଲ୍ଡିଂ କରି ଅଟକାଇ ଦେଇଥିଲେ। ଇତି ମଧ୍ୟରେ ଗୋକୁଳ ବୋଲିଂ ପାର୍ଶ୍ୱ ପର୍ଯ୍ୟନ୍ତ ପହଞ୍ଚିଯାଇଥିଲେ। ହେଲେ ରିଷଭ ଅନ୍ୟ ପାର୍ଶ୍ୱରୁ ରନ ନ ନେବା ଫଳରେ ଗୋକୁଳଙ୍କୁ ଫେରିବାକୁ ପଡ଼ିଥିଲା। ସୂର୍ଯ୍ୟକାନ୍ତ ବଲକୁ ଥ୍ରୋ କରିଥିଲେ ସୁଦ୍ଧା ଏହା ଉଇକେଟ କିପର ରାଜେଶଙ୍କ ହାତରୁ ମିସ୍ ହୋଇଥିଲା। ପରେ ଗୋବିନ୍ଦ ଓ ଅଭିଷେକଙ୍କ ସହାୟତାରେ ଗୋକୁଳ ରନ୍‌ଆଉଟ୍ ହୋଇଥିଲେ।

ଜନ୍ମଦିନ ଶୁଭେଚ୍ଛା



ହେତଲ ଦେବତା (ହେତଲ)
୧୧ତମ ଜନ୍ମଦିବସରେ ପାପା, ମମି, ବାବା, ମା’, ଅଜା, ଆଈ, ମାମୁ, ରାଜୁ ମାମୁଙ୍କ ଆଶୀର୍ବାଦ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଧ-୬୮୮୧୪

ବ୍ରତୋପନୟନ ଉପଲକ୍ଷେ



ଆଜି ଶିବ ପ୍ରସାଦ (ବାପି)ଙ୍କ ବ୍ରତୋପନୟନ।
ପ୍ରଭୁ ଶ୍ରୀଜଗନ୍ନାଥ ତୁମର ଚଲାପଥ ସଦାସର୍ବଦା କୁସୁମିତ କରନ୍ତୁ, ଏହାହିଁ ପ୍ରାର୍ଥନା।
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଶୁଭେଚ୍ଛା ସହ:
ଲିଜା, ଘୁମ, ବାବୁଲି, ଲିପି, ସୁଶାନ୍ତ, ଲକି
ଧ-୫୬୧୮୮

ବ୍ରତୋପନୟନ ଶୁଭେଚ୍ଛା



ଜାଣି ଖୁସି ହେବେ, ମୋର ନାତି ଆୟୁଷ୍ମାନ ରାମକୃଷ୍ଣର ବ୍ରତୋପନୟନ ଆମ ଗାଁ କଣଭାଗ, ହିଞ୍ଜିଳିକାଟରେ ଜାନୁଆରୀ ୨୯ରେ ଅନୁଷ୍ଠିତ ହେଉଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ତା’ର ଲମ୍ବା ଯାତ୍ରାର ପଥ ସଫଳ ହେଉ, ଏହାହିଁ କାମନା। ନିରଞ୍ଜନ, ପିଙ୍କିନି, ବନ୍ଧୁ ଓ ପାଣିଗ୍ରାହୀ ପରିବାରବର୍ଗ ସହ ଦିଲ୍ଲୀପ୍ ସାମନ୍ତରାୟ (DD News) ଦମୟନ୍ତୀ ଏବଂ ସନ୍ତୋଷ ପାଣିଗ୍ରାହୀ।
ଧ-୧୬୪୪୦

## ଆଇପିଏଲ୍ ପୂର୍ବରୁ ହେବ ଅଲଷ୍ଟାର ମ୍ୟାଚ୍

**ନୂଆଦିଲ୍ଲୀ, ୨୮।୧:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚଳିତବର୍ଷ ଆଇପିଏଲ ପୂର୍ବରୁ ଏକ ଅଲଷ୍ଟାର ମ୍ୟାଚ୍ ଆୟୋଜନ କରିବ। ଏଥିରୁ ଆୟ ହୋଇଥିବା ଅର୍ଥ ଚ୍ୟାରିଟି ପାଇଁ ଖର୍ଚ୍ଚ ହେବ। ଦୁଇ ଦଳର ଖେଳାଳିଙ୍କୁ ରେଜିଷ୍ଟର ଆଇପିଏଲ ଖେଳାଳିଙ୍କ ତାଲିକାରୁ ଚୟନ କରାଯିବ। ମ୍ୟାଚ୍‌ଟି ପ୍ରଥମ ଆଇପିଏଲ ମ୍ୟାଚ୍‌ର ତିନିଦିନ ପୂର୍ବରୁ ଖେଳାଯିବ ବୋଲି ବିସିସିଆଇ ନିଷ୍ପତ୍ତି ନେଇଛି। ଆମେ ଦୁଇ ଦଳର ନାମ ସମ୍ପର୍କରେ ନିଷ୍ପତ୍ତି ନେଇନାହୁଁ। କିନ୍ତୁ ଗୋଟିଏ ଦଳରେ ଆଇପିଏଲରେ ଖେଳୁଥିବା ବିଦେଶ ଖେଳାଳି ରହିବେ। ପ୍ରତ୍ୟେକ ବର୍ଷ ଏହି ମ୍ୟାଚ୍ ଖେଳାଯିବ। ଆମେ ଭେନ୍ୟୁ ମଧ୍ୟ ଧାର୍ଯ୍ୟ କରିନାହୁଁ। କିନ୍ତୁ ଅହମ୍ମଦାବାଦରେ ଖେଳାଯିବ ନାହିଁ। ନୂଆ ଷ୍ଟାଡିୟମ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇନାହିଁ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଆଇପିଏଲ ଗଭର୍ନିଂ କାଉନ୍ସିଲ ବୈଠକ ପରେ କହିଛନ୍ତି। ସେ ଆହୁରି କହିଛନ୍ତି ଆଇପିଏଲରେ ଖେଳାଳିଙ୍କ ମୁଣ୍ଡରେ ବଲ ବାଜିଲେ ବଦଳ ଖେଳାଳି ଖେଳିବା ଲାଗି ମଧ୍ୟ ନିଷ୍ପତ୍ତି ହୋଇଛି। ଏହି ନିୟମ ଅନ୍ତର୍ଜାତୀୟ କ୍ରିକେଟରେ ଗତବର୍ଷଠାରୁ ଲାଗୁ ହୋଇସାରିଛି। ଏଥିସହିତ ତୃତୀୟ ଅମ୍ପାୟର ନୋ ବଲ ଉପରେ ନଜର ରଖିବ।

## ମୁନା ବାରିକଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର, ୨୮।୧(କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ପୂର୍ବତନ ସିପକ୍‌ଟାକ୍ର ଖେଳାଳି ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସହ ଦୀର୍ଘଦିନଧରି ଜଡ଼ିତ ମୁନା ବାରିକ(୩୨)ଙ୍କ ଅକାଳ ବିୟେଗରେ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। କ୍ଲବର କାର୍ଯ୍ୟାଳୟରେ ମଙ୍ଗଳବାର ସଭାପତି ତପନ ମହାନ୍ତି, ଉପ-ସଭାପତି ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ଦିଲୀପ ଦାସ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ମୁନାଙ୍କ ସ୍ମୃତିଚାରଣ କରିଥିଲେ। ୟୁନିଟ-୬ ପକ୍ଷରୁ ଆୟୋଜିତ ଗତ ବିଜୁ ପଟ୍ଟନାୟକ ଗୋଲ୍ଡକପ୍ ଫୁଟବଲ ଟୁର୍ନାମେଣ୍ଟ ଅବସରରେ ମୁନା ଶେଷଥରପାଇଁ ୧୬ ବର୍ଷରୁ କମ୍ ଫାଓ ଇଲେଭେନ ଟିମ୍ ନେଇ ଆସିଥିଲେ। ନିଜର ମେଳାପି ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠା ଯୋଗୁ କେବଳ ଫାଓ କାର୍ଯ୍ୟାଳୟ ନୁହେଁ ସମସ୍ତ କ୍ରୀଡ଼ା ସଂଘରେ ସେ ବେଶ୍ ପରିଚିତ ଥିଲେ। ପ୍ରକାଶଯୋଗ୍ୟ ଯେ, ଗତ ୨୦ ତାରିଖରେ ଟ୍ରେନ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ମୁନା ସୋମବାର ମୃତ୍ୟୁବରଣ କରିଥିଲେ।

## ଫେଡରର-ଜୋକୋଭିଚ୍ ସେମିଫାଇନାଲ



ବିଜୟ ହାସଲ ପରେ ରୋଜର ଫେଡରର।

**ମେଲବୋର୍ନ, ୨୮।୧ (ଏଏଫ୍‌ପି)**

ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଏକ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ ଦୁଇ ଷ୍ଟାର ଖେଳାଳି ସୁଇଜରଲାଣ୍ଡର ରୋଜର ଫେଡରର ଏବଂ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ହେବ। ମଙ୍ଗଳବାର ଅନୁଷ୍ଠିତ ଏକ କ୍ୱାର୍ଟର ଫାଇନାଲରେ ଫେଡରର ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଏଠାରେ ୬ଥର ଚାମ୍ପିୟନ ୧୦୦ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ୍ ସ୍ୟାଣ୍ଡଗ୍ରେନ୍‌ଙ୍କୁ ୬-୩, ୨-୬, ୨-୬, ୭-୬ (୧୦/୮), ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ୩୮ ବର୍ଷୀୟ ଫେଡରର ଏହି ରୋମାଞ୍ଚକ ମ୍ୟାଚରେ ୭ ମ୍ୟାଚ୍ ପଏଣ୍ଟ ସେଭ୍ କରିଥିଲେ। ଅନ୍ୟପକ୍ଷରେ ୮ମ ମେଲବୋର୍ନ ଟାଇଟଲ ଅଭିଯାନରେ ଥିବା ଜୋକୋଭିଚ୍ ଅନ୍ୟଏକ କ୍ୱାର୍ଟରଫାଇନାଲରେ ମିଲୋସ ରାଓନିକ୍‌ଙ୍କୁ ୬-୪, ୬-୩, ୭-୬ (୭/୧) ସେଟ୍‌ରେ ହରାଇ ଦେଇଛନ୍ତି। ରାଓନିକ୍ ଏହି ଟୁର୍ନାମେଣ୍ଟରେ କ୍ରମାଗତ ୬୩ ମ୍ୟାଚରେ ସର୍ଭିସ ବ୍ରେକ୍ କରି ନ ଥିଲେ। କଣ୍ଟାକ୍ଟ ଲେନ୍ସ ପାଇଁ ଅଡୁଆ ଅନୁଭବ କରୁଥିଲେ ସୁଦ୍ଧା ରାଓନିକ୍‌ଙ୍କ ଏହି ଧାରାରେ ବ୍ରେକ୍ ଲଗାଇଥିଲେ। ସେ ଗୋଟିଏ ଗେମ୍‌ରେ ପରାଜିତ ହୋଇଥିଲେ ହେଲେ ସହଜରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ମହିଳା ସିଙ୍ଗଲ୍ସରେ ଆଶଲେ ବାର୍ଟି ପ୍ରଥମ ଥର ଅଷ୍ଟ୍ରେଲିଆନ ଓପନ ସେମିଫାଇନାରେ ପ୍ରବେଶ କରିଛନ୍ତି। ବାର୍ଟି ୭-୬, (୮/୬), ୬-୨ ସେଟ୍‌ରେ ଦୁଇଥର ୱିମ୍ବେଲଡନ ଚାମ୍ପିୟନ ପେଟ୍ରା କ୍ୱିଟୋଭାଙ୍କୁ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ଆମେରିକାର ସୋଫିଆ କେନିନ୍‌ଙ୍କୁ ଭେଟିବେ। ୨୧ ବର୍ଷୀୟା କେନିନ୍ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କ ବିପକ୍ଷରେ ୬-୪, ୬-୪ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ଜାବେଉର ପ୍ରଥମ ଆରବୀୟ ମହିଳା ଭାବେ ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ।

## ଦୁଇପାଦ ଆଗରେ ଭାରତ

SEAGRAM'S
ROYAL STAG
MEGA MUSIC CDs

**ଭିଭିଏସ୍ ଲକ୍ଷ୍ମଣ**

ଅକ୍‌ଲାଣ୍ଡର ଇଡେନ ପାର୍କରେ ପ୍ରଥମ ଦୁଇଟି ଟି୨୦ରେ ବିଜୟୀ ହୋଇ ଭାରତ ଆତ୍ମବିଶ୍ୱାସ ଦୃଢ଼ କରିଛି ଓ ଭାରତ ଚଳିତ ସିରିଜରେ ଘରୋଇ ନ୍ୟୁଜିଲାଣ୍ଡଠାରୁ ଦୁଇ ପାଦ ଆଗରେ ରହିଛି। ଏଥିସହିତ ଭାରତ ପୂରା ଢଙ୍ଗରେ ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିଛି। ସିରିଜରେ ୨-୦ରେ ଅଗ୍ରଣୀ ହୋଇଥିଲେ ମଧ୍ୟ ଭାରତ କୌଣସି ମୁକାବିଲାକୁ ହାଲ୍‌କା ଭାବେ ନେବ ନାହିଁ ବୋଲି ଅଧିନାୟକ ବିରାଟ କୋହଲି କହିଛନ୍ତି। ଏହ ନିଶ୍ଚିତ ଭାବେ ଏକ ବଡ଼ କଥା। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛି। ଖାସ୍ କରି ଲୋକେଶ ରାହୁଲ ଓ ଶ୍ରେୟାସ ଆୟାର ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଆୟାର ପ୍ରତି ମ୍ୟାଚ୍‌ରେ ଉନ୍ନତି ପ୍ରଦର୍ଶନ କରୁଛନ୍ତି। ୪ ନମ୍ବରରେ ସେ ଆଶାନୁରୂପ ପ୍ରଦର୍ଶନ କରି ନିଜ ସ୍ଥାନ ଦୃଢ଼ କରିଛନ୍ତି। ରାହୁଲ ମଧ୍ୟ ଏବେ ଚମତ୍କାର ଫର୍ମରେ ରହି ଦଳ ପାଇଁ ଟ୍ରମ୍ପକାର୍ଡ ସାବ୍ୟସ୍ତ ହୋଇଛନ୍ତି। ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ଅବଦାନକୁ ମଧ୍ୟ ଅଣଦେଖା କରିହେବ ନାହିଁ। ତାଙ୍କୁ ଯେତେ ପ୍ରଶଂସା କଲେ କମ୍ ହେବ। ମାପ୍‌ଚୁପ ବୋଲିଂ କରି ସେ ବ୍ୟାଟ୍ସମ୍ୟାନଙ୍କ ସମସ୍ୟା ବଢ଼ାଇଛନ୍ତି। ଇଡେନ ପାର୍କରେ ଗତ ରବିବାର ଭାରତୀୟ ବୋଲରମାନେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରି ଭାରତ ନ୍ୟୁଜିଲାଣ୍ଡକୁ ପଛରେ ପକାଇଛି। ସିରିଜର ଆଗାମୀ ମ୍ୟାଚ୍‌ରେ ଏହା ଦେଖିବାକୁ ମିଳିବ ବୋଲି କୁହାଯାଇପାରେ।

-(ଗେମ୍ ପ୍ଲାନ)

# ରାଜ୍ୟ ବଡିବିଲ୍ଡିଂରେ ଆର୍ଥିକ ଅନିୟମିତତା ଅଭିଯୋଗ

**ଭୁବନେଶ୍ୱର, ୨୮।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନରେ ଆର୍ଥିକ ଅନିୟମିତତା ହେଉଛି। ଏପରି ଗୁରୁତର ଅଭିଯୋଗ ଆଣିଛନ୍ତି ଗଞ୍ଜାମ ଜିଲା ଆମେଚର ବଡିବିଲ୍ଡିଂ ଆସୋସିଏଶନ ସମ୍ପାଦକ ଏସ୍. ରାଜେଶ ବାବୁ ଆଚାରୀ। ରାଜ୍ୟ ସଂସ୍କୃତି ବିଭାଗରୁ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନକୁ ୧ ଲକ୍ଷ ଟଙ୍କା ଆସିଥିଲା। ତାହା ଆସୋସିଏଶନ ଆକାଉଣ୍ଟକୁ ନ ଆସି କୋଷାଧ୍ୟକ୍ଷ ତରୁଣ କୁମାର ଚାଟାର୍ଜୀଙ୍କ ଓଭରଡ୍ରାଫ୍ଟ ଆକାଉଣ୍ଟକୁ ଆସିଥିଲା ଏବଂ ଏହାର ୩ ଦିନପରେ ଅର୍ଥାତ୍ ୨୦୧୮ ଜୁନ ୨୯ରେ ଏହା ସମ୍ପାଦକ ପ୍ରସନ୍ନ ମହାସୁଆରଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା। ଆସୋସିଏଶନ ପାଇଁ ଆସିଥିବା ସରକାରଙ୍କ ଅନୁଦାନ କିପରି ଜଣକ ବ୍ୟକ୍ତିଗତ ଆକାଉଣ୍ଟକୁ ଗଲା ବୋଲି ପ୍ରଶ୍ନ ଉଠାଇଛନ୍ତି ଆଚାରୀ। ଏହା ଉପରେ ଭୁବନେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ କେସ୍ ହୋଇଛି। କ୍ୟାପିଟାଲ ଥାନାରେ ମଧ୍ୟ ଏତଲା କରାଯାଇଛି। ଅର୍ଥ ଯେଉଁ ଉଦ୍ଦେଶ୍ୟରେ ଆସିଥିଲା ତାହା ଖର୍ଚ୍ଚ କରା ନ ଯାଇ ହଡପ କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି ଆଚାରୀ। ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ପୂର୍ବତନ ସମ୍ପାଦକ ମନ୍ମଥ କୁମାର ମିଶ୍ର ଉପସ୍ଥିତ ଥିଲେ। କୌଣସି ଇଭେଣ୍ଟ ପାଇଁ ଆସୋସିଏଶନ ଅନୁରୋଧ କଲେ ସରକାରଙ୍କ ନିକଟରୁ ଆସୋସିଏଶନ ଆକାଉଣ୍ଟକୁ ହିଁ ଅର୍ଥ ଆସିଥାଏ, ମାତ୍ର ତାହା ବ୍ୟକ୍ତିଗତ ଆକାଉଣ୍ଟକୁ କିପରି ଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘଦିନ ହେଲା ଅଡଟ୍ ହୋଇନାହିଁ କିମ୍ବା ଆମକୁ କୌଣସି ହିସାବ ଦିଆ ଯାଉନାହିଁ ବୋଲି କ୍ଷୋଭର ସହ ମନ୍ମଥ କହିଛନ୍ତି।



ଏସ୍. ରାଜେଶ ବାବୁ ଆଚାରୀ ଓ ମନ୍ମଥ ମିଶ୍ର।

### ଅଭିଯୋଗ ଅଯୌକ୍ତିକ: ପ୍ରସନ୍ନ

ଏ ପ୍ରକାର ଅଭିଯୋଗ ସମ୍ପୂର୍ଣ୍ଣ ଅଯୌକ୍ତିକ ବୋଲି ପ୍ରସନ୍ନ ମହାସୁଆର ପ୍ରକାଶ କରିଛନ୍ତି। ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନ ସହିତ ୨୫ଟି ଜିଲା ଅନୁବନ୍ଧିତ ଅଛନ୍ତି। ତେଣୁ ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୈଠକରେ ସବିଶେଷ ତଥ୍ୟ ଜାଣିବା ପାଇଁ ସବୁ ଜିଲା ସଦସ୍ୟଙ୍କର ଅଧିକାର ରହିଛି। ମାତ୍ର ଏହା ଉପସ୍ଥାପନ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଫୋରମ ରହିଛି। ପୂର୍ବ ସାଧାରଣ ପରିଷଦ ବୈଠକରେ ବିଭିନ୍ନ ଜିଲାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଅର୍ଥ ଠିକ୍ ବାଟରେ ଖର୍ଚ୍ଚ ହୋଇଛି ବୋଲି ସମସ୍ତ ସଦସ୍ୟଙ୍କ ହୃଦ୍‌ବୋଧ ହେବାପରେ ଅଡିଟ୍ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଗଲା। ଉକ୍ତ ବୈଠକରେ ଏକମାତ୍ର ଗଞ୍ଜାମ ଜିଲାର କର୍ମକର୍ତ୍ତାମାନେ ଅନୁପସ୍ଥିତ ଥିଲେ। ପରେ ଏହି ଆସୋସିଏଶନର ସମ୍ପାଦକ ଏସ୍. ରାଜେଶ ଆଚାରୀ ଆମକୁ ପ୍ରକୃତ ଫୋରମରେ ଆସି ତଥ୍ୟ ମାଗି ପାରିଥାନ୍ତେ। ଏହା ହୋଇଥିଲେ ସେ ନିଶ୍ଚିତ ସମସ୍ତ ତଥ୍ୟ ପାଇ ପାରିଥାନ୍ତେ। ମାତ୍ର ସେ ତାହା ନ କରି ଭିନ୍ନ ବାଟରେ ଯାଇଛନ୍ତି। ପୂର୍ବ ନିର୍ବାଚନରେ ହାରିଯାଇଥିବାରୁ ସମ୍ଭବତଃ ଆସୋସିଏଶନରେ କଳଙ୍କ ଲଗାଇବା ପାଇଁ ଏପରି ପ୍ରୟାସ କରିଛନ୍ତି। ଆମ ସହ ଅନୁବନ୍ଧିତ ୨୪ଟି ଜିଲା ସବୁକିଛି ଠିକ୍ ଅଛି ବୋଲି ହୃଦୟଙ୍ଗମ କରୁଛନ୍ତି। ଏହି ଗୋଟିଏ ଜିଲା ଆର୍ଥିକ ଅନିୟମିତତା ଅଭିଯୋଗ ଆଣିବା ଯୁକ୍ତିଯୁକ୍ତ ବୋଲି ମୁଁ ଭାବିପାରୁନି। ସେପରି ହୋଇଥିଲେ ଅନ୍ୟ ଜିଲାର କର୍ମକର୍ତ୍ତାମାନେ ମଧ୍ୟ ଅଭିଯୋଗ ଆଣିଥାନ୍ତେ ବୋଲି ପ୍ରସନ୍ନ ସ୍ପଷ୍ଟ କରିଛନ୍ତି। ଥାନାରେ ଏତଲା ହେବାପରେ ବ୍ୟାଙ୍କ ଟଙ୍କା କାରବାର ଉପରେ କଟକଣା ଲାଗୁ କରାଯାଇଥିଲା। ତା’ ପରେ କୋର୍ଟରେ କେସ୍ ଚାଲିଲା। ମାତ୍ର କୋର୍ଟ ସବୁକିଛି ଠିକ୍‌ଥିବା ହୃଦୟଙ୍ଗମ କରିବାପରେ ଆମ ଆକାଉଣ୍ଟକୁ ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦେଲେ। ଏବେ ପୂର୍ବ ପରି ସବୁକିଛି ଚାଲିଛି ବୋଲି ପ୍ରସନ୍ନ ସ୍ପଷ୍ଟ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସାବିତ୍ରୀ ଜେନା
ବେଢ଼ାରୀ, ପାଟକୁରା, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୧।୦୧।୧୯୫୧
ତିରୋଧାନ: ୧୯।୦୧।୨୦୨୦
ଆଜି ଏକାଦଶାହ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସ୍ୱାମୀ: ପୂର୍ଣ୍ଣଚନ୍ଦ୍ର ଜେନା, ପୁତ୍ର: ଆଲୋକ, ପ୍ରଦୀପ, ଦୀପକ, ପ୍ରଭାସ, ପୁତ୍ରବଧୂ: ପ୍ରଜ୍ଞା, ସଂଯୁକ୍ତା, କାଦମ୍ବିନୀ, ପ୍ରମୋଦା, ପୁତୁରା: ଦେବଦତ୍ତ, ଗିରିଶ, ଉତ୍ତାନ, ପ୍ରଭାତ, ପ୍ରକାଶ, ମହେଶ, ବିଶ୍ୱଜୀତ, ପୁତୁରା ବୋହୂ: ଲୋପାମୁଦ୍ରା, ସନ୍ଧ୍ୟା, ମୌସୁମୀ, ପ୍ରାଚୀ, ମାନସୀ, ଝିଅ: ପ୍ରତୀମା, ଗାୟତ୍ରୀ ଓ ନାତି- ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୪୪୭

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ
ତିରୋଧାନ: ୨୯ ଜାନୁୟାରୀ ୨୦୧୬
ଶ୍ୟାମଦାସପୁର, କୁଜାହାଲା, ଯାଜପୁର
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆପଣଙ୍କର ପୂଜିତ ପ୍ରଭୁ ଗୋବିନ୍ଦ ଓ ଗିରିଧାରୀଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଝିଅ: ଲିଲି (ଚଗଲି), ଜ୍ୱାଇଁ: ହୃଷୀକେଶ, ନାତି: ସୁନ୍ଟୁ, ନାତୁଣୀ: ଲିସି
ଧ-୬୫୯୦୧

# ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟରେ ପୁରୁଷ ବନ୍ଧୁଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

## ମହିଳା ଆଇନଜୀବୀ ଦୀପାଳି ଆତ୍ମହତ୍ୟା ମାମଲା

### ଜାମିନ ନ ମିଳିବାରୁ ଜେଲ୍ ହାଜତକୁ ଗଲେ


ମୁଖ୍ୟ ଅଭିଯୁକ୍ତ ବିକ୍ରମ ମିଶ୍ର

ମହିଳା ଆଇନଜୀବୀ ଦୀପାଳି ପ୍ରିୟଦର୍ଶନୀ ଜେନା ଆତ୍ମହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୁରୁଷ ବନ୍ଧୁ ବିକ୍ରମ ମିଶ୍ର ମଙ୍ଗଳବାର ଖୋର୍ଦ୍ଧା ଦୌରାଜଜ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ୪ ମାସ ଧରି ଫେରାର ରହିଥିବା ବିକ୍ରମ ନିକଟରେ ହାଇକୋର୍ଟରେ ଆତ୍ମସମର୍ପଣ କରିବାକୁ ଯାଇଥିଲେ। ହେଲେ ହାଇକୋର୍ଟ ତାଙ୍କୁ ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ବିକ୍ରମ ମଙ୍ଗଳବାର ଖୋର୍ଦ୍ଧା ଜିଲା ଦୌରାଜଜ୍‌ଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ବିକ୍ରମ କୋର୍ଟରେ ହାଜର ହେବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି କୋର୍ଟ ନିକଟରେ ତାଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୋଲିସ ସେଠାରୁ ତାଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲା। କୋର୍ଟରେ ବିକ୍ରମଙ୍କ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ୪ ମାସ ଧରି ପୋଲିସ ତାଙ୍କୁ ଖୋଜୁଥିଲେ ମଧ୍ୟ ପାଇ ନ ଥିଲା। ଶେଷରେ ସେ ଏଭଳି ଢଙ୍ଗରେ ଆତ୍ମସମର୍ପଣ କରିଥିଲେ। ତଦନ୍ତରେ ଆବଶ୍ୟକ ହେଲେ ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବ ବୋଲି ପୋଲିସ କହିଛି।

ଏ ନେଇ ଦୀପାଳିଙ୍କ ସାନ ଭଉଣୀ ଇତିଶ୍ରୀ କହିଛନ୍ତି, ମୋ ବଡ଼ ଭଉଣୀଙ୍କ ଯେଭଳି ବନ୍ଧୁ ବିକ୍ରମଙ୍କ ପାଇଁ ଦଉଡ଼ି ଲଗାଇ ଆତ୍ମହତ୍ୟା କଲେ, ତାଙ୍କୁ ଯଦି ଫାସି ଦିଆଯିବ ତେବେ ତାଙ୍କ ଭଉଣୀଙ୍କ ଆତ୍ମା ଶାନ୍ତି ପାଇବ। ବିକ୍ରମ ଦିପାଳୀଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ ସେ ବାଧ୍ୟ ହୋଇ ଆତ୍ମହତ୍ୟା କରିଥିଲେ। ତେଣୁ ତାଙ୍କୁ ବିରୋଧରେ କୋର୍ଟ କଡା ସଜା ଶୁଣାନ୍ତୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଦୀପାଳି ଲିଙ୍ଗିପୁର ବିଜୟବିହାର ସ୍ଥିତ ଫ୍ଲଟ ନଂ.ସି/୩/୨ରେ ଘର ଭଡା ନେଇ ସାନଭଉଣୀ ସହ ରହୁଥିଲେ। ସେ ଭୁବନେଶ୍ୱର ବାରର ସଦସ୍ୟ ହୋଇ ନ ଥିବା ବେଳେ ନିୟମିତ ଭାବେ ଏଠାରେ ପ୍ରାକ୍ଟିସ୍ କରୁଥିଲେ। ଦୀପାଳିଙ୍କ ଘର ଭଦ୍ରକରେ ହୋଇଥିବା ବେଳେ ବାଲେଶ୍ୱର ସିମୁଳିଆର ବ୍ୟବସାୟୀ ବିକ୍ରମ କେଶରୀ ମିଶ୍ରଙ୍କ ସହ ପରିଚିତ ହେଇ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏପରି କି ଉଭୟ ବିବାହ କରିବା ପାଇଁ ପରିବାର ଲୋକେ ରାଜି ହୋଇଥିଲେ। ନିକଟରେ ତାଙ୍କର ବିବାହ ହୋଇଥାନ୍ତା। କିନ୍ତୁ ନିୟମିତ ଭାବେ ବିକ୍ରମ ଭୁବନେଶ୍ୱର ଦୀପାଳିଙ୍କ ଘରକୁ ଆସୁଥିଲେ। ୨୦୧୯ ଅକ୍ଟୋବର ୨୦ରେ ବିକ୍ରମ ସନ୍ଧ୍ୟା ୫ଟାରେ ଦୀପାଳି ରହୁଥିବା ଭଡା ଘରେ ପହଞ୍ଚିଥିଲେ। ଦୀପାଳିଙ୍କ ସାନ ଭଉଣୀ ତାଙ୍କ ସାଙ୍ଗଙ୍କ ସହ ପଳାଇ ଯାଇଥିଲେ। ଘରେ ଦୀପାଳି ଓ ବିକ୍ରମ ରହିଥିଲେ। ହେଲେ ଉଭୟଙ୍କ ମଧ୍ୟରେ କ'ଣ ଘଟିଲା ଦୀପାଳି ଘର ଭିତର ପଟୁ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିଲେ। ରାତି ୧୨ଟାରେ ଘରେ ଦୀପାଳିଙ୍କ ଭଉଣୀ ପହଞ୍ଚି ଥିଲେ ମଧ୍ୟ କବାଟ ବନ୍ଦ ରହିଥିଲା କିନ୍ତୁ ବିକ୍ରମ ନ ଥିଲେ। ଖବରପାଇ ପୋଲିସ ପହଞ୍ଚି ଘରର କବାଟ ଭାଙ୍ଗି ମୃତଦେହ ଜବତ କରିଥିଲା।

# ରାଜନୈତିକ ବିଚାରର ପ୍ରଭାବ ସାହିତ୍ୟରେ ରହିବା ଉଚିତ

ଭୁବନେଶ୍ୱର, ୨୮।୧(ବ୍ୟୁରୋ)

ରାଜନୈତିକ ବିଚାରଗୁଡ଼ିକର ପ୍ରଭାବ ଓ ତଜ୍ଜନିତ ପ୍ରତିକ୍ରିୟା ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହେବା ଆବଶ୍ୟକ। ବିଭିନ୍ନ ରାଜନୈତିକ ନିଷ୍ପତ୍ତି ଜନଗଣଙ୍କୁ କିପରି ଆନ୍ଦୋଳିତ କରିଛି, ସେସବୁର ମାର୍ମିକ ଚିତ୍ର ସାହିତ୍ୟରେ ରହିଲେ ସାଧାରଣ ପାଠକ ଅଧିକ ଉପଲବ୍ଧି ଓ ସ୍ୱମତ ପ୍ରଦାନର ସୁଯୋଗ ପାଇବେ ବୋଲି ବିଶିଷ୍ଟ ଗାଳ୍ପିକ ରବି ସ୍ୱାଇଁ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ କୃଷକ ସମାଜରେ ଅନୁଷ୍ଠିତ ସଭାରେ ଯୋଗଦେଇ ସ୍ୱାଇଁ କହିଛନ୍ତି, ରାଜନୀତି କେବଳ ନେତାଙ୍କ ନୁହେଁ ବରଂ ଦେଶର ତୃଣମୂଳ ଲୋକଙ୍କ ଜୀବନଧାରାକୁ ପ୍ରଭାବିତ କରିଥାଏ। ସେ ନାଗରିକ ସଂଶୋଧନ ଆଇନ ଉପରେ ଆଲୋକପାତ କରି କେତେକ ରାଜ୍ୟ ଏହାର ବିରୋଧ କରୁଥିବାର କାରଣ ଯଥାର୍ଥ ଭାବରେ ଲୋକଙ୍କ ପାଖରେ ପହଞ୍ଚିବା ଦରକାର ଏବଂ ସାହିତ୍ୟରେ ମଧ୍ୟ ଏହା ପ୍ରତିଫଳିତ ହେବା ବାଞ୍ଛନୀୟ ବୋଲି ମତ ଦେଇଥିଲେ। ସାହିତ୍ୟ ସମକାଳର ଦର୍ପଣ ବୋଲି ଦର୍ଶାଇ ବର୍ତ୍ତମାନର ଦୃଶ୍ୟ ଓ ଚରିତ୍ରମାନେ ସେଥିରେ ରହିବା ଉଚିତ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ। ଅନୁଷ୍ଠାନର ଉପସଭାପତି ରକ୍ଷକ ନାୟକ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବିଭୂତି ପାଣିଗ୍ରାହୀ, ସଞ୍ଜୟ ମହାନ୍ତି, ସୁଧୀର ମଉଡ଼ମଣି, ସଞ୍ଜୁଲତା ପଟ୍ଟନାୟକ, ସବିତା ଶତପଥୀ, ସୌଦାମିନୀ ବେହେରା ପ୍ରମୁଖ ସ୍ୱରଚିତ ଲେଖା ପାଠ କରିଥିଲେ। ଅମ୍ବିକା ସ୍ୱାଇଁ ଓ ନିରୁପମା କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମାଛ, ସୁଜି, ବିଲାତି ଭିତରେ ଆସୁଛି ବ୍ରାଉନସୁଗାର

ଭୁବନେଶ୍ୱର,୨୮।୧(ବ୍ୟୁରୋ)

## ବାଂଲାଦେଶକୁ ଲମ୍ୱିଛି ଚେର, ଗଡ଼ ପାଲଟିଛି ବାଲେଶ୍ୱର

- ଆଉ ୨ ବ୍ରାଉନସୁଗାର ଡିଲରଙ୍କୁ ଧରିଲା ଏସ୍‌ଟିଏଫ୍
- ୩୦୧ ଗ୍ରାମ ବ୍ରାଉନସୁଗାର, ୨ଲକ୍ଷ ୨୨ହଜାର ଟଙ୍କା ଜବତ



ଓଡ଼ିଶାରେ ଚାଲିଥିବା ବ୍ରାଉନସୁଗାର ର୍‍ୟାକେଟର ଚେର ବାଂଲାଦେଶକୁ ଲମ୍ୱିଛି। କେତେବେଳେ ଭାୟା କଲିକତା ଦେଇ ତ ପୁଣି କେତେବେଳେ ବଙ୍ଗୋପସାଗର ଦେଇ ଓଡ଼ିଶାକୁ ପଶୁଛି ବ୍ରାଉନସୁଗାର। ମାଛ, ସୁଜି, ବିଲାତି ଭିତରେ ଚାଲାଣ ହେଉଛି ଏହି ନିଶାଦ୍ରବ୍ୟ। ତେବେ ବିଗତ କିଛି ମାସ ହେବ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ପୋଲିସର ଘନଘନ ଚଢ଼ାଉ ପରେ ନିଶା ମାଫିଆମାନେ ବ୍ରାଉନସୁଗାର ଚାଲାଣର ଏପରି ଭିନ୍ନ ତରିକା ଆପଣାଇଛନ୍ତି। ବ୍ରାଉନସୁଗାର କାରବାରର ଗଡ଼ କୁହାଯାଉଥିବାରୁ ବାଲେଶ୍ୱରରୁ ଏସ୍‌ଟିଏଫ୍ ଆଉ ଦୁଇଜଣ ଡିଲରଙ୍କୁ ଗିରଫ କରି ପଚରାଉଚରା କରିବା ପରେ ଏଭଳି ତଥ୍ୟ ପାଇଛି। ସେମାନଙ୍କ ନିକଟରୁ ୩୦୧ ଗ୍ରାମର ବ୍ରାଉନସୁଗାର, ୨ଲକ୍ଷ ୨୨ହଜାର ୨୩୦ ଟଙ୍କା ଏବଂ ଗୋଟିଏ ବୁଲେଟ ଜବତ କରିଛି। ଗିରଫ ଦୁଇ ଡିଲର ହେଲେ ସହଦେବଖୁଣ୍ଟା ଅରଦା ବଜାରର ସେକ୍ ହାଇଦର ଓ ସହଦେବଖୁଣ୍ଟା ଥାନା ପୋଲିସ ଲେନ୍‌ର ତନ୍ମୟ ଭୂୟାଁ ଓରଫ ତନୁ। ସେମାନଙ୍କ ବିରୋଧରେ ଏସ୍‌ଟିଏଫ କେସ୍ ନଂ.୯/୨୦ ଦଫା ୨୧(ସି) ଏନ୍‌ଡିପିଏସ୍ ଆକ୍ଟ ଲଗାଇ ବାଲେଶ୍ୱର ଜିଲା ଦୌରାଜଜ୍ କୋର୍ଟକୁ ଚାଲାଣ କରିଥିବା ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ହାଇଦର ଓ ତନ୍ମୟ ବାଂଲାଦେଶରୁ ଭାୟା କୋଲକାତା ଦେଇ ବାଲେଶ୍ୱରକୁ ବ୍ରାଉନସୁଗାର ଆଣନ୍ତି। ସୀମା ଓ ଜଳପଥରେ ଯାଞ୍ଚ କଡ଼ାକଡ଼ି ହେବା ସମୟରେ ସେମାନେ ବାଂଲାଦେଶ ନ ଯାଇ କୋଲକାତାରେ ଥିବା ଜଣେ ହୋଲ୍‌ସେଲରଙ୍କଠାରୁ ଆଣି ଓଡ଼ିଶାର ବେପାରିଙ୍କୁ ଯୋଗାଇଥାନ୍ତି। ଅନେକ ସମୟରେ ସେମାନେ ଜଳପଥରେ ମାଛ ଓ ଅନ୍ୟ ସାମଗ୍ରୀ ଭିତରେ ବ୍ରାଉନ ସୁଗାର ଆଣୁଥିଲେ। କିଛିଦିନ ପୂର୍ବରୁ ହାଇଦର ଗ୍ୟାଙ୍ଗ ଜଳପଥରେ ମାଛ ଭିତରେ ବ୍ରାଉନସୁଗାର ପୂରାଇ ଆଣୁଥିବା ସମୟରେ ପୋଲିସ ହାତରେ ଧରାପଡିଥିଲା। ଏହାପରେ ହାଇଦର ଓ ତନ୍ମୟ ସେମାନଙ୍କ ବେପାର କମାଇ ଦେଇଥିଲେ। ଉଭୟ ସୋମବାର ବାଲେଶ୍ୱର ଦେଇଯାଇଥିବା ଜାତୀୟ ରାଜପଥ-୧୬ର ହରି ପ୍ଲାଜା ହୋଟେଲ ନିକଟରେ ବ୍ରାଉନସୁଗାର ଧରି ଛୋଟ ଡିଲର ଓ ବେପାରିଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢାଉ କରି ସେମାନଙ୍କୁ ଧରିଥିଲା। ସେମାନଙ୍କ ପଛରେ ବାଂଲାଦେଶ ଓ କୋଲକାତାର ବଡ ବଡ ବେପାରୀଙ୍କ ଲିଙ୍କ୍ ରହିଛି। ଉଭୟଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପାଇଁ ଏସ୍‌ଟିଏଫ୍ ଯୋଜନା ରଖିଛି। ଏଥିପାଇଁ ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ ହେବ। ଗିରଫ ଦୁଇ ଡିଲରଙ୍କ ଲିଙ୍କ୍‌ରେ ଥିବା ଆନ୍ତଃଦେଶୀୟ ବେପାରୀଙ୍କୁ ଗିରଫ କରିବା ପାଇଁ ଚଢାଉ କରାଯିବ। ଏସ୍‌ଟିଏଫ୍ ୨୦ ଦିନରେ ୮୧୮ ଗ୍ରାମ ବ୍ରାଉନସୁଗାର, ୩୨୬.୪୫ ଅଫିମ ଜବତ କରିବା ସହ ୮ ମାମଲା ରୁଜୁ କରି ୧୯ଙ୍କୁ ଗିରଫ କଲାଣି। ଏହାସହ ୧୩ ଲକ୍ଷ୨୦ ହଜାର ଟଙ୍କା, ଗୋଟିଏ କାର, ୮ ବାଇକ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ଜବତ କରିଛି।


ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ପରିଚାଳନା ମଣ୍ଡଳୀ ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏବଂ ଅନ୍ୟମାନେ।

# ପେଟ୍ ସିଟିସ୍କାନ ସ୍ଥାପନ ପାଇଁ ପଦକ୍ଷେପ ନିଅ: ସ୍ୱାସ୍ଥ୍ୟମନ୍ତ୍ରୀ

କଟକ ଅଫିସ, ୨୮।୧

## ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ପରିଚାଳନା ମଣ୍ଡଳୀ ବୈଠକ

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ପରିଚାଳନା ମଣ୍ଡଳୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରର ଅଧକ୍ଷ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନୂତନ ଭାବେ ଖୋଲାଯାଇଥିବା ୧୦ ଶଯ୍ୟା ବିଶିଷ୍ଟ ପାଲିଏଟିଭ ମେଡିସିନ ବିଭାଗକୁ ଅନୁମୋଦନ ଦିଆଯିବା ସହ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କ୍ୟାନ୍ସର ରୋଗୀଙ୍କ ନିମନ୍ତେ ପେଟ୍ ସିଟିସ୍କାନ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପରସ୍ପରର ସହଯୋଗୀ ଭାବେ କାର୍ଯ୍ୟକରି ରୋଗୀ ସେବା ଯୋଗାଇଦେବା ଉଚିତ ବୋଲି କହିଥିଲେ। କେନ୍ଦ୍ରର ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡାକ୍ତର ଭୌମିକ, ପ୍ରଫେସର କୃଷ୍ଣବଲ୍ଲଭ ଦାସ ଏବଂ ପରିଚାଳନା ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜୈବ ଇନ୍ଧନ ଲାଗି ପଥପ୍ରାନ୍ତ ପ୍ରଦର୍ଶନୀ

ଭୁବନେଶ୍ୱର, ୨୮।୧

ଇଣ୍ଡିଆନ୍ ଅଏଲ ପକ୍ଷରୁ ଜୈବ ଇନ୍ଧନ ଲାଗି ପଥପ୍ରାନ୍ତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଉଦ୍ୟୋଗପତି, ପ୍ରତିନିଧି, ଛାତ୍ରୀଛାତ୍ର, ବାହକସଂସ୍ଥା ଯୋଗ ଦେଇଥିଲେ। ଖାଇବା ତେଲକୁ ବାରମ୍ୱାର ବ୍ୟବହାର କରିବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଜୈବ ପେଟ୍ରୋଲ ପ୍ରସ୍ତୁତି ଲାଗି ବ୍ୟବହୃତ ଖାଇବା ତେଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଭଳି ପ୍ରମୁଖ ବିଷୟକୁ ବିଚାର କରି ଇଣ୍ଡିଆନ ଅଏଲ ପଥପ୍ରାନ୍ତ ପ୍ରଦର୍ଶନୀ ଆୟୋଜନ କରିଥିବା ଅତିଥିମାନେ ଏଠାରେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ଏମ୍‌ଓପି ଏନ୍‌ଜି ରୋହିତ କୁମାର, ସିଜିଜି ଓଡିଶା ରାଜ୍ୟ ମୁଖ୍ୟ ଶୁଭୋଜିତ ଘୋଷ, ବିପିସିଏଲ୍‌ର ଜୈବ ଇନ୍ଧନ ବିଭାଗ ଇଡି ଏସ୍.ପାଠକ, ଆଇଓସିଏଲ୍ ସିଜିଏମ୍ ଶାନ୍ତନୁ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍‌ରେ ମହିଳାଙ୍କୁ ଦୁର୍ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୮।୧(ବ୍ୟୁରୋ)

## ମହିଳା ସିଟରେ ପୁରୁଷ ବସିଲେ ଜରିମାନା

ଘରୋଇ ବସ୍ ଓ ମୋ ବସ୍‌ରେ ମହିଳା ଯାତ୍ରୀ ଅନେକ ସମୟରେ ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଏ ନେଇ କମିଶନରେଟ ପୋଲିସ ପକ୍ଷରୁ ନିଯୁକ୍ତ ଏସ୍‌ପିଓମାନେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଅଭିଯୋଗ କରିଥିଲେ। କମିଶନର ଏ ନେଇ ମୋ ବସ୍‌ର ନିର୍ଦ୍ଦେଶକ ଅରୁଣ ବୋଥ୍ରା ଓ ବିଭିନ୍ନ ବସ୍ ମାଲିକ ସଂଘଙ୍କୁ ଡାକି ପୋଲିସ ସେବା ଭବନରେ ଏକ ବୈଠକ କରାଇଥିଲେ। ମହିଳା ଯାତ୍ରୀଙ୍କ ପ୍ରତି କିଭଳି ଉତ୍ତମ ବ୍ୟବହାର ଦିଆଯିବ ସେନେଇ ଆଲୋଚନା କରାଯାଇଥିଲା। ମହିଳା ଏସ୍‌ପିଓମାନେ ଅଭିଯୋଗ କରିଥିଲେ ଯେ, ବସ୍ ଡ୍ରାଇଭର ଜାଣିଶୁଣି ହଠାତ୍ ବ୍ରେକ୍ ମାରିବା ଦ୍ୱାରା କଣ୍ଡକ୍ଟର ଝିଅଙ୍କ ଉପରେ ପଡିଯାଉଛନ୍ତି। ଏଭଳି ଅଭିଯୋଗରେ ତୁରନ୍ତ ତଦନ୍ତ କରାଯାଇ ଡ୍ରାଇଭରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାସହ ବସ୍ ମାଲିକ ଓ କଣ୍ଡକ୍ଟରଙ୍କୁ ତାଗିଦ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ଏଭଳି ଦୁର୍ବ୍ୟବହାରକୁ ରୋକିବା ପାଇଁ ମୋ ବସ୍‌ର ନିର୍ଦ୍ଦେଶକ ଅରୁଣ ବୋଥ୍ରା ସୋସିଆଲ ମିଡିଆରେ ଅଭିଯୋଗ କରିବା ପାଇଁ କହିଛନ୍ତି। ନଚେତ୍ ଏନେଇ ଜାରି କରାଯାଇଥିବା ଟୋଲ ଫ୍ରି ନଂ-୦୬୭୪-୨୫୪୩୫୪୧କୁ ଫୋନ୍ କରିପାରିବେ ଅଥବା ୧୦୦କୁ କଲ କରି ଜଣାଇବେ। ଏହି ଟୋଲ ଫ୍ରି ନମ୍ବର ସବୁ ବସ୍‌ରେ ଲଗାଯିବ। ଏଣିକି ପୁରୁଷ ଯାତ୍ରୀ ମହିଳା ସିଟରେ ବସିଲେ ଫାଇନ ଦେବାକୁ ପଡ଼ିବ। ଏହାସହ ମୋ ବସ୍‌ରେ ଥିବା ୭୦ ମହିଳା କଣ୍ଡକ୍ଟରଙ୍କୁ ଏସ୍‌ପିଓ ହ୍ୱାଟ୍ସଆପ୍ ଗ୍ରୁପରେ ଯୋଡ଼ାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ନରଣପୁର କପ୍ କ୍ରିକେଟ: ଆଜି ସେମିଫାଇନାଲ**

ନରାଜ,୨୮।୧ (ଡି.ଏନ୍.ଏ.)- ବାରଙ୍ଗ ବ୍ଲକ ଅନ୍ତର୍ଗତ ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନରଣପୁର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଶେଷ ହୋଇଛି। ବୁଧବାର ୨ଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲ ମୁଣ୍ଡମୁହାଣ ଓ ରତାଗଡ ନୂଆସାହି ମଧରେ ହେବାକୁ ଥିବା ବେଳେ ୨ୟ ସେମିଫାଇନାଲ ଫକୀରପଡା ଓ ଦାଢାପାଟଣା ମଧରେ ଅନୁଷ୍ଠିତ ହେବ।



## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ୫ ଆହତ

ବାଙ୍କୀ, ୨୮।୧ (ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଅଞ୍ଚଳରେ ମଙ୍ଗଳବାର ମାଙ୍କଡ଼ କାମୁଡାରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପଥମେ କଳାପଥର ଚିକିତ୍ସାଳୟ ଓ ପରେ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧରୁ କରଡ଼ାପଲ୍ଲୀର ସୁନୀଲ କୁମାର ବେହେରା, ନାଟେରୀର ହେମନ୍ତ କୁମାର ଛୋଟରାୟ ଓ ଖଜୁରିପଦାର ଶରତ ପଣ୍ଡାଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟ ୨ ଜଣଙ୍କ ଜଣାପଡିନାହିଁ। ଖବରପାଇ ବୈଦେଶ୍ୱର ଫରେଷ୍ଟର ଚିତ୍ତରଞ୍ଜନ ମିଶ୍ର ଘଟଣାସ୍ଥଳକୁ ଯାଇ ଅନୁଧାନ କରିଛନ୍ତି।

### ୩୧ରୁ ବିଶ୍ୱଶାନ୍ତି ହନୁମାନ ମହାଯଜ୍ଞ

ସାଲେପୁର,୨୮।୧(ଡି.ଏନ୍.ଏ.): ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବଡ଼ ମହାବୀର ମନ୍ଦିର ପ୍ରାଙ୍ଗଣରେ ୩୧ ତାରିଖରୁ ଏକାଦଶ ତମ ବିଶ୍ୱଶାନ୍ତି ହନୁମାନ ମହାଯଜ୍ଞ ଆରମ୍ଭ ହୋଇ ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବ। ପୂର୍ଣ୍ଣାହୁତି ଦିବସରେ ମହାବୀର ଯୁବ ପରିଷଦ ପକ୍ଷରୁ ବୃକ୍ଷରୋପଣ, ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ବଣ୍ଟନ କରାଯିବ।

### ବାପୁଜୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବଡମ୍ବା,୨୮।୧(ଡି.ଏନ୍.ଏ.): ବଡମ୍ବା ବ୍ଲକ ଶଙ୍ଖାମେରୀସ୍ଥିତ ବାପୁଜୀ ଫୁଟ୍‌ବଲ୍ ଆସୋସିଏଶନ୍ ଆନୁକୂଲ୍ୟରେ ବାପୁଜୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଖେଳପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ ଶଶାଙ୍କ ଫୁଟ୍‌ବଲ୍ ଆସୋସିଏଶନ୍ ଓ କରଡାପଲ୍ଲୀ ଫୁଟ୍‌ବଲ୍ ଆସୋସିଏଶନ୍ ମଧରେ ହୋଇଥିଲା। ଏଥିରେ ୧-୦ ଗୋଲ୍‌ରେ କରଡାପଲ୍ଲୀ ବିଜୟୀ ହୋଇଥିଲା। ମୁଖ୍ୟଅତିଥିଭାବେ ବଡମ୍ବା ବ୍ଲକ୍ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଫକୀର ସେଠୀ, ସୁଧାଂଶୁ ଶେଖର ବେହେରା, ପୁରୁଷୋତ୍ତମ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧରେ ମାନସ ମୁଦୁଲି, କିଶୋର ଚନ୍ଦ୍ର ରାଉତରାଏ, ବଟକୃଷ୍ଣ ମହାନ୍ତି, ଦୀନବନ୍ଧୁ ମଲ୍ଲିକ୍ ଓ ବାଦଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ରାଜେଶ ସ୍ୱାଇଁ, ତାପସ ମଲ୍ଲିକ ମ୍ୟାଚ ପରିଚାଳନା କରିଥିଲେ ।

# ପଞ୍ଚାୟତ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ହେବ

**ନିଶ୍ଚିନ୍ତକୋଇଲି,୨୮।୧(ସ୍ୱ.ପ୍ର.)**



ବୈଠକରେ ସାମିଲ ହୋଇଥିବା ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

**ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ବୈଠକ**

- ଏମଜିଏନଆରଇଜିଏସ,ପକ୍କାଘର ଯୋଜନା ଉପରେ ଗୁରୁତ୍ୱ
- ବାଦ୍ ପଡିଥିବା ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯିବ

ନିଶ୍ଚିନ୍ତକାଇଲି ପଞ୍ଚାୟତ ସମିତିର ୭ମ ବୈଠକ ମଙ୍ଗଳବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସବିତା ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଏମ୍‌ଜିଏନ୍‌ଆରଇଜିଏସ ଓ ପକ୍କାଘର ଯୋଜନା ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ପଞ୍ଚାୟତ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ହେବ ବୋଲି ଅଧ୍ୟକ୍ଷା ଓଝା କହିଥିଲେ। ବୈଠକରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର ସ୍ୱାଗତ ଭାଷଣ, ଜିପିଓ ଜନ୍ମେଜୟ ରାଉତ ବିବରଣୀ ପାଠ କରିବା ସହ ଚଳିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜିଲାପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳି ପଣ୍ଡା, ଅତିରିକ୍ତ ବିଡିଓ ସୁଶାନ୍ତ ରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାୟକ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ବ୍ଲକସ୍ତରରେ ହେଉଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ୪୧ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏଥିରେ ଯୋଗଦେଇ ନିଜ ନିଜ ପଞ୍ଚାୟତର ସୁବିଧା ଅସୁବିଧା ତଥା ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ନେମାଳ ସରପଞ୍ଚ ମୁକ୍ତାର ଅଲ୍ଲୀ ତାଙ୍କ ପଞ୍ଚାୟତରେ ଅଗୋଚରରେ ବହୁ କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ କରିଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ପ୍ରତି ପରିବାରରେ କିପରି ଶୁଦ୍ଧ ପାନୀୟ ଜଳ ପହଞ୍ଚିବ, ୨୧ ପଞ୍ଚାୟତରେ ଆଦର୍ଶ ପୋଖରୀ ନିର୍ମାଣ ଓ କାଳିଆ ଯୋଜନା ବାଦ୍ ପଡିଥିବା ହିତାଧିକାରୀଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାର ଏବେ କାଳିଆ ଯୋଜନାକୁ ୫-ଟିରେ ଅନ୍ତର୍ଭୁକ୍ତ କରିଛନ୍ତି। ଏହି ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀ ପଞ୍ଚାୟତ ସହ ଯୋଗାଯୋଗ କରିପାରିବେ । ଏହାପରେ ସେମାନଙ୍କର କାଗଜପତ୍ର ଯାଞ୍ଚ କରାଯାଇ ପୁନଃ ତାଲିକା ପ୍ରସ୍ତୁତ କରାଯିବ। ଫେବୃଆରୀ ୧୫ ତାରିଖ ସୁଦ୍ଧା ଏସବୁ ତଥ୍ୟ କୃଷି ବିଭାଗରେ ଦାଖଲ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ କହିଥିଲେ। ଏଥିସହ ଚାଷୀଙ୍କୁ ସାର ଓ ବିହନ ଯୋଗାଣ ନିମନ୍ତେ ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ଡିଲର ନିଯୁକ୍ତ ହେବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ବୈଠକରେ ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ ,ରାମକୃଷ୍ଣପୁର ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, କେଣ୍ଟାଳ ସରପଞ୍ଚ ଅନ୍ନଦା ପ୍ରସାଦ ନାୟକ, ତରତ ସରପଞ୍ଚ ଜିତେନ୍ଦ୍ର ମିଶ୍ର,ସମିତି ସଭ୍ୟ ପ୍ରମୋଦ କୁମାର ପରିଡା, ଅସୁରେଶ୍ୱର ସରପଞ୍ଚ ମହେଶ୍ୱର ବାରିକ ପ୍ରମୁଖ ଯୋଗଦେଇଥିଲେ।

# ଆନ୍ତଃ ବିଶ୍ୱବିଦ୍ୟାଳୟ ବଲ୍ ବ୍ୟାଡ୍‌ମିଣ୍ଟନରେ ବାଙ୍କୀରୁ ୪ ମନୋନୀତ

**ବାଙ୍କୀ,୨୮।୧(ବି.ପ୍ର.)**

ଚଳିତ ବର୍ଷ ଆନ୍ତଃ ବିଶ୍ୱବିଦ୍ୟାଳୟ ବଲ-ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ବାଙ୍କୀରୁ ୪ ପ୍ରତିଯୋଗୀ(ବାଳକ)ସ୍ଥାନ ପାଇଛନ୍ତି। ସେମାନେ ହେଲେ ବାଙ୍କୀ କଲେଜର ଯୁକ୍ତ ୩ ଶେଷ ବର୍ଷ ବାଣିଜ୍ୟ ବିଭାଗ ଛାତ୍ର ଅନୁପ କୁମାର ନାଏକ, ଯୁକ୍ତ୩ ଶେଷ ବର୍ଷ କଳା ବିଭାଗର ଛାତ୍ର ନିହାରେଂଶୁ ସାହୁ, ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଜ୍ୟୋତି ରଞ୍ଜନ ବେହେରା ଏବଂ ବାଙ୍କୀ ବିଲିପଡା ଗ୍ରାମ ତଥା ନରସିଂହପୁର କ୍ରୀଡା ପ୍ରଶିକ୍ଷଣ ଅନୁଷ୍ଠାନର ଛାତ୍ର ପ୍ରଦୀପ କୁମାର ମନ୍ତ୍ରୀ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ କର୍ନାଟକ ରାଜ୍ୟର ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିଯୋଗିତାରେ ଭାଗନେବା ପାଇଁ ସେମାନେ ସୋମବାର ଭୁବନେଶ୍ୱରରୁ ମାଙ୍ଗାଲୋର ଯାତ୍ରା କରିଛନ୍ତି। ସେଠାରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋଟ ୧୦ ଜଣ କ୍ରୀଡାବିତ୍ ମନୋନୀତ ହୋଇଛନ୍ତି।



ଆନ୍ତଃ ବିଶ୍ୱବିଦ୍ୟାଳୟ ବଲ-ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# 'ଉଚ୍ଚଶିକ୍ଷା, ଗବେଷଣାରେ ଆଗେଇବାକୁ ଚାଲିଛି ଉଦ୍ୟମ'



ମନ୍ତ୍ରୀ ଅରୁଣ ସାହୁ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**ବାଙ୍କୀ, ୨୮।୧ (ସ୍ୱ.ପ୍ର/ବି.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ଉଚ୍ଚଶିକ୍ଷା, କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଡ.ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବରେ ଯୋଗଦେଇ ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସର୍ବାଧିକ ବିକାଶ ହୋଇଛି ବୋଲି କହିଥିଲେ। ସବୁ ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ସାଙ୍ଗକୁ ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚଶିକ୍ଷା ସାଙ୍ଗକୁ ଗବେଷଣା କ୍ଷେତ୍ରରେ ରାଜ୍ୟ ଆଗୁଆ ହେବାପାଇଁ ଉଦ୍ୟମ ଚାଲିଛି ବୋଲି ମନ୍ତ୍ରୀ ସାହୁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ସମ୍ମାନିତ ଅତିଥିଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠ ସଭାରେ ଅଧ୍ୟକ୍ଷତା କରିଥିଲେ। କଲେଜ ଅଧ୍ୟକ୍ଷ ସଦାନନ୍ଦ ବାରିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରଫେସର ଡ.ଅରୁଣ କୁମାର ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ କଲେଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବାଙ୍କୀ କଲେଜର ବରିଷ୍ଠ ଅଧ୍ୟାପିକା ଡ.ନିବାସିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସିଏଏ ବିରୋଧରେ ପ୍ରତିବାଦର ସ୍ୱର ଉଠିଛି: କଂଗ୍ରେସ

**ନିଶ୍ଚିନ୍ତକୋଇଲି, ୨୮।୧(ସ୍ୱ.ପ୍ର.)**

କେନ୍ଦ୍ରରେ ଭାଜପା ସରକାରର ସଂଖ୍ୟାଗରିଷ୍ଠତା ଥିବାଯୋଗୁ ସମ୍ବିଧାନକୁ ସଂଶୋଧନ କରିବାକୁ ପଛାଉ ନାହାନ୍ତି। ବାହାର ଦେଶର ହିନ୍ଦୁମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଇ ରାଷ୍ଟ୍ର ମଧରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଅଣାଯାଇଛି। ଏନେଇ ସାରା ଦେଶରେ ପ୍ରତିବାଦର ସ୍ୱର ଉଠିଛି ବୋଲି ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ଏକ ବୈଠକରେ କହିଛନ୍ତି। ଜୟରାମପୁର ପଞ୍ଚାୟତର କାଜିହାଟରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର ବୈଠକରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦିଲୀପ ରାଉତ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ବୈଠକରେ ସଞ୍ଜୟ କୁମାର ବେହେରା, ଅମିୟ ବିଶ୍ୱାଳ, ଆବୁ ତାଲି, ସେକ ସଦ୍ଦାମ, ୟାକୁବ ହୁସେନ, ମହମ୍ମଦ ବୁରାନ, ଧରଣୀଧର ସାହୁ ଓ ସୁଧାଂଶୁ ଶେଖର ଜେନା ପ୍ରମୁଖ ଯୋଗଦେଇଥିଲେ।

# ଆଜି ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଶୋକସଭା

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର'
- ପ୍ରତ୍ୟେକ ବର୍ଷ ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ ମିଳିବ 'ସୁନନ୍ଦା ସମ୍ମାନ'

ଶାସ୍ତ୍ରୀୟ ସଙ୍ଗୀତ ଜଗତର ମହାନ୍ କିମ୍ବଦନ୍ତୀ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ବୁଧବାର ସନ୍ଧ୍ୟାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏକ ରାଜ୍ୟସ୍ତରୀୟ ଶୋକସଭା ଅନୁଷ୍ଠିତ ହେବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସଙ୍ଗୀତ ନାଟକ ଏକାଡେମୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଦିବଂଗତ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ 'ସୁନନ୍ଦା ସମ୍ମାନ' ଏବଂ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତି ବର୍ଷ ରାଜ୍ୟର ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ 'ସୁନନ୍ଦା ସମ୍ମାନ' ପ୍ରଦାନ କରାଯିବ। ଏହାସହ ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚତର ଗବେଷଣା ଓ ଶିକ୍ଷା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ। ପୁରୀ ଓ କଟକସ୍ଥିତ ସୁନନ୍ଦାଙ୍କ ବାସଭବନକୁ ତାଙ୍କ ପରିବାର ଲୋକଙ୍କ ଅନୁମତିକ୍ରମେ ସ୍ମୃତି ସଦନ ଭାବେ ବିକଶିତ କରାଯିବ। ଏହାଛଡ଼ା ସୁନନ୍ଦା ପଟ୍ଟନାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଜିନିଷକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରିରେ ସଂରକ୍ଷିତ ରଖିବାକୁ ବ୍ୟବସ୍ଥା କରାଯିବ। ଏଥିପାଇଁ ସରକାରଙ୍କ ତରଫରୁ ସୁନନ୍ଦାଙ୍କ ବ୍ୟବହୃତ ଜିନିଷକୁ ଦାନ କରିବା ଲାଗି ତାଙ୍କ ପରିବାରକୁ ଅନୁରୋଧ ମଧ୍ୟ କରାଯିବ। ପ୍ରତ୍ୟେକ ବର୍ଷ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୁନନ୍ଦାଙ୍କ ଜୟନ୍ତୀ ପାଳନ କରାଯିବ।

# ଶିକ୍ଷାଦାନ ପାଇଁ ଶୈକ୍ଷିକ ବାତାବରଣ ଆବଶ୍ୟକ

**ନିଶ୍ଚିନ୍ତକୋଇଲି,୨୮।୧(ସ୍ୱ.ପ୍ର.)**

ଶିକ୍ଷାଦାନ ପାଇଁ ଶୈକ୍ଷିକ ବାତାବରଣ ଆବଶ୍ୟକତା ରହିଛି। ବିଦ୍ୟାଳୟରେ ଭିତ୍ତିଭୂମିର ବିକାଶ ହେଲେ ସେହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ତରତ ପଞ୍ଚାୟତ ପୁରୁଷୋତ୍ତମ ବିଦ୍ୟାପୀଠ ଓ ନାରାୟଣୀ ନୋଡାଲ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଓ ତୋରଣ ଉଦ୍‌ଘାଟନୀ ଉତ୍ସବରେ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ପରିସରକୁ ସ୍ୱଚ୍ଛତା ରଖି ପିଲାମାନଙ୍କୁ ସର୍ବଗୁଣ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ବ୍ଲକ ଶିକ୍ଷାଅଧିକାରୀ ମନୋରଞ୍ଜନ ବାରିକ ଯୋଗଦେଇ ସରକାରଙ୍କ ଶିକ୍ଷାନୀତି ଉପରେ ଟିପ୍ପଣୀ ରଖିଥିଲେ। ସମ୍ମାନିତ ଅତିଥିଭାବେ ଗୀତାଞ୍ଜଳି ପଣ୍ଡା, ଗିରିଶ ରଞ୍ଜନ ମହାପାତ୍ର, ଜିତେନ୍ଦ୍ରନାଥ ମିଶ୍ର, ପ୍ରମୋଦ କୁମାର ପରିଡା, ଅଶୋକ ଓଝା ଓ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟଙ୍କୁ ମନ୍ତ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ।

# ଏଲ୍‌ଏନ୍ ଟିମ୍ ପାଗା ଚାମ୍ପିୟନ

**ସାଲେପୁର, ୨୮।୧(ଡି.ଏନ୍.ଏ.)**

**ଗାଲାକ୍ସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ସାଲେପୁର ବ୍ଲକ ଧର୍ମାଗତପୁର ଗ୍ରାମରେ ୫ ଦିନ ବ୍ୟାପୀ ଚାଲିଥିବା ଗାଲାକ୍ସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏଲ୍‌ଏନ୍ ଟିମ୍ ପାଗା ଚାମ୍ପିୟନ ହୋଇଛି। ଗାଲାକ୍ସି



ଅତିଥିଙ୍କ ଗହଣରେ ଖେଳାଳି।

କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ୍ ଭାଗନେଇଥିଲେ। ଫାଇନାଲ ମ୍ୟାଚ ଏଲ୍‌ଏନ୍. କ୍ରିକେଟ୍ ଟିମ୍ ପାଗା ଓ ଶଙ୍ଖମୁହାଁ କ୍ରିକେଟ୍ ଟିମ୍ ମଧରେ ଅନୁଷ୍ଠିତ ହୋଇଥିଲା। ଏଲ୍‌ଏନ୍. ଟିମ୍ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୬୮ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ଶଙ୍ଖମୁହାଁ ଟିମ୍ ନିର୍ଦ୍ଧାରିତ ଓଭରରେ ୮ଉଇକେଟ୍ ହରାଇ ୫୮ରନ୍ କରିବାକୁ ସମର୍ଥ ହୋଇଥିଲା। ଫଳରେ ଏଲ୍‌ଏନ୍. ଟିମ୍ ୧୦ରନ୍‌ରେ ବିଜୟୀ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୬ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳକୁ ରନର୍ସ ଅପ୍ ଟ୍ରଫି ସହ ୧୨ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ହରପ୍ରସନ୍ନ ବେହେରା, ଦୀନବନ୍ଧୁ ବେହେରା, କମଳାକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ମନୋଜ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ।


**ODISHA LIFT IRRIGATION CORPORATION LTD. (A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I. DIVISION, BALANGIR**
E-mail: www.eeolicbgr@rediffmail.com
"E"-Procurement Notice
BID IDENTIFICATION NO. OLIC-BLGR-02/2019-20
No. 335, Date- 27.01.2020

**No.CAD-881:-** Bids are invited from contrctors having valid civil License and valid registration with the State P.W.D./ R.W.S.S./ P.H.E.D./ Irrigation for special repair of L.I. Division Office Building at Laltikra, Balangir as mentioned below under Percentage rate contract on turn-key basis.

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-02/2019-20 | 14.02.2020 at 11 hrs. | 19.02.2020 upto 17 hrs. | 18.02.2020 upto 17 hrs. | 20.02.2020 at 11 hrs. |

ANNEXURE

| Pkg No. | Brief Description of works | Approx. quantity required (in Nos.) | Appr. Estimated cost (in Rs.) | Bid Security (EMD) to be deposited | Cost of Bid document (including 5% GST on reverse charge mechanism) |
|---|---|---|---|---|---|
| 1 | Special repair of L.I. Division Office Building at Laltikra, Balangir | 01 | 9,33,179/- | 9,332/- | 4,200/- |

Details can be seen from the Website www.tendersorissa.gov.in.
- Any Corrigendum/ Addendum will be displayed in the above website only.

32154/11/0003/1920 Sd./- Executive Engineer, L.I. Division, Balangir



**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(CHILD PROTECTION UNIT)**
District Child Protection Unit, Ground Floor of the Settlement Office, Sub-Collectorate, Dhenkanal-759001, Telephone No: 06762-223246; Email: dcpo.dhenknal.od@nic.in, dhenkanaldcpu@gmail.com

**Letter No.44/DCPU/2020** **Date:27.01.2020**
**Ref. Adv. No:- 187/DCPU/18 Dt:-17.03.2018 & 162/ DCPU/17, Dt:- 04.05.2017**

**INVITATION OF OBJECTION**

No.g-61 :- The details of the provisional list of the candidates applying for the post of "Accountant & Data Analyst" under District Child Protection Unit, Dhenkanal, the list of the candidates for the post of **"Accountant & Data Analyst"** is given in the govt. website of **dhenkanal.nic.in.**

Candidates preferring objection may make the objection addressed to The Office of the District Child Protection Officer, District Child Protection Unit, Ground Floor of the Settlement Office, Sub-Collectorate, Dhenkanal- 759001, and latest by 5.30pm on dated:- 06.02.2020 only by speed post / registered post only. Any other mode of submission of objection will not be entertained. Received objection shall be rejected if received any after due date and time. Any postal delay the office will not be responsible. Candidates are advised to **"indicating the name, Sl. No. of provisional list, point of objection"** etc. objection has to be supported with relevant documents as proof.

33030/11/0002/1920 Sd./- Dist. Collector-cum- Dist. Magistrate, Dhenkanal



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL**

No. 1297 /DWH **Tender Call Notice** Date 28.01.2020

**E-699:-** Sealed tenders are invited from authorized firms for **supply & installation of Equipment, Instrument, Furniture and Other Chemicals & Reagents to Kandhamal district**. The details are available in the district website: www.kandhamal.nic.in . The eligible bidders may submit their tender papers **on or before 12.02.2020 by 12 Noon** through Registered Post / Speed Post / Courier only to the undersigned. The **Technical Bid document will open on 12.02.2020 at 4 PM**. Who will qualify in the technical bid, their **Price Bid will be opened on 13.02.2020 at 11 AM** by the purchase committee in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

Sd/-
Chief District Medical & PH Officer,
Kandhamal

10015/11/0031/1920



e-mail ID - sepwd_rgda@yahoo.com
Phone/Fax No –06856 - 223049

**OFFICE OF THE SUPERINTENDING ENGINEER, RAYAGADA (R&B) CIRCLE, RAYAGADA**
**E-Procurement Notice**
No.639-B :- Bid Identification No. SE (RANDB) RGDA- 02/ 2019-20 (Online)
No.51 **INVITATION FOR BIDS** Date:22.01.2020

| | | | |
|---|---|---|---|
| 1. | The Superintending Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in online mode only for the construction of works as detailed in the table below: | | |
| 2. | Nature of work | : | Building work |
| 3. | No. of work | : | 01 (One) no. of work |
| 4. | Estimated Cost. (Approximately) | : | Rs. 127.16 lakh |
| 5. | Bid Cost | : | Rs. 10,000/- (each) |
| 6. | Class of Contractor | : | "B" Class /"A" Class as per Financial Eligibility. |
| 7. | Availability of Bid Documents in the website | : | 11.00 Hrs of Dt. 05.02.2020 to 16.00 Hrs of Dt. 20.02.2020 |
| 8. | Date of opening of Bid | : | 11.00 Hrs of Dt. 24.02.2020. |
| 9. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

34128/11/0002/1920 Sd/ Superintending Engineer, Rayagada (R&B) Circle, Rayagada



**Directorate of Mission Shakti** g-59
**Department of Women & Child Development and Mission Shakti**
**Government of Odisha**
Letter No: WCD-MS-0080-2020-238 /DMS(WCDMS) Date: 27.01.2020

**TENDER CALL NOTICE**

Sealed Tenders are invited from interested reputed financially sound Catering Agency having valid registration certificate for empanelment of catering agency for supply of food for Meetings and Trainings organized by Directorate of Mission Shakti, Mission Shakti Bhawan, Pokhariput, Bhubaneswar.

The Tender completed in all respect shall be deposited in the office of the Commissioner cum Director, Directorate of Mission Shakti, Mission Shakti Bhawan, Pokhariput, Bhubaneswar - 751030 on or before 18.02.2020 by 4.00 P.M. through Register Post/Speed Post only. The application form of the tender containing General Bid information and terms & conditions can be downloaded from the **website- www.wcdodisha.gov.in** from 29.01.2020 to 18.02.2020. A Tender Fee of Rs.500/- and EMD of Rs. 5,000/- in shape of Demand Draft in favour of "Commissioner cum Director, Directorate of Mission Shakti "payable at Bhubaneswar is to be submitted along with the Tender Application at the time of submission of the application. The authority reserves the right to cancel/modify the Tender at any point of time, same will be placed in the website.

By Order of the Commissioner cum Director
Joint Secretary
Directorate of Mission Shakti

Mission Shakti Bhavan, Pokhariput, Bhubaneswar-751030, Odisha
Tel: 0674 2974093, Mail: pmumissionshakti@gmail.com
33001/11/0025/1920



❝ ଆଜିର ଲକ୍ଷ୍ୟ କାହାର ଅନିଷ୍ଟ ନ କରି, କାହାକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା। ଏ ଲକ୍ଷ୍ୟ ସାଧନ ପାଇଁ ସମସ୍ତେ ଲାଗିଲେ ସମାଜରୁ ଦୁଃଖ ଓ ଦୁରାଚାର ଯିବ, ସମସ୍ତେ ସୁଖୀ ହେବେ। –ରମାଦେବୀ



## ସଂକ୍ଷେପରେ

### ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**କଟକ ଅଫିସ,୨୮।୧:** ମହାନଦୀ ବିହାର ମହିଳା ମହାବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ନରେନ୍ଦ୍ର କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ କଲେଜର ନୂତନ ଗୃହ 'ଯଶୋଦା' ଉଦ୍‌ଘାଟିତ ହୋଇଥିଲା। ଇଂ. ଗୋପାଳକୃଷ୍ଣ ବେହେରା, ସୂର୍ଯ୍ୟନାରାୟଣ ସାହୁ, କିଷନଲାଲ ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ନିହାରିକା ନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ଡ. ସାବିତ୍ରୀ ଶାସ୍ତ୍ରୀଙ୍କ ନିର୍ଦ୍ଦେଶନାରେ ନାଟକ 'ଫେସ୍‌ବୁକରେ ଜେଜେ ମା' ମଞ୍ଚସ୍ଥ ହୋଇଥିଲା।

### ମୃତ ଯୁବକଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ

**କଣ୍ଟାପଡ଼ା,୨୮।୧(ଡି.ଏନ୍.ଏ.):** ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣେ ଯୁବକଙ୍କ ଗୋଟିଏ ଆଖିକୁ ପରିବାର ଲୋକ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଦାନ କରିଥିବା ଜଣାପଡିଛି। ମୃତ ଯୁବକ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡପାଟସୁନ୍ଦରପୁର ଗ୍ରାମର ନବକିଶୋର ପ୍ରଧାନ(୩୪)। ସୂଚନା ଅନୁଯାୟୀ, ନବକିଶୋର ମଙ୍ଗଳବାର ସକାଳୁ ଏକ ବାଇକ୍‌ରେ ଭୁବନେଶ୍ୱରକୁ ପାଣିପାଇପ କାମ କରିବା ପାଇଁ ଯାଉଥିଲେ। ବାଲିଅନ୍ତା-ହଂସପାଳ ରାସ୍ତାରେ ଯାଉଥିବାବେଳେ ତାଙ୍କ ଉପରେ ଏକ ଅଜଣା ଗାଡି ମାଡିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଦୁର୍ଘଟଣାରେ ତାଙ୍କର ଡାହାଣ ଆଖି ନଷ୍ଟ ହୋଇ ଯାଇଥିବା ବେଳେ ବାମ ଆଖିକୁ ପରିବାର ଲୋକ ଦାନ କରିଛନ୍ତି।

### ଲୋକପ୍ରିୟତା ଆଧାରରେ ପ୍ରାର୍ଥୀ ଚୟନ

#### ୭ନଂ. ଜିଲାପରିଷଦ ଜୋନ୍ ଉପନିର୍ବାଚନ

**କଟକ ସଦର, ୨୮।୧(ଡି.ଏନ୍.ଏ.):** କଟକ ଜିଲା ପରିଷଦ ୭ନଂ. ଜୋନ୍ ଉପନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପରିଷଦ ସଭ୍ୟ ଗୋବିନ୍ଦ ସାମଲଙ୍କ ମୃତ୍ୟୁ ପରେ ଏହି ସିଟ୍ ଖାଲି ରହିଛି। ଜିଲା ପରିଷଦର ଅବଧି ପୂରିବାକୁ ଆଉ ୨୪ମାସ ଥିବା ବେଳେ ଏବେ ଉପନିର୍ବାଚନ ପାଇଁ ତତ୍ପର ହୋଇଛି ପ୍ରଶାସନ। ଫେବୃୟାରୀରେ ନିର୍ବାଚନ ହୋଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଭୋଟର୍ ତାଲିକା ସଂଶୋଧନ ମଧ ସରିଛି। ଏହି ଉପନିର୍ବାଚନକୁ ନେଇ ପ୍ରମୁଖ ରାଜନୈତିକ ଦଳର ନେତାମାନେ ଉତ୍ସାହିତ ଥିବା ଜଣାପଡ଼ିଛି। ତଫସିଲ୍‌ଭୁକ୍ତ ଜାତି ପାଇଁ ସଂରକ୍ଷିତ ଥିବା ଏହି ଆସନ ଲାଗି ପ୍ରାର୍ଥୀ ଖୋଜା ଚାଲିଛି। ପ୍ରାର୍ଥୀ ଚୟନ ପ୍ରାୟତଃ ଚୂଡ଼ାନ୍ତ ହୋଇଛି ବୋଲି କହିଛନ୍ତି କଟକସଦର ନିର୍ବାଚନମଣ୍ଡଳୀର ବିଜେଡି ସଭାପତି ପ୍ରମୋଦ ମହାପାତ୍ର। ଲୋକପ୍ରିୟତା ଆଧାରରେ ପ୍ରାର୍ଥୀ ଚୟନ କରାଯିବ ବୋଲି ଭାଜପା ରାଜ୍ୟ ସମ୍ପାଦକ ଦିଲ୍ଲୀପ ମଲ୍ଲିକ କହିଛନ୍ତି। ଜାତୀୟ ଦଳ ହୋଇଥିବା ଯୋଗୁ ଭଲ ପ୍ରାର୍ଥୀଙ୍କୁ ମଇଦାନକୁ ଅଣାଯିବ ବୋଲି କଂଗ୍ରେସ ନେତା ଦିଲ୍ଲୀପ ମହାନ୍ତି କହିଛନ୍ତି।

# ଜନଶୁଣାଣି ଶିବିରରେ ୧୧୫ ଅଭିଯୋଗ

**କଟକ ସଦର,୨୮।୧(ଡି.ଏନ୍.ଏ.)**

କିଶନ ନଗର ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟକ୍ତିଗତ ୧୧୫ଟି ଅଭିଯୋଗ ଆସିଥିବାବେଳେ ସମୂହ ଅଭିଯୋଗକୁ ନେଇ ଶିବିର ସରଗରମ ହୋଇଥିଲା। ମହାନଦୀ ଶାଖା ଶୁକପାଇକା ନଦୀର ମୁହାଁଣ ଖୋଲାକୁ ନେଇ ସପକ୍ଷ ଓ ବିପକ୍ଷବାଦୀଙ୍କ ପକ୍ଷରୁ ପୃଥକ୍ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁହାଣ ଖୋଲି ଏକ କେନାଲ ଖୋଳିବା ପାଇଁ ସପକ୍ଷବାଦୀମାନେ ଦାବିପତ୍ର ପ୍ରଦାନ କରିଥିଲେ। ଏହା ହେଲେ ମତ୍ସ୍ୟଚାଷର ବିକାଶ ସହ ଖରାଦିନେ ଜଳ ସଙ୍କଟକୁ ଏଡାଇ ଦିଆଯାଇପାରିବ ବୋଲି ନିର୍ମଳ ରଥ, ରୋଶନ ରଥ, ଅରବିନ୍ଦ ମହାନ୍ତି, ଜୀବନ ମହାନ୍ତି ପ୍ରମୁଖ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ କହିଥିଲେ। ଅପରପକ୍ଷେ ବିପକ୍ଷବାଦୀମାନେ ନଦୀରେ ମୁହାଣ ଖୋଲିଲେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହ ବହୁ ସରକାରୀ କାର୍ଯ୍ୟାଳୟ ପ୍ରଭାବିତ ହେବ ବୋଲି ଦିଲୀପ ମହାନ୍ତି, ଛତ୍ରପତି ସିଂ ଓ ମଦନ ମୋହନ ଭୋଇ ପ୍ରମୁଖ ଯୁକ୍ତି ଉପସ୍ଥାପନ କରିଥିଲେ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଉଭୟ ପକ୍ଷଙ୍କ ଦାବି ତର୍ଜମା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ କିଶନ ନଗର ବିକାଶ ମଞ୍ଚର ଦିବାରାତ୍ରି ଧାରଣାସ୍ଥଳକୁ ଯାଇ ଜିଲାପାଳ ପ୍ରମୁଖ କର୍ମକର୍ତ୍ତା ସୀତାରାମ ପଣ୍ଡା, ପ୍ରତାପ ବେହେରା, ସୟଦ ସାଜିଦ୍ ଅଲ୍ଲୀ, କଳ୍ପନା ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ୧୯୯୩ରୁ ଜିଲା ବିଭାଜନ ପରେ କଟକ ଜିଲାର ପ୍ରମୁଖ ସରକାରୀ ବିଭାଗ ଏପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ଅଧୀନରେ ଥିବା ଦାବିଗୁଡିକ ଖୁବ୍‌ଶୀଘ୍ର ପୂରଣ ପାଇଁ ମଞ୍ଚର କର୍ମକର୍ତ୍ତାମାନେ ଜିଦ୍ ଧରି ବସିଥିଲେ। ଦାବିଗୁଡିକ ଯଥାର୍ଥ ହୋଇଥିବାରୁ ପୂରଣ ପାଇଁ ସରକାରଙ୍କୁ ପତ୍ର ଲେଖିବେ ବୋଲି ଜିଲାପାଳ କହିଥିଲେ। ଏହାଛଡା ପୁରୁଣାହାଟ ପଞ୍ଚାୟତ ଓ ଡକିମିରା ଗ୍ରାମରେ ଗୋଚର ଜମି ଜବରଦଖଲ ବିରୋଧରେ ସ୍ଥାନୀୟ ତଫସିଲଭୁକ୍ତ ଜାତି ମଞ୍ଚର ଦାବିପତ୍ରକୁ ଗ୍ରହଣ କରି ଏହା ଉପରେ ରିପୋର୍ଟ ଦେବା ପାଇଁ କିଶନନଗର ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦ୍ଦଲ ଅଖତର, ତହସିଲଦାର ସୁଚେତା ମହାପାତ୍ର ଓ ଅତିରିକ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।



କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ମଙ୍ଗଳବାର ଥିଏଟର ମୁଭମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଫେଷ୍ଟିଭାଲରେ ମହାରାଷ୍ଟ୍ରର ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟକ ଚିମତାର ଏକ ଦୃଶ୍ୟ।



ଝାଜିଆ ହାଇସ୍କୁଲରେ କାର୍ଯ୍ୟରତ ପିଅନଙ୍କ ବଦଳି ପ୍ରତିବାଦରେ ମଙ୍ଗଳବାର କଟକ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଝାଜିଆ ଗ୍ରାମବାସୀ ଧାରଣା ଦେଇଛନ୍ତି।

## ନେତାଜୀ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**କଟକ ଅଫିସ, ୨୮।୧**

ଇଣ୍ଟରନ୍ୟାଶନାଲ କ୍ଲବ ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା ୨୫ତମ ନେତାଜୀ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନେତାଜୀ ଫଟୋଚିତ୍ର ପ୍ରଦର୍ଶନୀକୁ କୋଲକାତାସ୍ଥିତ ହାଓଡ଼ା ସାଂସ୍କୃତିକ ଉନ୍ନୟନ ମଞ୍ଚର ସଭାପତି ଶ୍ରୀକାନ୍ତ ଘୋଷ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦିବସରେ ଅତିଥି ଭାବେ ବହୁବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ନେତାଜୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ କ୍ଲବ ସଭାପତି ବିମ୍ବାଧର ମହାପାତ୍ର, ସମ୍ପାଦକ ଗଣେଶ ଚନ୍ଦ୍ର ଦାସ, ସୁବାସ ଦାସ ଓ କ୍ଲବର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଘରୋଇ କମ୍ପାନୀକୁ ହାଡ଼ିଆପଠା ଦିଆ ନ ଯାଉ

**ମହାନଗର ନାଗରିକ ମଞ୍ଚର ଦାବି**

**କଟକ ଅଫିସ, ୨୮।୧**

କୌଣସି ଆଳରେ କିମ୍ବା ପରିସ୍ଥିତିରେ ଘରୋଇ କମ୍ପାନୀକୁ ସହରର ମୂଲ୍ୟବାନ ଜମି ବିଶେଷକରି ହାଡ଼ିଆପଠା ନ ଦେବାକୁ ମହାନଗର ନାଗରିକ ମଞ୍ଚ ଦାବି କରିଛି। ମଙ୍ଗଳବାର ସିଡିଏସ୍ଥିତ କାର୍ଯ୍ୟାଳୟରେ ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି ଯେ, ଘରୋଇ କମ୍ପାନୀକୁ ସହରର ମୂଲ୍ୟବାନ ଜମି ଦିଆ ନ ଯାଉ, କଟକରୁ ଇଞ୍ଜିନିୟରିଂ ସ୍କୁଲ ପଡ଼ିଆ ଏବଂ ଏସ୍‌ସିବି ମେଡିକାଲ ପଡ଼ିଆ ଆଦି ସାର୍ବଜନୀନ ଅନୁଷ୍ଠାନ ସ୍ଥାନାନ୍ତର କରା ନ ଯାଉ, ସମସ୍ତ ଐତିହ୍ୟସ୍ଥଳୀକୁ ତୁରନ୍ତ ଚିହ୍ନଟ କରି ସୁରକ୍ଷିତ ରଖାଯାଉ, କଟକକୁ ଅନୁପମ ପର୍ଯ୍ୟଟନସ୍ଥଳ କରାଯାଉ, ଜାଇକା ଓ ମଶା ଉପଦ୍ରବ ରୋକାଯାଉ, ରେଭେନ୍‌ଶା ଓ ଶିଶୁଭବନ ଭଳି ଶିକ୍ଷା ତଥା ସ୍ୱାସ୍ଥ୍ୟଭିତ୍ତିକ ଐତିହ୍ୟ ସମ୍ପନ୍ନ ଅନୁଷ୍ଠାନକୁ ବିଶ୍ୱସ୍ତରୀୟ ଅନୁଷ୍ଠାନ କରାଯାଉ। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଶିଶିର ଦାସ, ସତ୍ୟ ରାୟ, ପ୍ରଶାନ୍ତ ଦାସ, ବିଶ୍ୱାବସୁ ଦାସ, ସୁକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶାସ୍ତ୍ରୀୟ ସଙ୍ଗୀତକୁ ସୁନନ୍ଦାଙ୍କ ଅବଦାନ ଅତୁଳନୀୟ

**କଟକ ଅଫିସ, ୨୮।୧:**

ସୁନନ୍ଦା ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିସଭା ମଙ୍ଗଳବାର ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ କବି ଜୟନ୍ତ ମହାପାତ୍ର ଯୋଗଦେଇ କହିଥିଲେ, ସୁନନ୍ଦା ପଟ୍ଟନାୟକ ଭାବ ଓ ସ୍ୱରର ଅସାଧାରଣ ଶିଳ୍ପୀ ଥିଲେ। ଶ୍ୟାମାମଣି ପଟ୍ଟନାୟକ, କବି ଅମରେଶ ପଟ୍ଟନାୟକ, ଡ. ବିଜୟାନନ୍ଦ ସିଂହ, ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରି ସୁନନ୍ଦାଙ୍କ ଅକ୍ଷୟ କୀର୍ତ୍ତି ଓଡ଼ିଆ ଜାତିର ଗର୍ବ, ଗୌରବର ସାମଗ୍ରୀ ବୋଲି କହିଥିଲେ। ପ୍ରଫେସର ସଞ୍ଜୟ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଶ୍ରୀରାମଚନ୍ଦ୍ର ଭବନରେ ସୁନନ୍ଦା ପଟ୍ଟନାୟକଙ୍କ ତୈଳଚିତ୍ର ସ୍ଥାନିତ କରିବା ସହ ସରକାର ଏକ ରାଜ୍ୟସ୍ତରୀୟ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

ସେହିପରି ସାରଳା ଭବନରେ ମଙ୍ଗଳବାର ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତକୁ ସୁନନ୍ଦା ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ଜଣେ କଣ୍ଠଶିଳ୍ପୀ ଓ ଶାସ୍ତ୍ରୀୟ ସଙ୍ଗୀତ ଗବେଷିକା ଭାବେ ସେ ସୁପରିଚିତ ଥିଲେ। ଭାରତୀୟ ସଙ୍ଗୀତ ଜଗତର ଯଥାର୍ଥରେ ସେ ଅମଳିନ ନକ୍ଷତ୍ର। ଓଡ଼ିଆ ଜାତିର ଗର୍ବ ଓ ଗୌରବ ସୁନନ୍ଦା ପଟ୍ଟନାୟକଙ୍କ ସଙ୍ଗୀତ ସାଧନା ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି ସେ କହିଥିଲେ। ସଭାରେ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଅଧ୍ୟାପକ ପ୍ରତାପ କିଶୋର ମହାନ୍ତି, ଡ. ସୁନୀତି ଦେବୀ, ପୂର୍ବତନ ପ୍ରଶାସକ ବଂଶୀଧର ରାଉତ, ଗୀତିକାର ଅଜିତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କଟକ ଅଫିସ, ୨୮।୧**

ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ୨୪ ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଡ. ବନ୍ଦିତା ଦାସ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରାଜେନ୍ଦ୍ର କୁମାର କୁଅଁର ଏବଂ ଡ. ଭାଗ୍ୟଲକ୍ଷ୍ମୀ ଦାସ ଯୋଗଦେଇଥିଲେ। ପ୍ରଶିକ୍ଷିକା ଅପର୍ଣ୍ଣା ଦାସ ଓ ଗାୟତ୍ରୀ ସ୍ୱାଇଁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆତ୍ମରକ୍ଷା ସମିତିର ଉପାଧ୍ୟକ୍ଷ ଉପଦେଷ୍ଟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିବିରରେ ମୋଟ ୨୪୦ ଛାତ୍ରୀ ଭାଗ ନେଇଥିଲେ।

## ମଦ ଦୋକାନ ଖୋଲାଯିବାକୁ ବିରୋଧ

**ଡିସିପିଙ୍କୁ ଦାବିପତ୍ର ପ୍ରଦାନ**

**କଟକ ଅଫିସ,୨୮।୧**

ବ୍ରଜବିହାରୀପୁର ଗ୍ରାମରେ କେତେକ ବ୍ୟକ୍ତି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଇ ମଦ ଦୋକାନ ଖୋଲିବାକୁ ଉଦ୍ୟମ କରୁଛନ୍ତି। ଏହାର ପ୍ରତିବାଦ କରି ଗତ ୨୦ ତାରିଖରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏ ନେଇ ଦାବିପତ୍ର ଡିସିପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ରଙ୍କୁ ଦେଇଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଡିସିପି ପ୍ରତିଶ୍ରୁତି ଦେଇଥିଲେ। ଯଦି କୌଣସି ପଦକ୍ଷେପ ନ ନିଆଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟବାସିନ୍ଦା ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସୁପ୍ରଭା ବେହେରା, ଲକ୍ଷ୍ମୀ ଦାସ, ଝୁନୁଲତା ବେହେରା, କୁନି ଦାସ, ଟୁନି ଛାଟୋଇ, ପ୍ରମିଳା ଦାସ, ରୀତାରାଣୀ ଦାସ, ସୁନିତା ଦାସ, ଗୀତାଞ୍ଜଳି ସ୍ୱାଇଁ ବନିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ତୋଟାପଡ଼ା ମା' ମଙ୍ଗଳା କ୍ଲବ ଚାମ୍ପିୟନ

**ଖୁଣ୍ଟୁଣୀ, ୨୮।୧ (ଡି.ଏନ.ଏ.)**

ସ୍ଥାନୀୟ ବଜାର ପଡ଼ିଆରେ ଚାଲିଥିବା ମା' କନକଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତୋଟାପଡ଼ାର ମା' ମଙ୍ଗଳା କ୍ରିକେଟ ଟିମ୍ ଏବଂ ବୀର ରାଧାକିଶୋରପୁରର ଶକ୍ତିମୟୀ କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ୧୨ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ମା' ମଙ୍ଗଳା ଟିମ୍ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୧୮ରନ କରିଥିଲା। ଜବାବରେ ଶକ୍ତିମୟୀ କ୍ରିକେଟ ଟିମ୍ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୦୦ରନ କରିବାରେ ସକ୍ଷମ ହୋଇଥିଲା। ଏଥିରେ ରକେଶ ରୋଶନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁର୍ଗାପ୍ରସାଦ ଉଭୟ ମ୍ୟାନ ଅଫ ଦି ସିରିଜ ଏବଂ ବେଷ୍ଟ ଫିଲ୍‌ଡର ବିବେଚିତ ହୋଇଥିଲେ। ସୌମ୍ୟରଞ୍ଜନ ରାଉତ, ସଦାଶିବ ସାହୁ ଓ ବିକାଶ ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସଚ୍ଚିଦାନନ୍ଦ ପଣ୍ଡା, ବିପିନ ବିହାରୀ ପ୍ରଧାନ, କିଶୋର ସ୍ୱାଇଁ ଓ ଚିତ୍ତରଞ୍ଜନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କନକଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

## ସମ୍ବାଦପତ୍ର ବିକ୍ରେତା ସଂଘର ବନ୍ଧୁମିଳନ



**କଟକ ଅଫିସ, ୨୮।୧**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ମଙ୍ଗଳବାର ଖସଡ଼ାଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଏକଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଜିରାଙ୍ଗର ବୌଦ୍ଧ ମନ୍ଦିର, ତପ୍ତପାଣି ଇତ୍ୟାଦି ସ୍ଥାନ ପରିଭ୍ରମଣ କରିଥିଲେ। ସଭାପତି ବିଜୟ କୁମାର ପଡିହାରୀ, ଉପସଭାପତି ସିନୁ ରେଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ସନ୍ତୋଷ ମହାନ୍ତି, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ମନୋଜ ପାଲ, ହାଡ଼ିବନ୍ଧୁ ବେହେରା, ମଣ୍ଟୁ ସାହୁ, ପ୍ରଭାସ ପ୍ରଧାନ, ବଂଶୀଧର ବେହେରା, ବିଷ୍ଣୁ ଦାସ, ଧ୍ରୁବଚରଣ ବେହେରା ଏଥିରେ ଅଂଶ ଗ୍ରହଣ କରିଥିଲେ।


**ODISHA LIFT IRRIGATION CORPORATION LTD. (A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I. DIVISION, BALANGIR**
E-mail: www.eeolicbgr@rediffmail.com
"E"-Procurement Notice
BID IDENTIFICATION NO. OLIC-BLGR-02/2019-20
No. 335, Date- 27.01.2020

**No.CAD-881:-** Bids are invited from contrctors having valid civil License and valid registration with the State P.W.D./ R.W.S.S./ P.H.E.D./ Irrigation for special repair of L.I. Division Office Building at Laltikra, Balangir as mentioned below under Percentage rate contract on turn-key basis.

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-02/2019-20 | 14.02.2020 at 11 hrs. | 19.02.2020 upto 17 hrs. | 18.02.2020 upto 17 hrs. | 20.02.2020 at 11 hrs. |

**ANNEXURE**

| Pkg No. | Brief Description of works | Approx. quantity required (in Nos.) | Appr. Estimated cost (in Rs.) | Bid Security (EMD) to be deposited | Cost of Bid document (including 5% GST on reverse charge mechanism) |
|---|---|---|---|---|---|
| 1 | Special repair of L.I. Division Office Building at Laltikra, Balangir | 01 | 9,33,179/- | 9,332/- | 4,200/- |

Details can be seen from the Website **www.tendersorissa.gov.in**.
- Any Corrigendum/ Addendum will be displayed in the above website only.

32154/11/0003/1920 Sd./- Executive Engineer, L.I. Division, Balangir

**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(CHILD PROTECTION UNIT)**
District Child Protection Unit, Ground Floor of the Settlement Office, Sub-Collectorate, Dhenkanal-759001, Telephone No: 06762-223246; Email: dcpo.dhenknal.od@nic.in, dhenkanaldcpu@gmail.com

**Letter No.44/DCPU/2020** **Date:27.01.2020**
**Ref. Adv. No:- 187/DCPU/18 Dt:-17.03.2018 & 162/ DCPU/17, Dt:- 04.05.2017**

**INVITATION OF OBJECTION**

No.g-61 :- The details of the provisional list of the candidates applying for the post of "Accountant & Data Analyst" under District Child Protection Unit, Dhenkanal, the list of the candidates for the post of **"Accountant & Data Analyst"** is given in the govt. website of **dhenkanal.nic.in.**
Candidates preferring objection may make the objection addressed to The Office of the District Child Protection Officer, District Child Protection Unit, Ground Floor of the Settlement Office, Sub-Collectorate, Dhenkanal- 759001, and latest by 5.30pm on dated:- 06.02.2020 only by speed post / registered post only. Any other mode of submission of objection will not be entertained. Received objection shall be rejected if received any after due date and time. Any postal delay the office will not be responsible. Candidates are advised to **"indicating the name, Sl. No. of provisional list, point of objection"** etc. objection has to be supported with relevant documents as proof.

Sd./- Dist. Collector-cum- Dist. Magistrate, Dhenkanal
33030/11/0002/1920

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL**
No. 1297 /DWH **Tender Call Notice** Date 28.01.2020

**E-699:-** Sealed tenders are invited from authorized firms for **supply & installation of Equipment, Instrument, Furniture and Other Chemicals & Reagents to Kandhamal district**. The details are available in the district website: www.kandhamal.nic.in . The eligible bidders may submit their tender papers **on or before 12.02.2020 by 12 Noon** through Registered Post / Speed Post / Courier only to the undersigned. The **Technical Bid document will open on 12.02.2020 at 4 PM**. Who will qualify in the technical bid, their **Price Bid will be opened on 13.02.2020 at 11 AM** by the purchase committee in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

Sd/-
Chief District Medical & PH Officer, Kandhamal
10015/11/0031/1920

**Directorate of Mission Shakti** g-59
**Department of Women & Child Development and Mission Shakti**
**Government of Odisha**
Letter No: WCD-MS-0080-2020- 238 /DMS(WCDMS) Date: 27.01.2020

**TENDER CALL NOTICE**

Sealed Tenders are invited from interested reputed financially sound Catering Agency having valid registration certificate for empanelment of catering agency for supply of food for Meetings and Trainings organized by Directorate of Mission Shakti, Mission Shakti Bhawan, Pokhariput, Bhubaneswar.

The Tender completed in all respect shall be deposited in the office of the Commissioner cum Director, Directorate of Mission Shakti, Mission Shakti Bhawan, Pokhariput, Bhubaneswar - 751030 on or before 18.02.2020 by 4.00 P.M. through Register Post/Speed Post only. The application form of the tender containing General Bid information and terms & conditions can be downloaded from the **website- www.wcdodisha.gov.in** from 29.01.2020 to 18.02.2020. A Tender Fee of Rs.500/- and EMD of Rs. 5,000/- in shape of Demand Draft in favour of "Commissioner cum Director, Directorate of Mission Shakti "payable at Bhubaneswar is to be submitted along with the Tender Application at the time of submission of the application. The authority reserves the right to cancel/modify the Tender at any point of time, same will be placed in the website.

By Order of the Commissioner cum Director
Joint Secretary
Directorate of Mission Shakti

Mission Shakti Bhavan, Pokhariput, Bhubaneswar-751030, Odisha
Tel: 0674 2974093, Mail: pmumissionshakti@gmail.com
33001/11/0025/1920

e-mail ID - sepwd_rgda@yahoo.com
Phone/Fax No –06856 - 223049
**OFFICE OF THE SUPERINTENDING ENGINEER, RAYAGADA (R&B) CIRCLE, RAYAGADA**
**E-Procurement Notice**
**No.639-B :- Bid Identification No. SE (RANDB) RGDA- 02/ 2019-20 (Online)**
No.51 **INVITATION FOR BIDS** Date:22.01.2020

| | | | |
|---|---|---|---|
| 1. | The **Superintending Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in **online mode** only for the construction of works as detailed in the table below: | | |
| 2. | Nature of work | : | Building work |
| 3. | No. of work | : | 01 (One) no. of work |
| 4. | Estimated Cost. (Approximately) | : | Rs. 127.16 lakh |
| 5. | Bid Cost | : | Rs. 10,000/- (each) |
| 6. | Class of Contractor | : | "B" Class /"A" Class as per Financial Eligibility. |
| 7. | Availability of Bid Documents in the website | : | 11.00 Hrs of Dt. 05.02.2020 to 16.00 Hrs of Dt. 20.02.2020 |
| 8. | Date of opening of Bid | : | 11.00 Hrs of Dt. 24.02.2020. |
| 9. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd/ Superintending Engineer, Rayagada (R&B) Circle, Rayagada
34128/11/0002/1920



ଆଜିର ଲକ୍ଷ୍ୟ କାହାର ଅନିଷ୍ଟ ନ କରି, କାହାକୁ ପୀଡ଼ା ନ ଦେଇ ସ୍ୱଚ୍ଛନ୍ଦ ଜୀବନଯାପନର କଳାକୁ ଆୟତ୍ତ କରିବା। ଏ ଲକ୍ଷ୍ୟ ସାଧନ ପାଇଁ ସମସ୍ତେ ଲାଗିଲେ ସମାଜରୁ ଦୁଃଖ ଓ ଦୁରାଚାର ଯିବ, ସମସ୍ତେ ସୁଖୀ ହେବେ। –ରମାଦେବୀ



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ,୨୮।୧:** ଜଙ୍କିଆ ନୂଆଗାଁ ଛକ ନିକଟରେ ଟ୍ରକ୍ ଧକ୍କାରେ ମଙ୍ଗଳବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଭାତ ଦାଶ(୨୭)। ଘର ଛଣଗିରି ରାଉତରାପୁରରେ। ପ୍ରଭାତ ଜଙ୍କିଆରୁ ବାହାରି ଛଣଗିରି ଅଭିମୁଖେ ବାଇକ୍ (ନଂ. ଓଡି ୦୨ ଏଏଚ ୭୧୨୮) ଯୋଗ ଯାଉଥିଲେ। ଜଙ୍କିଆ ନୂଆଗାଁ ଛକରେ ରାସ୍ତାର ବାମପାର୍ଶ୍ୱରେ ବାଇକ୍ ରଖି ପରିସ୍ରା କରୁଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ଟ୍ରକ୍ (ନଂ. ଓଡି୦୨ ଏଭି ୦୬୧୪) ଧକ୍କା ଦେଇଥିଲା। ପ୍ରଭାତଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଙ୍କିଆ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ସାନଭାଇ କୈଳାସଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଦୁର୍ଘଟଣାରେ ଯୁବକ ମୃତ

**ବେଗୁନିଆ, ୨୮।୧(ଡି.ଏନ.ଏ.):** ବେଗୁନିଆ ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଧବ ପ୍ରଧାନ(୩୨)। ତାଙ୍କ ଘର ବୋଲଗଡ ବ୍ଲକ ବଡପଦର ଗାଁରେ। ମାଧବ କୌଣସି କାମରେ ନିଜ ସମ୍ପର୍କୀୟଙ୍କ ଘର ନିକଟସ୍ଥ ଗିରିଗିରିଆ ଗାଁକୁ ଯାଇଥିଲେ। ସେଠାରୁ ଘରକୁ ଫେରିଥିବା ବେଳେ ରାତି ୧୧ଟାରେ ୫୭ ନଂ. ଜାତୀୟ ରାଜପଥର ଟିକତାଳ ଛକ ନିକଟରେ ତାଙ୍କ ବାଇକ୍‌କୁ ଏକ ଅଜଣା ଗାଡି ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ମାଧବଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ନିଶାବେପାରୀଙ୍କ ଘରେ ପୋଲିସ ଚଢ଼ାଉ

ବମ୍, ମାରଣାସ୍ତ୍ର, ନିଶାଦ୍ରବ୍ୟ ଜବତ

**ଜଟଣୀ, ୨୮।୧(ଡି.ଏନ.ଏ.):** ନିଶାଦ୍ରବ୍ୟ କାରବାର ଚାଲିଥିବା ଖବରପାଇ ଜଟଣୀ ଥାନା ପୋଲିସ ସ୍ଥାନୀୟ ବାଲିଛକ ମୁଣ୍ଡିଆସାହିର ଜଣଙ୍କ ଘରେ ମଙ୍ଗଳବାର ସନ୍ଧ୍ୟାରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ନିଶାବେପାରୀ ଖସିଯିବାରେ ସକ୍ଷମ ହୋଇଥିଲେ ମଧ ଘର ମଧରୁ ବମ୍, ମାରଣାସ୍ତ୍ର, ବ୍ରାଉନ୍‌ସୁଗାର, ମଦ ଆଦି ଜବତ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି। ତେବେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ସମ୍ପୂର୍ଣ୍ଣ ତଥ୍ୟ ଦେଇନାହାନ୍ତି। ୫ଟିରୁ ଅଧିକ ବମ୍ ଜବତ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ପଟ୍ଟା କରାଇବା ବାହାନାରେ ଜାଲିଆତି




ଶବର ସମାବେଶରେ ଉପସ୍ଥିତ ଅତିଥିମାନେ ।

- ପାୱାର ଅଫ୍ ଆଟର୍ନି କରାଇ ବିକି ଦେଲେ ଜମି
- ଠକେଇ ଜଣାପଡିବା ପରେ ବାତିଲ କରାଯାଉନି ଜମି ପଟ୍ଟା
- ନିରକ୍ଷରତା ପାଇଁ ଫସୁଛନ୍ତି ଆଦିବାସୀ

**ଖୋର୍ଦ୍ଧା ଅଫିସ,୨୮।୧**

ଜମି ପଟ୍ଟା କରାଇବା ଓ ରକ୍ଷଣାବେକ୍ଷଣା କରିବାର ବାହାନାରେ କେତେଜଣ ଜମି ମାଫିଆ ଜାଲିଆତି କରିଛନ୍ତି। ସେମାନେ ଖୋର୍ଦ୍ଧା ସହର ଚାଚେରା ଶବରସାହିର ଆଦିବାସୀଙ୍କ ଜମିକୁ ପାୱାର ଅଫ ଆର୍ଟର୍ନି ବଳରେ ବିକ୍ରି କରି ଦେଇଛନ୍ତି। ତେବେ ଆଦିବାସୀମାନେ ଠକେଇ ସମ୍ପର୍କରେ ଜାଣିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ହେଁ ଜମି ପଟ୍ଟା ବାତିଲ କରାଯାଉନି। ନିରକ୍ଷରତା କାରଣରୁ ଆଦିବାସୀମାନେ ଜମି ପରି ବିଭିନ୍ନ ଠକେଇର ଶିକାର ହେଉଛନ୍ତି ବୋଲି ଅଭିଯୋଗ ହୋଇଆସୁଛି।

ଅଭିଯୋଗ ଅନୁସାରେ, ଚାଚରା ଶବରସାହିର ବାବୁଲି ନାୟକ, ଗୁରୁବାରୀ ପ୍ରଧାନ, ଗୋକୁଳ ନାୟକ ପ୍ରମୁଖ ୨୦ ଜଣଙ୍କର ମୁକୁନ୍ଦପ୍ରସାଦ ମୌଜାରେ ଖାତା ନଂ. ୪୦୪, ପ୍ଲଟ୍ ନଂ. ୩୪୦/୨୩୪୩ରେ ଏ. ୧୨.୬୩୦ ଡିସିମିଲି ପରିମିତ ଜମି ଥିଲା। ସମ୍ପୃକ୍ତ ଜମିରି ପଟ୍ଟା କରାଇବା ଓ ରକ୍ଷଣାବେକ୍ଷଣା କରିବାର ପ୍ରଲୋଭନ ଦେଖାଇ ପାୱାର ଅଫ ଆର୍ଟର୍ନି ଜମି ମାଫିଆମାନେ କରାଇ ନେଇଥିଲେ ବୋଲି ଅଭିଯୋଗ ହେଉଛି। ଚତୁରତାର ସହ ନିଜ ନାଁରେ ଜମିକୁ ରେଜେଷ୍ଟ୍ରି କରିବା ପରେ ପ୍ଲଟିଂ କରି ବିକ୍ରି କରି ଦେଇଛନ୍ତି। ଏଭଳି ଠକେଇର ଶିକାର ହୋଇଛନ୍ତି ଚାଚେରା ଶବରସାହିର ୨୦ ଆଦିବାସୀ ପରିବାର। ଜମି ବିକ୍ରି ପଦାକୁ ଆସିବା ପରେ ଚେକ୍ ଧରାଇ ଦେଲେ। ହେଲେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଆଦିବାସୀମାନେ ଟଙ୍କା ପାଇ ପାରିଲେ ନାହିଁ। ପରେ ଜମି ହରାମାନେ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟକୁ ଯାଇ ବିବାଦୀୟ ଜମିର ପ୍ଲଟ ଓ ଖାତା ନମ୍ବରକୁ ବ୍ଲକ କରିଥିଲେ। ହେଲେ ବିବାଦୀୟ ଜମିକୁ ଇଡ୍‌କୋ ଅଧିଗ୍ରହଣ କରିବାକୁ ନୋଟିସ୍ କରିଥିଲା। ଜମି ଅଧିଗ୍ରହଣ ଜଣାପଡିବା ପରେ ଜମିହରାମାନେ ଜିଲାପାଳ ଓ ଉପଜିଲାପାଳଙ୍କୁ ଫେରାଦ୍ ହୋଇଥିଲେ। ତେବେ ୨୦୧୯ ଫେବୃୟାରୀ ୧୯ ତାରିଖରେ ଏକ କମ୍ପାନୀ ପ୍ରକଳ୍ପ ଉଦ୍‌ଘାଟନ କରିବାକୁ ଚେଷ୍ଟା କରିଥିଲା। ଜମିହରାଙ୍କ ପ୍ରତିବାଦ କାରଣରୁ ବିବାଦୀୟ ଜମିରେ ପ୍ରକଳ୍ପ ନିର୍ମାଣ ହୋଇ ପାରି ନ ଥିଲା।

### ଆନ୍ଦୋଳନ ପାଇଁ ନିଷ୍ପତ୍ତି

ଜମିହରାମାନେ ବାରମ୍ବାର ଦାବି, ଆପତ୍ତି, ଅଭିଯୋଗ, ଆନ୍ଦୋଳନ କରିବା ପରେ ସୁଫଳ ପାଉନାହାନ୍ତି। ପ୍ରତିବାଦରେ ଏକ ପ୍ରତିବାଦ ସଭା କରାଯାଇଛି। ଦଳିତ ଆଦିବାସୀ ସୁରକ୍ଷା ମଞ୍ଚର ସଭାପତି ବିଦ୍ୟାଧର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜମିହରା ଆଦିବାସୀମାନେ ଉପସ୍ଥିତ ରହି ଜମି ଠକେଇ ଓ ପ୍ରଶାସନର ଅସହଯୋଗକୁ ଦୃଢ ନିନ୍ଦା କରିଥିଲେ। ନ୍ୟାୟ ନ ମିଳିଲେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ନାୟକ, ଅଶୋକ କୁମାର ନାୟକ, ଶେକ୍ ଇକ୍‌ବାଲ ହୁସେନ, ପାଟ ଦେଈ, ଅଞ୍ଜଳି ସ୍ୱାଇଁ, ବିଜୟାନନ୍ଦ ବାରିକ, ସୁଜାତା ନାୟକ, ଗୁରୁ ମାଝି, ହରିବନ୍ଧୁ ନାୟକ, ପଞ୍ଚାନନ ନାୟକ, ରମା ଦେହୁରୀ, ମମି ପ୍ରଧାନ, ଅରୁଣ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜମି ଠକେଇ ସମ୍ପର୍କରେ ତ୍ୱରିତ ପଦକ୍ଷେପ ନେଇ ଜମି ଫେରି ପାଇବାର ବନ୍ଦୋବସ୍ତ କରିବାକୁ ପୁଣି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଛି।

### ପରିଚୟ ଫେରି ପାଇବାକୁ ଲଢ଼େଇ

ପରିଚୟ ଫେରି ପାଇବା ପାଇଁ ଲଢ଼େଇ କରୁଥିବା ସଅର ସମ୍ପ୍ରଦାୟକୁ ଜମି ମାଫିଆମାନେ ଟାର୍ଗେଟ କରି ଜମି ଜାଲିଆତି କରୁଥିବା ଅଭିଯୋଗ ହୋଇଛି। ଖୋର୍ଦ୍ଧା ସହର ଚାଚେରା ଶବରସାହିର ଆଦିବାସୀମାନଙ୍କର ସରକାରୀ କାଗଜପତ୍ରରେ ସଅର ହୋଇଯାଇଛି। ୨୦୦୪ରୁ ଏମାନଙ୍କୁ ଆଉ ଆଦିବାସୀ ପ୍ରମାଣପତ୍ର ଦିଆଯାଉନାହିଁ। ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ ପରେ ରାଜ୍ୟ ସରକାର ୨୦୧୪ ରେ ସଅର ଲେଖାଥିବା ତ୍ରୁଟିକୁ ସଂଶୋଧନ କରାଇ ଶବରଙ୍କୁ ଆଦିବାସୀ ମାନ୍ୟତା ଦେବାକୁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି। ଯାହାକି ଶୀତଭଣ୍ଡାରରେ ପଡି ରହିଛି। ୧୯୩୦ ଓ ୧୯୬୨ ମସିହା ପଟ୍ଟାରେ ଏଠାର ଶବର ଲୋକଙ୍କର ପଟ୍ଟାରେ ଶବର/ସଅର ଲେଖାଥିଲା। ତେବେ ୧୯୬୫ ପରବର୍ତ୍ତୀ ବନ୍ଦୋବସ୍ତରେ ଭୁଲବଶତଃ ଶବର ନ ଥାଇ କେବଳ ସଅର ରହିଯାଇଛି। ଏହା ପରଠାରୁ ଶବରମାନେ ଆଦିବାସୀ ହୋଇ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି।

# ଗୋଟିପୁଅ ନୃତ୍ୟ ମନ ମୋହିଲା

## ପଲ୍ଲିଶ୍ରୀ ମେଳାର ୨ୟ ସନ୍ଧ୍ୟା



ବାର୍ଷିକ ଉତ୍ସବରେ କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଉଛି ।

**ଖୋର୍ଦ୍ଧା ଅଫିସ,୨୮।୧**

ଖୋର୍ଦ୍ଧା ସହରର ହାବେଳି ପଡିଆରେ ଚାଲୁ ରହିଛି ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା। ଏହାର ୨ୟ ସନ୍ଧ୍ୟାରେ ଭୁବନେଶ୍ୱରର ଆରଧନା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଗୋଟିପୁଅ ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଛି। ପ୍ରଥମେ ମଞ୍ଚରେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରଭାତ ସାହୁ ଓ ତାଙ୍କ ସାଥୀଙ୍କଳ ଦ୍ୱାରା ପାଲା ପରିବେଷଣ କରିଥିଲେ। ପରେ ଜଟଣୀର ନୀଳଶଇଳ ନୃତ୍ୟାଞ୍ଜଳି ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଦେଖିବାକୁ ମିଳିଥିଲା। ପୁଣି ମା' ବାସେଳୀ ଘୋଡା ନାଚ, ନର୍ତ୍ତକୀ ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର ଓ ଖୋର୍ଦ୍ଧାର ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣର ହୋଇଥିଲା । ଅନନ୍ୟା ମିଶ୍ର ଓ ଶମ୍ଭୁଦତ୍ତ ସ୍ୱାଇଁ ଆଙ୍କରିଂ କରିଥିଲେ ।

# ଆଜି ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଶୋକସଭା

- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର'
- ପ୍ରତ୍ୟେକ ବର୍ଷ ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ ମିଳିବ 'ସୁନନ୍ଦା ସମ୍ମାନ'
- ପୁରୀ, କଟକ ବାସଭବନକୁ ସ୍ମୃତି ସଦନ ଭାବେ ବିକଶିତ କରାଯିବ
- ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଜିନିଷ ସ୍ୱତନ୍ତ୍ର ଗ୍ୟାଲେରିରେ ରହିବ

**ଭୁବନେଶ୍ୱର,୨୮।୧(ବ୍ୟୁରୋ):** ଶାସ୍ତ୍ରୀୟ ସଙ୍ଗୀତ ଜଗତର ମହାନ୍ କିମ୍ବଦନ୍ତୀ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ବୁଧବାର ସନ୍ଧ୍ୟାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏକ ରାଜ୍ୟସ୍ତରୀୟ ଶୋକସଭା ଅନୁଷ୍ଠିତ ହେବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସଙ୍ଗୀତ ନାଟକ ଏକାଡେମୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଦିବଂଗତ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ 'ସୁନନ୍ଦା ସମ୍ମାନ' ଏବଂ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତି ବର୍ଷ ରାଜ୍ୟର ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ 'ସୁନନ୍ଦା ସମ୍ମାନ' ପ୍ରଦାନ କରାଯିବ। ଏହାସହ ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚତର ଗବେଷଣା ଓ ଶିକ୍ଷା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ। ପୁରୀ ଓ କଟକସ୍ଥିତ ସୁନନ୍ଦାଙ୍କ ବାସଭବନକୁ ତାଙ୍କ ପରିବାର ଲୋକଙ୍କ ଅନୁମତିକ୍ରମେ ସ୍ମୃତି ସଦନ ଭାବେ ବିକଶିତ କରାଯିବ। ଏହାଛଡ଼ା ସୁନନ୍ଦା ପଟ୍ଟନାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଜିନିଷକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରିରେ ସଂରକ୍ଷିତ ରଖିବାକୁ ବ୍ୟବସ୍ଥା କରାଯିବ। ଏଥିପାଇଁ ସରକାରଙ୍କ ତରଫରୁ ସୁନନ୍ଦାଙ୍କ ବ୍ୟବହୃତ ଜିନିଷକୁ ଦାନ କରିବା ଲାଗି ତାଙ୍କ ପରିବାରକୁ ଅନୁରୋଧ ମଧ୍ୟ କରାଯିବ। ପ୍ରତ୍ୟେକ ବର୍ଷ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୁନନ୍ଦାଙ୍କ ଜୟନ୍ତୀ ପାଳନ କରାଯିବ।

# ରେଲୱେ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

**ଜଟଣୀ,୨୮।୧(ଡି.ଏନ.ଏ.):** ଜଟଣୀସ୍ଥିତ ଖୋର୍ଦ୍ଧାରୋଡ଼ ରେଲୱେ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂ, ଡିଭିଜନ ରେଲୱେ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ପୂର୍ଣ୍ଣିମା ସିଂ, ଡିଭିଜନର ଦୁଇ ଏଡିଆର୍‌ଏମ୍ ରାଜ କୁମାର ଓ ଅଶୋକ କୁମାର, ବରିଷ୍ଠ କାର୍ମିକ ଅଧିକାରୀ ରଞ୍ଜନ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ସୁକାନ୍ତି ମହାନ୍ତି କୁହନ୍ତି, ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ଡିଙ୍ଗର ମଣ୍ଡିରେ ଚାଷୀ ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ,୨୮।୧:** ବେଗୁନିଆ ବ୍ଲକର ଡିଙ୍ଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡି ଚାଷୀଙ୍କ କାମରେ ଲାଗୁ ନ ଥିବାରୁ ମଙ୍ଗଳବାର ସମିତି ସମ୍ମୁଖରେ ଚାଷୀ ବିକ୍ଷୋଭ କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁସାରେ, ମଣ୍ଡି ମନଇଚ୍ଛା ଖୋଲୁଛି। ଟୋକନ ଠିକ୍‌ରେ ମିଳୁନି। ନଭେମ୍ବରରୁ ଚାଷୀ କମିଟି ଗଠନ ଶେଷ ହୋଇଛି। ହେଲେ କମିଟି କିଛି ଜାଣୁନି। ପୁଣି ଚାଷୀ ଧାନ ବିକିଲେ ଆକାଉଣ୍ଟକୁ ଟଙ୍କା ଆସୁନି। ଚାଷୀ କିପରି ଠିକ୍‌ରେ ଧାନ ବିକ୍ରି କରିବ ସେନେଇ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଅବଗତ କରାଇବା ପାଇଁ ବିକ୍ଷୋଭ ଉଦ୍ଦିଷ୍ଟ ଥିଲା ବୋଲି ଚାଷୀ ମତବ୍ୟକ୍ତ କରିଛନ୍ତି।

# ୨୬ ବଦଳରେ ୨୮ରେ କିଣାଗଲା ଧାନ

## ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା

**ଖୋର୍ଦ୍ଧା ଅଫିସ,୨୮।୧:** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ୨୬ ତାରିଖରେ ଧାନ କିଣା ନିର୍ଦ୍ଦେଶକୁ ଯୋଗାଣ ବିଭାଗ, ପ୍ରାଥମିକ କୃଷି ସମବାୟ ସମିତି, ମିଲର ଫୁ କରି ଶୀତଳଭଣ୍ଡାରକୁ ଫୋପାଡି ଦେଇଛନ୍ତି। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବାଘମାରୀ ଗାଁର ଚାଷୀ ବ୍ରହ୍ମାନନ୍ଦ ଦାଶଙ୍କର ଧାନକୁ ୨୬ ତାରିଖରେ ନ କିଣି ୨୮ ତାରିଖରେ କିଣିଲେ। ବ୍ରହ୍ମାନନ୍ଦଙ୍କର ଧାନ କିଣାକୁ ଅନୁଧାନ କଲେ ଜଣାପଡୁଛି ମନ୍ତ୍ରୀ କିଛି ନୁହେଁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସର୍ବେସର୍ବା। ସେମାନଙ୍କ ବିନା ମର୍ଜିରେ କିଛି ହୁଏନା ବୋଲି ଆଉ ପ୍ରମାଣର ଆବଶ୍ୟକତା ରହିଛି।

ବାଘମାରୀ ଗାଁର ବ୍ରହ୍ମାନନ୍ଦ ଦାଶଙ୍କର ଧାନ କିଣା ଯାଉ ନ ଥିଲା। ଚାଷ କାର୍ଯ୍ୟ ପାଇଁ ସେ ଋଣ କରି ସୁଧ ଗଣୁଥିଲେ। ଏପରି କି ଧାନ କିଣ ନଚେତ ଇଚ୍ଛାମୃତ୍ୟୁକୁ ଅନୁମତି ଦିଅ ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଲେ। ଏ ନେଇ ଧରିତ୍ରୀ ଶିରୋନାମାରେ ଖବର ପ୍ରକାଶ ପାଇବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଖବରକୁ ନେଇ ଖୋର୍ଦ୍ଧା ଜିଲା ଯୋଗାଣ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ କରିଥିଲେ। ୨୬ ତାରିଖ ରବିବାର ଧାନ କିଣାଯିବାର କହି ୨୫ ତାରିଖରେ ଟୋକନ ଦେଇଥିଲେ। ତେବେ ବ୍ରହ୍ମାନନ୍ଦଙ୍କ ଧାନ ମଙ୍ଗଳବାର କିଣାଯାଇଛି। ଏ ନେଇ ବ୍ରହ୍ମାନନ୍ଦ କୁହନ୍ତି, ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମୁଁ ନ୍ୟାୟ ପାଇଛି। ତେବେ ବିଭାଗୀୟ ଅଧିକାରୀ, ପଦାଧିକାରୀ ତାଙ୍କୁ ଏପଟ ସେପଟ କହିଥିଲେ। କେହି କହିଥିଲେ ଧାନ କିଣାଯିବ ଭାବିବା ଠିକ୍ ନୁହେଁ। ଆମ ମନ ଆମେ ଯେଉଁଦିନ ଧାନ କିଣିବୁ।

# ଅଳିଆ ସଫେଇ କଲେ ଲୋକେ

## ପୌରାଞ୍ଚଳରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା

**ଜଟଣୀ,୨୮।୧(ଡି.ଏନ.ଏ.)**

ଜଟଣୀ ପୌରାଞ୍ଚଳରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଅନେକ ସମୟରେ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଆସୁଛି। ଗଦା ଗଦା ଅଳିଆ ବିଭିନ୍ନ ସ୍ଥାନରେ ପଡ଼ି ରହି ଏଥିରୁ ବାହାରୁଥିବା ଦୁର୍ଗନ୍ଧ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ନିୟମିତ ଡ୍ରେନ୍ ସଫା ହେଉ ନ ଥିବାରୁ ନର୍ଦ୍ଦମା ପାଣିରେ ଏହା ଭରି ରହୁଛି । ମଶା ବଂଶ ବୃଦ୍ଧିରେ ଏହା ଅନ୍ୟତମ ମୁଖ୍ୟ କାରଣ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସଙ୍ଗଠନ ପକ୍ଷରୁ ମଙ୍ଗଳବାରଠାରୁ ପୌରାଞ୍ଚଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସ୍ଥାନୀୟ ଟାଉନ୍ ହଲ୍ ନିକଟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜଟଣୀ ବରିଷ୍ଠ ନାଗରିକ ମଞ୍ଚ, ମାରୱାଡି ଯୁବମଞ୍ଚ ଜଟଣୀ ସିଟି ଶାଖା, ବାବା ଯୁବକ ସଂଘ, କିନ୍ନର ସଂଘ ସମେତ କେତେ ଗୋଟି ସଙ୍ଗଠନ ଏଥିରେ ସାମିଲ ହୋଇଥିଲେ। ଟାଉନ୍‌ହଲ୍ ନିକଟରୁ ସୀତାରାମ ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାକୁ ପ୍ରଥମ ଦିନରେ ସଫେଇ କରାଯାଇଥିଲା। ଡ୍ରେନ୍‌ରୁ ଆବର୍ଜନା ଉଠା ଯାଇଥିଲା। ପରେ ଅନ୍ୟ ୱାର୍ଡରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଏମ୍‌ପି ଅପରାଜିତା କହିଥିଲେ। ମ୍ୟୁନିସିପାଲିଟି ପକ୍ଷରୁ ମଧ ଟ୍ରାକ୍ଟର ଯୋଗାଇ ଦିଆଯାଇଥିଲା। ସଙ୍ଗଠନ ଗୁଡିକର ସଭାପତି ଦେବାଶିଷ ନାୟକ, ଭାଜପା ନେତା ବିଶ୍ୱ ରଞ୍ଜନ ବଡ଼ଜେନା, ମିଟୁ ମାର୍ଥା, ପ୍ରଶାନ୍ତ ପ୍ରଧାନ, ତିରୁପତି ଶତପଥୀ, ଲିଟୁ ରାଉତରାୟ, ଗୌତମ ମହାପାତ୍ରଙ୍କ ସମେତ ସାମିଲ ବିଭିନ୍ନ ସଙ୍ଗଠନର ସଦସ୍ୟମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରାଯାଇଥିଲା। ସାଂସଦଙ୍କ ବ୍ଲକ ଓ ମ୍ୟୁନିସିପାଲିଟି ପ୍ରତିନିଧି ପଦ୍ମଚରଣ ପ୍ରଧାନ, ରବିନାରାୟଣ ସ୍ୱାଇଁ ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ସଫେଇ କାର୍ଯ୍ୟକ୍ରମରେ ଏମପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ।

### ଧୂଆଁ ବାହାରି ପରିବେଶ ପ୍ରଦୂଷିତ, ସ୍ମୃତି କମିଟିର ଦାବିପତ୍ର ପ୍ରଦାନ :

ଜଟଣୀ ପୌରାଞ୍ଚଳ ଓ ରେଲୱେର ବିଭିନ୍ନ ସ୍ଥାନରେ ସଫେଇ ପରେ ପ୍ଲାଷ୍ଟିକ, ପଲିଥିନ୍, ଆବର୍ଜନା ଜମା କରାଯାଇ ସେଥିରେ ନିଆଁ ଲଗାଇ ଦିଆଯାଉଛି। ଦୈନିକ ଏହା ହେଉଛି। ଫଳରେ ଏଥିରୁ ବାହାରୁଥିବା ଧୂଆଁ ପରିବେଶକୁ ଦୂଷିତ କରୁଛି। ମ୍ୟୁନିସିପାଲିଟି ଡମ୍ପିଂୟାର୍ଡରେ ବର୍ଷସାରା ନିଆଁ ଲାଗି ରହୁଛି। ସେଥିରୁ ବାହାରୁଥିବା ଧୂଆଁରେ ନିକଟବର୍ତ୍ତୀ ଅଞ୍ଚଳ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ରୋକିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବାକୁ ମହାତ୍ମା ଗାନ୍ଧି ସ୍ମୃତି କମିଟି ସଭାପତି ବିଭୂତି ଭୂଷଣ ମିଶ୍ର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ଲିଖିତ ଭାବେ ଜଣାଇଛନ୍ତି।


**ODISHA LIFT IRRIGATION CORPORATION LTD. (A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I. DIVISION, BALANGIR**
E-mail: www.eeolicbgr@rediffmail.com
"E"-Procurement Notice
BID IDENTIFICATION NO. OLIC-BLGR-02/2019-20
No. 335, Date- 27.01.2020

**No.CAD-881:-** Bids are invited from contrctors having valid civil License and valid registration with the State P.W.D./ R.W.S.S./ P.H.E.D./ Irrigation for special repair of L.I. Division Office Building at Laltikra, Balangir as mentioned below under Percentage rate contract on turn-key basis.

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-02/2019-20 | 14.02.2020 at 11 hrs. | 19.02.2020 upto 17 hrs. | 18.02.2020 upto 17 hrs. | 20.02.2020 at 11 hrs. |

ANNEXURE

| Pkg No. | Brief Description of works | Approx. quantity required (in Nos.) | Appr. Estimated cost (in Rs.) | Bid Security (EMD) to be deposited | Cost of Bid document (including 5% GST on reverse charge mechanism) |
|---|---|---|---|---|---|
| 1 | Special repair of L.I. Division Office Building at Laltikra, Balangir | 01 | 9,33,179/- | 9,332/- | 4,200/- |

Details can be seen from the Website www.tendersorissa.gov.in.
- Any Corrigendum/ Addendum will be displayed in the above website only.

32154/11/0003/1920 Sd./- Executive Engineer, L.I. Division, Balangir



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL**

No. 1297 /DWH Tender Call Notice Date 28.01.2020

**E-699:-** Sealed tenders are invited from authorized firms for **supply & installation of Equipment, Instrument, Furniture and Other Chemicals & Reagents to Kandhamal district**. The details are available in the district website: www.kandhamal.nic.in . The eligible bidders may submit their tender papers **on or before 12.02.2020 by 12 Noon** through Registered Post / Speed Post / Courier only to the undersigned. The **Technical Bid document will open on 12.02.2020 at 4 PM**. Who will qualify in the technical bid, their **Price Bid will be opened on 13.02.2020 at 11 AM** by the purchase committee in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

Sd/-
Chief District Medical & PH Officer,
Kandhamal

10015/11/0031/1920



e-mail ID - sepwd_rgda@yahoo.com
Phone/Fax No –06856 - 223049

**OFFICE OF THE SUPERINTENDING ENGINEER, RAYAGADA (R&B) CIRCLE, RAYAGADA**
**E-Procurement Notice**
No.639-B :- Bid Identification No. SE (RANDB) RGDA- 02/ 2019-20 (Online)
No.51 INVITATION FOR BIDS Date:22.01.2020

| | | | |
|---|---|---|---|
| 1. | The **Superintending Engineer, Rayagada (R&B) Circle, Rayagada** on behalf of Governor of Odisha invites **percentage rate** bids in **double cover mode** to be received in **online mode** only for the construction of works as detailed in the table below: | | |
| 2. | Nature of work | : | Building work |
| 3. | No. of work | : | 01 (One) no. of work |
| 4. | Estimated Cost. (Approximately) | : | Rs. 127.16 lakh |
| 5. | Bid Cost | : | Rs. 10,000/- (each) |
| 6. | Class of Contractor | : | "B" Class /"A" Class as per Financial Eligibility. |
| 7. | Availability of Bid Documents in the website | : | 11.00 Hrs of Dt. 05.02.2020 to 16.00 Hrs of Dt. 20.02.2020 |
| 8. | Date of opening of Bid | : | 11.00 Hrs of Dt. 24.02.2020. |
| 9. | The Bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd/ Superintending Engineer,
Rayagada (R&B) Circle, Rayagada

34128/11/0002/1920



**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(CHILD PROTECTION UNIT)**
District Child Protection Unit, Ground Floor of the Settlement Office, Sub-Collectorate, Dhenkanal-759001, Telephone No: 06762-223246; Email: dcpo.dhenknal.od@nic.in, dhenkanaldcpu@gmail.com

Letter No.44/DCPU/2020 Date:27.01.2020
Ref. Adv. No:- 187/DCPU/18 Dt:-17.03.2018 & 162/ DCPU/17, Dt:- 04.05.2017

**INVITATION OF OBJECTION**

No.g-61 :- The details of the provisional list of the candidates applying for the post of "Accountant & Data Analyst" under District Child Protection Unit, Dhenkanal, the list of the candidates for the post of **"Accountant & Data Analyst"** is given in the govt. website of **dhenkanal.nic.in.**

Candidates preferring objection may make the objection addressed to The Office of the District Child Protection Officer, District Child Protection Unit, Ground Floor of the Settlement Office, Sub-Collectorate, Dhenkanal- 759001, and latest by 5.30pm on dated:- 06.02.2020 only by speed post / registered post only. Any other mode of submission of objection will not be entertained. Received objection shall be rejected if received any after due date and time. Any postal delay the office will not be responsible. Candidates are advised to **"indicating the name, Sl. No. of provisional list, point of objection"** etc. objection has to be supported with relevant documents as proof.

Sd./- Dist. Collector-cum-
Dist. Magistrate, Dhenkanal

33030/11/0002/1920



**Directorate of Mission Shakti** g-59
**Department of Women & Child Development and Mission Shakti**
**Government of Odisha**

Letter No: WCD-MS-0080-2020-238 /DMS(WCDMS) Date: 27.01.2020

**TENDER CALL NOTICE**

Sealed Tenders are invited from interested reputed financially sound Catering Agency having valid registration certificate for empanelment of catering agency for supply of food for Meetings and Trainings organized by Directorate of Mission Shakti, Mission Shakti Bhawan, Pokhariput, Bhubaneswar.

The Tender completed in all respect shall be deposited in the office of the Commissioner cum Director, Directorate of Mission Shakti, Mission Shakti Bhawan, Pokhariput, Bhubaneswar - 751030 on or before 18.02.2020 by 4.00 P.M. through Register Post/Speed Post only. The application form of the tender containing General Bid information and terms & conditions can be downloaded from the **website-www.wcdodisha.gov.in** from 29.01.2020 to 18.02.2020. A Tender Fee of Rs.500/- and EMD of Rs. 5,000/- in shape of Demand Draft in favour of "Commissioner cum Director, Directorate of Mission Shakti "payable at Bhubaneswar is to be submitted along with the Tender Application at the time of submission of the application. The authority reserves the right to cancel/modify the Tender at any point of time, same will be placed in the website.

By Order of the Commissioner cum Director
Joint Secretary
Directorate of Mission Shakti

Mission Shakti Bhavan, Pokhariput, Bhubaneswar-751030, Odisha
Tel: 0674 2974093, Mail: pmumissionshakti@gmail.com

33001/11/0025/1920

## ସଂକ୍ଷେପରେ

### ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ

କୋଣାର୍କ,୨୮।୧(ଡି.ଏନ୍.ଏ.): ପବିତ୍ର ମାଘ ସପ୍ତମୀ ବୁଡ଼ ନିମନ୍ତେ ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ସଭାପତିତ୍ୱରେ ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ ମଙ୍ଗଳବାର ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁଙ୍କ ସେବା କାର୍ଯ୍ୟ, ଟ୍ରାଫିକ ନିୟନ୍ତ୍ରଣ, ରନ୍ଧା ଖାଦ୍ୟ ବଣ୍ଟନ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ, କୋଣାର୍କ ଭଗବତୀ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଲ୍ୟୁଟ୍‌ନାଣ୍ଟ ବିନୟ ଭୂଷଣ ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଓ କୋଣାର୍କ ଏନ୍‌ଏସି ପକ୍ଷରୁ ଭାଗୀରଥି ବରାଳ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ହ୍ୱାଟସଆପ ଗ୍ରୁପ ଗଠନ କରି ଦାୟିତ୍ୱ ବଣ୍ଟନ, ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ଜଳଛତ୍ର ଖୋଲିବା ସହ ମେଳାକୁ ସଫଳ ରୂପାୟନ ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଶେଷରେ ସାମାଜିକ କର୍ମୀ ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାପାଳଙ୍କୁ ଗୁହାରି କଲେ କ୍ଷତିଗ୍ରସ୍ତ ବ୍ୟବସାୟୀ

**ସିଦ୍ଧମହାବୀରରେ ହେବ ଆର୍‌ଓବି**

ପୁରୀ ଅଫିସ,୨୮।୧: ପୁରୀ କୋଣାର୍କ ରାସ୍ତାର ମାଟିଆପଡା ସିଦ୍ଧମହାବୀର ଲେଭଲ କ୍ରସିଂରେ ଖୁବଶୀଘ୍ର ତିଆରି ହେବ ରେଳ ଓଭରବ୍ରିଜ୍ (ଆରଓବି)। ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ମାପଚୁପ କରାଯାଉଛି । ତେବେ ପୁରୀବାସୀଙ୍କ ଏହି ଦୀର୍ଘବର୍ଷର ଦାବି ପୂରଣ ହେବାକୁ ଯାଉଥିବାରୁ ସମସ୍ତେ ବେଶ୍ ଖୁସି ଅଛନ୍ତି। ହେଲେ ଏହି ପ୍ରକଳ୍ପ ପାଇଁ ଯେଉଁମାନେ ବିସ୍ଥାପିତ ହେବାକୁ ଯାଉଛନ୍ତି ସେମାନେ ନିଜ ଥଇଥାନକୁ ନେଇ ଚିନ୍ତାରେ ପଡିଲେଣି। ସେହିଭଳି ଏହି ଆରଓବି ପାଇଁ ବହୁ ସଂଖ୍ୟାରେ ବ୍ୟବସାୟୀଙ୍କୁ ମଧ୍ୟ ବିସ୍ଥାପିତ ହେବାକୁ ପଡ଼ିବ। ତେଣୁ ବ୍ୟବସାୟୀମାନେ ଉପଯୁକ୍ତ ଥଇଥାନ ଏବଂ ଆର୍ଥିକ ସହାୟତା ପ୍ରଦାନ ଲାଗି ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି।


ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇପାଇଁ ଆସିଥିବା କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ।

ଆରଓବି କ୍ଷତିଗ୍ରସ୍ତ ବ୍ୟବସାୟୀ ସଂଘ ପକ୍ଷରୁ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି ଯେ, ଆରଓବି ନିର୍ମାଣ ଫଳରେ ଶତାଧିକ ବ୍ୟବସାୟୀ କ୍ଷତିଗ୍ରସ୍ତ ହେବେ। ଏଥିମଧ୍ୟରୁ ଅନେକ ବ୍ୟବସାୟୀ ଦଶନ୍ଧି ଦଶନ୍ଧି ଧରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ମାପଚୁପ କରାଯିବା ସହ ନାଲି ଚିହ୍ନ ଦିଆସରିଲାଣି। ଜମିର ମୂଲ୍ୟ ନିର୍ଦ୍ଧାରଣ ଲାଗି ପ୍ରଶାସନିକ ଅଧିକାରୀ ବିସ୍ଥାପିତ ହେବାକୁ ଥିବା ପରିବାରକୁ ଯାଇ ଆଲୋଚନା କରୁଛନ୍ତି। ଏଥିପାଇଁ ରାସ୍ତାର ଦୁଇପାର୍ଶ୍ୱର ଶତାଧିକ ବ୍ୟବସାୟୀ ବିସ୍ଥାପିତ ହେବେ। ତେଣୁ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଉପଯୁକ୍ତ ଥଇଥାନ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ଲାଗି ବ୍ୟବସାୟୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ମଙ୍ଗଳବାର ଶତାଧିକ ବ୍ୟବସାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୨/୩ ଦିନ ମଧ୍ୟରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ ଯାହା ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସେମାନଙ୍କୁ ଜଣାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିବା କ୍ଷତିଗ୍ରସ୍ତ ବ୍ୟବସାୟୀ ସଂଘର ରବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜୟ ଦାସ, ପ୍ରଶାନ୍ତ ମହାନ୍ତି, ସୁରେଶ ମହାପାତ୍ର, ଜିତେନ୍ଦ୍ର ସାହୁ ପ୍ରମୁଖ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଠ ନିରମଳ ପାଣି ଗଙ୍ଗାଜଳ**
**ମୁଗୁନି ପଥର ପଡ଼ିଛି**
**କେତେ ଘଷିମାଜି ହଉଲୋ ସୁନ୍ଦରୀ**
**ତୋ ପାଇଁ ପୁରୁଷ ଝୁରୁଛି ।**

ଝିଅଟି ଯଦି ନିଜକୁ ସୁନ୍ଦରୀ ବୋଲି ଭାବି ବେଶି ଫୁଲେଇ ହୁଏ, ତା'ହେଲେ ତା' ସୁନ୍ଦରତା ପ୍ରତି ସାଙ୍ଗସାଥୀ ମହଲରେ ଅଧିକ ଚର୍ଚ୍ଚାର ବିଷୟ ହୋଇଯାଏ। ଥଟ୍ଟା ପରିହାସରେ ଦେଖେଇ ଶିଖେଇ ଅନେକ ଛିଗୁଲିଆ କଥା କୁହାଯାଉଥିବା ଜଣାଯାଇଥାଏ। ସ୍ନାନରତା ଯୁବତୀର ରୂପ ଲାବଣ୍ୟକୁ ଚିକ୍କଣ କରି ରଖିବାର ମାନ ପ୍ରତି ଅନ୍ୟ ଜଣେ ଯୁବତୀର ଟାହିଟାପରା ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲୀ, ତେଲ ଗଲେ ମିଳି**
**ପିଡ଼ିଆକୁ ଦେଲେ ଅଲଗା କରି ।**

ତେଲ ସାଙ୍ଗରେ ପିଡିଆ ଥାଏ। କିନ୍ତୁ ତାକୁ ଯେତେବେଳେ ଘଣା ବା କଳରୁ ତେଲୀ ସଫାକରି ବାହାରକରେ, ସେତେବେଳେ ପିଡିଆ ଅଲଗା ହୋଇଯାଏ। ପରୋକ୍ଷରେ ସ୍ୱଭାବ, ପ୍ରକୃତି ତଥା ମନୋଭାବ ଯାହା ସହ ଯାହାର ମିଶିଯାଏ ତାଙ୍କ ପକ୍ଷେ ଏକତ୍ର ହେବା ସେତେ ସହଜ ହୋଇଯାଏ ଅନ୍ୟଥା ସେଠାରୁ ବାଦ୍ ପଡ଼ିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଏନ୍‌ଡିଆର୍‌ଏଫ୍ ପକ୍ଷରୁ ବେଳାଭୂମି ସଫେଇ


ବେଳାଭୂମି ସଫେଇ କରାଯାଉଛି ।

ପୁରୀ ଅଫିସ,୨୮।୧: ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛି ପୁରୀ। ଏହି ଜିଲାରେ ଅନେକ ଐତିହ୍ୟସ୍ଥଳୀ ରହିଛି । ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିରଠାରୁ ଆରମ୍ଭ କରି ଅନେକ କୀର୍ତ୍ତିରାଜି ଅଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଐତିହ୍ୟ କୀର୍ତ୍ତିରାଜିଗୁଡ଼ିକର କିପରି ସୁରକ୍ଷା କରାଯାଇପାରିବ ସେନେଇ ଜିଲା ପ୍ରଶାସନ ସହାୟତାରେ ଏନ୍‌ଡିଆରଏଫ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଜନସଚେତନତା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆସନ୍ତା ଫେବୃୟାରୀରେ ରାମଚଣ୍ଡୀରେ ବିମ୍‌ଷ୍ଟେକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବିଶେଷଭାବେ ପ୍ରଭାବିତ ହେଉଥିବା ଉପସାଗରୀୟ ୭ଟି ଦେଶର ପ୍ରତିନିଧି ଯୋଗଦେବେ। ବିପର୍ଯ୍ୟୟ ମୁକାବିଲା ନିମନ୍ତେ ମକ୍‌ଡ୍ରିଲ ହେବ। ଏ ନେଇ ମଙ୍ଗଳବାର ଏନ୍‌ଡିଆରଏଫ୍ ପକ୍ଷରୁ ପୁରୀ ବେଳାଭୂମିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଏନ୍‌ଡିଆରଏଫ୍‌ର ୨୦୦ ଯବାନ, ପ୍ରଶାସନିକ ଅଧିକାରୀ, ମୋ ବିଚ୍ ସଦସ୍ୟ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ସ୍କୁଲ ଛାତ୍ର ପ୍ରମୁଖ ଯୋଗଦେଇଥିଲେ। ଦିଗବାରିଣୀ ଖୁଣ୍ଟିଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବେଳାଭୂମିକୁ ସଫେଇ କରିଥିଲେ। ଏହି ସ୍ୱଚ୍ଛତା ଅଭିଯାନରେ ଏନ୍‌ଡିଆରଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜି.ଏସ୍. ପଟେଲ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରଜିତ ସିଂ, ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ସାପ କାମୁଡ଼ାରେ ବୃଦ୍ଧା ମୃତ

କଣାସ,୨୮।୧(ସ୍ୱ.ପ୍ର.): ସାପ କାମୁଡ଼ାରେ ସୋମବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଣାସ ବ୍ଲକ ପାଇକମରା ଗ୍ରାମର ସେର ପ୍ରଧାନ(୬୪)। ଭାଡି ଉପରୁ ଘସି କାଢୁଥିବା ବେଳେ କୌଣସି ଏକ ଜନ୍ତୁ ହାତ ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। କିଛି ସମୟ ପରେ ସେ ଅଚେତ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଆମରଣ ଅନଶନ କରିବେ ବ୍ରାହ୍ମଣ

ପୁରୀ ଅଫିସ, ୨୮।୧: ଶ୍ରୀମନ୍ଦିର ଆନନ୍ଦବଜାରରୁ କେତେଜଣ ବ୍ରାହ୍ମଣଙ୍କୁ ବାହାର କରିଦିଆଯିବାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏ ନେଇ ଆନନ୍ଦ ବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସେମାନଙ୍କୁ ଯଦି ମନ୍ଦିର ଭିତରକୁ ପ୍ରବେଶ କରାଇ ଦିଆ ନ ଯାଏ ତେବେ ଗୁରୁବାରଠାରୁ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଆବାହକ ସୂର୍ଯ୍ୟ ନାରାୟଣ ରଥ, ସଭାପତି ଗୋପାଳ ଚନ୍ଦ୍ର ଦାଶ, ସମ୍ପାଦକ ଦୁର୍ଗାମାଧବ ତ୍ରିପାଠୀ ପ୍ରମୁଖ ଏହି ସ୍ମାରକପତ୍ର ଦିଆଯାଇଛି।

# ଭତ୍ତା ଟଙ୍କା ବୃଦ୍ଧି ଦାବିରେ ପ୍ରତିବାଦ ସଭା

ପୁରୀ ଅଫିସ,୨୮।୧: ଭତ୍ତା ଟଙ୍କା ବୃଦ୍ଧି ଦାବିରେ ମଙ୍ଗଳବାର ଅପରାହ୍ଣରେ ତାଳବଣିଆ ହେଲିପ୍ୟାଡ଼ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମାନସ କୁମାର ପ୍ରଧାନଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ପୁରୀ ପୌରସଂସ୍ଥାର ୩୨ଟି ୱାର୍ଡରୁ ବହୁ ସଂଖ୍ୟାରେ ଭତ୍ତାଧିକାରୀ ଯୋଗଦେଇଥିଲେ। ଏଥିରେ କୁହାଯାଇଥିଲା ଯେ, ଅନ୍ୟ ରାଜ୍ୟରେ ଭତ୍ତାଧିକାରୀମାନେ ୨ରୁ ୩ ହଜାର ଟଙ୍କା ପାଉଛନ୍ତି। ମାତ୍ର ଆମକୁ ୮୦ ବର୍ଷ ତଳକୁ ୫୦୦ ଏବଂ ୮୦ ବର୍ଷ ଉପରକୁ ୭୦୦ ଟଙ୍କା ଦିଆଯାଉଛି । ମାତ୍ର ଏତିକି ଟଙ୍କାରେ ଚଳିବା କଷ୍ଟକର ହେଉଛି। ତେଣୁ ସରକାର ଆସନ୍ତା ଫେବୃୟାରୀ ୧୫ତାରିଖ ମଧ୍ୟରେ ଅନ୍ୟ ରାଜ୍ୟ ଭଳି ଭତ୍ତା ଟଙ୍କା ପ୍ରଦାନ କରିବାକୁ ହିତାଧିକାରୀମାନେ ଅନୁରୋଧ କରିଛନ୍ତି । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ଭକ୍ତଙ୍କ ପାଇଁ ଖୋଲିଲା ନୂଆ ଜୋତାଷ୍ଟାଣ୍ଡ

- **ଏକାସଙ୍ଗେ ରହିବ ୫ ହଜାର ଜୋତା, ମୋବାଇଲ ଫୋନ୍**
- **ରହିଛି ୮ କାଉଣ୍ଟର, ଲାଗିଛି ୨୪ ସିସିଟିଭି କ୍ୟାମେରା**

ପୁରୀ ଅଫିସ,୨୮।୧: ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ପାଇଁ ମଙ୍ଗଳବାରଠାରୁ ନୂଆ ଜୋତା ଓ ମୋବାଇଲ ଷ୍ଟାଣ୍ଡ ଖୋଲାଯାଇଛି। ଦୋଳବେଦି କୋଣକୁ ଲାଗି ତିଆରି ହୋଇଛି ଏହି ଅତ୍ୟାଧୁନିକ ନୂଆ ଷ୍ଟାଣ୍ଡ। ମଙ୍ଗଳବାରଠାରୁ ଶ୍ରଦ୍ଧାଳୁମାନେ ମାଗଣାରେ ଏଠାରେ ଜୋତା ଓ ମୋବାଇଲ ରଖିବାର ସୁବିଧା ପାଇଛନ୍ତି। ଏହି ଷ୍ଟାଣ୍ଡରେ ଉପଲବ୍ଧ ସୁବିଧା ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଏଠାରେ ଏକାଥରକେ ୫,୦୪୦ ଭକ୍ତଙ୍କ ଜୋତା ଏବଂ ମୋବାଇଲ ରହିପାରିବ। ମୋଟ ୮ଟି କାଉଣ୍ଟର ରହିଛି। ପୂର୍ବପାର୍ଶ୍ୱକୁ ୪ଟି କାଉଣ୍ଟର ରହିଥିବାବେଳେ ଏହାର ବିପରୀତ ଅର୍ଥାତ୍ ଦୋଳବେଦୀ ପାର୍ଶ୍ୱକୁ ଅନ୍ୟ ୪ଟି କାଉଣ୍ଟର ରହିଛି। ଭକ୍ତମାନେ ପ୍ରବେଶ କରିବାବେଳେ ପୂର୍ବପାର୍ଶ୍ୱ କାଉଣ୍ଟରରେ ସେମାନଙ୍କ ଜୋତା ଏବଂ ମୋବାଇଲ ରଖିବେ । ଏଥିଲାଗି ବ୍ୟାଗ୍ ବ୍ୟବସ୍ଥା କରାଯାଇଛି । ଗୋଟିଏ ବ୍ୟାଗ୍‌ରେ ୩ଜଣଙ୍କ ଜୋତା ଏବଂ ମୋବାଇଲ ରଖାଯାଇପାରିବ। ବ୍ୟାଗ୍ ଉପରି ଭାଗରେ ଥିବା ଚେନ୍ ଖୋଲି ମୋବାଇଲ ଏବଂ ଭିତରେ ଜୋତା ରହିବ। ଦର୍ଶନ ସାରି ଉତ୍ତର ଦ୍ୱାର ଦେଇ ଫେରିବାବେଳେ ଯେଉଁମାନେ ୧ ନଂ. କାଉଣ୍ଟରରେ ଜୋତା ଓ ମୋବାଇଲ ଫୋନ ଦେଇଥିବେ ତା'ର ବିପରୀତ ପାର୍ଶ୍ୱରେ ଥିବା କାଉଣ୍ଟରରୁ କୁପନ ଦେଇ ନେଇପାରିବେ। ଏଥିଲାଗି ୩ ସିଫ୍ଟରେ କର୍ମଚାରୀମାନେ ରହିବେ। ପ୍ରତି ସିଫ୍ଟରେ ୨ଜଣ ଲେଖାଏ ସୁପରଭାଇଜର ମଧ୍ୟ ରହିବେ। ୪ନମ୍ବର କାଉଣ୍ଟର କେବଳ ବ୍ୟାଗେଜ କାଉଣ୍ଟର ଭାବେ ବ୍ୟବହାର କରାଯିବ। ଭକ୍ତଙ୍କ ଜିନିଷପତ୍ର ଯେପରି ସୁରକ୍ଷିତ ରହିବ ସେଥିଲାଗି ବାହାର ଓ ଭିତରେ ମିଶାଇ ୨୪ଟି ସିସିଟିଭି କ୍ୟାମେରା ଲଗାଯାଇଛି ବୋଲି ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି। ଛୁଟିଦିନ ଏବଂ ସ୍ୱତନ୍ତ୍ର ପର୍ବପର୍ବାଣି ଦିବସରେ ଭକ୍ତଙ୍କ ଗହଳି ଅଧିକ ରହିଲେ ସ୍ଥିତିକୁ ଦେଖି କର୍ମଚାରୀଙ୍କ ସଂଖ୍ୟା ପରିବର୍ତ୍ତନ କରାଯାଇପାରେ ବୋଲି ଜେନା କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ଗ୍ଲୋବାଲ ନେଟ୍‌ୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ କରନ୍ତୁ ।
ଅଗ୍ରିମ - 70,00,000/-, ଭଡ଼ା- 70,000/- ।
ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ।
ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
8887184570

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଳି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

REAL ESTATE SALE
GHARABARI PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.: 9178500350

See Color Display Classified on every Tuesday & Friday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**ତାରାଦେବୀ ମନ୍ଦିରରେ ୫ ବିରଳ ଗରୁଡ଼ ପକ୍ଷୀ**

**ଗୋପ,(ଡି.ଏନ୍.ଏ):** ଗୋପ ବ୍ଲକ ଅଧୀନ ବଡ଼ତରାସ୍ଥିତ ତାରାଦେବୀ ମନ୍ଦିରରେ ୫ଟି ବିରଳ ଗରୁଡ଼ ପକ୍ଷୀ ଦେଖିବାକୁ ମିଳିଛି। ଏଥିରେ ୪ ଛୁଆ ସମେତ ମା' ଗରୁଡ଼ ପକ୍ଷୀ ରହିଛି। ମା' ତାରାଦେବୀଙ୍କ ମନ୍ଦିର କାର୍ଯ୍ୟ ଚାଲୁଥିବାବେଳେ ଏକ ଅନ୍ଧାରୁଆ ଜାଗାରେ ଏଭଳି ବିରଳ ପ୍ରଜାତିର ପକ୍ଷୀ ଦେଖି ଶ୍ରମିକମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ।

## ସଂକ୍ଷେପରେ



### ସାଢ଼େ ୫ ଫୁଟର ରଣା ସାପ ଉଦ୍ଧାର

**ପୁରୀ ଅଫିସ,୨୮।୧:** ନୂଆ ବାଇପାସ୍ ମଙ୍ଗରାଜପୁର ଛକରୁ ମଙ୍ଗଳବାର ରାତି ପ୍ରାୟ ୯ଟାରେ ସାଢ଼େ ୫ ଫୁଟ ଲମ୍ବର ଏକ ରଣା ସାପ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍ପ ଲାଇନ ସଦସ୍ୟ ନୀହାର ରଞ୍ଜନ ପଣ୍ଡା ଏହି ସାପଟିକୁ ଉଦ୍ଧାର କରିଛନ୍ତି। ରାତିରେ ଛକରେ ଲୋକମାନେ ଠିଆ ହୋଇଥିବାବେଳେ ଏକ ରଣା ସାପ ତାଙ୍କ ମଧକୁ ପଶି ଆସିଥିଲା। ଲୋକମାନେ ତାକୁ ଦେଖି ପାଟି କରିବା ସହ ଏକ ପ୍ଲାଷ୍ଟିକ ଡ୍ରମ ତା'ଉପରେ ପକାଇ ନୀହାରଙ୍କ ପାଖକୁ ଫୋନ କରିଥିଲେ। ନୀହାର ପହଞ୍ଚି ଡ୍ରମ୍ ତଳୁ ସାପଟିକୁ କାବୁ କରିଥିଲେ। ସାପଟି ଠିକ୍‌ଠାକ ଅଛି। ବୁଧବାର ସାପଟିକୁ ବନ ବିଭାଗକୁ ହସ୍ତାନ୍ତର କରିବେ ବୋଲି ନୀହାର କହିଛନ୍ତି। ତେବେ ସମ୍ପୃକ୍ତ ଅଞ୍ଚଳରେ ରଣା, ତମ୍ପ, ବୋଡା ଆଦି ବିଭିନ୍ନ ପ୍ରକାର ସାପ ଥିବା ଲୋକେ ଦେଖିଛନ୍ତି। ଲାଇଟ୍ ନ ଥିବାରୁ ରାସ୍ତାଘାଟ ଅନ୍ଧକାର ରହୁଛି । ରାତିରେ ଲୋକେ ଯାଆସ କରିବାକୁ ଭୟ କରୁଥିବା କହିଛନ୍ତି।

### ସୁରକ୍ଷା ଜୋନରେ ଉଚ୍ଛେଦ ଜାରି

**ପୁରୀ ଅଫିସ,୨୮।୧:** ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଉଚ୍ଛେଦ ଜାରି ରହିଛି। ମଙ୍ଗଳବାର ଉତ୍ତର ଦ୍ୱାର ନିକଟ ଏକ ଘରୋଇ ପ୍ଲଟର କୋଠା ଭଙ୍ଗାଯାଇଥିଲା। ଉପଜିଲାପାଳ ଭବତାରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ଉଚ୍ଛେଦ ସମୟରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଜଣେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ପର୍ଯ୍ୟାୟକ୍ରମେ ସୁରକ୍ଷା ଜୋନରେ ଉଚ୍ଛେଦ କରାଯାଉଛି। ଉଚ୍ଛେଦ ସମୟରେ ଭକ୍ତଙ୍କ ଯାଆସ କରିବାରେ ଯେପରି ଅସୁବିଧାରେ ନ ହୁଏ, ତାହା ଉପରେ ଧ୍ୟାନ ଦିଆଯାଇ ବ୍ୟାରିକେଡିଂ କରାଯାଉଛି। ମଙ୍ଗଳାବାର ଗୋଟିଏ ଘରୋଇ ପ୍ଲଟରୁ ଉଚ୍ଛେଦ ହୋଇଛି। ଆଗକୁ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି ।

# ଅନାଥାଶ୍ରମରୁ ଇଟାଲି

**କଣାସ,୨୮।୧(ସ୍ୱ.ପ୍ର.)**

ବେସାହାରା ଭାବେ ପୁରୀ ରେଳଷ୍ଟେଶନରୁ ଉଦ୍ଧାର ହୋଇଥିଲେ ଦୁଇ ଭଉଣୀ। କଣାସସ୍ଥିତ ଅନାଥାଶ୍ରମରେ ବଢ଼ିଲେ। ଆଉ ଏବେ ସେମାନଙ୍କ ଠିକଣା ବଦଳିଯାଇଛି। ଇଟାଲିର ଏକ ଦମ୍ପତି ଉଭୟଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ମଙ୍ଗଳବାର ଦୁଇ ଭଉଣୀଙ୍କୁ ଇଟାଲୀୟ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଅଭିଭାବକ ସାଜିଥିବା ଅନାଥଶ୍ରମର କର୍ମଚାରୀମାନେ ସେମାନଙ୍କୁ ବିଦାୟ ଜଣାଇବା ବେଳେ ସମସ୍ତଙ୍କ ଆଖି ଲୁହ ଛଳଛଳ ହୋଇପଡିଥିଲା।

କିଛିଦିନ ତଳେ ପୁରୀ ରେଳଷ୍ଟେଶନରେ ଏହି ଦୁଇ ଭଉଣୀ ପଡି ରହିଥିବା ଦେଖି ସିଆର୍‌ପିଏଫ୍ କର୍ମଚାରୀମାନେ ପୁରୀ ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ଚାଇଲ୍ଡ ଲାଇନ୍‌ର କର୍ମଚାରୀମାନେ ଏମାନଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତି ନିକଟରେ ଜିମା ଦେଇଥିଲେ। ଏହା ପରେ ଦୁଇ ଭଉଣୀଙ୍କ ଠିକଣା ସାଜିଥିଲା କଣାସ ବ୍ଲକର ଦୟାବିହାରସ୍ଥିତ ସ୍ୱେଚ୍ଛାସେବୀ





ଇଟାଲୀୟ ଦମ୍ପତିଙ୍କ ସହ ଦୁଇ ଭଉଣୀ ଏବଂ ଅନ୍ୟମାନେ।

- ବଦଳିଲା ଦୁଇ ଭଉଣୀଙ୍କ ଠିକଣା
- ପୁରୀ ରେଳଷ୍ଟେଶନରୁ ଉଦ୍ଧାର ହୋଇଥିଲେ
- ପୋଷ୍ୟଭାବେ ଗ୍ରହଣ କଲେ ଇଟାଲି ଦମ୍ପତି

ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ। ଏହି ପ୍ରତିଷ୍ଠାନର କର୍ମକର୍ତ୍ତା ଉଭୟଙ୍କୁ ଆଣି ଏଠାରେ ରଖି ଲାଳନପାଳନ, ପାଠପଢା ଆଦି ସମସ୍ତ ଦାୟିତ୍ୱ ନେଇଥିଲେ। ଫଳରେ ଏହି ସାମାଜିକ ଅନୁଷ୍ଠାନ ପାଲଟିଯାଇଥିଲା ଉଭୟଙ୍କ ଘର। ସେଠାରେ ଉପଯୁକ୍ତ ଯତ୍ନ ଏବଂ ସୁରକ୍ଷା ପାଇଲେ। ମା' କୋଳରୁ ଦୂରେଇ ଯାଇଥିବା ଦୁଇ ଭଉଣୀ ପ୍ରତିଷ୍ଠାନର କର୍ମଚାରୀଙ୍କ ଠାରୁ ମା'ର ସ୍ନେହ ପାଇଲେ। ସେହି ସମୟରେ ଜଣକୁ ୪ବର୍ଷ ଏବଂ ଅନ୍ୟ ଜଣକୁ ୩ବର୍ଷ ହୋଇଥିଲା। ବୟସ ବଢ଼ିଲା। ସ୍ନେହ ଓ ମମତାର ପରିବେଶରେ ବାନ୍ଧି ହୋଇଗଲେ ଉଭୟ ଭଉଣୀ। ଇତିମଧ୍ୟରେ ଜିଲା ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ପୋଷ୍ୟ ଗ୍ରହଣ କେନ୍ଦ୍ର ସମନ୍ୱୟ ମାଧ୍ୟମରେ ଦୁଇ ଭଉଣୀଙ୍କ ଅଭିଭାବକଙ୍କୁ ଖୋଜିବା ପାଇଁ ବିଭିନ୍ନ ଖବରକାଗଜରେ ବିଜ୍ଞାପନ ଦିଆଯାଇଥିଲା। ହେଲେ ଦୁଇ ଭଉଣୀଙ୍କ ପରିଚିତ କି ଆପଣାର ସମ୍ପର୍କୀୟ କେହି ମିଳି ନ ଥିଲେ। ନିୟମ ଅନୁଯାୟୀ ଉଭୟଙ୍କୁ ପୋଷ୍ୟ ପ୍ରକ୍ରିୟାରେ ସାମିଲ୍ କରାଯାଇଥିଲା। ଇଟାଲିର ଏକ ଦମ୍ପତି ଅନ୍‌ଲାଇନ୍‌ରେ ଦୁଇ ଶିଶୁଙ୍କୁ ପୋଷ୍ୟ ଭାବେ ନେବାକୁ ଆବେଦନ କରିଥିଲେ। ମଙ୍ଗଳବାର ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଇଟାଲିରୁ ଆସିଥିବା ଦମ୍ପତି ଦୁଇ ଭଉଣୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ବିଦାୟ ବେଳେ ଦୁଇ ଭଉଣୀଙ୍କ ସହ ଅନୁଷ୍ଠାନର କର୍ମଚାରୀଙ୍କ ଆଖି ଲୁହରେ ଭରିଯାଇଥିଲା। ଏହି ଅବସରରେ ପୁରୀ ଚାଇଲ୍ଡ ଲାଇନ୍, ଶିଶୁ ମଙ୍ଗଳ ସମିତି ଏବଂ ନୀଳାଚଳ ସେବା ପ୍ରତିଷ୍ଠାନର ସମ୍ପାଦକ ସୁବାସ ଚନ୍ଦ୍ର ଗଜେନ୍ଦ୍ର, ସହ ସମ୍ପାଦକ ବିଜୟ କୁମାର ବଡ଼ଜେନା ଏବଂ ଶିଶୁ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରିୟଙ୍କା ପ୍ରିୟଦର୍ଶନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଇନା ଫେରନ୍ତା ଯୁବକଙ୍କ ଗାଁରେ ଡାକ୍ତରୀ ଟିମ୍

### ସମ୍ବିତଙ୍କୁ ଔଷଧ ଦେଲେ, ଗ୍ରାମବାସୀଙ୍କୁ ସଚେତନ କଲେ



ଜଣେ ବାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**କାକଟପୁର, ୨୮।୧(ଡି.ଏନ.ଏ)**

ଚାଇନାରେ ଠାବ ହୋଇଥିବା କରୋନା ଭାଇରସ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ଓଡ଼ିଶାରେ ମଧ୍ୟ ଏ ନେଇ ଆତଙ୍କ ଦେଖାଦେଇଛି। ପୁରୀ ଜିଲା କାକଟପୁର ବ୍ଲକର କୁଣ୍ଢେଇ ପଞ୍ଚାୟତ ବାଲିସାହି ଗ୍ରାମର ସମ୍ବିତ ନାୟକ ଗତ ୨୪ତାରିଖରେ ଚାଇନାରୁ ଗ୍ରାମକୁ ଫେରିଲା ପରେ ତାଙ୍କର ଥଣ୍ଡା କାଶ ଆରମ୍ଭ ହୋଇଥିଲା। ସୋମବାର ସେ କରୋନା ଭୂତାଣୁ ଥିବା ସନ୍ଦେହରେ ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍‌ପିଟାଲରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏଥିସହ ତାଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଦିଲ୍ଲୀ ପଠାଯାଇଥିଲା। ବୁଧବାର ସୁଦ୍ଧା ତାଙ୍କ ରକ୍ତ ନମୁନା ପରୀକ୍ଷା ରିପୋର୍ଟ ମିଳି ନ ଥିବା ବେଳେ ୭ଦିନ ହେଲା ଥଣ୍ଡା କାଶ ଲାଗି ରହିଛି। ବୁଧବାର ବାଙ୍ଗୁରୀଗାଁରୁ ଏକ ଡାକ୍ତରୀ ଟିମ ଡାକ୍ତର ସମରଜିତ ମଲ୍ଲିକଙ୍କ ନେତୃତ୍ୱରେ ସମ୍ବିତଙ୍କ ଗ୍ରାମରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କିଛି ଔଷଧପତ୍ର ଦେଇଛନ୍ତି। ଏଥିସହ ଗ୍ରାମବାସୀଙ୍କୁ ଭୟଭୀତ ନ ହେବା ପାଇଁ ବୁଝାଇବା ସହ କରୋନା ଭାଇରସ ସମ୍ପର୍କରେ ସଚେତନ କରାଇଥିଲେ।

## ଆଜି ମହାପ୍ରଭୁଙ୍କ ପଦ୍ମବେଶ



**ପୁରୀ ଅଫିସ,୨୮।୧**

ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ସେହିଦିନ ମହାପ୍ରଭୁଙ୍କ ଅତିବ ରମଣୀୟ ପଦ୍ମବେଶ ହୋଇଥାଏ। ତେଣୁ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ବଡ଼ସିଂହାର ବେଶରେ ଠାକୁରମାନଙ୍କୁ ଏହି ବେଶ କରାଯିବ। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯିବ। ପଦ୍ମବେଶ ଥାଇ ଠାକୁର ପହୁଡ଼ ହେବ। ଗୁରୁବାର ମଙ୍ଗଳ ଆଳତି ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ବେଶ ରହିବ। ମଙ୍ଗଳି ଆଳତିରେ ଭକ୍ତମାନେ ଦୁର୍ଲ୍ଲଭ ପଦ୍ମବେଶରେ ଠାକୁରଙ୍କୁ ଦର୍ଶନ କରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ।

## ବିଏସ୍‌ଏନଏଲ ଟେଲିଫୋନ୍ ଏକ୍ସଚେଞ୍ଜ ଅଫିସରୁ ଚୋରି

**ନିମାପଡ଼ା,୨୮।୧(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ଛକସ୍ଥିତ ଖେଲାର ବିଏସ୍‌ଏନ୍‌ଏଲ୍ ଟେଲିଫୋନ୍ ଏକ୍ସଚେଞ୍ଜ ଅଫିସରୁ ପ୍ରାୟ ୬ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୨୪/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୋମବାର ରାତିରେ ଦୁର୍ବୃତ୍ତମାନେ ଟେଲିଫୋନ୍ ଏକ୍ସଚେଞ୍ଜ ଅଫିସର ଲୁହା ଗ୍ରୀଲ୍ ଏବଂ ସଟର୍ ତାଲା ଭାଙ୍ଗି ୨୪ଟି ସେଲ୍ ବ୍ୟାଟେରୀ, ଗୋଟିଏ ଜେନେରେଟର୍‌ର ବ୍ୟାଟେରୀ ସମେତ ୨୫ଟି ବ୍ୟାଟେରୀ, କନେକ୍ଟିଙ୍ଗ୍ କାର୍ଡ ୧୨ଟି ଏବଂ କଣ୍ଟ୍ରୋଲ୍ ଲିଙ୍କ କାର୍ଡ ୪ଟି ଚୋରି କରିନେଇଛନ୍ତି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାପଡ଼ିଛି। ଏ ନେଇ ମଙ୍ଗଳବାର ବିଏସ୍‌ଏନ୍‌ଏଲ୍ ବିଭାଗର ନିମାପଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ଦାସ ଥାନାରେ ଅଭିଯୋଗ କରିଛନ୍ତ।

## ଆଜି ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ସଭା

**ଭୁବନେଶ୍ୱର,୨୮।୧(ବ୍ୟୁରୋ)**

- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର'
- ପ୍ରତ୍ୟେକ ବର୍ଷ ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ ମିଳିବ 'ସୁନନ୍ଦା ସମ୍ମାନ'
- ପୁରୀ, କଟକ ବାସଭବନକୁ ସ୍ମୃତି ସଦନ ଭାବେ ବିକଶିତ କରାଯିବ
- ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଜିନିଷ ସ୍ୱତନ୍ତ୍ର ଗ୍ୟାଲେରିରେ ରହିବ

ଶାସ୍ତ୍ରୀୟ ସଙ୍ଗୀତ ଜଗତର ମହାନ୍ କିମ୍ବଦନ୍ତୀ ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ବୁଧବାର ସନ୍ଧ୍ୟାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଏକ ରାଜ୍ୟସ୍ତରୀୟ ଶୋକସଭା ଅନୁଷ୍ଠିତ ହେବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସଙ୍ଗୀତ ନାଟକ ଏକାଡେମୀ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଦିବଂଗତ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ 'ସୁନନ୍ଦା ସମ୍ମାନ' ଏବଂ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତି ବର୍ଷ ରାଜ୍ୟର ଜଣେ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ 'ସୁନନ୍ଦା ସମ୍ମାନ' ପ୍ରଦାନ କରାଯିବ। ଏହାସହ ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚତର ଗବେଷଣା ଓ ଶିକ୍ଷା ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଗୁରୁମା ସୁନନ୍ଦା ପଟ୍ଟନାୟକ ଚେୟାର' ପ୍ରତିଷ୍ଠା କରାଯିବ। ପୁରୀ ଓ କଟକସ୍ଥିତ ସୁନନ୍ଦାଙ୍କ ବାସଭବନକୁ ତାଙ୍କ ପରିବାର ଲୋକଙ୍କ ଅନୁମତିକ୍ରମେ ସ୍ମୃତି ସଦନ ଭାବେ ବିକଶିତ କରାଯିବ। ଏହାଛଡ଼ା ସୁନନ୍ଦା ପଟ୍ଟନାୟକଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ଜିନିଷକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରିରେ ସଂରକ୍ଷିତ ରଖିବାକୁ ବ୍ୟବସ୍ଥା କରାଯିବ। ଏଥିପାଇଁ ସରକାରଙ୍କ ତରଫରୁ ସୁନନ୍ଦାଙ୍କ ବ୍ୟବହୃତ ଜିନିଷକୁ ଦାନ କରିବା ଲାଗି ତାଙ୍କ ପରିବାରକୁ ଅନୁରୋଧ ମଧ୍ୟ କରାଯିବ। ପ୍ରତ୍ୟେକ ବର୍ଷ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୁନନ୍ଦାଙ୍କ ଜୟନ୍ତୀ ପାଳନ କରାଯିବ।

## ଏସ୍‌ସିଏସ୍ କଲେଜ ଓଡ଼ିଆ ବିଭାଗର ପାଠଚକ୍ର

**ପୁରୀ ଅଫିସ,୨୮।୧**

ଏସ୍‌ସିଏସ୍ କଲେଜ ସ୍ନାତକୋତ୍ତର ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ସଭାପତିତ୍ୱ କରି କହିଥିଲେ, ସାହିତ୍ୟ ମଣିଷ ସମାଜର ସମୃଦ୍ଧିରେ ସହାୟକ କରେ। ସେହିପରି ଉପାଧ୍ୟକ୍ଷ ଶଙ୍କର୍ଷଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶାନ୍ତିନିକେତନର ପ୍ରାକ୍ତନ ପ୍ରଫେସର ବୈଷ୍ଣବ ଚରଣ ସାମଲ ଓଡ଼ିଆ ଉପନ୍ୟାସର ବିକାଶରେ ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଆଲୋଚକ ଡ. ବାବାଜୀ ଚରଣ ପଟ୍ଟନାୟକ ଓଡ଼ିଆ ଗଳ୍ପ ସାହିତ୍ୟର ବିକାଶ ଧାରାରେ ଡ. ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ରଙ୍କ ଭୂମିକା କହିଥିଲେ। ଏଥିରେ ଡ. ସ୍ୱରାଜ୍ୟ ଲକ୍ଷ୍ମୀ ମିଶ୍ର ନିଜର ୫୦ ବର୍ଷର ସୃଜନ ଯାତ୍ରା ସଂକ୍ରାନ୍ତର ଅଭିବ୍ୟକ୍ତି ପ୍ରକାଶ କରିବା ସହ ଜଣେ ନାରୀ ଲେଖିକା ଭାବେ ଜୀବନର ତମାମ୍ ଅନୁଭୂତି ବଖାଣିଥିଲେ। ବିଭାଗୀୟ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କବି କୈଳାସ ରାୟଙ୍କ ସଭାପତିତ୍ୱରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଡ. ଶୁଭଶ୍ରୀ ସୌମ୍ୟା ସାହୁ କବିତାଗୁଡ଼ିକର ସମୀକ୍ଷା କରିଥିବାବେଳେ ଇଂ. ସୁରେଶ ବେହେରା ସଂଯୋଜକ ଭାବେ ଯୋଗଦେଇଥିଲେ। ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନେ ଏଥିରେ କବିତା ପାଠ କରିବା ସହ ବହୁ ଅତିଥି କବି ଭାବେ ରଜତ ମହାନ୍ତି, ସନ୍ନ୍ୟାସୀ ନାୟକ, ଶ୍ୟାମପ୍ରକାଶ ସେନାପତି, ବିପିନ ବିହାରୀ ଦଳେଇ, ଆର୍ତ୍ତତ୍ରାଣ ମାନସିଂହ, ଲକ୍ଷ୍ମୀକାନ୍ତ ଦଳେଇ ପ୍ରମୁଖ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ଜଗତ୍‌ବନ୍ଧୁ ଓ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର

**ପୁରୀ ଅଫିସ,୨୮।୧**

ସ୍ୱର୍ଗଦ୍ୱାରସ୍ଥିତ ଶ୍ରୀଶ୍ରୀ ପ୍ରଭୁ ଜଗତ୍‌ବନ୍ଧୁ ଆଶ୍ରମ ପରିସରରେ ମଙ୍ଗଳବାର ଶ୍ରୀରାଧାରମଣ ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ ଅବସରରେ 'ଶ୍ରୀଶ୍ରୀ ପ୍ରଭୁ ଜଗତ୍‌ବନ୍ଧୁ ଓ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଜାମ୍‌ସେଦପୁର ଟାଟା ମେନ୍ ହସ୍ପିଟାଲର ଡା. ଜଗନ୍ନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ହରିହର ହୋତା ଯୋଗଦେଇଥିଲେ। ସେହିପରି ଅନ୍ୟ ଅତିଥିଙ୍କ ମଧ୍ୟରେ ଗବେଷକ ଡ. ଉମେଶ ଚନ୍ଦ୍ର ଚିହ୍ନରା, ସ୍ତମ୍ଭକାର ହରିଶଙ୍କର ମିଶ୍ର, ସାହିତ୍ୟିକ ଶଙ୍କର୍ଷଣ ମଙ୍ଗରାଜ, ଡ. ବୁଦ୍ଧଦେବ ବନ୍ଦୋପାଧ୍ୟାୟ, ଡ. ଶ୍ରୀକାନ୍ତ ଦାସ, ଡ. କିଶନଲାଲ ଭରତିଆ, ଅଧିବକ୍ତା କୈଳାସ ଚନ୍ଦ୍ର ସ୍ୱାଇଁ, ରେଡ୍‌କ୍ରାବ ନିର୍ଦ୍ଦେଶକ ଲଳିତେନ୍ଦୁ ଦାସ ଉପସ୍ଥିତ ରହି ଆଲୋଚ୍ୟ ପ୍ରସଙ୍ଗ ଉପରେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ ପିଜି କାଉନ୍‌ସିଲ ଚେୟାରମ୍ୟାନ ଡ. ପ୍ରଭାତ ରଞ୍ଜନ ମହାପାତ୍ର ଯୋଗଦେଇ ଜଗନ୍ନାଥଙ୍କ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ଡ. ଶ୍ରୀକାନ୍ତ ଦାସଙ୍କ ଦ୍ୱାରା ଲିଖିତ ପୁସ୍ତକ ଶ୍ରୀନାମ ତୀର୍ଥ ଉନ୍ମୋଚିତ ହୋଇଥିଲା। ଏଥିରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସ୍ତମ୍ଭକାର ହରିଶଙ୍କର ମିଶ୍ରଙ୍କୁ ଶ୍ରୀରାଧାରମଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସ୍କୁଲ ପିଲାଙ୍କୁ ପାଠ୍ୟ ଉପକରଣ ସହ ଗରିବ ଲୋକଙ୍କୁ କମ୍ବଳ ବିତରଣ କରାଯାଇଥିଲା। ଏଥିସହ ୧୦ ପ୍ରତିଭାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଲେଜ ଆସବାବପତ୍ର କିଣାରେ ଅନିୟମିତତା ଅଭିଯୋଗ

**କୋଣାର୍କ,୨୮।୧(ଡି.ଏନ.ଏ)**

କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟରେ ଆସବାବପତ୍ର କିଣା ଓ ସାମୁଦ୍ରିକ ଝଡ଼ ଫନୀ ଦ୍ୱାରା କଲେଜ ପରିସରରେ ଭାଙ୍ଗିଯାଇଥିବା ଗଛ କାଠ ନିଲାମରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବା ଛାତ୍ର ସଂସଦର ପୂର୍ବତନ ସମ୍ପାଦକ ଭାଗୀରଥି ସ୍ୱାଇଁ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ମିଶ୍ର ପୁରୀ ଉପଜିଲାପାଳଙ୍କୁ ଅବଗତ ନ କରାଇ ମନଇଚ୍ଛା ସିସି କ୍ୟାମେରା, ଇନଭର୍ଟର୍, ଅଫିସ ଗୃହରେ ଗ୍ରୀଲ ଆଦି ବିଭିନ୍ନ ସାମଗ୍ରୀ କମ୍‌ଦାମରେ କିଣି ଅଧିକ ମୂଲ୍ୟ ଦର୍ଶାଇଛନ୍ତି। ଏହାସହ ଗତ ଫନୀରେ ଭାଙ୍ଗିଯାଇଥିବା ବିଭିନ୍ନ ଗଛ ମଧ୍ୟରୁ ୮୦ଟି ଗଛ ନିଲାମ କରାଯାଇଥିଲା। କିନ୍ତୁ ଜନୈକ ନିଲାମଧାରୀକୁ ହାତବାରିସି କରି ପ୍ରାୟ ୧୨୦ରୁ ଅଧିକ ଗଛ ବିକ୍ରି କରାଯାଇଛି । ଏଥିସହ ଅଧ୍ୟକ୍ଷ ଠିକ ସମୟରେ କଲେଜକୁ ନ ଆସିବା, ପାଠପଢା କାର୍ଯ୍ୟ ତଦାରଖ ନ କରିବା ଫଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଆଡ଼କୁ ଗତି କରୁଥିବା ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଉଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ପୁରୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅନିୟମିତତାର ତଦନ୍ତ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଲେଜ ଦାୟିତ୍ୱରେ ଥିବା ପୁରୀ ଉପଜିଲାପାଳ ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିସ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର କୁହନ୍ତି, ଯେଉଁ କାର୍ଯ୍ୟ କରାଯାଇଛି, ସବୁ ନିୟମ ମୁତାବକ। ଯଦି କୌଣସି ଅଭିଯୋଗ ଆସୁଛି, ତେବେ ତଦନ୍ତରେ ମୁଁ ସହଯୋଗ କରିବି।


**ODISHA LIFT IRRIGATION CORPORATION LTD. (A GOVT. OF ODISHA UNDERTAKING)**
**OFFICE OF THE EXECUTIVE ENGINEER, L.I. DIVISION, BALANGIR**
E-mail: www.eeolicbgr@rediffmail.com
"E"-Procurement Notice
BID IDENTIFICATION NO. OLIC-BLGR-02/2019-20
No. 335, Date- 27.01.2020

**No.CAD-881:-** Bids are invited from contrctors having valid civil License and valid registration with the State P.W.D./ R.W.S.S./ P.H.E.D./ Irrigation for special repair of L.I. Division Office Building at Laltikra, Balangir as mentioned below under Percentage rate contract on turn-key basis.

| Procurement Officer | Bid Identification No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-02/2019-20 | 14.02.2020 at 11 hrs. | 19.02.2020 upto 17 hrs. | 18.02.2020 upto 17 hrs. | 20.02.2020 at 11 hrs. |

**ANNEXURE**

| Pkg No. | Brief Description of works | Approx. quantity required (in Nos.) | Appr. Estimated cost (in Rs.) | Bid Security (EMD) to be deposited | Cost of Bid document (including 5% GST on reverse charge mechanism) |
|---|---|---|---|---|---|
| 1 | Special repair of L.I. Division Office Building at Laltikra, Balangir | 01 | 9,33,179/- | 9,332/- | 4,200/- |

Details can be seen from the Website **www.tendersorissa.gov.in**.
- Any Corrigendum/ Addendum will be displayed in the above website only.

32154/11/0003/1920 — Sd./- Executive Engineer, L.I. Division, Balangir

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KANDHAMAL**

No. 1297 /DWH — **Tender Call Notice** — Date 28.01.2020

**E-699:-** Sealed tenders are invited from authorized firms for **supply & installation of Equipment, Instrument, Furniture and Other Chemicals & Reagents to Kandhamal district**. The details are available in the district website: www.kandhamal.nic.in . The eligible bidders may submit their tender papers **on or before 12.02.2020 by 12 Noon** through Registered Post / Speed Post / Courier only to the undersigned. The **Technical Bid document will open on 12.02.2020 at 4 PM**. Who will qualify in the technical bid, their **Price Bid will be opened on 13.02.2020 at 11 AM** by the purchase committee in the office chamber of the undersigned. The undersigned reserves the right to accept or reject any or all the tender without assigning any reason thereof.

Sd/-
Chief District Medical & PH Officer,
Kandhamal

10015/11/0031/1920

e-mail ID - sepwd_rgda@yahoo.com
Phone/Fax No –06856 - 223049

**OFFICE OF THE SUPERINTENDING ENGINEER, RAYAGADA (R&B) CIRCLE, RAYAGADA**
**E-Procurement Notice**
No.639-B :- Bid Identification No. SE (RANDB) RGDA- 02/ 2019-20 (Online)
No.51 — **INVITATION FOR BIDS** — Date:22.01.2020

| | | | |
|---|---|---|---|
| 1. | The **Superintending Engineer**, Rayagada (R&B) Circle, Rayagada on behalf of Governor of Odisha invites **percentage rate** bids in double cover mode to be received in **online mode** only for the construction of works as detailed in the table below: | | |
| 2. | Nature of work | : | Building work |
| 3. | No. of work | : | 01 (One) no. of work |
| 4. | Estimated Cost. (Approximately) | : | Rs. 127.16 lakh |
| 5. | Bid Cost | : | Rs. 10,000/- (each) |
| 6. | Class of Contractor | : | "B" Class /"A" Class as per Financial Eligibility. |
| 7. | Availability of Bid Documents in the website | : | 11.00 Hrs of Dt. 05.02.2020 to 16.00 Hrs of Dt. 20.02.2020 |
| 8. | Date of opening of Bid | : | 11.00 Hrs of Dt. 24.02.2020. |
| 9. | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/ Corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

34128/11/0002/1920 — Sd/ Superintending Engineer, Rayagada (R&B) Circle, Rayagada

**OFFICE OF THE COLLECTOR & DISTRICT MAGISTRATE, DHENKANAL**
**(CHILD PROTECTION UNIT)**
District Child Protection Unit, Ground Floor of the Settlement Office, Sub-Collectorate, Dhenkanal-759001, Telephone No: 06762-223246; Email: dcpo.dhenknal.od@nic.in, dhenkanaldcpu@gmail.com

**Letter No.44/DCPU/2020** — **Date:27.01.2020**
**Ref. Adv. No:- 187/DCPU/18 Dt:-17.03.2018 & 162/ DCPU/17, Dt:- 04.05.2017**
**INVITATION OF OBJECTION**

No.g-61 :- The details of the provisional list of the candidates applying for the post of "Accountant & Data Analyst" under District Child Protection Unit, Dhenkanal, the list of the candidates for the post of **"Accountant & Data Analyst"** is given in the govt. website of **dhenkanal.nic.in.**
Candidates preferring objection may make the objection addressed to The Office of the District Child Protection Officer, District Child Protection Unit, Ground Floor of the Settlement Office, Sub-Collectorate, Dhenkanal- 759001, and latest by 5.30pm on dated:- 06.02.2020 only by speed post / registered post only. Any other mode of submission of objection will not be entertained. Received objection shall be rejected if received any after due date and time. Any postal delay the office will not be responsible. Candidates are advised to **"indicating the name, Sl. No. of provisional list, point of objection"** etc. objection has to be supported with relevant documents as proof.

33030/11/0002/1920 — **Sd./- Dist. Collector-cum-Dist. Magistrate, Dhenkanal**

**Directorate of Mission Shakti** g-59
**Department of Women & Child Development and Mission Shakti**
**Government of Odisha**
Letter No: WCD-MS-0080-2020- 238 /DMS(WCDMS) — Date: 27.01.2020

**TENDER CALL NOTICE**

Sealed Tenders are invited from interested reputed financially sound Catering Agency having valid registration certificate for empanelment of catering agency for supply of food for Meetings and Trainings organized by Directorate of Mission Shakti, Mission Shakti Bhawan, Pokhariput, Bhubaneswar.

The Tender completed in all respect shall be deposited in the office of the Commissioner cum Director, Directorate of Mission Shakti, Mission Shakti Bhawan, Pokhariput, Bhubaneswar - 751030 on or before 18.02.2020 by 4.00 P.M. through Register Post/Speed Post only. The application form of the tender containing General Bid information and terms & conditions can be downloaded from the **website- www.wcdodisha.gov.in** from 29.01.2020 to 18.02.2020. A Tender Fee of Rs.500/- and EMD of Rs. 5,000/- in shape of Demand Draft in favour of "Commissioner cum Director, Directorate of Mission Shakti "payable at Bhubaneswar is to be submitted along with the Tender Application at the time of submission of the application. The authority reserves the right to cancel/modify the Tender at any point of time, same will be placed in the website.

By Order of the Commissioner cum Director
Joint Secretary
Directorate of Mission Shakti

**Mission Shakti Bhavan, Pokhariput, Bhubaneswar-751030, Odisha**
**Tel: 0674 2974093, Mail: pmumissionshakti@gmail.com**
**33001/11/0025/1920**